- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-12 ◆MONDAY ◆06 JULY 2026 ◆PAGE-12 ◆₹ 7.00

JEYPORE

◆ବର୍ଷ-୪୪ ◆ସଂଖ୍ୟା-୧୨ ◆ସୋମବାର ◆୦୬ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




୬୦ ବର୍ଷରେ ଅମିର୍‌ଙ୍କ ତୃତୀୟ ବିବାହ

▶ପୃଷ୍ଠା ୨ ଦେଖନ୍ତୁ...

## ପ୍ରକାଶ ପାଇଲା ଏସ୍‌ଆଇଆର୍ ଚିଠା ଭୋଟର ତାଲିକା

# ରାଜ୍ୟରେ ବାଦ୍ ପଡ଼ିଲେ ୨୦ ଲକ୍ଷ ୧୨ ହଜାର

■ ଭୁବନେଶ୍ୱର,୫।୭(ସମିସ): ଗତ ୨୮ ତାରିଖରେ ରାଜ୍ୟରେ ଶେଷ ହୋଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନର ଚିଠା ଭୋଟର ତାଲିକା ପ୍ରକାଶ କରିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ। ଚିଠା ତାଲିକାରେ ମୃତକ କୁହାଯାଉଥିବା ୮.୩୨ ଲକ୍ଷ ଭୋଟରଙ୍କ ନାମ ବାଦ ଦିଆଯାଇଛି ଏବଂ ସ୍ଥାନାନ୍ତର ଓ ଦୀର୍ଘ ଅନୁପସ୍ଥିତି ପାଇଁ ୧୦.୦୭ ଭୋଟରଙ୍କ ନାମ ତାଲିକାରୁ ବାଦ ପଡ଼ିଛି। ଏକାଧିକ ସ୍ଥାନରେ ପଞ୍ଜୀକୃତ କରାଣରୁ ୧.୫୮ ଲକ୍ଷ ଭୋଟର ଓ ଅନ୍ୟାନ୍ୟ କାରଣ ପାଇଁ ୧୪ ହଜାର ଲୋକଙ୍କ ନାମ ଚିଠା ତାଲିକାରୁ ବାଦ୍ ଦିଆଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚିଠା ଭୋଟର ତାଲିକା ପ୍ରକାଶ ପରେ ରାଜ୍ୟର ୭୫ଟି ବିଧାନସଭା କ୍ଷେତ୍ର ଅଞ୍ଚଳରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଭୋଟରଙ୍କ ନାମ କଟାଯାଇଛି। କେବଳ କେନ୍ଦ୍ରାପଡ଼ା ଜିଲ୍ଲାରେ ୬୦ ହଜାର ୨୪୦ ନାମ ଭୋଟର ତାଲିକାରୁ ବାଦ ପଡ଼ିଥିବା ଜଣାପଡ଼ିଛି।

ରବିବାର ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ଚିଠା ତାଲିକା ଅନୁସାରେ ରାଜ୍ୟରେ ମୋଟ ୩ କୋଟି ୩୩ ଲକ୍ଷ ୯୯ ହଜାର ୫୯୧ ଜଣ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୧ କୋଟି ୬୦ ଲକ୍ଷ ୧୯ ହଜାର ୧୭୭ ଓ ମହିଳା ଭୋଟର ସଂଖ୍ୟା ୧ କୋଟି ୫୩ ଲକ୍ଷ ୬୫ ହଜାର ୮୩ । ସେହିପରି ତାଲିକାରେ ୨୭୭୫ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ଭୋଟର ତାଲିକାରେ ନାମଥିବା ସମସ୍ତ ବ୍ୟକ୍ତିଙ୍କୁ ପରିଗଣନା ଫର୍ମ ଦିଆଯାଇଥିଲା ଏବଂ ଏହାମଧ୍ୟରୁ ଦାଖଲ ହୋଇଥିବା ପରିଗଣନା ଫର୍ମ ସଂଖ୍ୟା ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ ଓ ଏହା ମୋଟ ଭୋଟର ସଂଖ୍ୟାର ୯୩.୯୭ ପ୍ରତିଶତ। ବଳକା ୨୦ ଲକ୍ଷ ୧୨ହଜାର ୫୫୭ ହଜାର ଭୋଟରଙ୍କ ନାମ ତାଲିକାରୁ କଟିଛି। ଏମାନଙ୍କ ମଧ୍ୟରେ ୮.୩୨ ଲକ୍ଷ ମୃତକ, ୧୦.୦୭ ଲକ୍ଷ ସ୍ଥାନାନ୍ତରିତ ବା ଅନୁପସ୍ଥିତ ଅଛନ୍ତି। ଏହି କାର୍ଯ୍ୟରେ ରାଜ୍ୟରେ ୩୦ ଜିଲ୍ଲାରେ ୩୧ ଜିଲ୍ଲା ନିର୍ବାଚନ ଅଧିକାରୀ, ୧୪୭ ଜଣ ଇଆରଓ, ୯୯୪ ଜଣ ଏଇଆରଓ, ୪୫୪୦ ଜଣ ବିଏଲଓ ସୁପରଭାଇଜର ଏବଂ ୪୫୨୫୦ ଜଣ ବିଏଲଓ ନିୟୋଜିତ ହୋଇଥିଲେ। ଏହି ପ୍ରକ୍ରିୟାରେ ୭ଟି ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ୮୪ ହଜାର ୫୯୪ ଜଣ ବୁଥ୍ ସ୍ତରୀୟ ଏଜେଣ୍ଟ(ବିଏଲଏ) ମଧ୍ୟ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଗତ ୧୯ ତାରିଖ ସୁଦ୍ଧା ଭୋଟର ତାଲିକାରେ ନାମ ଥିବା ସମସ୍ତ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ ପାଇଁ ବିଏଲଓମାନେ ଘରକୁ ଘର ପରିଦର୍ଶନ କରିଥିଲେ ବୋଲି ଶ୍ରୀ ଗୋପାଳନ ସୂଚନା ଦେଇଛନ୍ତି। ତେବେ ନିର୍ବାଚନ ଅଧିକାରୀଙ୍କ ସୂଚନା ପ୍ରଦାନ ପରେ ଭୋଟରତାଲିକାରୁ ନାମ ବାଦକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ଭୋଟର ତାଲିକାରେ ନାମ ▶ପୃଷ୍ଠା-୭



### ୭୫ ନିର୍ବାଚନମଣ୍ଡଳୀରେ ୧୦ ହଜାର ଲେଖାଏଁ କଟିଲେ

### ମୃତ ଓ ସ୍ଥାନାନ୍ତରିତଙ୍କୁ ଗଣନା ଫର୍ମ ବଣ୍ଟନକୁ ନେଇ ପ୍ରଶ୍ନ

### ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ କରିହେବ ଆପତ୍ତି-ଅଭିଯୋଗ

## ୩ ରାଜ୍ୟରେ କଟିଲେ ୨୨.୫୫ ଲକ୍ଷ; ଓଡ଼ିଶାରୁ ସର୍ବାଧିକ

| ରାଜ୍ୟ | ମୋଟ ଭୋଟର | ଚିଠା ଭୋଟର ତାଲିକା | ବାଦ ପଡ଼ିଥିବା ନାମ |
|---|---|---|---|
| ଓଡ଼ିଶା | ୩,୩୩,୯୯,୫୯୧ | ୩,୧୩,୮୭,୦୩୪ | ୨୦,୧୨,୫୫୭ (୬.୦୨%) |
| ମଣିପୁର | ୨୦,୯୩,୦୭୬ | ୧୯,୩୪,୩୯୯ | ୧,୫୮,୬୭୭ (୭.୫%) |
| ମିଜୋରାମ | ୮,୭୫,୦୬୮ | ୮,୨୮,୯୦୬ | ୪୬,୧୬୨ (୫.୨%) |

■ ନୂଆଦିଲ୍ଲୀ, ୫।୭ (ଏଜେନ୍ସି): ସମ୍ପ୍ରତି ଦେଶରେ ଚାଲିଥିବା ସଘନ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) କ୍ରମରେ ୪ ରାଜ୍ୟରେ ପ୍ରକାଶ ପାଇଛି ଚିଠା ଭୋଟର ତାଲିକା। ଓଡ଼ିଶା, ମଣିପୁର, ମିଜୋରାମ ଓ ସିକ୍କିମର ଭୋଟର ତାଲିକା ସଂଶୋଧନ ପରେ ଚାରି ରାଜ୍ୟରୁ ୬.୧୨% ଭୋଟର ଅର୍ଥାତ୍ ୨୨.୫୫ ଲକ୍ଷ ଭୋଟର ଚିଠା ତାଲିକାରୁ ବାଦ ପଡ଼ିଛନ୍ତି। ଏହା ମଧ୍ୟରୁ କେବଳ ଓଡ଼ିଶାରେ ୨୦,୧୨,୫୫୭ ଭୋଟର କଟିଛନ୍ତି। ସଂଶୋଧନ ପୂର୍ବରୁ ରାଜ୍ୟରେ ମୋଟ ୩,୩୩,୯୯,୫୯୧ ଭୋଟର ଥିବାବେଳେ ଚିଠା ତାଲିକାରେ ଏହି ସଂଖ୍ୟା ୩,୧୩,୮୭,୦୩୪କୁ ହ୍ରାସ ପାଇଛି। ଭୋଟର ତାଲିକାରୁ ୬.୦୨ ପ୍ରତିଶତ ମତଦାତାଙ୍କ ନାମ ବାଦ ଦିଆଯାଇଛି। ସେହିପରି ମଣିପୁରରେ ସଂଶୋଧନ ପୂର୍ବରୁ ୨୦,୯୩,୦୭୬ ଜଣ ଭୋଟର ଥିବାବେଳେ ଚିଠା ତାଲିକାରେ ଏହା ୧୯,୩୪,୩୯୯କୁ ହ୍ରାସ ପାଇଛି। ଏହି ରାଜ୍ୟରେ ୧,୫୮,୬୭୭ ଜଣ (୭.୫ ପ୍ରତିଶତ) ବାଦ ପଡ଼ିଛନ୍ତି।


ଅନ୍ୟପକ୍ଷରେ ମିଜୋରାମରେ ପୂର୍ବରୁ ୮,୭୫,୦୬୮ ଜଣ ଭୋଟର ଥିବାବେଳେ ସଂଶୋଧିତ ଖସଡ଼ା ତାଲିକାରେ ୮,୨୮,୯୦୬ ଜଣଙ୍କ ନାମ ରହିଛି। ଏଠାରେ ୪୬,୧୬୨ ଜଣ (୫.୨ ପ୍ରତିଶତ) ଭୋଟରଙ୍କ ନାମ ବାଦ ଦିଆଯାଇଛି।

## ରାମ ମନ୍ଦିରରୁ ଲୁଟିନେଲେ ପାଞ୍ଚ କୋଟିର ସୁନା 'ରାମଚରିତମାନସ'

■ ଅଯୋଧ୍ୟା,୫।୭(ଏଜେନ୍ସି): ଅଯୋଧ୍ୟା ରାମମନ୍ଦିରରୁ ଚୋରିମାମଲା ।।ରେଦିନକୁ ଦିନ ଭୟଙ୍କର ତଥ୍ୟ ଆସିବାରେ ଲାଗିଛି। ଅଭିଯୁକ୍ତମାନେ କେବଳ ଟଙ୍କା ଚୋରି କରି ନାହାନ୍ତି, ସେମାନେ ସୁନା ଓ ରୁପା ଉପହାରକୁ ମଧ୍ୟ ଲୁଟି ନେଇଛନ୍ତି। ମନ୍ଦିରକୁ ଦାନ କରାଯାଇଥିବା ଏକ ବହୁମୂଲ୍ୟ ସୁନା ଛାଉଣି ରାମଚରିତମାନସ ଗ୍ରନ୍ଥ ହଠାତ୍ ଗାଏବ ଘଟଣା ଭକ୍ତମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଜଣେ ପୂର୍ବତନ ଆଇଏଏସ ଅଧିକାରୀ ଏସଂପର୍କରେ ଗୁରୁତର ଅଭିଯୋଗ ଆଣିବା ପରେ ଘଟଣା ସାମନାକୁ ଆସିଛି। ବରିଷ୍ଠ ଆଇଏଏସ ତଥା ପୂର୍ବତନ କେନ୍ଦ୍ର ଗୃହ ସଚିବ ଏସ୍. ଲକ୍ଷ୍ମୀନାରାୟଣନ କହିଛନ୍ତି ଯେ, ତାଙ୍କ ପରିବାର ପକ୍ଷରୁ ମନ୍ଦିରକୁ ଦାନ କରାଯାଇଥିବା ପ୍ରାୟ ୫ କୋଟି ଟଙ୍କା ମୂଲ୍ୟର ଏହି ସୁନା ଛାଉଣି ଧର୍ମଗ୍ରନ୍ଥଟିକୁ ମନ୍ଦିର ପରିସରରୁ ଗାଏବ କରିଦିଆଯାଇଛି। ତାଙ୍କ ପରିବାର ଏହି ବହୁମୂଲ୍ୟ ରାମଚରିତମାନସକୁ ଏପ୍ରିଲ ୨୦୨୪ରେ ଶ୍ରୀ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟକୁ ହସ୍ତାନ୍ତର ▶ପୃଷ୍ଠା-୭

### ପୂର୍ବତନ କେନ୍ଦ୍ର ଗୃହ ସଚିବଙ୍କ ଅଭିଯୋଗ ପରେ ହଟଚମଟ

### ମୁହଁ ଖୋଲୁ ନାହାନ୍ତି ଟ୍ରଷ୍ଟ କର୍ମକର୍ତ୍ତା



## ଦିନକୁ ଚୋରି ହେଉଥଲା ୬ରୁ ୮ ଲକ୍ଷ ଟଙ୍କା

ଲକ୍ଷ୍ନୌ, ୫।୭(ଏଜେନ୍ସି): ରାମ ମନ୍ଦିରର ଦାନ ଅର୍ଥ ହରିଲୁଟ୍ ମାମଲା ଏବେ ତୀବ୍ର ରୂପ ଧାରଣ କରିଛି। ଏସଆଇଟିର ପ୍ରାଥମିକ ତଦନ୍ତ ଅନୁଯାୟୀ, ମନ୍ଦିରରୁ ଦୈନିକ ପ୍ରାୟ ୬ ରୁ ୮ ଲକ୍ଷ ଟଙ୍କା ଚୋରି ହେଉଥିବା ସନ୍ଦେହ କରାଯାଉଛି। ବିଶେଷ କରି ୨୦୨୫ ମହାକୁମ୍ଭ ସମୟରେ ଅତ୍ୟଧିକ ଭିଡ଼ର ସୁଯୋଗ ନେଇ ଏହି ଚୋରି ବୃଦ୍ଧି ପାଇଥିଲା। ଏସଆଇଟିର ପ୍ରାଥମିକ ରିପୋର୍ଟ ପ୍ରକାଶ କରାଯାଇନଥିଲେ ମଧ୍ୟ କେତେକ ବ୍ୟାଙ୍କ ଅଧିକାରୀ କହିଛନ୍ତି ଯେ ଲୁଟ୍‌ର ପର୍ଦ୍ଦାଫାସ ହେବା ପୂର୍ବରୁ ଦାନ ବାକ୍ସରେ ଦୈନିକ ୧୬ରୁ ୧୮ ଲକ୍ଷ ଟଙ୍କା ପଡୁଥିଲା ଏବଂ ବ୍ୟାଙ୍କ ଖାତାରେ ଏହା ଜମା ହେଉଥିଲା। କିନ୍ତୁ ଲୁଟ୍‌ର ପର୍ଦ୍ଦାଫାସ ହେବାପରେ ଏବେ ଦିନକୁ ଦାନ ଅର୍ଥ ୨୪ରୁ ୨୬ ଲକ୍ଷ ଟଙ୍କା ବ୍ୟାଙ୍କରେ ଜମା ।।ହେଉଛି। ଏହାକୁ ଆଧାର କରି ସେମାନେ କହିଛନ୍ତି ଯେ ୨୦୨୫ ▶ପୃଷ୍ଠା-୭

# ଅବପାତ ଝାଡ଼ଖଣ୍ଡମୁହାଁ

## ଓଡ଼ିଶାରେ ଭରିଲା ମାସକର ନିଅଣ୍ଟିଆ ବର୍ଷା



ଭଦ୍ରକ ଜିଲ୍ଲା ଆଖୁଆପଦାଠାରେ ସତର୍କ ସଂକେତ ନିକଟତର ବୈତରଣୀ

■ ଭୁବନେଶ୍ୱର, ୫।୭ (ସମିସ): ଗୋଟିଏ ଲଘୁଚାପ ଭରଣା କରିଦେଲା ମାସକର ନିଅଣ୍ଟିଆ ବର୍ଷା। ଜୁନ୍ ମାସରେ ମୌସୁମୀ ଛୁଇଁଥିଲେ ମଧ୍ୟ ସାରା ରାଜ୍ୟରେ ବର୍ଷାର ଅଭାବ ଲାଗି ରହିଥିଲା। ମାସ ଶେଷ ସୁଦ୍ଧା ରାଜ୍ୟରେ ୪୭ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିଲା। ମାତ୍ର ଜୁଲାଇ ଆରମ୍ଭରୁ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଓ ଅବପାତ ପ୍ରଭାବରେ ୫ ଦିନରେ ୪୫ ପ୍ରତିଶତ ନିଅଣ୍ଟିଆ ବର୍ଷା ଭରଣା ହୋଇଛି। ଏଥିସହ ଆଜିସୁଦ୍ଧା ରାଜ୍ୟରେ ସ୍ୱାଭାବିକ ତୁଳନାରେ ୪ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ଅବପାତର ରୂପ ନେବା ସହିତ ରବିବାର ସ୍ଥଳଭାଗ ଅତିକ୍ରମ କରିଛି। ଏହି ଅବପାତଟି ବାଲେଶ୍ୱର ନିକଟରୁ ଉତ୍ତର ଉପକୂଳ ଓଡିଶା ଦେଇ ଝାଡ଼ଖଣ୍ଡ ମୁହାଁ ହୋଇଛି। ଆଗାମୀ ୨୪ଘଣ୍ଟା ଯାଏଁ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଏହା ଉତ୍ତର ଓଡ଼ିଶା ସଂଲଗ୍ନ ଦକ୍ଷିଣ ଝାଡ଼ଖଣ୍ଡ ଏବଂ ଉତ୍ତର ଛତିଶଗଡ଼ ମଧ୍ୟ ଦେଇ ଗତିକରିବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ହେବା ନେଇ ଆଶଙ୍କା କରାଯାଇଛି। ତେବେ ସୋମବାର ଉପକୂଳବର୍ତ୍ତୀ ଜିଲ୍ଲାରେ ବର୍ଷାର ପ୍ରଭାବ ହ୍ରାସ ପାଇବ।

ପାଣିପାଗ କେନ୍ଦ୍ର ତଥ୍ୟରୁ ଜଣାପଡ଼ିଛି ଯେ ଅବପାତ ପ୍ରଭାବରେ ୯ ସ୍ଥାନରେ ଅତ୍ୟନ୍ତ ଭାରି ବର୍ଷା (୨୦ସେମି), ୪୬ ସ୍ଥାନରେ ଅତି ଭାରି ବର୍ଷା, (୧୨ରୁ ୨୦ ସେମି) ୫୭ ▶ପୃଷ୍ଠା-୭

### ୨୪ ଘଣ୍ଟାରେ ୬୪୯ ପ୍ରତିଶତ ଅଧିକ ବର୍ଷା

### ପ୍ରଥମ ୫ ଦିନରେ ମାସକର ୪୫ ପ୍ରତିଶତ ଭରଣା

## ଡିଏସ୍‌ପିଙ୍କ ସମ୍ପତ୍ତି ୨୦୦ କୋଟି

■ ହାଇଦ୍ରାବାଦ, ୫।୭ (ଏଜେନ୍ସି): ତେଲଙ୍ଗାନାରେ ଦୁର୍ନୀତି ନିରୋଧୀ ସଂସ୍ଥା (ଏସିବି) ଚଢ଼ଉ ବେଳେ ଜଣେ ପୁଲିସ ଉପ ଅଧୀକ୍ଷକ (ଡ଼ିଏସ୍‌ପି) ସଙ୍କିରେଡ୍ଡୀ ଭୀମରେଡ୍ଡୀଙ୍କଠାରୁ ମିଳିଛି ବିପୁଳ ସମ୍ପତ୍ତି। ପ୍ରାଥମିକ ଆକଳନ ଅନୁସାରେ ଏହି ସବୁ ସମ୍ପତ୍ତିର ବଜାର ମୂଲ୍ୟ ୨୦୦ କୋଟି ଟଙ୍କାରୁ ଅଧିକ ବୋଲି ଏସିବି ସୂଚନା ଦେଇଛି। ଏକ ଅଜ୍ଞାତ ସୂଚନାଦାତାଙ୍କ ସୂଚନା ଆଧାରରେ ଏସିବି ହାଇଦ୍ରାବାଦ, ସାଇବରାବାଦ, ସଙ୍ଗାରେଡ୍ଡି, ଜାହିରାବାଦ, ଶାମଶାବାଦ, ଗାଚିବୌଲି, ବିକାରାବାଦ, ମୋମିନପେଟ ଏବଂ କର୍ଣ୍ଣାଟକର ବେଙ୍ଗାଲୁରୁ ସମେତ ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ଏହି ଚଢ଼ଉ ସମୟରେ ତାଙ୍କର ଘୋଷିତ ସମ୍ପତ୍ତି ସହ ଏକ ଡ଼ାଏରୀ ମିଳିଥିଲା ଓ ଏଥିରେ ସମସ୍ତ ବେନାମୀ ସମ୍ପତ୍ତିର ସୂଚନା ରହିଥିଲା। ତାହା ଆଧାରରେ ଅନ୍ୟସ୍ଥାନରେ ଚଢ଼ଉ କରାଯାଇ ବିପୁଳ ସମ୍ପତ୍ତି ଜବତ କରାଯାଇଛି।

ତାଙ୍କ ଘରୁ ନଗଦ ୪୦ ଲକ୍ଷ ଟଙ୍କା, ୨ କିଲୋ ସୁନା ଗହଣା, ୨୦ କିଲୋ ରୁପା ସାମଗ୍ରୀ ସହ ବିଭିନ୍ନ ବିପୁଳ ଅର୍ଥ ଜମାଥିବା ବ୍ୟାଙ୍କ ଖାତା ମିଳିଛି। ଏହାବ୍ୟତୀତ ଅନ୍ୟସବୁ ସମ୍ପତ୍ତି, ଫର୍ମହାଉସ, ଆପାର୍ଟମେଣ୍ଟ, ବିପୁଳ ଜମି ତାଙ୍କର ପରିବାର ସଦସ୍ୟ, ବନ୍ଧୁ, ପରିଜନଙ୍କ ନାମରେ ନାମରେ ରହିଥିବା କୁହାଯାଉଛି। ସମ୍ପ୍ରତି ସେ ତେଲଙ୍ଗାନା ପୁଲିସ ଡ଼ିଜିଙ୍କ କାର୍ଯ୍ୟାଳୟରେ ଷ୍ଟେସନାରୀ ବିଭାଗରେ କାର୍ଯ୍ୟରତ ଅଛନ୍ତି। ଏହା ପୂର୍ବରୁ ସେ ସଙ୍ଗାରେଡ୍ଡି, ବାନସ୍ଥଳୀପୁରମ୍, ଜାହିରାବାଦ, ବାଲାନଗର ଭଳି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ କାର୍ଯ୍ୟ କରିଛନ୍ତି।






# ଜାତୀୟ ରାଜପଥରେ ୩ ଫୁଟର ପାଣି

■ କୋମନା, ୫।୭ (ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଅଞ୍ଚଳରେ ଗତ କିଛି ଦିନ ହେବ ଜାରି ରହିଥିବା ଲଗାଣ ବର୍ଷା ଯୋଗୁଁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବର୍ଷାପାଣି ନିଷ୍କାସନ ହୋଇନପାରି ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଯାତାୟାତ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ସୂଚନା ଅନୁଯାୟୀ, କୋମନା ଅଞ୍ଚଳ ଦେଇ ଯାଇଥିବା ଜାତୀୟ ରାଜପଥ ଉପରେ ପ୍ରବଳ ବର୍ଷା ପାଣି ପ୍ରବାହିତ ହେଉଛି। ବିଶେଷ କରି କୋମନା ଜାତୀୟ ରାଜପଥ ନିକଟସ୍ଥ ଷ୍ଟ୍ରକ୍‌ଚର ଓ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବାରୁ ରାସ୍ତା ଉପରେ ପ୍ରାୟ ୩ ଫୁଟ୍‌ର ବନ୍ୟା ଜଳ ଚଳିତ ହେଉଛି। ଏହାଫଳରେ ଦୀର୍ଘ ୩ ଘଣ୍ଟା କାଳ ଗାଡ଼ି ମୋଟର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ରାସ୍ତାର ଦୁଇ ପାଶ୍ୱର୍ରେ ଶତାଧିକ ମାଲବାହୀ ଓ ଯାତ୍ରୀବାହୀ ଗାଡ଼ି ଅଟକି ରହିବା ଫଳରେ ଯାତ୍ରୀମାନେ ଚରମ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏହି ଜଳପ୍ଲାବନ ମଧ୍ୟରେ ଏକ ବଡ଼ ଅଘଟଣ ଟଳିଯାଇଛି। ରାସ୍ତା ଉପରେ ▶ପୃଷ୍ଠା-୭

### ଭାସି ଯାଉଥିବା ପରିବାରକୁ ଉଦ୍ଧାର କଲେ ସ୍ଥାନୀୟଲୋକେ



## ନୈନିତାଲ ରିସର୍ଟରେ ଦେହବ୍ୟବସାୟ ରାକେଟ୍ ଠାବ

### ନେପାଳ, ୟୁପି, ପଶ୍ଚିମବଙ୍ଗର ମହିଳା ଉଦ୍ଧାର



ନୈନିତାଲ,୫।୭(ଏଜେନ୍ସି): ଉତ୍ତରାଖଣ୍ଡର ନୈନିତାଲ ଜିଲ୍ଲା ଅନ୍ତର୍ଗତ ରାମନଗର ସ୍ଥିତ ଏକ ରିସର୍ଟରେ ଚାଲିଥିବା କଥିତ ଦେହବ୍ୟବସାୟ ରାକେଟ୍‌ର ପର୍ଦ୍ଦାଫାଶ କରିଛି ପୁଲିସ। ଶନିବାର ବିଳମ୍ବିତ ରାତିରେ ହୋଇଥିବା ଚଢ଼ାଉରେ ୫୨ ଜଣ ପୁରୁଷ ଓ ମହିଳାଙ୍କୁ ସନ୍ଦେହଜନକ ପରିସ୍ଥିତିରେ ଅଟକ ରଖାଯାଇଥିବାବେଳେ ୧୦ ଜଣ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ଯୁବତୀମାନଙ୍କ ମଧ୍ୟରେ ନେପାଳ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗର ବାସିନ୍ଦା ଥିବା ସୂଚନା ମିଳିଛି। ପୁଲିସ ସୂଚନା ଅନୁସାରେ, ରାମନଗରର ସାୱଲଦେହ ଅଞ୍ଚଳରେ ଥିବା ଏକ ରିସର୍ଟରେ ବାହାର ରାଜ୍ୟର ଅନେକ ଯୁବକ ଓ ଯୁବତୀଙ୍କୁ ନେଇ ଏକ ବଡ଼ ପାର୍ଟି ଆୟୋଜନ କରାଯାଉଥିବା ସମ୍ପର୍କରେ ପୁଲିସକୁ ପୂର୍ବରୁ ଗୁପ୍ତ ସୂଚନା ମିଳିଥିଲା। ଏହାପରେ ରାମନଗର ଥାନା ଅଧିକାରୀ ସୁଶୀଲ କୁମାରଙ୍କ ନେତୃତ୍ୱରେ ପୁଲିସ ଦଳ ନଜର ରଖିଥିଲା। ଶନିବାର ରାତିରେ ପାର୍ଟି ଆରମ୍ଭ ହେବା ପରେ ସେଠାରେ ସନ୍ଦିଗ୍ଧ କାର୍ଯ୍ୟକଳାପ ଚାଲିଥିବା ଜଣାପଡ଼ିଥିଲା। ଏହାପରେ ରାତି ପ୍ରାୟ ୧୨ଟାରୁ ୧ଟା ମଧ୍ୟରେ ଏସ୍‌ଓଜି ଓ ପୁଲିସ ଲାଇନ୍ ଫୋର୍ସର ସହଯୋଗରେ ହଠାତ୍ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ରିସର୍ଟ ପରିସରରେ ହଇଚଇ ସୃଷ୍ଟି ହୋଇଥିଲା। ପୁଲିସ କହିଛି ଯେ, ରିସର୍ଟରୁ ଏକ ବେଆଇନ ମଦ ବାର୍‌ର ସନ୍ଧାନ ମିଳିଛି।

## ସ୍ୱାମୀଙ୍କୁ ମାରି ବାଥରୁମରେ ପୋତିଲା ସ୍ତ୍ରୀ

ନୂଆଦିଲ୍ଲୀ,୫।୭ (ଏଜେନ୍ସି): ଉତ୍ତର ପ୍ରଦେଶର ଆଗ୍ରାରେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ସାମ୍ନାକୁ ଆସିଛି। ସ୍ୱାମୀ ସୁରେନ୍ଦ୍ର ଶର୍ମାଙ୍କୁ ହତ୍ୟା କରି ତାଙ୍କ ମୃତଦେହକୁ ବାଥରୁମ ଭିତରେ ପୋତି ଦେଇଥିବା ଅଭିଯୋଗରେ ପୁଲିସ ସ୍ତ୍ରୀ ରୁବି ଶର୍ମାଙ୍କୁ ଗିରଫ କରିଛି। ସୁରେନ୍ଦ୍ର ପ୍ରାୟ ୪୫ ଦିନ ହେବ ନିଖୋଜ ଥିଲେ। ରୁବି ପୁଲିସ ଆଗରେ ସ୍ୱୀକାର କରିଛନ୍ତି ଯେ ସେ ସ୍ୱାମୀଙ୍କ ଖାଦ୍ୟରେ ୧୫ ରୁ ୨୦ଟି ନିଦ ବଟିକା ମିଶାଇ ଦେଇଥିଲେ। ସୁରେନ୍ଦ୍ର ଗଭୀର ନିଦ୍ରାରେ ଶୋଇବା ପରେ ରୁବି ତାଙ୍କୁ ହତ୍ୟା କରିଥିଲେ। ହତ୍ୟା ପରଦିନ ରୁବି ଶ୍ରମିକ ଓ ମିସ୍ତ୍ରୀ ଡାକି ବାଥରୁମର ମାଟି ଚଟାଣ ଉପରେ ଶବକୁ ରଖି ମାଟି ପକାଇବା ସହ ତା' ଉପରେ କଂକ୍ରିଟ୍ ପଲସ୍ତରା କରିଦେଇଥିଲେ। ରୁବି ନିଜେ ଦେଢ଼ଶୁରଙ୍କ ସହ ମିଶି ଥାନାରେ ନିଖୋଜ ହେବା ଅଭିଯୋଗ କରିଥିଲେ ଏବଂ ପଡୋଶୀଙ୍କ ଆଗରେ କାନ୍ଦିବାର ଅଭିନୟ କରୁଥିଲେ। ପରେ ସୁରେନ୍ଦ୍ରଙ୍କ ପରିବାର ଲୋକେ ସନ୍ଦେହ କରିଥିଲେ। ରୁବିଙ୍କ ବାରମ୍ବାର ବୟାନ ବଦଳାଇବା ଯୋଗୁଁ ପୁଲିସ ତାଙ୍କୁ ପଚରାଉଚରା କରିଥିଲା। ଶେଷରେ ରୁବି ନିଜ ଅପରାଧ ସ୍ୱୀକାର କରିଥିଲେ। ପୁଲିସ ବାଥରୁମ ଚଟାଣ ଖୋଲି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ପଶ୍ଚିମବଙ୍ଗ ସରକାରଙ୍କ ନୂଆ ଆଇନ

## ଭଙ୍ଗାରୁଜା କଲେ ଦେବାକୁ ପଡ଼ିବ ତିନି ଗୁଣା ଜରିମାନା

କୋଲକାତା,୫।୭(ଏଜେନ୍ସି): ପଶ୍ଚିମବଙ୍ଗରେ ହିଂସାତ୍ମକ ଆନ୍ଦୋଳନ ଏବଂ ସରକାରୀ କିମ୍ବା ବେସରକାରୀ ସମ୍ପତ୍ତି ନଷ୍ଟ କରୁଥିବା ଉପଦ୍ରବୀଙ୍କ ବିରୋଧରେ ରାଜ୍ୟ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ନୂଆ ଆଇନ ଅନୁଯାୟୀ, ଆନ୍ଦୋଳନ ସମୟରେ କୌଣସି ସମ୍ପତ୍ତି ଭଙ୍ଗାରୁଜା କଲେ ସମ୍ପୃକ୍ତ ଅଭିଯୁକ୍ତଙ୍କଠାରୁ କ୍ଷୟକ୍ଷତିର ତିନି ଗୁଣା ଅର୍ଥ ଆଦାୟ କରାଯିବ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଘୋଷଣା କରିଛନ୍ତି। ଶିଳ୍ପପତି ଓ ନିବେଶକମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବା ଏବଂ ଆଇନ ଶୃଙ୍ଖଳା ରକ୍ଷା କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଭବାନୀପୁରଠାରେ ଆୟୋଜିତ ଏକ ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗଣତନ୍ତ୍ରରେ ସମସ୍ତଙ୍କର ଆନ୍ଦୋଳନ କରିବାର ଅଧିକାର ଅଛି, ମାତ୍ର ହିଂସା ଓ ସମ୍ପତ୍ତି ନଷ୍ଟକୁ ଆଦୌ ବରଦାସ୍ତ କରାଯିବ ନାହିଁ। ଯଦି କେହି ଜରିମାନା ଦେବାରେ ବିଫଳ ହୁଅନ୍ତି, ତେବେ ତାଙ୍କ ସମ୍ପତ୍ତି ନିଲାମ କରି ଏହି ଅର୍ଥ ଆଦାୟ କରାଯିବ। ଉଦାହରଣ ସ୍ୱରୂପ, ଯଦି ୧ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୁଏ, ତେବେ ୩ କୋଟି ଟଙ୍କା ଜରିମାନା ଦେବାକୁ ପଡ଼ିବ ଓ ଏଥିସହ ଜେଲ ଦଣ୍ଡ ଭୋଗିବାର ସମ୍ଭାବନା ରହିଛି। ଗତ ଜୁନ ୨୮ ତାରିଖରେ ପଶ୍ଚିମବଙ୍ଗ ବିଧାନସଭାରେ ଏହି ସମ୍ପର୍କିତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ ହୋଇଛି। ଏଥିମଧ୍ୟରୁ ଗୋଟିଏ ଆଇନ ଆନ୍ଦୋଳନକାରୀଙ୍କୁ ଆର୍ଥିକ ଭାବେ ଦାୟୀ କରୁଥିବାବେଳେ ଅନ୍ୟ ବିଲ୍‌ଟି ସାମାଜିକ ବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବିନା ବିଚାରରେ ୧୨ ମାସ ପର୍ଯ୍ୟନ୍ତ ଗିରଫ କରି ରଖିବାକୁ କ୍ଷମତା ପ୍ରଦାନ କରୁଛି। ରାଜ୍ୟରେ ଶିଳ୍ପାନୁଷ୍ଠାନଗୁଡ଼ିକୁ ସୁରକ୍ଷା ଦେବା ଏବଂ ସାଧାରଣ ଶୃଙ୍ଖଳା ବଜାୟ ରଖିବାରେ ଏହି ଆଇନ ବିଶେଷ ସହାୟକ ହେବ ବୋଲି ସରକାର କହିଛନ୍ତି।

### ଶ୍ୟାମା ପ୍ରସାଦଙ୍କ ପ୍ରତିମୂର୍ତ୍ତି ବେଦି ଭଙ୍ଗା, ଜଣେ ଗିରଫ

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ କୋଲକାତା ଗସ୍ତ ପୂର୍ବରୁ ଉତ୍ତର କୋଲକାତାର ସୁକିଆ ଷ୍ଟ୍ରିଟ୍‌ରେ ସ୍ଥାପିତ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିର ବେଦିକୁ ଭଙ୍ଗାଯାଇଥିବା ଅଭିଯୋଗ ହୋଇଛି। ପ୍ରତିମୂର୍ତ୍ତି ଅକ୍ଷତ ଥିବାବେଳେ ନାମଫଳକ କ୍ଷତିଗ୍ରସ୍ତ ହୋଇଛି। ଘଟଣାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଥିବାବେଳେ ରୂପେଶ ହାଜରା (୨୬) ନାମକ ଜଣେ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ଅନ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ସନ୍ଧାନ ଜାରି ରହିଛି। ଏହି ଘଟଣାକୁ ବିଜେପି ପକ୍ଷରୁ ନିନ୍ଦା କରାଯାଇଛି।

### ଇରାନର ସର୍ବୋଚ୍ଚ ନେତାଙ୍କ ଅନ୍ତ୍ୟେଷ୍ଟି

## ଟ୍ରମ୍ପଙ୍କ ବିବାଦୀୟ ବୟାନକୁ ନେଇ ଝଡ଼

### ଇରାନୀ ନେତୃତ୍ୱକୁ ଗୋଟିଏ ମାଡ଼ରେ ସଫା କରିପାରିବୁ





ୱାସିଂଟନ୍/ତେହେରାନ,୫।୭(ଏଜେନ୍ସି): ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଅବସରରେ ସମଗ୍ର ଇରାନ ଏବେ ଶୋକାକୁଳ। ତେହେରାନର ରାଜପଥରେ ହଜାର ହଜାର ଶୋକାର୍ତ୍ତ ଜନତା ଏକତ୍ରିତ। ଅନ୍ୟପଟେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଅନ୍ତ୍ୟେଷ୍ଟିକୁ ନେଇ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଟ୍ରମ୍ପ ଅନ୍ତ୍ୟେଷ୍ଟିକ୍ରିୟାକୁ କଟାକ୍ଷ କରି ଇରାନର ବର୍ତ୍ତମାନର ନେତୃତ୍ୱକୁ ଏକପ୍ରକାର ଧମକ ଦେଇଛନ୍ତି। ସେ ଦାବି କରିଛନ୍ତି ଯେ ୱାସିଂଟନ୍ ଚାହିଁଲେ ମାତ୍ର "ଗୋଟିଏ ଆକ୍ରମଣ"ରେ ଖାମେନେଇଙ୍କ ଶୋକସଭାରେ ଏକତ୍ରିତ ହୋଇଥିବା ଇରାନର ସମଗ୍ର ବରିଷ୍ଠ ନେତୃତ୍ୱକୁ ନିପାତ କରିପାରିବ। ଆମେରିକାର ସମ୍ବାଦ ସଂସ୍ଥା ଏକ୍ସିଓସ୍‌କୁ ଦେଇଥିବା ଏକ ସାକ୍ଷାତକାରରେ ଟ୍ରମ୍ପ କହିଛନ୍ତି ଯେ, "ଇରାନ ନେତାମାନେ ସମସ୍ତେ ଏକତ୍ରିତ ଅଛନ୍ତି। ଗୋଟିଏ ଆକ୍ରମଣରେ ଆମେ ଏକାବେଳେ ସମସ୍ତଙ୍କୁ ନିଶ୍ଚିହ୍ନ କରି ଦେଇପାରିବୁ। କିନ୍ତୁ ଆମେ ତାହା କରିବୁ ନାହିଁ କାରଣ ତାହା କଲେ ଆଲୋଚନା ପାଇଁ ଆଉ କେହି ବାକି ରହିବେ ନାହିଁ।" ସୂଚନାଯୋଗ୍ୟ, ଗତ ଫେବୃଆରୀ ୨୮ରେ ଆମେରିକା-ଇସ୍ରାଏଲ୍ ବିମାନ ଆକ୍ରମଣରେ ଖାମେନେଇଙ୍କ ମୃତ୍ୟୁ ଘଟିଥିଲା। ଆମେରିକାର ସ୍ୱାଧୀନତା ଦିବସ ପୂର୍ବରୁ ମାଉଣ୍ଟ ରଶମୋରରେ ଏକ ସଭାକୁ ସମ୍ବୋଧିତ କରି ଟ୍ରମ୍ପ ଇରାନକୁ ଉପହାସ କରିଥିଲେ। ଆମେରିକା ଇରାନକୁ ଧୂଳି ଚଟାଇ ଦେଇଛି। ତେଣୁ ଇରାନ ବୁଝାମଣା ପାଇଁ ବ୍ୟାକୁଳ ଅଛି। ଏପରିକି ଆମେରିକା ଦୟା ଦେଖାଇ ଇରାନକୁ ଶୋକସଭା ପାଇଁ ଏକ ସପ୍ତାହ ସମୟ ଦେଇଥିବା ଟ୍ରମ୍ପ କଟାକ୍ଷ କରି କହିଥିଲେ। ଏହା ସହିତ ଖାମେନେଇଙ୍କ ପାଇଁ କାନ୍ଦୁଥିବା ଇରାନୀ ନାଗରିକ ଓ ନେତାମାନଙ୍କୁ ମଧ୍ୟ ସେ ସମାଲୋଚନା କରିଛନ୍ତି। ତାଙ୍କ ଅନୁଯାୟୀ, ଇରାନ ନାଗରିକ ଖାମେନେଇଙ୍କୁ ଘୃଣା କରୁଥିଲେ ଏବଂ ତାଙ୍କ ଶବାଧାରରେ ଲୋକ ଗୁଡ଼ିକ ମିଛିମିଛିକା କାନ୍ଦୁଛନ୍ତି। ଟ୍ରମ୍ପଙ୍କ ଏହି ମନ୍ତବ୍ୟ ଉପରେ ଆର୍ମେନିଆରେ ଥିବା ଇରାନ ଦୂତାବାସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛି ଯେ, ଟ୍ରମ୍ପଙ୍କ ପାଖରେ ନା ସଭ୍ୟତା ଅଛି ନା ସମ୍ମାନ। ଅନ୍ୟପଟେ, ଇରାନର ସାମରିକ କମାଣ୍ଡର ଅଲି ଅବଦୁଲ୍ଲାହି ଆମେରିକା ଓ ଇସ୍ରାଏଲକୁ ଚେତାବନୀ ଦେଇଛନ୍ତି। କୌଣସି ଭୁଲ୍ ନିଷ୍ପତ୍ତି ନିଆଗଲେ ଇରାନ କଠୋର ପ୍ରତିଶୋଧ ନେବ ବୋଲି ସେ କହିଛନ୍ତି। ଖାମେନେଇଙ୍କ ଅନ୍ତ୍ୟେଷ୍ଟି କ୍ରିୟା ଜୁଲାଇ ୪ରୁ ୯ ଯାଏଁ ଅନୁଷ୍ଠିତ ହେବ।

## ଖାମେନେଇଙ୍କ ଅନ୍ତ୍ୟେଷ୍ଟିରେ ସାମିଲ ହେଲେ ୩ ପୁତ୍ର

ତେହେରାନ,୫।୭(ଏଜେନ୍ସି): ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲ୍ଲୀ ଖାମେନେଇଙ୍କ ଶେଷ ଦର୍ଶନ ପାଇଁ ରାଜଧାନୀ ତେହେରାନରେ ଲକ୍ଷ ଲକ୍ଷ ଶୋକାକୁଳ ଜନସାଧାରଣ ଏକତ୍ରିତ ହୋଇଛନ୍ତି। ରବିବାର ଅନୁଷ୍ଠିତ ଏହି ସାମୂହିକ ପ୍ରାର୍ଥନା ସଭାରେ ଖାମେନେଇଙ୍କ ତିନି ପୁତ୍ର ମୋସ୍ତଫା, ମେସାମ ଏବଂ ମାସୁଦ ଖାମେନେଇ ଉପସ୍ଥିତ ରହି ନିଜ ପିତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମାତ୍ର ନୂଆ ସର୍ବୋଚ୍ଚ ନେତା ମୋଜତାବା ଖାମେନେଇଙ୍କ ଅନୁପସ୍ଥିତି ସମସ୍ତଙ୍କୁ ଚକିତ କରିବା ସହ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଇରାନର ସରକାରୀ ଗଣମାଧ୍ୟମ ଦ୍ୱାରା ପ୍ରସାରିତ ଚିତ୍ର ଅନୁଯାୟୀ, ଏହି ଶୋକ ସଭାରେ ଇରାନର ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ, ସଂସଦର ବାଚସ୍ପତି ଏବଂ ସେନା ମୁଖ୍ୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ। ପତାକା ଏବଂ ପାରମ୍ପରିକ ପଗଡ଼ିରେ ଆଚ୍ଛାଦିତ ହୋଇଥିବା ଖାମେନେଇଙ୍କ ଶବଧାର ନିକଟରେ ଠିଆ ହୋଇ ତାଙ୍କ ପୁତ୍ରମାନେ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ଗତ ମାର୍ଚ୍ଚ ମାସରେ ପିତାଙ୍କ ମୃତ୍ୟୁ ପରେ ମୋଜତାବା ଖାମେନେଇ ଇରାନର ସର୍ବୋଚ୍ଚ ଶାସନ ଭାର ଗ୍ରହଣ କରିଛନ୍ତି, କିନ୍ତୁ ସେବେଠାରୁ ସେ ସାର୍ବଜନୀନ ଭାବେ କେଉଁଠି ଦେଖାଦେଇନାହାନ୍ତି। ଗତ ଫେବୃଆରୀ ମାସରେ ଆମେରିକା ଏବଂ ଇସ୍ରାଏଲ୍‌ର ମିଳିତ ବୋମା ବିସ୍ଫୋରଣରେ ତାଙ୍କ ପରିବାରର ବହୁ ସଦସ୍ୟଙ୍କ ମୃତ୍ୟୁ ଘଟିଥିଲା ଏବଂ ସେହି ଆକ୍ରମଣରେ ମୋଜତାବା ମଧ୍ୟ ଗୁରୁତର ଭାବେ ଆହତ ହୋଇଥିବା କୁହାଯାଉଛି। ଇସ୍ରାଏଲ୍ ପକ୍ଷରୁ ପୁଣିଥରେ ଆକ୍ରମଣ କିମ୍ବା ଗୁପ୍ତହତ୍ୟାର ଆଶଙ୍କା ଥିବାରୁ ତାଙ୍କୁ ସର୍ବସାଧାରଣ ସ୍ଥାନକୁ ନଆସିବାକୁ କୁହାଯାଇଛି। ସେ ଆହତ ଥିବାରୁ ଏବଂ ସୁରକ୍ଷା କାରଣରୁ ନିଜର ସ୍ୱର କିମ୍ବା ଚିତ୍ର ଗଣମାଧ୍ୟମରେ ପ୍ରକାଶ ନକରିବାକୁ ତାଙ୍କୁ ସତର୍କ କରାଯାଇଛି। ଗତ ସପ୍ତାହରେ ସେହି ଆକ୍ରମଣରେ ପ୍ରାଣ ହରାଇଥିବା ନିଜ ପତ୍ନୀ ଏବଂ ସନ୍ତାନଙ୍କ ସ୍ମୃତି ସଭାରେ ମଧ୍ୟ ମୋଜତାବା ସାମିଲ ହୋଇପାରି ନ ଥିଲେ।

### ଉତ୍ତରାଧିକାରୀ ମୋଜତାବା ଅନୁପସ୍ଥିତ



## ୬୦ ବର୍ଷ ବୟସରେ ଗୌରୀଙ୍କ ହାତ ଧରିଲେ ଅମିର ଖାନ

ବଲିଉଡର ସୁପରଷ୍ଟାର ଆମିର ଖାନ ପୁଣି ଥରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଦୀର୍ଘ ଦୁଇ ବର୍ଷର ପ୍ରେମ ସମ୍ପର୍କ ପରେ ସେ ତାଙ୍କର ପୁରୁଣା ବନ୍ଧୁ ଗୌରୀ ସ୍ପ୍ରାଟଙ୍କୁ ନିଜର ଜୀବନସାଥୀ ଭାବେ ଗ୍ରହଣ କରିଛନ୍ତି। ମୁମ୍ବାଇର ବାନ୍ଦ୍ରାସ୍ଥିତ ଆମିରଙ୍କ ବାସଭବନରେ ଅତି ନିରାଡ଼ମ୍ବର ଭାବେ ଏହି ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ବିବାହ ଉତ୍ସବରେ କେବଳ ପରିବାର ଲୋକ ଓ କିଛି ଅତି ନିକଟତର ବନ୍ଧୁ ଉପସ୍ଥିତ ଥିଲେ। ଉଭୟେ ଆଇନଗତ ଦଲିଲରେ ସ୍ୱାକ୍ଷର କରି ନିଜର ବିବାହକୁ ପଞ୍ଜିକୃତ କରିଛନ୍ତି। ଏହି ସ୍ୱତନ୍ତ୍ର ଅବସରରେ ଆମିରଙ୍କ ତିନି ସନ୍ତାନ ଏବଂ ଗୌରୀଙ୍କ ପୁଅ ମଧ୍ୟ ଉପସ୍ଥିତ ଥିଲେ। ଆମିର ଓ ଗୌରୀ ପରସ୍ପରକୁ ଦୀର୍ଘ ୨୫ ବର୍ଷ ହେବ ଜାଣିଥିଲେ ମଧ୍ୟ ଦୁଇ ବର୍ଷ ତଳେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପୂର୍ବରୁ ଦୁଇଟି ବିବାହ ବିଚ୍ଛେଦ ପରେ ୬୦ ବର୍ଷ ବୟସରେ ଆମିରଙ୍କ ଜୀବନକୁ ଗୌରୀ ଶାନ୍ତି ଓ ସ୍ଥିରତା ଆଣିଦେଇଛନ୍ତି ବୋଲି ଅଭିନେତା ପ୍ରକାଶ କରିଛନ୍ତି।

## ବିଶାଖାପାଟଣା ଉପକୂଳରେ ୬ ମତ୍ସ୍ୟଜୀବୀ ନିଖୋଜ

ବିଶାଖାପାଟଣା,୫।୭(ଏଜେନ୍ସି): ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଉପକୂଳରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏକ ମାଛଧରା ଡଙ୍ଗା ସହ ସମ୍ପର୍କ ବିଚ୍ଛିନ୍ନ ହେବା ପରେ ୬ ଜଣ ମତ୍ସ୍ୟଜୀବୀ ନିଖୋଜ ହୋଇଛନ୍ତି। ଡଙ୍ଗାରେ ମୋଟ ୭ ଜଣ ରହିଥିଲେ। ଜୁଲାଇ ୧ରେ ବିଶାଖାପାଟଣା ମତ୍ସ୍ୟ ବନ୍ଦରରୁ ସମୁଦ୍ରକୁ ଯାଇଥିବା ଏହି ଡଙ୍ଗା ଜୁଲାଇ ୪ରେ ଫେରିବା କଥା ଥିଲା। ଲଘୁଚାପ ଯୋଗୁଁ ପାଗ ଖରାପ ହେବାରୁ ମତ୍ସ୍ୟଜୀବୀମାନଙ୍କୁ ତୁରନ୍ତ ଫେରି ଆସିବାକୁ ସତର୍କ କରାଯାଇଥିଲା। ପରେ ଡଙ୍ଗା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଏହାପରେ ଭାରତୀୟ ତଟରକ୍ଷୀ ବାହିନୀ, ଭାରତୀୟ ନୌସେନା, ସାମୁଦ୍ରିକ ପୁଲିସ ଓ ଅନ୍ୟ ସଂସ୍ଥା ପକ୍ଷରୁ ବ୍ୟାପକ ଖୋଜାଖୋଜି ଅଭିଯାନ ଚାଲିଛି। ନୌସେନାର ହେଲିକପ୍ଟର ମଧ୍ୟ ଅନୁସନ୍ଧାନରେ ସାମିଲ ହୋଇଛି।

## କାଶ୍ମୀର ପାଠ୍ୟପୁସ୍ତକେରେ ହାଫିଜ୍ ସୟିଦ୍ 'ମହାନ ବ୍ୟକ୍ତି'




### ବେଆଇନ କାର୍ଯ୍ୟକଳାପ ପ୍ରତିରୋଧ ଆଇନ ବଳରେ ମାମଲା ରୁଜୁ

ଶ୍ରୀନଗର,୫।୭(ଏଜେନ୍ସି): ଜମ୍ମୁ-କାଶ୍ମୀରର ସରକାରୀ ବିଦ୍ୟାଳୟ ପାଇଁ କିଣାଯାଇଥିବା ଦୁଇଟି ବହିକୁ ନେଇ ତୀବ୍ର ବିବାଦ ଦେଖାଦେଇଛି। ଏହି ବହିଗୁଡ଼ିକରେ ମୁମ୍ବାଇ ଆକ୍ରମଣର ମୁଖ୍ୟ ସୂତ୍ରଧର ଆତଙ୍କବାଦୀ ହାଫିଜ୍ ସୟିଦ୍ ଏବଂ ବିଚ୍ଛିନ୍ନତାବାଦୀ ନେତା ମକବୁଲ ଭଟ୍ଟଙ୍କୁ 'ମହାନ ବ୍ୟକ୍ତିତ୍ୱ' ଭାବେ ବର୍ଣ୍ଣନା କରାଯାଇଛି। ଏହି ଘଟଣାରେ ପୁଲିସର କାଉଣ୍ଟର ଇଣ୍ଟେଲିଜେନ୍ସ ୱିଙ୍ଗ ବେଆଇନ କାର୍ଯ୍ୟକଳାପ ପ୍ରତିରୋଧ ଆଇନ (ୟୁଏପିଏ) ଏବଂ ବିଭିନ୍ନ ଧାରା ଅଧୀନରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପାଠ୍ୟପୁସ୍ତକରେ ଜମ୍ମୁ-କାଶ୍ମୀରକୁ 'ଭାରତ ଅଧିକୃତ କାଶ୍ମୀର' ବୋଲି ଉଲ୍ଲେଖ କରାଯିବା ସହ ପ୍ରତିବନ୍ଧିତ ସଂଗଠନର ପ୍ରତିଷ୍ଠାତା ମକବୁଲ ଭଟ୍ଟଙ୍କୁ ଶହୀଦ ଏବଂ ଅନ୍ୟ ବିଚ୍ଛିନ୍ନତାବାଦୀ ନେତାମାନଙ୍କୁ ପ୍ରଭାବଶାଳୀ ବ୍ୟକ୍ତି ଭାବେ ଚିତ୍ରିତ କରାଯାଇଛି। ବିଜେପି ଏହାକୁ 'ଶିକ୍ଷାଗତ ଜିହାଦ' ବୋଲି ଆଖ୍ୟା ଦେଇ ଦୃଢ଼ ବିରୋଧ କରିଛି। ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇବା ପରେ ଶିକ୍ଷା ବିଭାଗ ତୁରନ୍ତ ଏହି ବହିଗୁଡ଼ିକ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଛି। ବହି ଚୟନ କରିଥିବା କମିଟିର ସଦସ୍ୟ ଏବଂ ଅଧିକାରୀଙ୍କ ଚରମ ଅବହେଳା ପାଇଁ ୮ ଜଣ ସରକାରୀ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି ଏବଂ ଜଣେ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ଚାକିରିରୁ ବାହାର କରିଦିଆଯାଇଛି। ସମ୍ପୃକ୍ତ ଲେଖକ ଏବଂ ପ୍ରକାଶକମାନଙ୍କୁ ଜମ୍ମୁ-କାଶ୍ମୀରରେ କଳାତାଲିକାଭୁକ୍ତ କରାଯାଇଛି। ପୁଲିସ ଜମ୍ମୁସ୍ଥିତ ପ୍ରକାଶକଙ୍କ କାର୍ଯ୍ୟାଳୟରେ ଚଢ଼ାଉ କରି ଅନେକ ଗୁରୁତ୍ୱପୂର୍ଣ୍ଣ ଦଲିଲ ଏବଂ ଡିଜିଟାଲ ପ୍ରମାଣ ଜବତ କରିଛି। ଜମ୍ମୁ-କାଶ୍ମୀରର ଉପ-ରାଜ୍ୟପାଳ ମନୋଜ ସିହ୍ନା ଏହି ଘଟଣାରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦେଶର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରୁଥିବା ଏହିଭଳି ବିଷୟବସ୍ତୁ କିଭଳି ପାଠ୍ୟକ୍ରମରେ ସ୍ଥାନ ପାଇଲା, ସେ ନେଇ ଦୁଇଜଣ ବରିଷ୍ଠ ଅଧିକାରୀଙ୍କୁ ୩୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି।

## ଏନକାଉଣ୍ଟରରେ ଲରେନ୍ସ ଗ୍ୟାଙ୍ଗ୍‌ର ଦୁଇ ସୁଟର ନିହତ

ଝଜ୍ଜର,୫।୭(ଏଜେନ୍ସି): ହରିୟାଣା ଏସ୍‌ଟିଏଫ୍ ଓ ଦିଲ୍ଲୀ ପୁଲିସର ମିଳିତ ଅଭିଯାନରେ ଲରେନ୍ସ ଗ୍ୟାଙ୍ଗ ସହ ଜଡ଼ିତ ଦୁଇ ଶୁଟର ରବିବାର ଭୋରରେ ଏନକାଉଣ୍ଟରରେ ନିହତ ହୋଇଛନ୍ତି। ମୃତକମାନେ ପ୍ରବେଶ ଓ ହିମାଂଶୁ ବୋଲି ପୁଲିସ ଚିହ୍ନଟ କରିଛି। ଉଭୟଙ୍କ ମୁଣ୍ଡ ଉପରେ ଏକ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା କରାଯାଇଥିଲା। ପୁଲିସ ସୂଚନା ଅନୁସାରେ, ଗୁପ୍ତ ସୂଚନା ଆଧାରରେ ବହାଦୁରଗଡ଼ ଅଞ୍ଚଳରେ ଘେରାଉ କରାଯିବା ପରେ ଅଭିଯୁକ୍ତମାନେ ପୁଲିସ ଉପରେ ଗୁଳିଚାଳନା କରିଥିଲେ। ପାଲଟା କାର୍ଯ୍ୟାନୁଷ୍ଠାନରେ ଉଭୟ ନିହତ ହୋଇଥିବାବେଳେ ଜଣେ ପୁଲିସ କର୍ମଚାରୀ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଉଭୟ ପକ୍ଷ ମଧ୍ୟରେ ପ୍ରାୟ ୧୨ରୁ ୧୩ ରାଉଣ୍ଡ ଗୁଳି ବିନିମୟ ହୋଇଥିଲା। ନିହତ ଦୁଇ ଅଭିଯୁକ୍ତ ଗତ ଜୁନ୍ ୧୧ରେ ହାଁସିର ଜିମ୍ ମାଲିକ କପିଲ ରେଡୁଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୋଗ ରହିଛି। ଏହି ହତ୍ୟାକାଣ୍ଡର ଦାୟିତ୍ୱ ଲରେନ୍ସ ଗ୍ୟାଙ୍ଗ ସହ ଜଡ଼ିତ ହ୍ୟାରି ବକ୍ସର ଅନଲାଇନ୍ ପୋଷ୍ଟ ମାଧ୍ୟମରେ ନେଇଥିବା ଦାବି କରିଥିଲା। ତେବେ ଏହି ପୋଷ୍ଟର ସତ୍ୟତା ସ୍ୱାଧୀନ ଭାବେ ପ୍ରମାଣିତ ହୋଇନାହିଁ। ପୁଲିସ ମାମଲାର ଅଧିକ ତଦନ୍ତ ଜାରି ରଖିଛି।

## ୧୨ ବର୍ଷର ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା

ବାରୁଇପୁର,୫।୭(ଏଜେନ୍ସି): ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାରୁ ଏକ ଅତି ନିର୍ମମ ତଥା ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ବାରୁଇପୁର ଅଞ୍ଚଳରେ ଜଣେ ୧୨ ବର୍ଷର ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି, ଯାହାକୁ ନେଇ ରବିବାର ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଜନଅସନ୍ତୋଷ ଓ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଏକ ପୋଖରୀରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଶନିବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଖାଦ୍ୟ ସାମଗ୍ରୀ କିଣିବା ପାଇଁ ନାବାଳିକା ଜଣକ ଘରୁ ବାହାରକୁ ଯାଇଥିଲେ, ମାତ୍ର ଆଉ ଘରକୁ ଫେରିନଥିଲେ। ଚାରି ଜଣ ବ୍ୟକ୍ତି ତାଙ୍କୁ ଅପହରଣ କରିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ରବିବାର ସକାଳେ ଘର ନିକଟସ୍ଥ ଏକ ପୋଖରୀରୁ ତାଙ୍କ ଶବ ମିଳିବା ପରେ ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବା ସହ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ଏହି ବିକ୍ଷୋଭ ଉଗ୍ର ରୂପ ନେଇଥିଲା, ଯେଉଁଥିରେ ପୁଲିସଗାଡ଼ି ଭଙ୍ଗାରୁଜା ହେବା ସହ କିଛି ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ପୁଲିସ ପ୍ରାଥମିକ ତଦନ୍ତରୁ ନାବାଳିକାଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ସନ୍ଦେହ କରୁଛି ଏବଂ ଶାରୀରିକ ନିର୍ଯାତନାର ଆଶଙ୍କା ମଧ୍ୟ କରାଯାଉଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି। ଏହି ଘଟଣା ପରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ପୀଡ଼ିତାଙ୍କ ପିତାଙ୍କ ସହ କଥା ହୋଇଛନ୍ତି ଏବଂ ଆସନ୍ତା ମଙ୍ଗଳବାର ଦିନ ତାଙ୍କ ପରିବାରକୁ ଭବାନୀ ଭବନରେ ଭେଟିବାକୁ କହିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ଏବଂ ଅପରାଧୀଙ୍କୁ କଠୋର ଦଣ୍ଡ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛି।

### ପୋଖରୀରୁ ମୃତଦେହ ଉଦ୍ଧାର

## ବଦ୍ରିନାଥ ଦାନ ଲୁଟ୍ ପୂର୍ବରୁ ବଦଳାଯାଇଥିଲା ସିସିଟିଭି କ୍ୟାମେରା

ଚାମୋଲି,୫।୭(ଏଜେନ୍ସି): ଶ୍ରୀ ବଦ୍ରିନାଥ ଧାମରେ ଦାନ ଓ ଭୋଗ ଅର୍ଥରେ ଅନିୟମିତତା ଅଭିଯୋଗ ମଧ୍ୟରେ ଜୁଲାଇ ୧ରେ ମନ୍ଦିରର ସମସ୍ତ ସିସିଟିଭି କ୍ୟାମେରା ବଦଳାଯାଇଥିବା ଘଟଣାକୁ ନେଇ ନୂଆ ପ୍ରଶ୍ନ ଉଠିଛି। ଶ୍ରୀ ବଦ୍ରିନାଥ-କେଦାରନାଥ ମନ୍ଦିର କମିଟିର ମୁଖ୍ୟ କାର୍ଯ୍ୟନିର୍ବାହୀ ସୋହନ ସିଂହ ରଙ୍ଗଡ଼ କହିଛନ୍ତି, ଜଣେ ଦାତାଙ୍କ ପକ୍ଷରୁ ଉଚ୍ଚ କ୍ଷମତାସମ୍ପନ୍ନ ନୂଆ କ୍ୟାମେରା ଉପହାର ମିଳିବା ପରେ ନିୟମିତ ପ୍ରକ୍ରିୟାରେ ୩୨ଟି କ୍ୟାମେରା ବଦଳାଯାଇଥିଲା। ପୁରୁଣା ସମସ୍ତ ଦୃଶ୍ୟ ରେକର୍ଡ ସୁରକ୍ଷିତ ରହିଛି ଏବଂ ତଦନ୍ତ ପାଇଁ ଉପଲବ୍ଧ କରାଯିବ ବୋଲି ସେ କହିଛନ୍ତି। ଅଭିଯୋଗର ନିରପେକ୍ଷ ତଦନ୍ତ ପାଇଁ ମନ୍ଦିର କମିଟି ନିର୍ଦ୍ଦେଶ ଦେଇଥିବାବେଳେ ସମ୍ପୃକ୍ତ କର୍ମଚାରୀଙ୍କଠାରୁ ସ୍ପଷ୍ଟୀକରଣ ମଗାଯାଇଛି। ଦୋଷ ପ୍ରମାଣିତ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଟି ସୂଚନା ଦେଇଛି। ରାମ ମନ୍ଦିରର ଦାନ ଅର୍ଥ ଚୋରି ଅଭିଯୋଗକୁ ନେଇ ବିରୋଧୀ ଦଳର ନେତାମାନଙ୍କୁ ପଚରାଉଚରା କରିବାକୁ ବିଶ୍ୱ ହିନ୍ଦୁ ପରିଷଦ (ବିଏଚ୍‌ପି) ଅଯୋଧ୍ୟା ପୁଲିସକୁ ଚିଠି ଲେଖିଛି। ଅଭିଯୋଗର ସତ୍ୟତା ପ୍ରମାଣ କରିବା ପାଇଁ ତଥ୍ୟ ଓ ପ୍ରମାଣ ଦାଖଲ କରିବାକୁ ସମ୍ପୃକ୍ତ ନେତାମାନଙ୍କୁ କହିବାକୁ ସଂଗଠନ ଦାବି କରିଛି। ଚିଠିରେ ପ୍ରିୟଙ୍କା ଗାନ୍ଧୀ, ଅରବିନ୍ଦ କେଜ୍ରିୱାଲ, ରାମ ଗୋପାଳ ଯାଦବ ଓ ସଞ୍ଜୟ ସିଂଙ୍କ ନାମ ଉଲ୍ଲେଖ କରାଯାଇଛି।

## ମୁମ୍ବାଇରେ ବର୍ଷା ତାଣ୍ଡବ ଜାରି



- ଅଳ୍ପକେ ବର୍ତ୍ତିଲେ ମୁକେଶ ଅମ୍ବାନୀ
- କାର ପଟୁଆର ଯାଉଥିବା ବେଳେ ଭାଙ୍ଗି ପଡ଼ିଲା ବିରାଟ ଗଛ

ମୁମ୍ବାଇ,୫।୭(ଏଜେନ୍ସି): ମୁମ୍ବାଇରେ ଜାରି ରହିଥିବା ପ୍ରବଳ ବର୍ଷା ବିପର୍ଯ୍ୟୟ ମଧ୍ୟରେ ଦେଶର ବିଶିଷ୍ଟ ଶିଳ୍ପପତି ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ରବିବାର ଦିନ ମୁମ୍ବାଇର ବାନ୍ଦ୍ରା ଅଞ୍ଚଳରେ ଅମ୍ବାନୀଙ୍କ ସୁରକ୍ଷା ଗାଡ଼ିଗୁଡ଼ିକର ପଟୁଆର ଯାଉଥିବା ସମୟରେ ହଠାତ୍ ସେମାନଙ୍କ ସମ୍ମୁଖରେ ଏକ ବିରାଟ ଗଛ ଉପୁଡ଼ି ପଡ଼ିଥିଲା। ଏହି ଆକସ୍ମିକ ଘଟଣା ଯୋଗୁଁ ସେଠାରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଆରକ୍ଷୀ (ପୁଲିସ) ବାହିନୀର ସୂଚନା ଅନୁଯାୟୀ, ମୁକେଶ ଅମ୍ବାନୀଙ୍କ ସୁରକ୍ଷା ଦଳର ଗାଡ଼ିଗୁଡ଼ିକ ଯାଉଥିବା ବେଳେ ହିଁ ଏହି ଅଘଟଣ ଘଟିଥିଲା। ଗଛଟି ଠିକ୍ ଗାଡ଼ିଗୁଡ଼ିକର ସମ୍ମୁଖରେ ପଡ଼ିଥିବାରୁ ସମସ୍ତ ଗାଡ଼ିକୁ ତୁରନ୍ତ ଅଟକାଇ ଦିଆଯାଇଥିଲା। ଭାଗ୍ୟବଶତଃ ଏହି ଦୁର୍ଘଟଣାରେ କେହି ଆହତ ହୋଇନାହାନ୍ତି କିମ୍ବା କୌଣସି ଗାଡ଼ିର କ୍ଷତି ହୋଇନାହିଁ। ଏହି ସମ୍ପୂର୍ଣ୍ଣ ଘଟଣାର କିଛି ଦୃଶ୍ୟ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ପ୍ରସାରିତ ହେବାରେ ଲାଗିଛି। ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ପ୍ରଶାସନ ଏବଂ ପୌରପାଳିକା କର୍ମଚାରୀମାନେ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାରୁ ଗଛକୁ କାଟି ହଟାଇବା ସହ ବାଧାପ୍ରାପ୍ତ ହୋଇଥିବା ଗାଡ଼ି ଚଳାଚଳକୁ ପୁନର୍ବାର ସ୍ୱାଭାବିକ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ହେବ ମୁମ୍ବାଇରେ ପ୍ରବଳ ମୌସୁମୀ ବର୍ଷା ସହ ଜୋରରେ ପବନ ବହୁଛି।


# ଭୂଦାନ ଜମିର ବଣ୍ଟନ ଓ ଦାଖଲଖାରଜ ବନ୍ଦ

ଭୁବନେଶ୍ୱର, ୫।୭ (ସମିସ): ଭୂଦାନ ଜମିର ବଣ୍ଟନ କ୍ଷେତ୍ରରେ ପ୍ରଚଳିତ ନିୟମାବଳୀର ସମ୍ପୂର୍ଣ୍ଣ ପାଳନ ଓ ସମ୍ପୃକ୍ତ ଜମିର ଅଭିଲେଖର ଯଥାର୍ଥ ଯାଞ୍ଚ ବିନା ହିତାଧିକାରୀମାନଙ୍କ ସପକ୍ଷରେ ବଣ୍ଟନ କରାଯାଉଛି। ଏହା ଫଳରେ ପରବର୍ତ୍ତୀ ସମୟରେ ଦାଖଲଖାରଜ୍ ଏବଂ ଜମିପଟ୍ଟାରେ ଅନ୍ତର୍ଭୁକ୍ତି ସମୟରେ ବିଭିନ୍ନ ଆଇନଗତ ଜଟିଳତା ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ଭୂଦାନ ଜମିର ବଣ୍ଟନ ଏବଂ ହିତାଧିକାରୀଙ୍କ ସପକ୍ଷରେ ମ୍ୟୁଟେସନ୍ ପ୍ରକ୍ରିୟାକୁ ରାଜସ୍ୱ ବିଭାଗ ସ୍ଥଗିତ ରଖିଛି।

ଏ ସଂକ୍ରାନ୍ତରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ଅରବିନ୍ଦ ପାଢ଼ୀ ସମସ୍ତ ଆରଡିସି, ପଞ୍ଜୀକରଣ ମହାନିରୀକ୍ଷକ (ଆଇଜିଆର୍), ଜିଲ୍ଲାପାଳ ଏବଂ ଜମିଜମା ରେକର୍ଡ ଓ ସର୍ଭେ ନିର୍ଦ୍ଦେଶାଳୟଙ୍କୁ ଚିଠି ଲେଖିଛନ୍ତି। ପୂର୍ବରୁ ବଣ୍ଟନ ହୋଇ ମ୍ୟୁଟେସନ୍ ସମ୍ପନ୍ନ ହୋଇଥିବା ଭୂଦାନ ଜମିର କୌଣସି ପ୍ରକାର ହସ୍ତାନ୍ତରକୁ ପଞ୍ଜୀକରଣ ଅଧିକାରୀମାନେ ତତ୍କାଳ ପ୍ରଭାବରୁ ପଞ୍ଜୀକୃତ କରିବେ ନାହିଁ ବୋଲି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଭୂଦାନ ଯଜ୍ଞ ସମିତିକୁ ଦାନ କରାଯାଇଥିବା ଜମି, ସେଥିରୁ ବଣ୍ଟନ କରାଯାଇଥିବା ଜମି, ହାଲ୍ ଜମିପଟ୍ଟାରେ ରେକର୍ଡ ହୋଇଥିବା ଜମି ଏବଂ ହିତାଧିକାରୀଙ୍କ ସପକ୍ଷରେ ଜାରି ହୋଇଥିବା ଜମି ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ପ୍ରମାଣିତ କରି ଏକ ମାସ ମଧ୍ୟରେ ସରକାରଙ୍କୁ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସରକାରୀ ନିଷ୍ପତ୍ତିକୁ ଗମ୍ଭୀରତାର ସହ ପାଳନ କରିବା ପାଇଁ ସମସ୍ତ ଉପଜିଲ୍ଲାପାଳ, ତହସିଲଦାର ତଥା କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ପ୍ରଦାନ କରିବାକୁ ଆରଡିସି, ଜିଲ୍ଲାପାଳ ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ବଜ୍ରପାତରେ ହାତୀ ମୃତ !

ଢେଙ୍କାନାଳ, ୫।୭ (ସମିସ): ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ରେଞ୍ଜ ବମ୍ପା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ଅନ୍ଧାରୀ ଠାକୁରାଣୀଙ୍କ ନିକଟରେ ଏକ ହାତୀର ମୃତ୍ୟୁ ଘଟିଛି। ହାତୀଟି ବଜ୍ରପାତରେ ମରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅନ୍ଧାରୀ ଠାକୁରାଣୀଙ୍କ ନିକଟରେ ରବିବାର ସକାଳେ ଏକ ପୁରୁଷ ହାତୀର ମୃତଦେହ ଦେଖି ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀ ତୁରନ୍ତ ସେଠାରେ ପହଞ୍ଚି ମୃତଦେହକୁ ଘେରାବନ୍ଦୀ କରି ତଦନ୍ତ କରିଥିଲେ। ପରେ ଢେଙ୍କାନାଳ ଡିଏଫଓ ଓ ସାଇଣ୍ଟିଫିକ ଟିମ ପହଞ୍ଚିଥିଲେ। ପ୍ରାଥମିକ ତଦନ୍ତ ଅନୁଯାୟୀ ବଜ୍ରପାତରେ ହାତୀର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ତଦନ୍ତ ସମୟରେ ବିଦ୍ୟୁତ୍ ଦ୍ୱାରା ମୃତ୍ୟୁ ନେଇ କୌଣସି ସୂଚନା ମିଳିନାହିଁ। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିବ ବୋଲି ବନବିଭାଗ ସୂଚନା ଦେଇଛି। ମୃତ ହାତୀର ବୟସ ୨୫ରୁ ୩୦ବର୍ଷ ହେବ।



# ଉଦ୍‌ଘାଟନ ପୂର୍ବରୁ ଭୁଶୁଡ଼ିଲା ବସ୍‌ଷ୍ଟାଣ୍ଡ ପାଚେରି

ଖଡ଼ିଆଳ, ୫।୭ (ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସରକାରୀ ବସ୍‌ଷ୍ଟାଣ୍ଡ କାମ ନିମ୍ନମାନର ହୋଇଥିବାରୁ ଉଦ୍‌ଘାଟନ ପୂର୍ବରୁ ଗୋଟିଏ ପାର୍ଶ୍ୱର ପାଚେରି ପ୍ରାୟ ୭୦ ଫୁଟ ଭୁଶୁଡ଼ି ପଡ଼ିଛି। ଫଳରେ ୯ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ବସଷ୍ଟାଣ୍ଡ କାର୍ଯ୍ୟର ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠିଛି। ପାଚେରି ଭାଙ୍ଗିବା ଫଳରେ ପାର୍ଶ୍ୱବର୍ତ୍ତୀ କିଛି ଲୋକଙ୍କ କ୍ଷତି ହୋଇଥିବା ଅଭିଯୋଗ ହେଉଛି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ବସ୍‌ଷ୍ଟାଣ୍ଡ ନିର୍ମାଣ କାମରେ ନିମ୍ନମାନର ସାମଗ୍ରୀ ଓ କମ ସିମେଣ୍ଟ ଓ ଅଧିକ ବାଲି ବ୍ୟବହାର ହୋଇଥିବାରୁ ପାଚେରିଟି ଉଦ୍‌ଘାଟନ ପୂର୍ବରୁ ହିଁ ଭୁଶୁଡ଼ି ପଡ଼ିଛି। ଏପରିକି ପାଚେରିର ଅନେକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ତାହା ମଧ୍ୟ ଆଗାମୀ ଦିନରେ ଭୁଶୁଡ଼ି ଯିବାର ସମ୍ଭାବନା ଥିବାବେଳେ ସିମେଣ୍ଟ ଫ୍ଲୋରିଂ ମଧ୍ୟ କେତେକ ସ୍ଥାନରେ ଫାଟିଯାଇଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଏହି ପ୍ରକଳ୍ପରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ପାଚେରି ଭାଙ୍ଗିବା ପରେ ସ୍ଥାନୀୟଲୋକେ ସମ୍ପୃକ୍ତ ବିଭାଗ ଓ ପ୍ରଶାସନଙ୍କ ନିକଟରେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଦାୟିତ୍ୱରେ ଥିବା ଠିକାଦାର ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଯାଞ୍ଚ କରିବାକୁ ଦାବି ହେଉଛି।



# ଭିଜିଲାନ୍ସ ଜାଲରେ ନିମ୍ନା ସରପଞ୍ଚ

ତରଭା, ୫।୭ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ ନିମ୍ନା ପଞ୍ଚାୟତର ସରପଞ୍ଚ ସୂର୍ଯ୍ୟକାନ୍ତି ପାଣ୍ଡେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ପଞ୍ଚାୟତର ଏକ ପୋଖରୀକୁ ମାଛ ଚାଷ ପାଇଁ ଠିକାରେ ନେଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ସମ୍ବଲପୁର ଭିଜିଲାନ୍ସ ତାଙ୍କୁ ଧରିଛି। ତାଙ୍କ ପାଖରୁ ଲାଞ୍ଚ ଟଙ୍କା ଜବତ ହୋଇଛି। ସଂପୃକ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଞ୍ଚ ବର୍ଷ ପାଇଁ ପଞ୍ଚାୟତ ପୋଖରୀ ଠିକାରେ ନେଇଛି। ମାଛ ଚାଷ କରିବା ପାଇଁ ଆବଶ୍ୟକ ଚୁକ୍ତିନାମାରେ ସରପଞ୍ଚଙ୍କ ସ୍ୱାକ୍ଷର ଓ ଜିଲ୍ଲା ମତ୍ସ୍ୟ ବିଭାଗ ପାଖରୁ ସବସିଡି ଅନୁମୋଦନ ପାଇଁ ସୁପାରିଶ କରିବାକୁ ସରପଞ୍ଚ ୪୦ ହଜାର ଟଙ୍କା ଦାବି କରିଥିଲେ। ତେବେ ସମ୍ପୃକ୍ତ ଏସଏଚଜିର କର୍ମକର୍ତ୍ତା ଏତେ ଟଙ୍କା ଦେବାରେ ଅକ୍ଷମତା ପ୍ରକାଶ କରିଥିଲେ। ଶେଷରେ ମୁଲଚାଲ କରି ୨୦ ହଜାର ଟଙ୍କାରେ କଥା ଛିଣ୍ଡିଥିଲା। ଏହାପରେ ସଂପୃକ୍ତ ଏସଏଚଜିର କର୍ମକର୍ତ୍ତା ସମ୍ବଲପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ରବିବାର ନିରନ୍ତର ବର୍ଷା ଲାଗି ରହିଥିଲେ ସୁଦ୍ଧା କର୍ମକର୍ତ୍ତା ସରପଞ୍ଚଙ୍କୁ ଟଙ୍କା ଦେବାକୁ ଯାଇଥିଲେ। ସରପଞ୍ଚ ଟଙ୍କା ନେବା ପରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଦଳ ମାଡ଼ି ବସିଥିଲେ। ତାଙ୍କ ପାଖରୁ ରାସାୟନିକ ପ୍ରଲେପ ଲାଗିଥିବା ଟଙ୍କା ଜବତ କରାଯାଇଛି। ଏ ନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଛି। ଭିଜିଲାନ୍ସ ଦଳ ସରପଞ୍ଚଙ୍କ ଘର ଓ କାର୍ଯ୍ୟାଳୟରେ ମଧ୍ୟ ଚଢ଼ଉ କରିଛନ୍ତି।



## ଚିଠା ଭୋଟର ତାଲିକାକୁ ନେଇ ବିଜେଡିର ସାଂଘାତିକ ଅଭିଯୋଗ

# ୨୦ ଲକ୍ଷ ନୁହେଁ; ବାଦ୍ ପଡ଼ିଛନ୍ତି ୨୭ ଲକ୍ଷ ଭୋଟର

ଭୁବନେଶ୍ୱର, ୫।୭ (ସମିସ): ରାଜ୍ୟରେ ଏସ୍‌ଆଇଆର ପ୍ରକ୍ରିୟା ସମାପ୍ତ ପରେ ପ୍ରକାଶିତ ଚିଠା ଭୋଟର ତାଲିକାକୁ ନେଇ ସାଂଘାତିକ ଅଭିଯୋଗ ଆଣିଛି ବିଜୁ ଜନତା ଦଳ। ଚିଠା ଭୋଟର ତାଲିକାରେ ୨୦ ଲକ୍ଷ ନୁହେଁ; ବରଂ ୨୭ ଲକ୍ଷ ଭୋଟର ବାଦ୍ ପଡ଼ିଛନ୍ତି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯିବା ସହ ଭୋଟରମାନଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରିବାକୁ ଚକ୍ରାନ୍ତ ହେଉଛି ବୋଲି ଅଭିଯୋଗ କରାଯାଇଛି। ବିଜେଡି ପକ୍ଷରୁ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଓ ସାଧାରଣ ସମ୍ପାଦକ ବିଜୟ ନାୟକ ସମ୍ପୂର୍ଣ୍ଣ ଏସ୍‌ଆଇଆର ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

ଦଳର ବରିଷ୍ଠ ଉପସଭାପତି ଶ୍ରୀ ମିଶ୍ର କହିଛନ୍ତି ଯେ ଏସ୍‌ଆଇଆର ପାଇଁ ବିଭିନ୍ନ ସମୟରେ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ଅନ୍ୟ ଅଧିକାରୀମାନେ ରାଜନୈତିକ ଦଳମାନଙ୍କ ସହ ଆଲୋଚନା କରିଥିଲେ। ଏସଆଇଆର ପ୍ରକିୟା ଆରମ୍ଭ ସମୟରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରଦତ୍ତ ଭୋଟର ତାଲିକା ଏବଂ ବର୍ତ୍ତମାନର ପ୍ରକାଶିତ ଭୋଟର ତାଲିକାରେ ଅନେକ ତାରତମ୍ୟ ପରିଲକ୍ଷିତ ହୋଇଛି। ୨୦୨୫ ମସିହାର ଚୂଡ଼ାନ୍ତ ଭୋଟର ତାଲିକାରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ୩ କୋଟି ୪୦ଲକ୍ଷ ୭୨ ହଜାର ୭୪୪ ଜଣ ଭୋଟରଙ୍କ ନାମ ୱେବ୍‌ସାଇଟରେ ଉପଲବ୍ଧ ଥିଲା। ମେ ମାସ ୧୪ ତାରିଖରେ ଏସ୍‌ଆଇଆର ପାଇଁ ଓଡ଼ିଶାରେ ଭାରତୀୟ ନିର୍ବାଚନ କମିସନ ଦ୍ୱାରା ବିଜ୍ଞପ୍ତି ହେବା ପରେ ମେ ୧୫ ତାରିଖରେ ବିଭିନ୍ନ ରାଜନୈତିକ ଦଳର ବୈଠକରେ ୩ କୋଟି ୩୪ଲକ୍ଷ ଭୋଟର ଥିବା ନେଇ ତଥ୍ୟ ପ୍ରଦାନ ହୋଇଥିଲା। ପୁଣି ଜୁନ୍ ୧୨ ତାରିଖରେ ତାହାକୁ ୩ କୋଟି ୩୩ଲକ୍ଷ ୯୯ହଜାର ୫୯୧ଜଣ ବୋଲି ଦର୍ଶାଯାଇଥିଲା। ତେବେ ଆଜି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଥିବା ଚିଠା ଭୋଟର ତାଲିକାରେ ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ଜଣ ଭୋଟର ଥିବା କୁହାଯାଇଛି। ପ୍ରଦତ୍ତ ତଥ୍ୟ ମଧ୍ୟରେ କିଛି ତାଳମେଳ ରହୁନାହିଁ। ୨୦୨୫ ଚୂଡ଼ାନ୍ତ ତାଲିକାରେ ଥିବା ଭୋଟର ସଂଖ୍ୟାକୁ ଅନୁଶୀଳନ କଲେ ଓଡ଼ିଶାରେ ବାସ୍ତବରେ ୨୭ଲକ୍ଷ ଭୋଟର ଏହି ଚିଠା ତାଲିକାରୁ ବାଦ୍ ପଡ଼ିଛନ୍ତି। ପୂର୍ବରୁ ଯାହା ଆଶଙ୍କା କରାଯାଉଥିଲା, ସେହି ଅନୁଯାୟୀ ଅନେକ ନିର୍ବାଚନମଣ୍ଡଳୀର ଭୋଟର ତାଲିକାରେ ତାରତମ୍ୟ ରହିଛି। ରାଜ୍ୟର ୧୪୭ଟି ନିର୍ବାଚନମଣ୍ଡଳୀରୁ ୭୫ଟିରେ ୧୦,୦୦୦ରୁ ଉର୍ଦ୍ଧ୍ୱ, ତା'ମଧ୍ୟରୁ ୪୯ଟିରେ ୧୫,୦୦୦ରୁ ଉର୍ଦ୍ଧ୍ୱ ଭୋଟର ତାଲିକାରୁ ବାଦ୍ ପଡିଛନ୍ତି। ଏସଆଇଆର ପ୍ରକ୍ରିୟାରୁ ଅନେକ ଲୋକ ବାଦ୍ ପଡିବା ଏକ ଚିନ୍ତାଜନକ ବିଷୟ ପାଲଟିଛି। ଏସଆଇଆର ଦ୍ୱାରା ଶୁଦ୍ଧ ଓ ତ୍ରୁଟି ଶୂନ୍ୟ ଭୋଟର ତାଲିକା ପ୍ରକାଶ ନେଇ ଜାତୀୟ ମୁଖ୍ୟ ନିର୍ବାଚନ ଅଧିକାରୀ ଯେଉଁ ଘୋଷଣା କରିଥିଲେ, ତାହା ଏଠାରେ ପରିପ୍ରକାଶ ହୋଇ ପାରିଲାନାହିଁ। ନିର୍ବାଚନରେ ମତଦାନ କରିବା ଭୋଟରଙ୍କ ମୌଳିକ ଅଧିକାର ହୋଇଥିବା ବେଳେ ତାହାକୁ କ୍ଷୁଣ୍ଣ କରିବାକୁ ଚକ୍ରାନ୍ତ ହେଉଛି ବୋଲି ଶ୍ରୀ ମିଶ୍ର କହିଛନ୍ତି।

ସେହିପରି ସାଧାରଣ ସମ୍ପାଦକ ଶ୍ରୀ ନାୟକ କହିଛନ୍ତି ଯେ ୨୦୨୫ ମସିହାରେ ଚୂଡାନ୍ତ ଭୋଟର ତାଲିକାରେ ପ୍ରକାଶ ପାଇଥିବା ତଥ୍ୟ ଏବଂ ଏସଆଇଆର ଆରମ୍ଭ ବେଳକୁ ପ୍ରକାଶିତ ଭୋଟର ସଂଖ୍ୟାରେ ତାରତମ୍ୟ ପରିଲିକ୍ଷିତ ହୋଇଥିଲା। ଭୋଟର ତାଲିକାରେ ଏହି ପ୍ରକାର ତାରତମ୍ୟ ନେଇ ବିଜେଡି ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। କିନ୍ତୁ ସେ ତାହାର ସଂଶୋଧନ ନ କରି ଭୋଟର ତାଲିକା ପ୍ରକାଶ କରିଛନ୍ତି। ପ୍ରକାଶିତ ଭୋଟର ତାଲିକରେ ୩ କୋଟି ୧୩ ଲକ୍ଷ ଭୋଟର ଅଛନ୍ତି। ଦଳମାନଙ୍କୁ ୨୦ଲକ୍ଷ ୧୨ହଜାର ଭୋଟର ବାଦ୍ ପଡିଥିବା କୁହାଯାଇଛି। କିନ୍ତୁ ଗଣମାଧ୍ୟମରେ ସିଇଓ ୨୦ଲକ୍ଷ ୧୪ ହଜାର ଭୋଟର ତାଲିକାରୁ ବାଦ୍ ପଡିଥିବା ନେଇ କହିଛନ୍ତି। ମେ ୩୦ରୁ ୨୮ ଜୁନ ପର୍ଯ୍ୟନ୍ତ ହୋଇଥିବା ଏସଆଇଆର ପ୍ରକ୍ରିୟାରେ ବହୁ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ହୋଇଛି। ଏସଆଇଆରରେ ଭୋଟର ବୃଦ୍ଧି ପାଇବା ସ୍ଥାନରେ କମିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକ୍ରିୟାରେ ୧୩ଟି ଜଟିଳ ଅସଂଗତ ତଥ୍ୟ ପାଇଁ ଅନେକ ଭୋଟର ବାଦ୍ ହୋଇଛନ୍ତି। ତାହାକୁ ସରଳୀକରଣ କରି ଯୋଗ୍ୟ ଭୋଟରଙ୍କୁ ତାଲିକାରେ ଯୋଡ଼ାଯାଉ। ସେହିପରି ବିଏଲଓମାନଙ୍କୁ ସଠିକ୍ ଭାବରେ ତାଲିମ ଦିଆଯାଇ ନ ଥିବାରୁ ତ୍ରୁଟିପୂର୍ଣ୍ଣ ଭାବେ ଏସଆଇଆର ପ୍ରକ୍ରିୟା ହୋଇଥିବା ଶ୍ରୀ ନାୟକ କହିଛନ୍ତି। ଏହାର ତୁରନ୍ତ ସୁଧାର କରିବା, ପ୍ରକ୍ରିୟା ସରଳୀକରଣ କରିବା ଓ ଅସଂଗତିଗୁଡିକ ସମାଧାନ ନିମନ୍ତେ ବିଜେଡି ପକ୍ଷରୁ ଦାବି କରାଯାଇଛି।



- ଭୋଟରଙ୍କ ମୌଳିକ ଅଧିକାର କ୍ଷୁଣ୍ଣ କରାଯାଉଛି
- ପ୍ରକ୍ରିୟାରେ କଟିଛନ୍ତି ଅନେକ ଯୋଗ୍ୟ ଭୋଟର
- ଯୋଗ୍ୟ ଭୋଟରଙ୍କୁ ତାଲିକାଭୁକ୍ତ ପାଇଁ ଦାବି

**ସରକାରଙ୍କ ଉପରେ ବର୍ଷିଲେ ଭକ୍ତ, ନିରଞ୍ଜନ ଓ ଜୟଦେବ**

# କେନ୍ଦୁଝର ଏବେ ଭୋକର ଭୂଗୋଳ ପାଲଟିଛି

ଭୁବନେଶ୍ୱର, ୫।୭ (ସମିସ): କଂଗ୍ରେସରେ ବରିଷ୍ଠ ନେତାଙ୍କ ମଧ୍ୟରେ ସବୁ କିଛି ଠିକ ଚାଲି ନ ଥିବା ଚର୍ଚ୍ଚା ମଧ୍ୟରେ ରବିବାର ଦୃଷ୍ଟିଗୋଚର ହୋଇଛି ଏକ ରୋଚକ ଘଟଣା। ଦୁଇଜଣ ପୂର୍ବତନ ପିସିସି ସଭାପତିଙ୍କ ସହ ବର୍ତ୍ତମାନର ପିସିସି ସଭାପତି ଏକାଠି ସରକାରଙ୍କ ଉପରେ ବର୍ଷିଛନ୍ତି। ନୂତନ ପିସିସି ପ୍ରଭାରୀ ଲାଲ୍‌ଜୀ ଦେଶାଇଙ୍କ କର୍ଣ୍ଣମନ୍ତ୍ର କଂଗ୍ରେସ ନେତାଙ୍କୁ କାମ କରିଛି ଏବଂ ନିରଞ୍ଜନ, ଜୟଦେବଙ୍କ ସହ ଭକ୍ତ ଏକାଠି ହୋଇ ଦଳକୁ ନୂଆ ବାର୍ତ୍ତା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ମଧ୍ୟ ସାମିଲ ହୋଇଛନ୍ତି।

କେନ୍ଦୁଝର ଜିଲ୍ଲା ସହ ଘନିଷ୍ଠ ଜଡ଼ିତ। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ଏହି ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଛନ୍ତି। ତେଣୁ ସରକାରଙ୍କୁ ଘେରିବା ପାଇଁ କଂଗ୍ରେସ ଏବେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ନିଶାଣ କରିଛି। ଦୁଇ ପୂର୍ବତନ ପିସିସି ସଭାପତି ଓ ପିସିସି ସଭାପତି ଭକ୍ତ ଚରଣ ଦାସ କେନ୍ଦୁଝର ଗସ୍ତ କରି ସ୍ଥିତି ଅନୁଧ୍ୟାନ ପରେ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି।

ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ ଭୋକର ଭୂଗୋଳ ଦିନେ କଳାହାଣ୍ଡିକୁ କୁହା ଯାଉଥିଲା; କିନ୍ତୁ ଆଜି କେନ୍ଦୁଝର ଭୋକର ଭୂଗୋଳ ପାଲଟି ଯାଇଛି। ବାହାର ରାଜ୍ୟର ଶିଳ୍ପପତି ଆସି ଲୁଟକରି ନିଜ ରାଜ୍ୟର କାରଖାନାକୁ କଞ୍ଚାମାଲ ପଠାଉଛନ୍ତି ମାତ୍ର ସେହି ଖଣିଜ ସମ୍ପଦଉପରେ ଅଧିକାର ରଖୁଥିବା ଆଦିବାସୀ ଯୁବକ ଯୁବତୀ ବାହାର ରାଜ୍ୟକୁ ଦାଦନ ଖଟିଯିବାକୁ ବାଧ ହେଉଛନ୍ତି। କେନ୍ଦୁଝର ଜିଲ୍ଲାରେ ଯେତେ ଖଣିକାମ ହେଉଛି ତାର ଯଦି ଶତକଡା ୫ଭାଗ ମେନୁଆଲ କାର୍ଯ୍ୟ କରାଯାଆନ୍ତା ତେବେ ଜିଲ୍ଲାର କର୍ମନିଯୁକ୍ତି ସମସ୍ୟା ଦୂର ହୋଇପାରନ୍ତା। ତେବେ ଲଜ୍ଜାର ବିଷୟ ହେଉଛି ଜୁଆଙ୍ଗ ଅଧ୍ୟୁଷିତ ଅଞ୍ଚଳରୁ ଦାଦନ ବୋହିବା ପାଇଁ ୩ଟି ଦାଦନ ଏକ୍ସପ୍ରେସ ବସ୍ ଚାଲିଛି। ତେଣୁ ସରକାର ଜିଲ୍ଲାର ଆଦିବାସୀ ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରନ୍ତୁ ଓ ତାମିଲନାଡୁରେ ଗ୍ୟାସ ମୃତକଙ୍କ ପ୍ରତ୍ୟେକ ପରିବାରକୁ ୨୫ ଲକ୍ଷ ଟଙ୍କା ଲେଖାଏ ଦିଅନ୍ତୁ।

କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ ଆଦିବାସୀ କିଭଳି ଅବହେଳିତ ଓ ପ୍ରତାରିତ ତାହାର ନଗ୍ନ ଉଦାହରଣ କେନ୍ଦୁଝର ଜିଲ୍ଲା ବୋଲି କହିବା ସହ ମୁଖ୍ୟମନ୍ତ୍ରୀ ଆଦିବାସୀ ଶୋକ ସନ୍ତପ୍ତ ପରିବାରକୁ ଭେଟିବାକୁ ସମୟ ପାଇଲେ ନାହିଁ ବୋଲି ସମାଲୋଚନା କରିଛନ୍ତି। ପୂର୍ବତନ ପିସିସି ସଭାପତ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ରାଜ୍ୟରେ ୬୪ ପ୍ରକାର ଆଦିବାସୀ ବସବାସ କରନ୍ତି ଏବଂ ତନ୍ମଧ୍ୟରୁ ୧୩ ପ୍ରକାର କେବଳ କେନ୍ଦୁଝରରେ ବାସ କରନ୍ତି। କେନ୍ଦୁଝରରୁ କେତେ ଆଦିବାସୀ ଦାଦନ ଖଟିବାକୁ ଯାଇଛନ୍ତି ସରକାରଙ୍କ ପାଖରେ ତଥ୍ୟ ନାହିଁ। ସରକାର କେନ୍ଦୁଝର ଖଣି ଗୁଡିକୁ ଲକ୍ଷ ଲକ୍ଷ କୋଟି ଟଙ୍କାରେ ନିଲାମ କରୁଛନ୍ତି। କିନ୍ତୁ କେନ୍ଦୁଝର ବିକାଶ ହେଉନି ବୋଲି ସେ କଟାକ୍ଷ କରିଛନ୍ତି। ଅନ୍ୟତମ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ନିଜ ବକ୍ତବ୍ୟରେ କହିଛନ୍ତି ଯେ କେନ୍ଦୁଝର ମୋ ନିଜ ଜିଲ୍ଲା ତଥା ରାଜନୈତିକ କ୍ଷେତ୍ର। ତେଣୁ ଏହି ଦାରୁଣ ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ମୋର ପରମ କର୍ତ୍ତବ୍ୟ। "ବିକାଶ ଧାରା ଓଡିଶା ସାରା' ସରକାରଙ୍କ ସ୍ଲୋଗାନର ବାସ୍ତବ ଚିତ୍ର କେନ୍ଦୁଝର କହୁଛି ବୋଲି କହି ସେ କ୍ଷୋଭ ପ୍ରକାଶ କରିଛନ୍ତି। କେନ୍ଦୁଝରରୁ ୧୦୦ ଜଣ ଦାଦନଙ୍କୁ ଦଲାଲ ଶ୍ରୀକାନ୍ତ ଜୁଆଙ୍ଗ ସହରର ବଡ଼ ଦଲାଲାଙ୍କ ଜରିଆରେ ଚାଲାଣ କରିଥିଲା। ଏମାନଙ୍କ ମଧ୍ୟରେ ମୃତାହତ ଅନ୍ତର୍ଭୁକ୍ତ। ଏପର୍ଯ୍ୟନ୍ତ ତାକୁ ଗିରଫ କରାଯାଇ ନାହିଁ କାହିଁକି ବୋଲି କହି ସେ ପ୍ରଶ୍ନ କରିଛନ୍ତି।




## ଗ୍ୟାସ୍ ଦୁର୍ଘଟଣା ମୃତକ ପରିବାରକୁ ଭେଟିଲା କଂଗ୍ରେସ

ଦିନକ ତଳେ ନବନିଯୁକ୍ତ ପିସିସି ପ୍ରଭାରୀ ଅନୁଶାସନ ଓ ଏକାଠି ଲଢ଼ିବାକୁ ଦେଇଥିବା ବାର୍ତ୍ତା କଂଗ୍ରେସରେ ବେଶ୍ ପରିବର୍ତ୍ତନ ଆଣିଥିବା କୁହାଯାଉଛି।

ତାମିଲନାଡୁର ତିରୁଭଲ୍ଲୁରଠାରେ ଥିବା ସେଣ୍ଟ ପଲ ଖାଦ୍ୟ ପ୍ରକ୍ରିୟାକରଣ କାରଖାନାରେ ଗ୍ୟାସ ଲିକ ହୋଇ କେନ୍ଦୁଝର ଜିଲ୍ଲାର ୧୪ ଜଣ ନାବାଳିକା ଓ ମହିଳାଙ୍କ ମୃତ୍ୟୁ ଘଟିଛି। ଦୁଇ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନା

## ମିଳିଲାନି ଶବବାହକ ଗାଡ଼ି

# ବାଇକ୍‌ରେ ସ୍ତ୍ରୀର ଶବ ନେଲେ ସ୍ୱାମୀ




ଝାରସୁଗୁଡ଼ା, ୫।୭ (ସମିସ): ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ବିକାଶ ନେଇ ସରକାର ଡିଣ୍ଡିମ ପିଟୁଛନ୍ତି; ହେଲେ ଝାରସୁଗୁଡ଼ା ଜିଲ୍ଲାରେ ସାଧାରଣ ଶବବାହକ ଗାଡ଼ିଟିଏ ନ ମିଳିବାରୁ ଜଣେ ବ୍ୟକ୍ତି ବାଇକ୍‌ରେ ତାଙ୍କ ସ୍ତ୍ରୀର ଶବ ଧରି ଘରକୁ ନେଇଛନ୍ତି। ଏହି ଦୃଶ୍ୟ ସ୍ୱାସ୍ଥ୍ୟସେବାର ଚରମ ଅବହେଳାକୁ ପଦାରେ ପକାଇଛି। ଲଇକେରା ବ୍ଲକ୍ ଭାତଲଇଡ଼ା ପଞ୍ଚାୟତର ଓଡ଼ିଆପାଲିର ନରେଶ ଛତ୍ରିଆଙ୍କ ପତ୍ନୀ ଯମୁନା ଛତ୍ରିଆ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ମୁଦ୍ରାଜୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପ୍ରକୃତ ଦୁର୍ଦ୍ଦଶା ଆରମ୍ଭ ହୋଇଥିଲା ମୃତ୍ୟୁ ପରେ। ମୃତଦେହ ଗାଁକୁ ନେବା ପାଇଁ ହସ୍ପିଟାଲ ପକ୍ଷରୁ କୌଣସି ଶବବାହକ ଗାଡ଼ି କିମ୍ବା ଆମ୍ବୁଲାନ୍ସ ଯୋଗାଇ ଦିଆଯାଇ ନ ଥିଲା। ଅସହାୟ ନରେଶ ବହୁ ଚେଷ୍ଟା କରି ନିରାଶ ହେବା ପରେ ଶେଷରେ ଜଣେ ପଡ଼ୋଶୀଙ୍କ ବାଇକ୍ ସାହାଯ୍ୟରେ ପତ୍ନୀଙ୍କ ଶବକୁ ଲୁଗାରେ ଗୁଡ଼ାଇ ଗାଁକୁ ଫେରିଥିଲେ।

# ଶ୍ୟାମାପ୍ରସାଦ ମୁଖାର୍ଜୀ ଥିଲେ ସମର୍ପିତ ରାଷ୍ଟ୍ରନେତା: ମୁଖ୍ୟମନ୍ତ୍ରୀ

## ଡ. ମୁଖାର୍ଜୀଙ୍କ ବଳିଦାନ ଦେଶ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି

ଭୁବନେଶ୍ୱର, ୫।୭ (ସମିସ): ଡା.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୀବନ ଏହି ଦେଶ ପାଇଁ ଏମିତି ଏକ ଅମୂଲ୍ୟ ଉପହାର, ଯାହା ପ୍ରତିଟି ଭାରତବାସୀଙ୍କୁ ରାଷ୍ଟ୍ରଭକ୍ତି ଓ ସେବାର ଅନନ୍ତ ପ୍ରେରଣା ଦେଇଥାଏ। ସେ କେବଳ ଜଣେ ଅନନ୍ୟ ଶିକ୍ଷାବିତ୍ ନ ଥିଲେ, ବରଂ ଜଣେ ସମର୍ପିତ ରାଷ୍ଟ୍ରନେତା ଓ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତକ ଥିଲେ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ରାଜ୍ୟ ସଭାନେତ୍ରୀ ଡା.ଐଶ୍ୱର୍ଯ୍ୟା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଭାରତୀୟ ଭାଷା, ବିଶେଷ କରି ବଙ୍ଗଳା, ହିନ୍ଦୀ ଓ ଉର୍ଦ୍ଦୁର ବିକାଶ ପାଇଁ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପଦକ୍ଷେପ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ସ୍ୱାଧୀନ ଭାରତର ଅନ୍ତରୀଣ ମନ୍ତ୍ରିମଣ୍ଡଳରେ ଶିଳ୍ପ ଓ ଯୋଗାଣ ମନ୍ତ୍ରୀ ଭାବେ ତାଙ୍କର ଯୋଗଦାନ ଅତୁଳନୀୟ ଥିଲା। ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ଭାବେ ସେ ଦେଶର ଭବିଷ୍ୟତ ନିର୍ମାଣରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ହିନ୍ଦୁମାନଙ୍କ ସ୍ୱାର୍ଥରକ୍ଷା ପାଇଁ ହିନ୍ଦୁବହୁଳ ବଙ୍ଗପ୍ରଦେଶର ପଶ୍ଚିମଭାଗକୁ ଭାରତରେ ମିଶ୍ରଣ କରିବା ପାଇଁ ପ୍ରବଳ ଜନମତ ପ୍ରସ୍ତୁତ କରି ଏ ଦିଗରେ ସଫଳ ହୋଇଥିଲେ। ତାଙ୍କ ଗଠିତ ରାଜନୈତିକ ଦଳ ଭାରତୀୟ ଜନସଂଘ ଅନେକ ଉତ୍‌ଥାନ ପତନ ଦେଇ ପରବର୍ତ୍ତୀ ସମୟରେ 'ଭାରତୀୟ ଜନତା ପାର୍ଟି' ନାମରେ ଆଜି ଦେଶର ତଥା ବିଶ୍ୱର ୧ ନମ୍ବର ରାଜନୈତିକ ଦଳ ଭାବେ ଉଭା ହୋଇଛି। ଶ୍ୟାମାପ୍ରସାଦଙ୍କର ସେହି ଅଧୁରା ସ୍ୱପ୍ନକୁ ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମ୍ବିଧାନର ୩୭୦ ଧାରା ଓ ୩୫(କ) ଉଚ୍ଛେଦ କରି ପୂରଣ କରିଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି। ନାରୀ ଶକ୍ତିର ଅଧିକାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦରେ ନାରୀଶକ୍ତି ବନ୍ଦନ ଅଧିନିୟମ ଆଣିଛନ୍ତି। ମୋଦୀଜୀଙ୍କ ନେତୃତ୍ୱରେ ନାରୀ ଶକ୍ତିର ସମ୍ମାନ ଓ ଅଧିକାରକୁ ନିଶ୍ଚିତ ଭାବରେ ସୁରକ୍ଷିତ କରାଯିବ ବୋଲି ଶ୍ରୀ ମାଝୀ କହିଛନ୍ତି।




# ଭିଡିଓ ସୁଟିଂ ବାହାନାରେ ଡକାୟତି

ଧର୍ମଗଡ଼, ୫।୭ (ସମିସ): ଜନ୍ମଦିନ ପାଳନ ପାଇଁ ଭିଡିଓ ସୁଟିଂ ବାହାନାରେ ଯୋଜନାବଦ୍ଧ ଭାବେ ଡକାୟତି ଓ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ କେଗାଁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଗତ ୨ ତାରିଖ ଦିନ କେଗାଁ ଥାନା ଅଧୀନ ମକରାଗୁଡ଼ା ଗ୍ରାମର ଆଦିତ୍ୟ ବାଗ (୨୧) କଲମପୁର ଥାନା ଅଧୀନ ପଣ୍ଡି ଗାଁ ର ଘନଶ୍ୟାମ ଦୁର୍ଗାଙ୍କୁ ଗୋଲାମୁଣ୍ଡା ବ୍ଲକ ବାଗମୁଣ୍ଡା ଗ୍ରାମରେ ଏକ ଜନ୍ମ ଦିନ ପାଳନ ଅବସରରେ ଭିଡିଓ ସୁଟିଂ ପାଇଁ ଫୋନ୍ କରି ଅଗ୍ରୀମ ଆକାରରେ ୫୦୦୦ ଟଙ୍କା ଫୋନ୍ ପେ' ମାଧ୍ୟମରେ ପଠାଇଥିଲେ। ପରେ ଜୁନାଗଡ଼ ଥାନା ଅଧୀନ ପିଲିକିଆ ଗ୍ରାମର ରାକେଶ ନାଏକ ଓ ଘନଶ୍ୟାମ ଦୁର୍ଗା ଭିଡିଓ ସୁଟିଂ ପାଇଁ ଦୁଇଟି କ୍ୟାମେରା ସହ ଯାବତୀୟ ସାମଗ୍ରୀ ଧରି ବାଗମୁଣ୍ଡା ବାହାରିଥିଲେ। ଦୁଇ ଜଣକୁ ରାସ୍ତା ଦେଖାଇବା ପାଇଁ ଆଦିତ୍ୟ ବାଗ ଗୋଲାମୁଣ୍ଡା ଠାରେ ଅପେକ୍ଷା କରିଥିଲେ। ପରେ ଗୋଟିଏ ସ୍କୁଟିରେ ତିନି ଜଣ ବାଗମୁଣ୍ଡା ଅଭିମୁଖେ ବାହାରିଥିଲେ। ଠିକ୍ ରାତି ୯ ଘଣ୍ଟା ସମୟରେ ଆଦିତ୍ୟ ବାଗ ଏକ ନିଛାଟିଆ ସ୍ଥାନ ବାବେରମୁଣ୍ଡା ଡ୍ୟାମ୍ ସରପ୍ଲସ ପୋଲ ନିକଟରେ ପରିସ୍ରା ଯିବା ବାହାନାରେ ଅଟକି ଥିଲେ। ଏହି ସମୟରେ ହଠାତ୍ ୪ ଜଣ ବ୍ୟକ୍ତି ମୁହଁରେ ଗାମୁଛା ଘୋଡାଇ ମାରଣାସ୍ତ୍ର ଧରି ଉକ୍ତ ସ୍ଥାନରେ ପହଞ୍ଚି ଦୁଇ ଜଣଙ୍କ ଆଖିରେ ମରିଚ ଗୁଣ୍ଡ ଫିଙ୍ଗି ଆକ୍ରମଣ କରି ଘନଶ୍ୟାମ ବାଗକୁ ପୋଲତଳକୁ ଫିଙ୍ଗି ଦେଇଥିଲେ। କୌଶଳ କ୍ରମେ ରାକେଶ ନାଏକ ଡକାୟତି ଗ୍ୟାଙ୍ଗଙ୍କ ଠାରୁ ଖସି ପଳାଇଥିଲେ। ସେମାନଙ୍କ ଠାରୁ ଦୁଇଟି ଭିଡିଓ କ୍ୟାମେରା ସହ ସମସ୍ତ ସାମଗ୍ରୀ ଛଡ଼ାଇ ନେଇ ପଳାଇଥିଲେ। ଡକାୟତି ଗ୍ୟାଙ୍ଗ ସହ ଆଦିତ୍ୟ ବାଗ ମଧ୍ୟ ଚମ୍ପଟ ମାରି ମୋବାଇଲ ଫୋନ୍ ବନ୍ଦ କରି ଦେଇଥିଲା। ଅନ୍ୟପଟେ ରାକେଶ ନାଏକ ନିକଟସ୍ଥ ବାବେରମୁଣ୍ଡା ଗ୍ରାମ ଯାଇ ଗ୍ରାମର ୭/୮ ଜଣ ବ୍ୟକ୍ତିଙ୍କୁ ଧରି ଘଟଣାସ୍ଥଳରେ ପହଞ୍ଚି ପୋଲତଳୁ ଘନଶ୍ୟାମଙ୍କୁ ଉଦ୍ଧାର କରି ଚପରିଆ ମେଡିକାଲ ନେଇ ପ୍ରାଥମିକ ଚିକିତ୍ସା ପରେ ଧର୍ମଗଡ ମେଡିକାଲ ନିଆଯାଇଥିଲା। ପରେ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନ ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭବାନିପାଟଣାକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଡାହାଣ ହାତ ଭାଙ୍ଗି ଯାଇଛି। ଏନେଇ ରାକେଶ ନାଏକ କେଗାଁ ଥାନାରେ ଅଭିଯୋଗ କରି ଘଟଣାର ମାଷ୍ଟରମାଇଣ୍ଡ ଆଦିତ୍ୟ ବାଗ ସହ ସମସ୍ତ ଡକାୟତି ଗ୍ୟାଙ୍ଗକୁ ଗିରଫ କରିବାକୁ ଦାବି କରିଛନ୍ତି।



## ଲଘୁଚାପ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ

# ଜିଲ୍ଲାରେ ପ୍ରବଳ ବର୍ଷା

କୋରାପୁଟ,୬।୭(ସମିସ): କୋରାପୁଟରେ ଛେଚୁଛି ବର୍ଷା। ଲଘୁଚାପ ପ୍ରଭାବରେ ଜିଲ୍ଲାରେ ଦିନତମାମ ବର୍ଷା ଲାଗି ରହିଛି। ଲଗାଣ ଝିପିଝିପି ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ଜିଲ୍ଲାରେ ଆଜି ଗୋଟିଏ ଦିନରେ ସର୍ବାଧିକ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଜିଲ୍ଲାରେ ହାରାହାରି ୯୭.୯୬ ମିଲିମିଟର ବର୍ଷା ହୋଇଥିବା ବେଳେ କୋରାପୁଟ ବ୍ଲକରେ ୧୨୭.୨,ଲମତାପୁଟ ବ୍ଲକରେ ୧୧୯.୩, ପଟ୍ଟାଙ୍ଗୀ ବ୍ଲକରେ ୬୯.୨, ବନ୍ଧୁଗାଁ ବ୍ଲକରେ ୩୧, ନନ୍ଦପୁର ବ୍ଲକରେ ୫୫,ଦଶମନ୍ତପୁର ବ୍ଲକରେ ୧୧୪,ନାରାୟଣପାଟଣା ବ୍ଲକରେ ୭୩.୨, ଲକ୍ଷ୍ମୀପୁର ବ୍ଲକରେ ୮୯.୨, ସେମିଲିଗୁଡା ବ୍ଲକରେ ୧୨୭.୧, ଜୟପୁର ବ୍ଲକରେ ୧୩୦.୪, କୋଟପାଡ ବ୍ଲକରେ ୭୨, କୁନ୍ଦୁରା ବ୍ଲକରେ ସର୍ବାଧିକ ୧୦୦.୬,ବୋରିଗୁମ୍ମା ବ୍ଲକରେ ୧୪୨.୨ ଏବଂ ବୈପାରୀଗୁଡା ବ୍ଲକରେ ୧୨୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଲଘୁଚାପ ଜନିତ ବର୍ଷାରେ କୋରାପୁଟ ଜିଲ୍ଲାର ସ୍ଥିତି ବେହାଲ ହୋଇଛି। ଜିଲ୍ଲାରେ ସମସ୍ତ ବ୍ଲକରେ ବର୍ଷାର ପ୍ରଭାବରେ ରାସ୍ତା ଘାଟରେ ପାଣି ଯାତାୟାତକୁ ପ୍ରଭାବିତ କରିଛି। ଚାଷ ଜମି ଜଳାର୍ଣ୍ଣବ ହୋଇ ତଳିଆ ବର୍ଷକର ଚାଷ ଉଜୁଡେଇ ନଷ୍ଟ ହେବା ସ୍ଥିତି ଉପୁଜିଛି।



ବିଭିନ୍ନ ସ୍ଥାନରେ ଗଛପଡି ରାସ୍ତା ଘାଟ ବନ୍ଦ ହୋଇଯିବାରୁ ଯାତାୟାତ ରେ ବାଧା ସୃଷ୍ଟି ହୋଇଛି।ପ୍ରଶାସନ ପକ୍ଷରୁ ସମସ୍ତ ବ୍ଲକର ତହସିଲଦାର ଓ ବିଡ଼ିଓ ମାନଙ୍କୁ ସଜାଗ ରହିବା ସହ ଭୂସ୍ଖଳନ ଅଞ୍ଚଳ ଉପରେ ତୀକ୍ଷ୍ଣ ନଜର ରଖା ଯାଇଥିବା ଜିଲ୍ଲା ଜରୁରୀ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ଯେକୌଣସି ପରିସ୍ଥିତି ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ରହିଛି। ଲଘୁଚାପ ପ୍ରଭାବରେ ଜିଲ୍ଲାରେ ଦିନତମାମ ବର୍ଷା ଲାଗି ରହିଥିବା ବେଳେ କୋରାପୁଟ ସହରରେ ପ୍ରବଳ ବର୍ଷା ହୋଇଛି। ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ରାସ୍ତାଘାଟ ଜଳମୟ ହୋଇଯାଇଥିବା ବେଳେ ପଥଚାରୀ ଏବଂ ଉଠାଦୋକାନୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ। ବର୍ଷା ଜନିତ କ୍ଷୟକ୍ଷତି ପାଇଁ ଜିଲ୍ଲା ପ୍ରଶାସନ ସଂପୂର୍ଣ୍ଣ ସଜାଗ ଥିବା ବେଳେ ବ୍ଲକ ବିଡିଓ ଓ ତହସିଲଦାର ମାନଙ୍କୁ ସତର୍କ ରହିବା ପାଇଁ କୁହାଯାଇଛି। ପ୍ରବଳ ବର୍ଷା ସମ୍ଭାବନା ଥିବା ଯୋଗୁଁ ପାହାଡ଼ିଆ ଅଞ୍ଚଳରେ ମଧ୍ୟ ପ୍ରଶାସନିକ ପ୍ରସ୍ତୁତି ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ପାହାଡିଆ ପାଖ ଅଞ୍ଚଳରେ କଚ୍ଚା ଘରେ ରହୁଥିବା ଲୋକମାନେ ପାଖରେ ଥିବା ଆଶ୍ରୟସ୍ଥଳୀରେ ରହିବା ପାଇଁ ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଯେ କୌଣସି ପରିସ୍ଥିତିକୁ ସାମ୍ନା କରିବା ପାଇଁ ଜିଲ୍ଲା ପ୍ରଶାସନ ସଂପୂର୍ଣ୍ଣ ପ୍ରସ୍ତୁତ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ବର୍ଷା ଜନିତ କ୍ଷୟକ୍ଷତି ପାଇଁ ଜିଲ୍ଲା ପ୍ରଶାସନ ସଂପୂର୍ଣ୍ଣ ସଜାଗ ଥିବା ବେଳେ ବିଡିଓ ମାନଙ୍କୁ ସତର୍କ ରହିବା ପାଇଁ କୁହାଯାଇଛି।

## ବର୍ଷାରେ ଧୋଇଗଲା ଟ୍ରାନ୍ସଫର୍ମର ଭିତ୍ତିପ୍ରସ୍ତର ମାଟି



ଜୟପୁର, ୫।୭(ସମିସ): କୋରାପୁଟ ଜିଲ୍ଲାରେ ଗତ ତିନି ଦିନ ହେଲାଣି ପ୍ରବଳ ବର୍ଷାର ତାଣ୍ଡବ ଜାରି ରହିଛି। ଗତ ଶନିବାର ଏବଂ ରବିବାର ୨୪ ଘଣ୍ଟାରେ ଜିଲ୍ଲାରେ ୧୩୧୬ ମିଲିମିଟର ବର୍ଷା ହୋଇଛି। ସେହିପରି ଜୟପୁର ସହର ଏବଂ ଆକପାଖ ଗ୍ରାମାଞ୍ଚଳରେ ରବିବାର ୧୩୦.୪ ମିମି ବର୍ଷା ହୋଇଯାଇଛି। ଫଳରେ ଜୟପୁର ସହର ଏବଂ ଆଖପାଖରେ ପ୍ରବଳ ବର୍ଷାରେ ରାସ୍ତା ଦବିଯାଇଥିବା ବେଳେ ନବନିର୍ମିତ ଲକ୍ଷ୍ମୀ ଇନ୍ଦିରା ପଣ୍ଡା ଛକ ଠାରୁ ଜୟନଗର ଛକ ପର୍ଯ୍ୟନ୍ତ ନବ ନିର୍ମିତ ରାସ୍ତାର ବିଭିନ୍ନ ସ୍ଥାନରେ ମାଟି ଦବିଯାଇଛି। ସେହିପରି ଏହି ନବ ନିର୍ମିତ ରାସ୍ତାର ମଧ୍ୟରେ ରହିଥିବା ବିଦ୍ୟୁତ ଖୁଣ୍ଟ ଓ ଟ୍ରାନ୍ସଫରମର ପାର୍ଶ୍ୱକୁ ସ୍ଥାନାନ୍ତରିତ କରାଯାଇଥିଲା। ଏହିପରି ନବନିର୍ମିତ ଟ୍ରାନ୍ସଫରମର ପିଣ୍ଡିର ପାଶ୍ୱର୍ରେ ରହିଥିବା ମାଟି ଗୁଡିକ ଧୋଇ ହୋଇଯାଇଥିବା ଯୋଗୁଁ ଏହି ଟ୍ରାନ୍ସଫରମର ପିଣ୍ଡି ଓ ବିଦ୍ୟୁତ ଖୁଣ୍ଟ ଭୁଷୁଡିବା ଅବସ୍ଥାରେ ରହିଛି । ଫଳରେ ବିଦ୍ୟୁତ ଟ୍ରାନ୍ସଫରମର ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏହିପରି ଏହି ଟ୍ରାନ୍ସଫରମ ଓଲଟି ପଡିଲେ ଜୟଗନର, ମେଘମାଳ ତୋଟା, ହାମ୍ଭାଗୁଡା, ପାଇକ ସାହି ଅଞ୍ଚଳରେ ବିଦ୍ୟୁତ ଯୋଗାଣରେ ସମସ୍ୟା ସୃଷ୍ଟି ହେବା ସହିତ ଅନ୍ଧାରହେବାର ଆଶଙ୍କା ରହିଛି। ତେଣୁ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ବିଦ୍ୟୁତ ସଙ୍କଟ ହେବାର ଆଶଙ୍କା ନେଇ ଆତଙ୍କିତ ହୋଇଯାଇଛନ୍ତି । ଏଥିନେଇ ଟିପିଏସଓଡିଏଲ ସାଉଥକୋ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ଖଟେଇ କହିଛନ୍ତି ଯେ, ଏଥିନେଇ ଯନ୍ତ୍ରୀ ଓ କର୍ମଚାରୀ ମାନେ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଛନ୍ତି ଏବଂ ତୁରନ୍ତ ପଦକ୍ଷପ ଗ୍ରହଣ କରାଯିବା। ଏହିପରି ଜୟପୁର ବ୍ଲକର କମ୍ଭାରପୁଟ, ସୌରଗୁଡା. ବଡପଡା ଗୋଟିଏ ଲେଖଏଁ ଘରର ମାଟି ଓ ଇଟା କାନ୍ଥ ଏବଂ ବାରିଣିପୁଟ ଗ୍ରାମର ଦୁଇଟି ଘରର କାନ୍ଥ ଭାଙ୍ଗି ଯାଇଛି । ଏହିପରି ତହସିଲ ବିଭାଗ ପକ୍ଷରୁ ଟାର୍ପୋଲିନ ଏବଂ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଇଛି ବୋଲି ରାଜସ୍ୱ ନରୀକ୍ଷକ ହରିହର ଶତପଥି ପ୍ରକାଶ କରିଛନ୍ତି।

## ଚବେରି ନଦୀ ପୋଲ ନିକଟରେ ମାଟି ଧସିଲା

ପୋଡ଼ାଗଡ଼,୬।୭(ସମିସ):

କୋରାପୁଟ ରାୟଗଡା ଜିଲ୍ଲାକୁ ସଂଯୋଗ କରୁଥିବା ୩୨୬ ନଂ ଜାତୀୟ ରାଜପଥ ବଙ୍ଗଳାଗୁଡା ନିକଟସ୍ଥ ଚବେରି ନଦୀ ଉପରେ ନିର୍ମିତ ନୂତନ ପୋଲର ଦୁଇ ପାଶ୍ୱର୍ରେ ମାଟି ଧସିବା ସହ ରାସ୍ତାର ପିଚୁ ସ୍ତର ଦବିବା ଆରମ୍ଭ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଚିନ୍ତା ବଢ଼ିଛି। ଯଦି ଏହି ସମସ୍ୟା ପ୍ରତି ଜାତୀୟ ରାଜପଥ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ନ ଦେଇ ଆବଶ୍ୟକ ମରାମତି କାର୍ଯ୍ୟ ଗ୍ରହଣ ନ କରନ୍ତି, ତେବେ ଆଗାମୀ ଦିନରେ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ଚବେରି ନଦୀ ଉପରେ ନିର୍ମିତ ଏହି ପୋଲ ମାଧ୍ୟମରେ ପ୍ରତିଦିନ ଶତାଧିକ ଛୋଟ ଓ ବଡ଼ ଯାନବାହନ ଚଳାଚଳ କରୁଛି। ଏହା କୋରାପୁଟ, ରାୟଗଡା ଓ ପଡ଼ୋଶୀ ଅଞ୍ଚଳମାନଙ୍କ ମଧ୍ୟରେ ଯାତାୟାତ ଓ ବାଣିଜ୍ୟିକ କାର୍ଯ୍ୟକଳାପର ଏକ ପ୍ରମୁଖ ସଡ଼କ ସଂଯୋଗ ହୋଇଥିବାରୁ ଏହାର

### ୩୨୬ ନମ୍ବର ଜାତୀୟ ରାଜପଥ ପ୍ରତି ବିପଦ

ଗୁରୁତ୍ୱ ଅଧିକ ରହିଛି। କିନ୍ତୁ ସମ୍ପ୍ରତି ପୋଲର ଉପର ରାସ୍ତା କେତେକ ସ୍ଥାନରେ ମାଟି ଧସିଯାଇଥିବା ସହ ପିଚୁ ରାସ୍ତାରେ ଫାଟ ସୃଷ୍ଟି ହେବା ଓ ଦବିଯିବା ଦେଖିବାକୁ ମିଳୁଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ବର୍ଷା ଦିନରେ ପାଣି ଜମି ରହିବା ଏବଂ ପାଶ୍ୱର୍ ସୁରକ୍ଷା ବ୍ୟବସ୍ଥାର ଅଭାବ ଯୋଗୁଁ ଏହି ସମସ୍ୟା ଅଧିକ ଗୁରୁତର ରୂପ ନେଉଛି। ରାସ୍ତାର ଏହି ଅଂଶ ଦୁର୍ବଳ ହୋଇପଡ଼ିଥିବାରୁ ଭାରୀ ଯାନବାହନ ଚଳାଚଳ ସମୟରେ ଅଧିକ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। ରାତ୍ରି ସମୟରେ ଏହି ରାସ୍ତା ଦେଇ ଅନେକ ଦୂରଗାମୀ ବସ ଯାତାୟାତ କରୁଛନ୍ତି କେତେବେଳେ କଣ ହେବ କହିହେବ ନାହିଁ। ଅଞ୍ଚଳବାସୀଙ୍କ ଅଭିଯୋଗ ଯେ, ସମସ୍ୟା ଦୃଶ୍ୟମାନ ହେଇ ଛି ଏହାକୁ ତୁରନ୍ତ ସମାଧାନ କରିବା ପାଇଁ ଅନୁରୋଧ କରିଛନ୍ତି। ସାମାଜିକ କର୍ମୀ ଓ ସ୍ଥାନୀୟ ପ୍ରତିନିଧିମାନେ ମଧ୍ୟ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେବା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। ବିଶେଷକରି ବର୍ଷା ଋତୁରେ ମାଟି ଧସିବା ପ୍ରକ୍ରିୟା ଅଧିକ ବଢ଼ିପାରେ ବୋଲି ସେମାନେ ସତର୍କ କରିଛନ୍ତି। ତେଣୁ କୌଣସି ଅଘଟଣ ଘଟିବା ପୂର୍ବରୁ ପ୍ରଶାସନ ଓ ଜାତୀୟ ରାଜପଥ ବିଭାଗ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ଆବଶ୍ୟକ ବୈଷୟିକ ଯାଞ୍ଚ ସହ ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ସାଧାରଣରେ ଦାବି ଜୋର ଧରିଛି।

## ଲଗାଣ ବର୍ଷାରେ ବେହାଲ ଦଶମନ୍ତପୁର ବ୍ଲକ୍

ପୋଡ଼ାଗଡ଼,୬।୭(ସମିସ): କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକରେ ଗତ କିଛି ଦିନ ଧରି ଲାଗି ରହିଥିବା ପ୍ରବଳ ବର୍ଷା ଯୋଗୁଁ ସମଗ୍ର ଅଞ୍ଚଳର ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଲଗାତାର ବର୍ଷାରେ ବିଭିନ୍ନ ଗ୍ରାମର ରାସ୍ତାଘାଟ କାଦୁଅମୟ ହୋଇପଡ଼ିଥିବା ବେଳେ ଅନେକ ସ୍ଥାନରେ ରାସ୍ତା ଉପରେ ପାଣି ଚାଲୁଥିବାରୁ ଯାତାୟାତ ବ୍ୟବସ୍ଥା ବ୍ୟାହତ ହୋଇଛି। ଏହାର ପ୍ରଭାବ ସାଧାରଣ ଜୀବନ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟ ଓ କୃଷି କାର୍ଯ୍ୟ ଉପରେ ମଧ୍ୟ ପଡ଼ିଛି। ବ୍ଲକର ବିଭିନ୍ନ ପଞ୍ଚାୟତରେ ଛୋଟ ବଡ଼ ନାଳ ଓ ଝରଣାର ଜଳସ୍ତର ବଢ଼ିଯିବାରୁ ଗ୍ରାମଗୁଡ଼ିକର ସଂଯୋଗ ବିଚ୍ଛିନ୍ନ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଦୈନନ୍ଦିନ କାମରେ ବାହାରକୁ ଯାଉଥିବା ଲୋକମାନେ ବିପଦପୂର୍ଣ୍ଣ ପରିସ୍ଥିତିରେ ଯାତାୟାତ କରୁଛନ୍ତି। ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯିବାରେ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ରୋଗୀମାନଙ୍କୁ ହସ୍ପିଟାଲ ପହଞ୍ଚାଇବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଲଗାଣ ବର୍ଷାରେ ଚାଷଜମିରେ ପାଣି ଜମି ରହିଥିବାରୁ ଚାଷୀମାନଙ୍କ ଚିନ୍ତା ବଢ଼ିଛି। ଧାନ ଚାଷ ସହିତ ଅନ୍ୟାନ୍ୟ ଫସଲ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଦେଖାଦେଇଛି। ବର୍ଷା ଯଦି ଏଭଳି ଜାରି ରହେ, ତେବେ କୃଷି କ୍ଷେତ୍ରରେ ବ୍ୟାପକ କ୍ଷତି ହେବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଅନ୍ୟପଟେ ବର୍ଷାର ପରିସ୍ଥିତିକୁ ନେଇ ପ୍ରଶାସନ ସତର୍କ ରହିଥିବା ସୂଚନା ମିଳିଛି। ବ୍ଲକ ପ୍ରଶାସନ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ସ୍ଥିତି ଉପରେ

### ଅସ୍ତବ୍ୟସ୍ତ ଜନଜୀବନ

ନଜର ରଖିଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଲୋକମାନଙ୍କୁ ନଦୀ, ନାଳ ଓ ପୋଲ ନିକଟକୁ ନଯିବାକୁ ପରାମର୍ଶ ଦିଆଯାଇଛି। ଆବଶ୍ୟକ ସ୍ଥାନରେ ରିଲିଫ୍ ଓ ଉଦ୍ଧାରକାର୍ଯ୍ୟ ପାଇଁ ପ୍ରସ୍ତୁତି ମଧ୍ୟ ଜାରି ରହିଛି। ସ୍ଥାନୀୟ ଲୋକମାନେ କହିଛନ୍ତି ଯେ, ବର୍ଷା ଜନିତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗ୍ରାମାଞ୍ଚଳର ରାସ୍ତାଘାଟର ଉନ୍ନତି, ଜଳ ନିଷ୍କାସନ ବ୍ୟବସ୍ଥାର ସୁଧାର ଏବଂ ଆବଶ୍ୟକ ସ୍ଥାନରେ ପୋଲ ଓ କଲଭର୍ଟ ନିର୍ମାଣ ଉପରେ ସରକାର ଗୁରୁତ୍ୱ ଦେବା ଦରକାର। ବର୍ତ୍ତମାନ ବର୍ଷା ଜାରି ରହିଥିବାରୁ ଦଶମନ୍ତପୁର ବ୍ଲକବାସୀଙ୍କ ମନରେ ଆଗାମୀ ଦିନକୁ ନେଇ ଚିନ୍ତା ବଢ଼ିଛି।

## ଶ୍ରୀରାମା ଶାସ୍ତ୍ରୀଙ୍କୁ ଓଡ଼ିଶାର ଅଦ୍ୱିତୀୟ ଗୌରବ ସମ୍ମାନ




ନବରଙ୍ଗପୁର,୬।୭(ସମିସ): ଭୁବନେଶ୍ୱର ସ୍ଥିତ ଉତ୍କଳ ରଙ୍ଗମଞ୍ଚ ଠାରେ ନ୍ୟାସନାଲ ଏକାଡେମୀ ଅଫ୍ ଏକାଡେମୀ ଅଫ୍ ସାକ୍ଷରତା ମିଶନ ତରଫରୁ ଆୟୋଜିତ ୱାରଲ୍ଡ୍ ୱାଇଡ ଆୱାଡର୍ ଗ୍ରୁପଙ୍କ ଉପସ୍ଥିତିରେ ଓଡ଼ିଶାର ଅଦ୍ୱିତୀୟ ଗୌରବ ସମ୍ମାନ ରେ ସମ୍ମାନିତ ହେଲେ ନବରଙ୍ଗପୁର ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶିକ୍ଷକ ଶ୍ରୀରାମା ଶାସ୍ତ୍ରୀ। ଏଜୁ୍ୟକେଟିଙ୍ଗ୍ ମାଇଣ୍ଡ ଏଣ୍ଡ ଏମ୍‌ପାୱାରିଙ୍ଗ ଫ୍ୟୁଚର ଉପରେ ସ୍ୱତନ୍ତ୍ର ଅଧ୍ୟୟନ କରି ଶିକ୍ଷା କ୍ଷେତ୍ରରେ କିଭଳି ଭାବେ ଆଗାମୀ ଭବିଷ୍ୟତ ପିଢ଼ି ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇପାରିବେ, ଏହି ବିଷୟରେ ସେ ନିଜ ଲେଖନୀ ଓ ମତ ଉପସ୍ଥାପନ କରି ସମ୍ମାନିତ ହୋଇଥିଲେ। ତଙ୍କରି ଏହି ସଫଳତା ପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଧ୍ୟାପକ, ପରିବାର ବର୍ଗ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ● ପ୍ରକାଶ ପାଇଲା ଚିଠା ଭୋଟର ତାଲିକା

## ବାଦ୍‌ପଡ଼ିଲେ ୬୨,୨୯୦ ଭୋଟର

କୋରାପୁଟ,୬।୭(ସମିସ): ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ଅଭିଯାନ ମାଧ୍ୟମରେ ଜିଲ୍ଲାରେ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ବିଭିନ୍ନ ରାଜନୈତିକ ଦଳ ନେତାମାନଙ୍କ ଉପସ୍ଥିତିରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମନୋଜ ସତ୍ୟବାନ ମହାଜନ ଚିଠା ଭୋଟର ତାଲିକା ପ୍ରକାଶ କରିଛନ୍ତି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ସୂଚନା ଅନୁସାରେ ଜିଲ୍ଲାରେ ସମୁଦାୟ ୯ ଲକ୍ଷ ୬୬ ହଜାର ୪୨୪ ଜଣ ଭୋଟର ରହିଛନ୍ତି। ଏହି ସମୁଦାୟ ଭୋଟରଙ୍କ ମଧ୍ୟରୁ ପ୍ରାୟ ୯୩.୫୫ ପ୍ରତିଶତ ଫର୍ମ ସଫଳତାର ସହ ଡିଜିଟାଇଜେଡ୍ ହୋଇସାରିଛି। ଅର୍ଥାତ୍ ୯ ଲକ୍ଷ ୪ ହଜାର ୧୩୪ ଜଣ ଭୋଟରଙ୍କ ଡିଜିଟାଇଜେସନ କରାଯାଇଛି। ସମୁଦାୟ ୬୨ ହଜାର ୨୯୦ ଜଣ ଭୋଟର ବାଦ ପଡ଼ିଛନ୍ତି। ଏଥିରେ ୩୦ ହଜାର ୪୮ ଜଣ ମୃତ ବ୍ୟକ୍ତି ବାଦ ପଡିଛନ୍ତି। ଯଦି ପ୍ରକାଶିତ ଚିଠା ଭୋଟର ତାଲିକାକୁ ନେଇ କୌଣସି ଆପତ୍ତି କିମ୍ବା ଦାବି ରହିଛି, ତେବେ ଅଭିଯୋଗ ଦାଖଲ କରିପାରିବେ। ଆଜି ଠାରୁ ଆସନ୍ତା ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ସମ୍ପୃକ୍ତ ଇଆରଓ ବିଡିଓ, ତହସିଲଦାର ଓ ପୌର ପରିଷଦ ନିର୍ବାହୀ ଅଧିକାରୀ ଏବଂ ଏଇଆରଓ ମାନେ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ ଦାଖଲ କରିବାକୁ ସମୟ ଦିଆଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି। କୋରାପୁଟ ଉପଜିଲ୍ଲାପାଳ କୋରାପୁଟ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଏଇଆରଓ ରହିଥିବା ବେଳେ ସହାୟକ ଉପ ଜିଲ୍ଲାପାଳ ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀ ,ଜୟପୁର ଉପ ଜିଲ୍ଲାପାଳ ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ, ଅତିରିକ୍ତ ଜିଲ୍ଲାପାଳ କୋଟପାଡ ବିଧାନସଭା ନିର୍ବାଚନ ମଣ୍ଡଳୀ ଏବଂ ଅତିରିକ୍ତ ଜିଲ୍ଲାପାଳ ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଏଇଆରଓ ରହିଥିବା ସେ କହିଛନ୍ତି। କୋରାପୁଟ ବିଧାୟକ ରଘୁରାମ ମାଛ, ବିଜେଡି ଜିଲ୍ଲା ସଭାପତି ଝିନ ହିକକା, ପୂର୍ବତନ ବିଧାୟକ ରଘୁରାମ ପଡାଲ, ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ, କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜୟପୁର ଉପ ଜିଲ୍ଲାପାଳ ଯଦୁମଣି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସାମ୍ବାଦିକ ସମ୍ମିଳନୀରେ ଜିଲାପାଳଙ୍କ ସହ କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ୍ ଏବଂ ଡେପୁଟି କଲେକ୍ଟର ନିର୍ବାଚନ ଉପସ୍ଥିତ ଥିଲେ।



## ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ



ସେମିଲିଗୁଡ଼ା,୬।୭(ସମିସ):

ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ପରଜା ମୁଠାଇ, ସେମିଲିଗୁଡା ପକ୍ଷରୁ ବନମହୋତ୍ସବ କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ବିଦ୍ୟାଳୟର ଜୁନିଅର ରେଡକ୍ରସ ଛାତ୍ରଛାତ୍ରୀ, ଅନ୍ୟାନ୍ୟ ଛାତ୍ରଛାତ୍ରୀ, ଅଭିଭାବକ, ମାଆ ସମିତି ସଦସ୍ୟ, ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ତଥା ବନବିଭାଗର ଅଧିକାରୀମାନଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ବରାଡ ଅଧ୍ୟକ୍ଷତା କରି ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ସଚେତନ କରିଥିଲେ। ଜୁନିଅର ରେଡକ୍ରସ ଶିକ୍ଷକ ଜ୍ୟୋତିରଞ୍ଜନ ନନ୍ଦଙ୍କ ସଂଯୋଜନାରେ ସୁଶାନ୍ତ କୁମାର ପାଙ୍ଗି, ପରମାନନ୍ଦ ବାରିକ, ଜ୍ୟୋତିର୍ମୟୀ ନାଥଶର୍ମା, ସୁନୀଲ ପେଡ଼ାକାପୁ, ପରିଚାଳନା ସମିତିର ସଭାପତି ଉଦ୍ଧବ ଖରା, ବନ ବିଭାଗ ଅଧିକାରୀ ଗୌତମ ବେନିଆ ଏବଂ ବନବିଭାଗର ଅନ୍ୟ ଆଠଜଣ ଅଧିକାରୀ ଉପସ୍ଥିତ ରହିଥିଲେ। ବହୁ ସଂଖ୍ୟକ ଅଭିଭାବକ ମଧ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଚାରାରୋପଣ କରାଯାଇଥିଲା। ପରିବେଶ ସନ୍ତୁଳନ ରକ୍ଷା, ସବୁଜିମା ବୃଦ୍ଧି ଓ ଗଛ ଲଗାଇବା ସହ ତାହାର ଯତ୍ନ ନେବା ପାଇଁ ସମସ୍ତେ ଶପଥ ଗ୍ରହଣ କରିଥିଲେ। ଏଭଳି ଜନସଚେତନତାମୂଳକ କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

## ଆଇନ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ଜୟପୁର, ୫।୭(ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଜିଲ୍ଲା ଓ ରାଜ୍ୟ ଆଇନଜୀବି ସଂଘ ମିଳିତ ପ୍ରୟାସରେ ମାସିକ ଆଇନଜୀବି ମାନଙ୍କୁ ବିଭିନ୍ନ ଆଇନ ଓ କୋର୍ଟ ସମ୍ବନ୍ଧୀୟ ପ୍ରଶିକ୍ଷଣ କେନ୍ଦ୍ର ଆଜି ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ହାଇକୋର୍ଟର ଜଷ୍ଟିସ ଶଶିକାନ୍ତ ମିଶ୍ର ଏବଂ ଜଷ୍ଟିସ ଶିବ ଶଙ୍କର ମିଶ୍ର ଯୋଗଦେଇ ଦୀପ ପ୍ରଜ୍ୱଳନ ସହିତ ଶୁଭାରମ୍ଭ କରିଥିଲେ। ଜିଲ୍ଲା ଆଇନଜୀବି ସଂଘର ସଭାପତି ବିଜୟ କୁମାର ରାୟଜେନା ଦେଓଙ୍କ ଅଧକ୍ଷତାରେ ସ୍ଥାନୀୟ ଜିଲ୍ଲା ଆଇନଜୀବି ସଂଘର ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟରେ ପ୍ରଥମ ମାସିକ ପ୍ରଶିକ୍ଷଣ କେନ୍ଦ୍ର ଭାବେ ଜୟପୁର ଠାରେ ଏହା ଶୁଭାରମ୍ଭ ହୋଇଛି। ଆଜି ଉଦଘାଟନୀ ଦିବସରରେ "ଫୌଜଦାରୀ ମାମଲାରେ ପ୍ରମାଣର ଭାର' ବିଷୟକୁ ନେଇ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହିପରି ପ୍ରତ୍ୟେକ ମାସରେ କେଉଁ ବିଷୟକୁ ନେଇ ପ୍ରଶିକ୍ଷଣ ଓ ପାଠଚକ୍ର ହେବ ସେଥିନେଇ ବରିଷ୍ଠ ଆଇଜୀବିଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଏଥିରେ ଆଇନଜୀବୀ ବିରେଶ ପଟ୍ଟନାୟକ, ନୃସିଂହ ପ୍ରସାଦ ଦାସ, ସରୋଜ ଦାଶ, ଲାଲମୋହନ ମିଶ୍ର, ଭିଭିଏସ ନାନାଜୀ ଆଚାରୀ, ତ୍ରିନାଥ ପ୍ରସାଦ ସିଂଲାଲ ରହିଛନ୍ତି। ଏହି ମାସିକ ପ୍ରଶିକ୍ଷଣ ଶିବିରରେ ରାଜ୍ୟ ଓ ଜିଲ୍ଲାର ବରିଷ୍ଠ ଆଇନଜୀବି ମାନେ ଯୋଗଦେଇ ଶିବିରାର୍ଥୀଙ୍କୁ ଆଇନ ସମ୍ବନ୍ଧିୟ ପ୍ରଶିକ୍ଷଣ ପ୍ରଦାନ କରିବେ। ଏହି ଅବସରରେ ଜଷ୍ଟିସ ଶଶୀକାନ୍ତ ମିଶ୍ର ଏବଂ ଜଷ୍ଟିସ ଶିବ ଶଙ୍କର ମିଶ୍ର ନିଜ ବକ୍ତବ୍ୟରେ ଜୟପୁର ଠାରେ ମାସିକ ଶିବିର ଆଇନଜୀବି ମାନଙ୍କୁ ବିଭିନ୍ନ ଆଇନ ସମ୍ବନ୍ଧିୟ ଓ କୋର୍ଟ ବିଷୟରେ ଜ୍ଞାନ ଆହରଣରେ ଏବଂ ବିଭିନ୍ନ ମାମଲାରେ ସେମାନଙ୍କୁ ପ୍ରସ୍ତୁତ ହେବାକୁ ସହାୟତା ହେବ ବୋଲି କହିଥିଲେ। ଏହି ଅବସରରେ ମଞ୍ଚରେ ରାଜ୍ୟ ଆଇନଜୀବି ସଂଘର ସଦସ୍ୟ ପି.ରମେଶ ପାତ୍ର, ସମ୍ପାଦକ ସହଦେବ ପଟ୍ଟନାୟକ, ଉପସଭାପତି ଶରତ କୁମାର ମାଝି, ମଞ୍ଚାସୀନ ରହିଥିଲେ। ଏହି ଅବସରରେ ଆଇନଜୀବି ପ୍ରଜ୍ଞାମୟୀ ମିଶ୍ର, ଆଶୁତୋଷ ସାହୁ, ଦୀପଙ୍କର ପାଣିଗ୍ରାହୀ, ଚନ୍ଦନ ନାୟକ, ଟି ଗୋପୀନାଥ ମୂର୍ତ୍ତି ଆଜିର ବିଷୟ ନେଇ ନିଜି ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ।

## ମାଲକାନଗିରି ଜିଲ୍ଲା ଚିଠା ଭୋଟର ତାଲିକା ପ୍ରକାଶିତ

ମାଲକାନଗିରି, ୬।୭(ସମିସ):




ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଏସ୍‌ଆଇଆର୍ ଚିଠା ଭୋଟର ତାଲିକା ପ୍ରକାଶ କରାଯାଇ ବିଭିନ୍ନ ରାଜନୈତିକ ଦଳକୁ ହସ୍ତାନ୍ତର କରାଯାଇଛି। ଜିଲ୍ଲାରେ ଚାଲୁ ରହିଥିବା ଏସ୍‌ଆଇଆର ପ୍ରକ୍ରିୟା ସହ ଗତ ମଇ ୩୦ରୁ ଜୁନ୍ ୨୮ ପର୍ଯ୍ୟନ୍ତ ଚାଲିଥିବା ଘରକୁ ଘର ବୁଲି ଗଣନା ପର୍ଯ୍ୟାୟର ସଂଗୃହିତ ତଥ୍ୟ ସମ୍ପର୍କରେ ଜିଲ୍ଲାପାଳ ସୂଚନା ପ୍ରଦାନ କରିଛନ୍ତି। ଏହି ଗଣନା ପ୍ରକ୍ରିୟାରେ ଜିଲ୍ଲାର ସମୁଦାୟ ୪,୬୨,୧୭୧ ଭୋଟରଙ୍କ ମଧ୍ୟରୁ ୮୯.୭୫ ପ୍ରତିଶତ ଅର୍ଥାତ୍ ୪,୧୪,୮୧୬ ଜଣ ଭୋଟର ସଫଳତାର ସହ ନିଜର ଫର୍ମ ଦାଖଲ କରିଛନ୍ତି। ଏହାସହିତ ସର୍ଭେ ସମୟରେ ଜିଲ୍ଲାରେ ୨୫,୮୪୯ ଜଣ (୫.୫୯ ପ୍ରତିଶତ) ମୃତ ଭୋଟର, ୧୨,୩୧୮ ଜଣ (୨.୬୭ ପ୍ରତିଶତ) ସ୍ଥାନାନ୍ତରିତ ଭୋଟର, ୫,୩୦୮ ଜଣ (୧.୧୫ ପ୍ରତିଶତ) ଏକାଧିକ ସ୍ଥାନରେ ନାମ ଲେଖାଇଥିବା ଭୋଟର ଏବଂ ୩,୭୫୨ ଜଣ (୦.୮୧ ପ୍ରତିଶତ) ଅନୁପସ୍ଥିତ ଭୋଟର ଚିହ୍ନଟ ହୋଇଥିବା ବେଳେ ଅନ୍ୟାନ୍ୟ ବର୍ଗରେ ୧୨୮ ଜଣ ( .୦୩ ପ୍ରତିଶତ) ଭୋଟର ରହିଛନ୍ତି। ଜିଲ୍ଲାପାଳ ଶ୍ରୀ ରାଜଶିର୍କେ ଏହି ସଂଶୋଧନ ପ୍ରକ୍ରିୟାର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ଉପରେ ଗୁରୁତ୍ୱାରୋପ କରିଛନ୍ତି, ଯାହା ହେଉଛି ଜିଲ୍ଲାର ସମସ୍ତ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ଏବଂ ସମ୍ପୂର୍ଣ୍ଣ ସ୍ୱଚ୍ଛତା ରକ୍ଷା କରି ତାଲିକାରୁ ସମସ୍ତ ଅଯୋଗ୍ୟ, ମୃତ ଓ ଏକାଧିକ ସ୍ଥାନରେ ଥିବା ନାମଗୁଡ଼ିକୁ ବାଦ୍ ଦେବା। ଏହି ବ୍ୟାପକ ପ୍ରକ୍ରିୟାକୁ ସଫଳ କରିବା ପାଇଁ ଜିଲ୍ଲାର ୨ ଜଣ ଇଆରଓ, ୨୦ ଜଣ ଏଇଆରଓ , ୫୪ ଜଣ ବିଏଲଓ ସୁପରଭାଇଜର, ୬୬୬ ଜଣ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ୧,୭୧୦ ଜଣ ବୁଥ୍ ସ୍ତରୀୟ ଏଜେଣ୍ଟ ନିରନ୍ତର କାର୍ଯ୍ୟ କରୁଛନ୍ତି। ଯଦି ଜୁଲାଇ ୫ରେ ପ୍ରକାଶିତ ଚିଠା ଭୋଟର ତାଲିକାରେ କାହାର ନାମ ନାହିଁ, ତେବେ ସେମାନେ ଆଦୌ ବ୍ୟସ୍ତ ନହୋଇ ଘୋଷଣାନାମା ଫର୍ମ ସହ ଫର୍ମ-୬ ପୂରଣ କରି ନୂତନ ଭୋଟର ଭାବେ ଆବେଦନ କରିପାରିବେ। ଏହାଛଡ଼ା ପ୍ରବାସୀ ଭାରତୀୟଙ୍କ ପାଇଁ ଫର୍ମ ୬ଏ, ନାମ ବାଦ୍ ଦେବା କିମ୍ବା ଆପତ୍ତି ପାଇଁ ଫର୍ମ ୭ ଏବଂ ସଂଶୋଧନ କିମ୍ବା ବାସସ୍ଥାନ ସ୍ଥାନାନ୍ତର ପାଇଁ ଫର୍ମ ୮ ଉପଲବ୍ଧ ରହିଛି। ନାଗରିକମାନେ ନିଜର ସ୍ଥାନୀୟ ବିଏଲଓଙ୍କ ନିକଟରେ କିମ୍ବା ଅନଲାଇନରେ ଭୋଟର ହେଲ୍ପଲାଇନ୍ ଆପ୍ ଏବଂ ୱେବସାଇଟ୍ ମାଧ୍ୟମରେ ଫର୍ମ ଦାଖଲ କରିପାରିବେ। ଯେଉଁ ଯୁବ ନାଗରିକମାନେ ଜୁଲାଇ ୧ ସୁଦ୍ଧା ୧୮ ବର୍ଷ ବୟସ ହାସଲ କରିଛନ୍ତି ବା କରିବେ, ସେମାନଙ୍କ ନାମ ପଞ୍ଜୀକରଣ ପାଇଁ ଜିଲ୍ଲା ସାରା ସ୍ୱତନ୍ତ୍ର ଶିବିରମାନ ଆୟୋଜନ କରାଯିବ। ଚିଠା ଭୋଟର ତାଲିକା ସିଇଓଙ୍କ ୱେବସାଇଟ୍‌ରେ ଉପଲବ୍ଧ ଅଛି। ନାଗରିକମାନେ ୫ ଜୁଲାଇରୁ ୪ ଅଗଷ୍ଟ ମଧ୍ୟରେ ନିଜର ଦାବି କିମ୍ବା ଆପତ୍ତି ଦାଖଲ କରିପାରିବେ। ୨ ଜଣ ଇଆରଓ ଏବଂ ୨୦ ଜଣ ଏଆଇଆରଓ ୨ ସେପ୍ଟେମ୍ବର ସୁଦ୍ଧା ଏହି ସମସ୍ତ ମାମଲାର ଯାଞ୍ଚ ଓ ସମାଧାନ କରିବେ। ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଉପସ୍ଥିତ ଥିଲେ।

## ଏସ୍ଆଇଆର୍‌ର ଚିଠା ଭୋଟର ତାଲିକା ପ୍ରକାଶିତ



ଜୟପୁର, ୫।୭(ସମିସ): କୋରାପୁଟ ଜିଲ୍ଲା ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ୨୦୨୬ର ଚିଠା ତାଲିକା ପ୍ରକାଶ ପାଇଛି। ଏଥିରେ କେବଳ ଜୟପୁର ବିଧାସଭା ନିର୍ବାଚନ ମଣ୍ଡଳୀ ସୂଚନା ଦିଆଯାଇଛି। ଏହି ଅବସରରେ ଡେପୁଟି କଲେକ୍ଟର ସସ୍ମିତା କୁମାରୀ ଜେନା, ସହକାରୀ ସବକଲେକ୍ଟର ବାଲାଜୀ ପ୍ରସାଦ ବ୍ରହ୍ମା, ସୋନିଆ ନାୟକ, ନିର୍ବାଚନ ବିଭାଗର ସେକ୍ସନ ଅଧିକାରୀ ମୋନଜ କୁମାର ବାରିକ, କର୍ମଚାରୀ ରଶ୍ମିତା ସାହୁ, ଶରତ ନାୟକ, ରମେଶ ପାଣିଗ୍ରାହୀଙ୍କ ଉପସ୍ଥିତିରେ ଏହି ଛିଠା ତାଲିକା ପ୍ରକାଶ କରାଯାଇଥିଲା। ପୂର୍ବରୁ ଜୟପୁର ବିଧାନସଭାରେ ୨୪୧ଟି ପୋଲିଂ କେନ୍ଦ୍ର ରହିଥିବା ବେଳେ ବର୍ତ୍ତମାନ ୫୧ଟି ବୃଦ୍ଧି ପାଇ ୨୯୨ ବୁଥରେ ପରିଣତ ହୋଇଛି। ଏଥିରେ ଜୟପୁର ପୌରାଞ୍ଚଳରେ ୧୫ଟି, ଜୟପୁର ବ୍ଲକରେ ୨୭ଟି ଏବଂ ବୋରିଗୁମ୍ମା ବ୍ଲକରେ ୯ଟି ବୁଥ ବୃଦ୍ଧି ପାଇଛି। ସେହିପରି ପୂର୍ବରୁ ୨ ଲକ୍ଷ୮ ହଜାର ଭୋଟର ରହିଥିବା ବେଳେ ଏସଆଇର ମ୍ୟାପିଂ ଓ ଯାଞ୍ଚ ପରେ ୧୪ ୭୩୧ ଭୋଟର କମ ହୋଇ ୧ ଲକ୍ଷ ୯୩ ହଜାର ୨୯୦ଜଣ ଭୋଟର ରହିଛନ୍ତି। ସେଥିମଧ୍ୟରୁ ପୂର୍ବରୁ ପୁରୁଷ ଭୋଟର ୧ ଲକ୍ଷ ୫୨୪ ଜଣ ରହିଥିବା ବେଳେ ୬୫୧୪ ଭୋଟର କମ ହୋଇ ୯୪ ହଜାର, ମହିଳା ଭୋଟର ପୂର୍ବରୁ ୧ଲକ୍ଷ ୭ ହଜାର ୪୬୪ ରହିଥିବା ବେଳେ ୮୨୧୩ ଭୋଟର କମ୍ ହୋଇ ୯୯ ହଜାର ୨୫୧ଜଣ ଭୋଟର ରହିଛନ୍ତି। ସେହିପରି ପୂର୍ବରୁ ୩୩ ଜଣ କିନ୍ନର ରହିଥିବା ବେଳେ ବର୍ତ୍ତମାନ ୨୯ ଜଣ ରହିଛନ୍ତି। ଏହି ଯାଞ୍ଚ ପ୍ରକ୍ରିୟାରେ ବୋରିଗୁମ୍ମା ବ୍ଲକ ପାଇଁ ୯୦ ଜଣ ବୁଥ ଲେବଲ ଅଧିକାରୀ (ବିଏଲଓ ) ଏବଂ ୮ ଜଣ ସୁପରଭାଇଜର ନିଯୁକ୍ତ ହୋଇଥିଲେ। ସେହିପରି ଜୟପୁର ବ୍ଲକ ପାଇଁ ୧୨୬ ବିଏଲଓ ୧୦ ଜଣ ସୁପରଭାଇଜର ଏବଂ ଜୟପୁର ପୌରାଞ୍ଚଳ ପାଇଁ ୭୬ ବିଏଲଓ ଏବଂ ୬ ଜଣ ସୁପରଭାଇଜର ଗତ ମେ ୩୦ ତାରିଖରୁ ୨୮ ଜୁନ ତାରିଖ ପର୍ଯ୍ୟନ୍ତ ମ୍ୟାପିଂ ଏବଂ ଗୃହ ପରିଦର୍ଶନ କରିବା ସହିତ ଯାଞ୍ଚ କରିଥିଲେ। ଏହିପରି ଦେଶର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶନୁସାରେ ଆଜି ଠାରୁ ଆସନ୍ତା ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଯେଉଁ ମାନଙ୍କ ନାମ ଏହି ତାଲିକାରେ ଯୋଗ୍ୟ ଭୋଟର ସାମିଲ ହୋଇନଥିବ, ସେମାନେ ନିଜ ନିଜର ଆବଶ୍ୟକ ପ୍ରମାଣପତ୍ର ଦେଇ ଦାବି, ଆପତ୍ତି ଆବେନଦ କରିପାରିବେ ବୋଲି ସୂଚନା ଦେଇଥିଲେ।

### ଶିକ୍ଷକ ସଂଘର ଆନ୍ଦୋଳନ ଚେତାବନୀ କାମ ଦେଲା

## ନବରଙ୍ଗପୁରରେ ପ୍ରାଥମିକ ଶିକ୍ଷକ ପଦୋନ୍ନତି ତାଲିକା ପ୍ରକାଶ

ନବରଙ୍ଗପୁର, ୫।୭(ସମିସ): ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ, ରାଜ୍ୟ ଭ୍ରଷ୍ଟାଚାର ବିରୋଧୀ ସଂଗଠନ ସମେତ ବିଭିନ୍ନ ମହଲରୁ ହସ୍ତକ୍ଷେପ ପରେ ନବରଙ୍ଗପୁର ଜିଲ୍ଲାର ଦୀର୍ଘ ବର୍ଷରୁ ଅଟକି ରହିଥିବା ବହୁ ପ୍ରତୀକ୍ଷିତ ପ୍ରାଥମିକ ଶିକ୍ଷକ ପଦୋନ୍ନତି ତାଲିକା ପ୍ରକାଶ ପାଇଛି। ତେବେ ପ୍ରକାଶିତ ସାରଣୀରେ ଫେବୃୟାରୀ ୧୧, ୨୦୧୧ ରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଶିକ୍ଷକମାନଙ୍କୁ ସ୍ତମ୍ଭ୨୧ରେ ୟୁପିଏସ୍ ଭାବେ ସ୍ଥାନିତ କରାଯାଇ ନଥିବାରୁ ସଂଘ ପକ୍ଷରୁ ଏହାର ତ୍ରୁଟି ସଂଶୋଧନ ଦାବି କରାଯାଇଛି। ନବରଙ୍ଗପୁର ଜିଲ୍ଲାରେ ପ୍ରାୟ ୮ ହଜାର ଶିକ୍ଷକ-ଶିକ୍ଷୟିତ୍ରୀ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ୨୦୨୧ ମସିହାରୁ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ଅଟକି ରହିଥିଲା। ୨୦୨୩ ମସିହାରେ କେବଳ ଦୁଇ ଚାରିଟି ଜିଲ୍ଲାକୁ ବରିଷ୍ଠତା ଭିତ୍ତିରେ ପଦୋନ୍ନତି ଦେଇଥିବା ବେଳେ ଅନ୍ୟ ଆଠରୁ ନଅଟି ଜିଲ୍ଲାରେ ବିଏଡ୍‌କୁ ପାଥେୟ କରି ହେଡପଣ୍ଡିତ ଲେଭେଲ୍ ୩ ପଦକୁ ପଦୋନ୍ନତି ଦିଆଯାଇଥିବା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ସଂଘ ଅଭିଯୋଗ କରିଛି ଯେ, ଓଡ଼ିଶାର ଗୋଟିଏ ଜିଲ୍ଲାରେ ନିୟମାନୁଯାୟୀ ପଦୋନ୍ନତି ଦିଆଯାଇଥିବା ବେଳେ ଅନ୍ୟ ଜିଲ୍ଲାଗୁଡ଼ିକରେ ବିଏସିଟି ଶିକ୍ଷକମାନଙ୍କୁ ବଦଳି ଦେଇ ଭୁଲ ପଦୋନ୍ନତି ପ୍ରଦାନ କରାଯାଇଥିଲା। ଏହା ବିରୋଧରେ ଅନେକ ଶିକ୍ଷକ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ସଫଳତା ହାସଲ କରିଥିଲେ। କିନ୍ତୁ ପରେ ତତ୍କାଳୀନ ଶିକ୍ଷା ନିର୍ଦ୍ଦେଶକ ସରକାରଙ୍କ ପକ୍ଷରୁ ଡବଲ ବେଞ୍ଚରେ ମାମଲା ଦାଖଲ କରି ଏହାକୁ ଆଜି ପର୍ଯ୍ୟନ୍ତ ଝୁଲନ୍ତା ଅବସ୍ଥାରେ ରଖିଥିବା ସଂଘ ଅଭିଯୋଗ କରିଛି। ସଂଘ ଆହୁରି କହିଛି ଯେ, ତତ୍କାଳୀନ ଶିକ୍ଷା ନିର୍ଦ୍ଦେଶକଙ୍କ "ଶିକ୍ଷକ ମାରଣ ନୀତି" ଏବଂ ଶିକ୍ଷକମାନଙ୍କୁ ମାନସିକ, ଆର୍ଥିକ ଓ ଶାରୀରିକ ତାଡ଼ନା ଦେବା ନୀତିର ତଦନ୍ତ ପାଇଁ ବହୁବାର ଦାବି କରାଯାଇଥିଲେ ମଧ୍ୟ ନୂତନ ସରକାର ଏହା ପ୍ରତି ଗୁରୁତ୍ୱ ଦେଇ ନଥିବା ଅଭିଯୋଗ କରାଯାଇଛି। ନ୍ୟାୟ ପ୍ରଦାନରେ ବିଳମ୍ବ ହେବାରୁ ଅନେକ ଶିକ୍ଷକ ଅବସର ଗ୍ରହଣ କରିଥିବା ବେଳେ କେତେକଙ୍କ

### ତ୍ରୁଟି ସଂଶୋଧନ ଓ ପୂର୍ବ ତାରିଖରୁ ପଦୋନ୍ନତି ଦାବି

ମୃତ୍ୟୁ ମଧ୍ୟ ଘଟିଛି ଏବଂ ସେମାନଙ୍କ ପରିବାର ଆର୍ଥିକ ଓ ସାମାଜିକ କ୍ଷତି ସହି ଆସୁଛନ୍ତି। ପ୍ରାଥମିକ ଶିକ୍ଷକ ସଂଘ ଅଭିଯୋଗ କରିଛି ଯେ, ଓଡ଼ିଶା ପରି ଏକ ସଂସ୍କାର ସମ୍ପନ୍ନ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ବିଭିନ୍ନ ନିୟମ ଓ ଆଇନକୁ ଉଲ୍ଲଂଘନ କରି ପଦୋନ୍ନତି ପ୍ରଦାନ କରାଯାଇଛି ଏବଂ ତତ୍କାଳୀନ ଶିକ୍ଷା ନିର୍ଦ୍ଦେଶକ ସମସ୍ତ ପଦୋନ୍ନତି ତାଲିକାକୁ ଅନୁମୋଦନ କରିଥିଲେ। ଏହାର ସମ୍ପୂର୍ଣ୍ଣ ତଦନ୍ତ କରିବା ପାଇଁ ସଂଘ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛି। ଏଥିସହ ଯେଉଁ ତାରିଖରୁ ଅନ୍ୟ ଜିଲ୍ଲାଗୁଡ଼ିକରେ ବରିଷ୍ଠତା ଭିତ୍ତିରେ ପଦୋନ୍ନତି ପ୍ରଦାନ କରାଯାଇଛି, ସେହି ତାରିଖରୁ ନବରଙ୍ଗପୁର ଜିଲ୍ଲାରେ ମଧ୍ୟ ପଦୋନ୍ନତି ଦେବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ସଂଘ ଅନୁରୋଧ କରିଛି। ଏହା ଦ୍ୱାରା ବହୁ ସଂଖ୍ୟକ ଶିକ୍ଷକ ଉପକୃତ ହେବେ ବୋଲି ସଂଘ କହିଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ସରକାର ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଶୁଣାଣିକୁ ଆଧାର କରି ଓଟିଇଟିକୁ ପ୍ରତ୍ୟାଖ୍ୟାନ କରି ବରିଷ୍ଠତା ଭିତ୍ତିରେ ଅସ୍ଥାୟୀ ପଦୋନ୍ନତି ଦେବାକୁ ନୀତିଗତ ନିଷ୍ପତ୍ତି ନେଇଥିଲେ। ସେହି ଅନୁଯାୟୀ ମେ ୨୮ ତାରିଖରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପତ୍ର ସଂଖ୍ୟା ୯୬୬୩ ମାଧ୍ୟମରେ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚାକିରି ନିଯୁକ୍ତି ତାରିଖକୁ ଆଧାର କରି ବରିଷ୍ଠତା ଭିତ୍ତିରେ ପଦୋନ୍ନତି ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ସଂଘର କହିବା ଅନୁଯାୟୀ, ୨୦୨୧ ମସିହାରେ ସହମତି ପ୍ରଦାନ କରି ବି.ଏସି.ଟି. ଶିକ୍ଷକମାନେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯୁକ୍ତ ବିଦ୍ୟାଳୟରେ ବିଷୟଭିତ୍ତିକ ଶିକ୍ଷକ ଭାବେ ଓଟିଇଟି ବିନା ବରିଷ୍ଠତା ଭିତ୍ତିରେ ପଦୋନ୍ନତି ପାଇ ଗତ ପାଞ୍ଚ ବର୍ଷ ଧରି ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରୁଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ କେଉଁ ନିୟମ ଆଧାରରେ ସେମାନଙ୍କୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ବିଦ୍ୟାଳୟକୁ ଖସାଇ ଆଣିବାକୁ ପ୍ରୟାସ କରୁଛନ୍ତି ବୋଲି ପ୍ରଶ୍ନ ଉଠାଯାଇଛି। ଏହା ଫଳରେ ଅନେକ ଉନ୍ନୀତ ବିଦ୍ୟାଳୟରେ ବିଷୟଭିତ୍ତିକ ଶିକ୍ଷକଙ୍କ ଘୋର ଅଭାବ ଦେଖାଦେବ। ଅଭିଭାବକମାନେ ବାଧ୍ୟ ହୋଇ ନିଜ ସନ୍ତାନଙ୍କୁ ବେସରକାରୀ ବିଦ୍ୟାଳୟରେ ଭର୍ତ୍ତି କରିବେ ଏବଂ ଏଥିପାଇଁ ସରକାର ବଦନାମ ହେବେ ବୋଲି ସଂଘ ସତର୍କ କରିଛି। ଏଥସହ ସଂଘ ଆହୁରି କହିଛି ଯେ, ନବରଙ୍ଗପୁର ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବହୁବାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିଯୁକ୍ତି ତାରିଖ ଆଧାରିତ ବରିଷ୍ଠତା ଅନୁଯାୟୀ ପଦୋନ୍ନତି ଦେବାକୁ ମୌଖିକ ଅନୁରୋଧ କରାଯାଇଥିଲା। କିନ୍ତୁ ଜିଲ୍ଲା ଶିକ୍ଷା ଅଧିକାରୀ ଓଟିଇଟିକୁ ଆଧାର କରି ମୋ ଜ୍ଞାନ ହିସାବରେ ପଦୋନ୍ନତି ଦେବ ବୋଲି ସଂଘର ଦାବିକୁ ପ୍ରତ୍ୟାଖ୍ୟାନ କରିଥିବା ଅଭିଯୋଗ କରାଯାଇଛି। ପରେ ସଂଘ ବାଧ୍ୟ ହୋଇ ନବରଙ୍ଗପୁର ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁ, ରାଜ୍ୟ ପ୍ରାଥମିକ ଶିକ୍ଷକ ମହାସଂଘ ଅଧ୍ୟକ୍ଷ ରମଣୀ ରଞ୍ଜନ ତ୍ରିପାଠୀ, ଅଖିଳ ଭାରତୀୟ ଭ୍ରଷ୍ଟାଚାର ବିରୋଧୀ ସଂଗଠନ ଓ ଜିଲ୍ଲା ସଂଘର ଆଇନ ପରାମର୍ଶଦାତା ଶ୍ରୀରାମ ପ୍ରସାଦ ପାତ୍ରଙ୍କ ନିକଟରେ ଅଭିଯୋଗ କରିଥିଲା। ସେମାନଙ୍କ ହସ୍ତକ୍ଷେପ ପରେ ଜିଲ୍ଲା ଶିକ୍ଷା ଅଧିକାରୀ ନିଜର ଜିଦ୍ ଛାଡ଼ି ବରିଷ୍ଠତା ଭିତ୍ତିରେ ନବରଙ୍ଗପୁର ଜିଲ୍ଲା ପ୍ରାଥମିକ ଶିକ୍ଷକ ପଦୋନ୍ନତି ତାଲିକା ପତ୍ର ସଂଖ୍ୟା ୩୮୩୭କୁ ଜୁଲାଇ ୩ ତାରିଖରେ ପ୍ରକାଶ କରିଥିଲେ। ଏଥିପାଇଁ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସନତ ପ୍ରହରାଜ, ସମ୍ପାଦକ କ୍ଷେତ୍ର ମୋହନ ବିଶୋୟୀ ଓ କର୍ମକର୍ତ୍ତା ମାନେ ସମସ୍ତ ସହଯୋଗୀ, ସାମ୍ବାଦିକ, ଭ୍ରଷ୍ଟାଚାର ବିରୋଧୀ ସଂଗଠନ, ଜିଲ୍ଲାପାଳ ଓ ଆଇନ ପରାମର୍ଶଦାତାଙ୍କ ପ୍ରତି ବିନମ୍ର କୃତଜ୍ଞତା ଜ୍ଞାପନ କରିଛି। ଏଥିସହିତ ପ୍ରକାଶିତ ତାଲିକାରେ ରହିଥିବା ତ୍ରୁଟିକୁ ଶୀଘ୍ର ସଂଶୋଧନ କରି ସମସ୍ତ ଯୋଗ୍ୟ ଶିକ୍ଷକଙ୍କୁ ନ୍ୟାୟସଙ୍ଗତ ବରିଷ୍ଠତା ଭିତ୍ତିକ ପଦୋନ୍ନତି ପ୍ରଦାନ କରିବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## କେରଳରେ ଦାଦନ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



ରାୟଗଡ, ୫।୭(ସମିସ): ରାୟଗଡ ଜିଲ୍ଲାରୁ ଦାଦନ ଖଟିବାକୁ ଯାଇଥିବା ଆଉ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ତାମିଲନାଡୁରେ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିବା ଜଣାପଡ଼ିଛି। ଘଟଣା ପରେ ପରିବାର ସମେତ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତକ ହେଲେ ରାୟଗଡ ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରଗିରି ପଞ୍ଚାୟତର ଚାନ୍ଦଗିରି ଗ୍ରାମର କୁଳଧର ଗୌଡ଼। ସେ ତାମିଲନାଡୁର କୋଏମ୍ବାଟୁର ଜିଲ୍ଲାର ପୋଲାଚି ତାଲୁକସ୍ଥିତ ଏମ୍/ ଏସ୍ କୋକୋନଟ୍ ଫାର୍ମ ଆଣ୍ଡ ଗୋଦାମରେ କାର୍ଯ୍ୟ କରୁଥିଲେ। ସେଠାରେ ଏକ ଗଛରେ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ତେବେ କୁଳଧର କେଉଁ ପରିସ୍ଥିତିରେ ମୃତ୍ୟୁବରଣ କଲେ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏହା ଆତ୍ମହତ୍ୟା ନା ହତ୍ୟା ପରେ ମୃତଦେହକୁ ଝୁଲାଇ ଦିଆଯାଇଛି, ସେନେଇ ସମ୍ପୃକ୍ତ ପୁଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ପରିବାର ଲୋକେ ମଧ୍ୟ ଏହି ଘଟଣାକୁ ନେଇ କିଛି କହିପାରୁନାହାନ୍ତି। ସୂଚନା ଅନୁଯାୟୀ, ରବିବାର ମୃତଦେହର ବ୍ୟବଚ୍ଛେଦ କରାଯାଇପାରି ନଥିଲା। ସୋମବାର ବ୍ୟବଚ୍ଛେଦ ସମ୍ପନ୍ନ ହେବା ପରେ ମୃତଦେହକୁ ତାଙ୍କ ଜନ୍ମମାଟି କାଶୀପୁରକୁ ଅଣାଯିବ। ମୃତଦେହ ପରିବହନ ପାଇଁ ଆର୍ଥିକ ସହାୟତା ଲାଗି ସଂସ୍ଥାର ମାଲିକ ଅଥିଶ୍ୱରନଙ୍କ ସହ ଯୋଗାଯୋଗ କରାଯାଇଥିବା ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର ନାଥ ତ୍ରିପାଠୀଙ୍କ ଠାରୁ ସୂଚନା ମିଳିଛି। ଶବ ଆଣିବା ପାଇଁ ପରିବାର ପକ୍ଷରୁ ଶ୍ରମ ବିଭାଗର ସହାୟତା ଲୋଡ଼ାଯାଇଛି।

ଉଲ୍ଲେଖଯୋଗ୍ୟ, ଗତକାଲି ଗୁଣପୁର ବ୍ଲକ ସଗଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆଲଙ୍ଗଗଡ଼ା ଗ୍ରାମର ପ୍ରଦୀପ ଶବରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା। ସେହିପରି ଗତ ମେ ମାସରେ ଗୁଣପୁର ବ୍ଲକ ସଗଡ଼ା ଗ୍ରାମର ବିଲମା ଗମାଙ୍ଗ ଆନ୍ଧ୍ରପ୍ରଦେଶର ଗୋଦାବରୀ ଜିଲ୍ଲା ଭୀମାବରମର ଏକ ଚିଙ୍ଗୁଡ଼ି କମ୍ପାନୀରେ କାର୍ଯ୍ୟ କରୁଥିବାବେଳେ କମ୍ପାନୀ ହଷ୍ଟେଲ ନିକଟରେ ତାଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ଲଗାତାର ଭାବେ ରାୟଗଡ ଜିଲ୍ଲାର ଦାଦନ ଶ୍ରମିକମାନଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ସାମ୍ନାକୁ ଆସୁଥିବାରୁ ଦାଦନ ଶ୍ରମିକ ଏବଂ ସେମାନଙ୍କ ପରିବାର ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ଗତ ୩୫ ଦିନ ମଧ୍ୟରେ ଏଭଳି ୩ଟି ଘଟଣା ଘଟିଥିବା ଜଣାପଡ଼ିଛି।

➤ ମୃତ୍ୟୁକୁ ନେଇ ପରିବାର ଲୋକଙ୍କ ସନ୍ଦେହ
➤ ଗାଁକୁ ଆସିବ ମୃତଦେହ

ସୂଚନାଯୋଗ୍ୟ ଯେ, ରାୟଗଡ ଜିଲ୍ଲାରୁ ପ୍ରାୟ ୫୦ ହଜାରରୁ ଅଧିକ ଯୁବକ ଓ ଯୁବତୀ ଦାଦନ ଶ୍ରମିକ ଭାବେ ଦେଶର ବିଭିନ୍ନ ରାଜ୍ୟ, ବିଶେଷକରି ଦକ୍ଷିଣ ଭାରତରେ କାର୍ଯ୍ୟରତ ଅଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ କାଶୀପୁର ଓ କଲ୍ୟାଣସିଂହପୁର ବ୍ଲକରୁ ସର୍ବାଧିକ ସଂଖ୍ୟକ ଶ୍ରମିକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ଖଣି ଓ ଶିଳ୍ପାଞ୍ଚଳ ହୋଇଥିଲେ ମଧ୍ୟ କାଶୀପୁର ଅଞ୍ଚଳରୁ ବହୁ ସଂଖ୍ୟାରେ ଯୁବକ-ଯୁବତୀ ଜୀବିକା ଅନ୍ୱେଷଣରେ ବାହାର ରାଜ୍ୟକୁ ଯିବା ସହ ସେଠାରେ ବାରମ୍ବାର ଏଭଳି ସନ୍ଦେହଜନକ ମୃତ୍ୟୁ ଘଟଣା ଘଟୁଥିବାରୁ ଏହା ଚିନ୍ତାର ବିଷୟ ପାଲଟିଛି।

### ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

## ଆୟୋଜିତ ହେବ ଅନ୍ତର୍ଜାତୀୟ କର୍ମଶାଳା, କୃଷକ ମେଳା



ସୁନାବେଡ଼ା, ୫।୭ (ସମିସ); ଜୁଲାଇ ୫ରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟର କୃଷି ବିଭାଗ ପକ୍ଷରୁ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର) ଅଧୀନସ୍ଥ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ରେପସିଡ୍-ମଷ୍ଟାର୍ଡ ରିସର୍ଚ୍ଚ (ଆଇଆଇଆରଏମଆର), ଭରତପୁର, ରାଜସ୍ଥାନ ସହଯୋଗରେ ଏକ ପାଞ୍ଚଦିନିଆ "ଆନ୍ତର୍ଜାତୀୟ କର୍ମଶାଳା ଓ କୃଷକ ମେଳା' ଆୟୋଜିତ ହେବାକୁ ଯାଉଛି। "ଜନଜାତି ଅଧ୍ୟୁଷିତ ପାହାଡ଼ିଆ ଅଞ୍ଚଳରେ କୃଷି ପରିବେଶ ଆଧାରିତ ଚାଷ ପ୍ରଣାଳୀ ଓ ତୈଳବୀଜଭିତ୍ତିକ ସ୍ଥାୟୀ ବିକାଶ ପାଇଁ ଗବେଷଣା ଓ କ୍ଷେତ୍ରସ୍ତରୀୟ ପ୍ରୟୋଗର ସମନ୍ୱୟ ଶୀର୍ଷକ ଏହି କାର୍ଯ୍ୟକ୍ରମ ଜୁଲାଇ ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମଗ୍ର କାର୍ଯ୍ୟକ୍ରମ ଜନଜାତି ଉପଯୋଜନା (ଟିଏସପି) ଅଧୀନରେ ଆୟୋଜନ କରାଯାଉଛି ବୋଲି ଆଜି ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଏନ୍‌ସି. ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି। ଏହି ସ୍ୱାର୍କସପ୍‌ରେ ଜନଜାତି ଅଞ୍ଚଳର କୃଷକମାନଙ୍କ ଜୀବିକା ବିକାଶ ଓ ସ୍ଥାୟୀ କୃଷିକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଆଯାଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଉପସ୍ଥାପିତ କରାଯିବ। ଗୁଜରାଟର ନବସାରୀ କୃଷି ବିଶ୍ୱବିଦ୍ୟାଳୟ ସହଯୋଗରେ ୩୫ ପ୍ରଜାତିର ଏକ ବାଉଁଶ ନର୍ସରୀ ସ୍ଥାପନ ଏବଂ ବାଉଁଶ ଆଧାରିତ ଭାଲ୍ୟୁ ଆଡିସନ ଉପରେ କୃଷକମାନଙ୍କ ପାଇଁ ପ୍ରଶିକ୍ଷଣ ଓ କୌଶଳ ବିକାଶ କାର୍ଯ୍ୟକ୍ରମ ମଧ୍ୟ ଏଥିରେ ସାମିଲ ରହିଛି। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ଚଲାଣପୁଟ ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରିବ। ଏହି ଗ୍ରାମରେ ବୈଜ୍ଞାନିକ କୃଷି ପ୍ରଯୁକ୍ତିର ସଫଳ ପ୍ରୟୋଗ ମାଧ୍ୟମରେ ସ୍ଥାୟୀ କୃଷିର ପ୍ରସାର, ଗ୍ରାମୀଣ ବିକାଶ ଏବଂ କୃଷକଙ୍କ ଜୀବିକାର ସାମଗ୍ରିକ ଉନ୍ନତି ପାଇଁ ବିଶ୍ୱବିଦ୍ୟାଳୟ ନିରନ୍ତର କାର୍ଯ୍ୟ କରିବାର କାର୍ଯ୍ୟକ୍ରମ ରହିଛି। ଏହା ସହ ପେରୁ ସ୍ଥିତ ଇଣ୍ଟରନ୍ୟାସନାଲ ପୋଟାଟୋ ସେଣ୍ଟର (ସିଆଇପି) ସହଯୋଗରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଉନ୍ନତମାନର "ଆଳୁ ବିହନ ଉତ୍ପାଦନ କେନ୍ଦ୍ର' ମଧ୍ୟ ସ୍ଥାପନ କରାଯିବ। ଏହା ଓଡ଼ିଶାରେ ଗୁଣାତ୍ମକ ଆଳୁ ବିହନର ଉପଲବ୍ଧତା ବଢ଼ାଇବା ସହିତ ସ୍ଥାନୀୟ କୃଷକଙ୍କ ଆୟ ବୃଦ୍ଧିରେ ବିଶେଷ ସହାୟକ ହେବ। ଏଥିସହିତ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ୧,୫୦୦ରୁ ଅଧିକ ପ୍ରଜାତିର ସମୃଦ୍ଧ ଔଷଧୀୟ ଓ ସୁଗନ୍ଧିତ ଉଦ୍ଭିଦ ଉଦ୍ୟାନ ବିକଶିତ କରାଯିବ। କୃଷି ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ବ୍ୟାପକ ସହଯୋଗ ପାଇଁ ନବସାରୀ କୃଷି ବିଶ୍ୱବିଦ୍ୟାଳୟ, ଆଇସିଏଆରଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସଏଲ୍ ଆଣ୍ଡ ୱାଟର କନଜର୍ଭେସନ୍, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଏବଂ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ସହିତ ଭାଗିଦାରୀକୁ ଆହୁରି ମଜଭୁତ କରାଯିବ। ଏହି ସମସ୍ତ କାର୍ଯ୍ୟକ୍ରମ ବୈଜ୍ଞାନିକ ଗବେଷଣାକୁ ସିଧାସଳଖ କ୍ଷେତ୍ରସ୍ତରୀୟ ପ୍ରୟୋଗ ସହ ଯୋଡ଼ି କୃଷକମାନଙ୍କୁ ନୂତନ ଜ୍ଞାନ, ଉଦ୍ଭାବନ, ଉଦ୍ୟୋଗୀକରଣ ଓ ସ୍ଥାୟୀ କୃଷି ପ୍ରଯୁକ୍ତିରେ ସଶକ୍ତ କରିବା ପାଇଁ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ଆନ୍ତର୍ଜାତୀୟ କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଏନ୍‌.ସି. ପଣ୍ଡା ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଦେଶ-ବିଦେଶର ବୈଜ୍ଞାନିକ, ଶିକ୍ଷାବିତ୍, ବିଶେଷଜ୍ଞ, କୃଷକ ଏବଂ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ। ଏହି ସାମ୍ବାଦିକ ସମ୍ମିଳନୀରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରର ଡ଼. ସଞ୍ଜୟ ପ୍ରଧାନ, ବିତ୍ତ ଅଧିକାରୀ ଡ଼. ଦୁର୍ଯ୍ୟୋଧନ ସେଠୀ, କୃଷି ବିଭାଗର ମୁଖ୍ୟ ଡ଼. ମଞ୍ଜୁଶ୍ରୀ ସିଂହ, ଗଣମାଧ୍ୟମ ସମ୍ପର୍କ କମିଟିର ଅଧ୍ୟକ୍ଷ ଶ୍ରୀ ସୁମିତ କୁମାର ବେହେରାଙ୍କ ସମେତ ଡେୟରୀ ସାଇନ୍ସ ବିଭାଗର ଅଧ୍ୟାପକମାନେ ମଧ୍ୟ ଉପସ୍ଥିତ ଥିଲେ।

## ଭାରତୀୟ ଖ୍ରୀଷ୍ଟିଆନ ଦିବସ ପାଳିତ



ସେମିଳିଗୁଡା, ୫।୭ (ସମିସ): ସେମିଳିଗୁଡ଼ାସ୍ଥିତ ନ୍ୟୁ-ଲାଇଫ୍ ଫେଲୋଶିପ୍ ଚର୍ଚ୍ଚରେ ଭାରତୀୟ ଖ୍ରୀଷ୍ଟିଆନ ଦିବସ ଶ୍ରଦ୍ଧା ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ନ୍ୟୁ ଲାଇଫ୍ ଫର୍ ଓଡ଼ିଶାର ସଭାପତି ସୁନୀଲ କ୍ଷତ୍ରିୟଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶିକେନ୍ଦ୍ର ଟାକ୍ରି ପରିଚାଳନା କରିଥିଲେ। ଏହି ଅବସରରେ ସୋଲୋମନ ପାଙ୍ଗି, ସୁଶ୍ରୀ ସାଖୀନା କ୍ଷତ୍ରିୟ, ଏଣ୍ଡ୍ରୁ ମଙ୍ଗରାଜ ଏବଂ ଦିନେଶ ପାଙ୍ଗି ମଗ୍ଦଲିନି ଟାକ୍ରି କାଜଲ ଖୋସ୍ଲା ପ୍ରିତି ଖୋସ୍ଲା, କୋଏର ଗୀତଗାନରେ ସହଯୋଗ କରିଥିଲେ। ନିଜ ବକ୍ତବ୍ୟରେ ରେଭ ସୁନୀଲ କ୍ଷତ୍ରିୟ କହିଥିଲେ ଯେ, ଭାରତୀୟ ଖ୍ରୀଷ୍ଟିଆନମାନେ ଦେଶର ଶିକ୍ଷା, ସ୍ୱାସ୍ଥ୍ୟ, ସମାଜ ସଂସ୍କାର ଏବଂ ଜାତୀୟ ବିକାଶ କ୍ଷେତ୍ରରେ ଅତୁଳନୀୟ ଅବଦାନ ରଖିଛନ୍ତି। ଡା. ଇଡା ସୋଫିଆ ସ୍କଡର୍ ୧୯୦୦ ମସିହାରେ ଖ୍ରୀଷ୍ଟିୟାନ ମେଡିକାଲ କଲେଜ (ସିଏମ୍‌ସି) ଭେଲୋର ପ୍ରତିଷ୍ଠା କରି ଭାରତର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଐତିହାସିକ ଅଧ୍ୟାୟର ଆରମ୍ଭ କରିଥିଲେ। ସେହିପରି ଉତ୍କଳ ଗୌରବ ମଧୁସୂଦନ ଦାସ, ଯିଏ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିଲେ, ଓଡ଼ିଶା ରାଜ୍ୟ ଗଠନ, ଶିକ୍ଷା, ସାମାଜିକ ନ୍ୟାୟ ଓ ଜନକଲ୍ୟାଣ ପାଇଁ ତାଙ୍କର ଅବର୍ଣ୍ଣନୀୟ ଅବଦାନ ରହିଛି। ସେ ଆହୁରି ଉଲ୍ଲେଖ କରିଥିଲେ ଯେ, କୋରାପୁଟ ଜିଲ୍ଲାରେ ୧୮୮୨ ମସିହାରେ ଜର୍ମାନ ଲୁଥେରାନ୍ ମିଶନାରୀ ରେଭ. ଏର୍ନଷ୍ଟ ପୋହଲ ଏବଂ ରେଭ. ହର୍ମାନ ବୋଥମାନଙ୍କ ନେତୃତ୍ୱରେ ଜେଇଏଲ, ମିଶନ ଶିକ୍ଷା କାର୍ଯ୍ୟ ଆରମ୍ଭ ହୋଇଥିଲା। ସେମାନେ ଆଦିବାସୀ ଶିଶୁମାନଙ୍କ ପାଇଁ ପ୍ରଥମ ମିଶନ ବିଦ୍ୟାଳୟ ସ୍ଥାପନ କରି ଏହି ଅଞ୍ଚଳରେ ଶିକ୍ଷାର ନୂତନ ଯୁଗର ଶୁଭାରମ୍ଭ କରିଥିଲେ। ସେ କହିଥିଲେ ଯେ, ଅନେକ ଖ୍ରୀଷ୍ଟିଆନ ନିଜ ଜୀବନକୁ ସମର୍ପଣ କରି ଭାରତର ବିକାଶରେ ଅମୂଲ୍ୟ ଅବଦାନ ରଖିଛନ୍ତି। କାର୍ଯ୍ୟକ୍ରମରେ ଲବୋଶ୍ରୀରିଆ ପ୍ରମୁଖଙ୍କ ସମେତ ବହୁ ଗଣ୍ୟମାନ୍ୟ ଖ୍ରୀଷ୍ଟିୟ ବିଶ୍ୱାସୀ ଭାଇ ଓ ଭଉଣୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ ତନୁଜା କ୍ଷତ୍ରିୟ ଧନ୍ୟବାଦ ଅର୍ପଣ କରିଥିଲେ।


## ସୁକୁ ବାଇଙ୍କ ପରଲୋକ



ପୋଡ଼ାଗଡ଼, ୫।୭ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ମହକୁମା ସ୍ଥିତ ବରିଷ୍ଠ ସାମ୍ବାଦିକ ଶୈଳେଶ ଖଡ଼ିଆଙ୍କ ମାତା ସୁକୁ ବାଇଙ୍କ ପରଲୋକ ଘଟିଛି। ଏ ସମ୍ପର୍କରେ ଖବର ପାଇ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। ଏହି ଅବସରରେ ଦଶମନ୍ତପୁର ବ୍ଲକ କଂଗ୍ରେସ କମିଟିର ସଭାପତି ମୋହନପାତ୍ର ହିଆଲ, ଯୁବନେତା ତଥା ପୂର୍ବତନ ସାଂସଦଙ୍କ ପ୍ରତିନିଧି ପଙ୍କଜ ବାଘ ଅଶୋକଙ୍କ ସମେତ ବହୁ ବୁଦ୍ଧିଜୀବୀ, ସାମ୍ବାଦିକ, ଜନପ୍ରତିନିଧି ଓ ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ଶୈଳେଶ ଖଡ଼ିଆଙ୍କ ପରିବାରକୁ ସାକ୍ଷାତ କରି ସମବେଦନା ଜଣାଇବା ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ।

### ୫ ବର୍ଷ ଧରି ଅବହେଳିତ ମୁଖ୍ୟ ରାସ୍ତା

## ଲଗାଣ ବର୍ଷାରେ ଅସ୍ତବ୍ୟସ୍ତ ଜନଜୀବନ



### ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଦାବି


ଗୁଡାରୀ, ୫।୭(ସମିସ): ଦୀର୍ଘ ପ୍ରାୟ ଚାରି ମାସର ପ୍ରବଳ ଗ୍ରୀଷ୍ମପ୍ରବାହ ଓ ଅସହ୍ୟ ଗୁଳୁଗୁଳି ପରେ ଲଘୁଚାପଜନିତ ବର୍ଷା ଗୁଡାରୀ ଅଞ୍ଚଳବାସୀଙ୍କୁ କିଛିଟା ଆଶ୍ୱସ୍ତି ଦେଇଛି। ଗତ ୨ ତାରିଖଠାରୁ ରାଜ୍ୟରେ ବର୍ଷାର ପ୍ରଭାବ ବଢ଼ିଥିବା ବେଳେ ଗୁଡାରୀ ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ମଧ୍ୟ ଲଗାତାର ଝିପିଝିପି ବର୍ଷା ଜାରି ରହିଛି। ଏପର୍ଯ୍ୟନ୍ତ ବର୍ଷା ଯୋଗୁଁ ବଡ଼ ଧରଣର କ୍ଷୟକ୍ଷତି ଘଟିନଥିଲେ ମଧ୍ୟ ଭାରି ବର୍ଷାର ଅଭାବ ଯୋଗୁଁ ଚାଷଜମିକୁ ଆବଶ୍ୟକ ପରିମାଣର ପାଣି ମିଳୁନଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଛି। ସେହିପରି ଲଗାତାର ବର୍ଷା କାରଣରୁ ସହରରେ ଗ୍ରାହକଙ୍କ ଆଗମନ କମିଯାଇଥିବାରୁ ବ୍ୟବସାୟୀମାନେ ମଧ୍ୟ କ୍ଷତି ସହୁଛନ୍ତି। ଅନ୍ୟପକ୍ଷରେ ବିଜୁ ସେତୁଠାରୁ ଗୁଡାରୀ ମୁଖ୍ୟ ରାସ୍ତାର ଶୋଚନୀୟ ଅବସ୍ଥା ବର୍ଷା ଦିନରେ ଲୋକଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଦେଇଛି। ଦୀର୍ଘଦିନ ଧରି ରାସ୍ତା କାମ ଅଧାରେ ପଡ଼ି ରହିଥିବାରୁ ବର୍ଷା ପାଣିରେ ଖାଲଖମା ରାସ୍ତା କାଦୁଅମୟ ପାଲଟିଯାଇଛି। ଫଳରେ ପାଦଚାରୀ, ଦୁଇଚକିଆ ଓ ଚାରିଚକିଆ ଯାନବାହନ ଚଳାଚଳ କରିବା ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପଡ଼ିଛି। ଗୁଡାରୀ ଏନ୍‌ଏସି ପକ୍ଷରୁ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ କିଛି ଅଂଶରେ କଂକ୍ରିଟ୍ ରାସ୍ତା ନିର୍ମାଣ ହୋଇଥିଲେ ମଧ୍ୟ ଅବଶିଷ୍ଟ ଅଂଶ ଆଜି ପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ରହିଛି। ରାଜ୍ୟ ସରକାର କିମ୍ବା ଜନପ୍ରତିନିଧିଙ୍କ ପକ୍ଷରୁ ଆବଶ୍ୟକ ଅନୁଦାନ ନ ମିଳିବାରୁ ସମସ୍ୟାର ସମାଧାନ ହୋଇପାରୁନାହିଁ। ଏହାର ସିଧାସଳଖ ପ୍ରଭାବ ସାଧାରଣ ଲୋକ, ବସ୍, ଟ୍ରକ୍ ଚାଳକ ଓ ଆଖପାଖ ପଞ୍ଚାୟତବାସୀଙ୍କ ଉପରେ ପଡୁଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ପ୍ରାୟ ପାଞ୍ଚ ବର୍ଷ ଧରି ଏହି ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଜିଲ୍ଲାପାଳ, ବିଡିଓ ଓ ସମ୍ପୃକ୍ତ ବିଭାଗକୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ଫଳପ୍ରଦ ପଦକ୍ଷେପ ନିଆଯାଇନାହିଁ। ୬୦ ବର୍ଷର ପୁରୁଣା ଗୁଡାରୀ ଏନ୍‌ଏସିର ମୁଖ୍ୟ ରାସ୍ତାର ଏଭଳି ଦୁରବସ୍ଥାକୁ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ବର୍ଷା ଋତୁରେ ଜନସାଧାରଣଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଗୁଡାରୀ ମୁଖ୍ୟ ରାସ୍ତାର ତୁରନ୍ତ ମରାମତି ଓ ସ୍ଥାୟୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଜିଲ୍ଲା ପ୍ରଶାସନ ନିକଟରେ ସାଧାରଣ ଲୋକ ଜୋରଦାର ଦାବି କରିଛନ୍ତି।

## ତାଲୁକ ଲିଗାଲ ସର୍ଭିସ୍ ପକ୍ଷରୁ ବନ ମହୋତ୍ସବ




ଉମରକୋଟ, ୫।୭(ସର୍ଭିସ୍): ନବରଙ୍ଗପୁର ଜିଲ୍ଲାର ଉମରକୋଟ ତାଲୁକା ଲିଗାଲ ସର୍ଭିସ୍ ପକ୍ଷରୁ ୭୭ତମ ବନ ମହୋତ୍ସବ ସପ୍ତାହ ଉତ୍ସବ ପାଳିତ ହୋଇଯାଇଛି। ମେନ୍ଦାବେଡାସ୍ଥିତ ପ୍ରସ୍ତାବିତ ନୂତନ କୋର୍ଟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଡିଜେ ସୁନୀତା ପଟ୍ଟନାୟକ, ସବ୍‌ଜଜ୍ ଚିନ୍ମୟ କୁମାର ପାଢ଼ୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଇପ୍ସିତା ଭୋଇ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବନ ବିଭାଗ କର୍ମଚାରୀ ଓ ଆଇନଜୀବୀ ଏବଂ ସ୍ଥାନୀୟ ଲୋକ ଯୋଗ ଦେଇଥିଲେ। ପରିବେଶ ସୁରକ୍ଷା ପ୍ରତି ନିଜର ଦାୟିତ୍ୱବୋଧ ପ୍ରକାଶ କରିଥିଲେ।। ଏହି ଅବସରରେ ବନ ବିଭାଗର ଅଧିକାରୀଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ କୋର୍ଟ ପରିସରରେ ବିଭିନ୍ନ ପ୍ରଜାତିର ଚାରାରୋପଣ କରିଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ କାର୍ଯ୍ୟକ୍ରମରେ କୌଣସି ବାଧା ସୃଷ୍ଟି ହୋଇନଥିଲା। ବରଂ ବର୍ଷାକୁ ପ୍ରକୃତିର ଆଶୀର୍ବାଦ ବୋଲି ମାନି ସମସ୍ତେ ଉତ୍ସାହର ସହ ବୃକ୍ଷରୋପଣ କାର୍ଯ୍ୟରେ ସାମିଲ ହୋଇଥିଲେ। ଆଇନଜୀବୀ ମାନେ ମଧ୍ୟ ନିଜ ହାତରେ ଚାରା ଲଗାଇ ସେଗୁଡ଼ିକର ଯତ୍ନ ନେବାକୁ ସଂକଳ୍ପ ନେଇଥିଲେ।

# ସମ୍ପାଦକୀୟ



ଅହିଂସା ସାହସିକତାର ପ୍ରତୀକ
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ଆସ୍ଥା ତୁଟୁଛି

ଭାରତର ଅର୍ଥ ବ୍ୟବସ୍ଥା ଉପରୁ ଜନସାଧାରଣଙ୍କ ଆସ୍ଥା କ୍ରମଶଃ ତୁଟିବାରେ ଲାଗିଛି। ଏହାର ପ୍ରତିଫଳନ ବ୍ୟାଙ୍କ ଜମା-ଉଠାଣ କାରବାରରେ ଦେଖିବାକୁ ମିଳିଛି। ଗତ କିଛିମାସ ଧରି ଋଣ ବଢ଼ିଚାଲିଥିବା ବେଳେ ଜମା ହାର ଉଦ୍‌ବେଗଜନକ ଭାବେ ହ୍ରାସ ପାଇ ଚାଲିଛି। ଜମା-ଋଣ ଅନୁପାତର ଏହି କ୍ରମବର୍ଦ୍ଧିଷ୍ଣୁ ହାର ବ୍ୟାଙ୍କିଙ୍ଗ କ୍ଷେତ୍ର ପାଇଁ ଯେତିକି ଅସ୍ୱସ୍ତିକର ହୋଇଛି, ଦେଶର ସାମଗ୍ରିକ ଅର୍ଥନୀତିରେ ଏହାର ପରୋକ୍ଷ ନକାରାତ୍ମକ ପ୍ରଭାବ ତା'ଠାରୁ ଅଧିକ ଆଶଙ୍କା ସୃଷ୍ଟି କରିଛି।

ବିଶେଷଜ୍ଞଙ୍କ ମତରେ ପରିବାର ଓ ନିବେଶକମାନେ ସଞ୍ଚୟ ଜମାରୁ ମୁହଁ ଫେରାଇ ମିଆଦୀ ଜମା, ମ୍ୟୁଚୁଆଲ୍ ଫଣ୍ଡ, ପ୍ରତିଭୂତି(ସେୟାର ମାର୍କେଟ)ରେ ନିବେଶ କରିବାକୁ ଅଧିକ ଉଚିତ ମଣୁଛନ୍ତି। କିନ୍ତୁ ଜମା-ଋଣ ତାରତମ୍ୟ ବୃଦ୍ଧି ପଛରେ ଥିବା କାରକଗୁଡ଼ିକ ମଧ୍ୟରୁ ମୁଖ୍ୟ ହୋଇଛି ଦରଦାମ ବୃଦ୍ଧି। ଏବେ ସାଧାରଣ ଜୀବନଚର୍ଯ୍ୟା ବା ଦୈନନ୍ଦିନ ଚଳଣି ଏତେ ମହଙ୍ଗା ହେବାରେ ଲାଗିଛି ଯେ ସଞ୍ଚୟ ପାଇଁ ଆଉ କିଛି ବଳୁନାହିଁ। ଅପରପକ୍ଷରେ ନିଯୁକ୍ତି କମୁଛି ଓ ଛଟେଇ ବଢୁଛି, ରୋଜଗାର ସଂକୁଚିତ ହେଉଛି। ତେଣୁ ଲୋକମାନେ ଆପତ୍‌କାଳୀନ ଖର୍ଚ୍ଚ ପାଇଁ ଯାହା କିଛି ଜମା ରଖିଥିଲେ ତାହା ଉଠାଇବାରେ ଲାଗିଛନ୍ତି। ଭାରତୀୟ ନିବେଶକମାନେ ବାହାର ଦେଶରେ ପୁଞ୍ଜି ନିବେଶ କରିବାକୁ ଉଚିତ ମଣୁଥିବା ବେଳେ ବିଦେଶୀ ନିବେଶ ଆୟ ସ୍ରୋତ ସଂକୁଚିତ ହେବାରେ ଲାଗିଛି। ଭାରତର ଆର୍ଥିକ ସ୍ଥିତି ଏଥିରୁ ଅନୁମେୟ।

ଖାଉଟି ବଜାର ଦିନକୁ ଦିନ ମହଙ୍ଗା ହେବାରେ ଲାଗିଛି। ସୁନାରେ ନିମ୍ନ-ମଧ୍ୟବିତ୍ତ ଆଉ ହାତ ମାରିପାରୁନି। ସ୍ୱାସ୍ଥ୍ୟ ବା ଚିକିତ୍ସା ଖର୍ଚ୍ଚ ଯେଉଁ ହାରରେ ବଢୁଛି ସେଥିରେ ଗରିବ ଦୂରେ ଥାଉ ନିମ୍ନମଧ୍ୟବିତ୍ତ ପାଇଁ ମଧ୍ୟ ଅପହଞ୍ଚ ହୋଇଚାଲିଛି। ଗୋଟିଏ ପଟେ ସରକାରୀ ଶିକ୍ଷା ଏତେ ଅବ୍ୟବସ୍ଥିତ ଓ ବିଶୃଙ୍ଖଳିତ ଯେ ଅଭିଭାବକମାନେ ବାଧ୍ୟ ହୋଇ ସେମାନଙ୍କ ପିଲାଙ୍କ ଭବିଷ୍ୟତକୁ ଚାହିଁ ଘରୋଇ ସ୍କୁଲ୍‌ରେ ନାମ ଲେଖାଇବାକୁ ଉଚିତ ମଣୁଛନ୍ତି। ଏହାର ସୁଯୋଗ ନେଇ ଘରୋଇ ବିଦ୍ୟାଳୟମାନେ ମନ ଇଚ୍ଛା ଫି' ବଢ଼ାଇ ଚାଲିଛନ୍ତି। ଏବେ ଦେଶର ଅର୍ଥନୀତି ଜନସଂଖ୍ୟାର ମାତ୍ର ୫% ମୁଷ୍ଟିମେୟ ହାତରେ ଠୁଳ ହୋଇଛି ଏବଂ ଅବଶିଷ୍ଟ ୯୫% ଲୋକଙ୍କର ଜୀବନ ସଂଘର୍ଷ ବଢ଼ିଚାଲିଛି। ଏଭଳି ପରିସ୍ଥିତିରେ ରୋଜଗାରରୁ ସଞ୍ଚୟ ବଳିବ କେମିତି?

ଭାରତୀୟ ରିଜର୍ଭ ବ୍ୟାଙ୍କର ତଥ୍ୟାନୁଯାୟୀ ୨୦୨୫ ଡିସେମ୍ବର ମାସରେ ଜମା-ଋଣ ଅନୁପାତ ୧.୮ ଥିବା ବେଳେ ମାତ୍ର ଛଅମାସ ଭିତରେ ୫.୪କୁ ବୃଦ୍ଧି ପାଇଛି। ସେହିପରି ଗତ ୧୨ ମାସ ଭିତରେ ବ୍ୟାଙ୍କରୁ ଲୋକମାନେ ନେଉଥିବା ଋଣ ହାର ୭୫% ରୁ ୮୨%କୁ ବୃଦ୍ଧି ପାଇଛି। ସାଧାରଣତଃ ସଞ୍ଚୟ ଜମାରେ ସୁଧ ହାର ହାରାହାରି ୩-୪% ରହୁଥିବା ବେଳେ ମିଆଦୀ ଜମାରେ ୭-୮% ସୁଧ ମିଳୁଛି। ଏହା ଜମାକାରୀଙ୍କ ପାଇଁ ଲାଭଦାୟକ ହୋଇଥିଲେ ହେଁ ବ୍ୟାଙ୍କମାନଙ୍କ ପାଇଁ ମହଙ୍ଗା ହେଉଛି। ଋଣ ବାବଦ ସୁଧ ଆୟରୁ ଜମା ବବଦ ସୁଧ ଦେୟକୁ ବାଦ୍ ଦେଲେ ଯେଉଁ ଉଦ୍‌ବୃତ୍ତ ରହେ ତାହା ବ୍ୟାଙ୍କର ବ୍ୟବସାୟିକ ଲାଭ ବା ଆୟର ସିଂହଭାଗ ଭାବରେ ପରିଗଣିତ ହୁଏ। ଏଥିରୁ ପରିଚାଳନା ଓ ପ୍ରଶାସନିକ ଖର୍ଚ୍ଚ ଭରଣା ହୁଏ। ଏବେ ମିଆଦୀ ଜମା ସୁଧ ବାବଦ ଦେୟ ବଢୁଥିବାରୁ ବ୍ୟାଙ୍କର ଆୟ ମଧ୍ୟ ସଂକୁଚିତ ହୋଇଛି। ଗତ ୧୧ ମାସ ଭିତରେ ଋଣ ହାରରେ ଯେଉଁ ବୃଦ୍ଧି ଘଟିଛି ସେଥିରେ ମଧ୍ୟ ଉପରୋକ୍ତ ୫% ପ୍ରତିପତ୍ତି ଓ ପ୍ରଭାବଶାଳୀ ଗୋଷ୍ଠୀଙ୍କ ସିଂହଭାଗ ରହିଛି। ସେମାନଙ୍କଠାରୁ ଋଣ କିସ୍ତି ଆଦାୟ କାଠିକର ପାଠ। ତେଣୁ ବ୍ୟାଙ୍କମାନଙ୍କର ଏନ୍‌ପିଏ(ଅନାଦାୟ ସମ୍ପଦା) ମଧ୍ୟ ବଢ଼ିଚାଲି ବାଲାନ୍ସ ସିଟ୍‌କୁ ପ୍ରଭାବିତ କରୁଛି। ସେହିପରି ସରକାରୀ ପୁଞ୍ଜିନିବେଶର ମୁଖ୍ୟ ସ୍ରୋତ ହେଉଛି ବ୍ୟାଙ୍କ ଓ ବିଭିନ୍ନ ସଞ୍ଚୟ ଜମା। ସୁଲଭ ବା ୩-୪% ସୁଧରେ ମିଳୁଥିବାରୁ ଏହି ପୁଞ୍ଜି ଉପରେ ସରକାର ଅଧିକ ନିର୍ଭରଶୀଳ। ସଞ୍ଚୟ ଜମା ହାର ହ୍ରାସ ପାଉଥିବାରୁ ସରକାରଙ୍କୁ ବାଧ୍ୟ ହୋଇ ଖୋଲା ବଜାରରୁ ଅଧିକ ସୁଧରେ ଋଣ କରିବାକୁ ପଡ଼ିବ। ଏହା ବିତ୍ତୀୟ ନିଅଣ୍ଟକୁ ଆହୁରି ବୃଦ୍ଧି କରିବ।

ଗତ ୧୧ ମାସ ଭିତରେ ଭାରତୀୟ ନିବେଶକମାନେ ବିଦେଶରେ ୨୨୦ କୋଟି ଡଲାର ନିବେଶ କରିଛନ୍ତି। ଗତବର୍ଷ ତୁଳନାରେ ଏହି ହାରରେ ୬୦% ବୃଦ୍ଧି ଘଟିଛି। ଭାରତରୁ ପୁଞ୍ଜିପତି, ବ୍ୟବସାୟୀ ଓ ନିବେଶକମାନେ ବିଦେଶକୁ ପଳାୟନ କରିବା ଭାରତୀୟ ଅର୍ଥନୀତି ପ୍ରତି ଶୁଭସଙ୍କେତ ନୁହେଁ। ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଦୁର୍ବଳ ହୋଇଚାଲିଛି। ଏଣୁ ସେମାନେ ନିବେଶର ଉଚିତ ମୂଲ୍ୟ ପାଉ ନାହାନ୍ତି। ଏହାଛଡ଼ା ଆମ ଅର୍ଥନୀତିର ସିଂହଭାଗ କେବଳ ଦୁଇ/ତିନିଟି ବୃହତ୍ ଘରୋଇ ଶିଳ୍ପସଂସ୍ଥା ନିୟନ୍ତ୍ରଣରେ ରହିଛି। ଯେଉଁକେତେକ ବ୍ୟବସାୟ ବା ସଂସ୍ଥା ଆଖିଦୃଶିଆ ଉନ୍ନତି ବା ଲାଭ କରୁଛନ୍ତି ସେମାନଙ୍କୁ ଉକ୍ତ ବଡ଼ ସଂସ୍ଥା ଅଧିଗ୍ରହଣ କରିନେଉଛନ୍ତି କିମ୍ବା ସରକାରୀ ପ୍ରଭାବରେ ଚାପଗ୍ରସ୍ତ କରି ରଖୁଛନ୍ତି। ତେଣୁ ଭାରତରେ କୌଣସି ଘରୋଇ କିମ୍ବା ବିଦେଶୀ ସଂସ୍ଥା ବ୍ୟବସାୟ କରିବାକୁ ଅମଙ୍ଗ ହେଉଛନ୍ତି। ଏହାର ପ୍ରଭାବ ମଧ୍ୟ ଭାରତୀୟ ଜମା କ୍ଷେତ୍ରରେ ପ୍ରତିଫଳିତ ହୋଇଛି।

ଆମ ଦେଶର ଆଉ ଏକ ବିଡ଼ମ୍ବନା ହେଲା ଯେଉଁ ଆଳରେ ଦରଦାମ ବଢ଼େ ପରିସ୍ଥିତିରେ ଉନ୍ନତି ଘଟିଲେ ମଧ୍ୟ ସେଥିରେ ସୁଧାର ଆସେ ନାହିଁ। ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟ ଆଳରେ ଇନ୍ଧନ ମୂଲ୍ୟ ବଢ଼ିଥିଲା। ଏବେ ଆନ୍ତର୍ଜାତିକ ବଜାରରେ ଇନ୍ଧନ ମୂଲ୍ୟ ହ୍ରାସ ପାଇଥିଲେ ମଧ୍ୟ ଭାରତୀୟ ଖାଉଟି ସେହି ଅଧିକ ଦରରେ କିଣିବାକୁ ବାଧ୍ୟ ହେଉଛନ୍ତି। ଜିଏସ୍‌ଟିର ଗୋଟିଏ ସ୍ଲାବ୍‌ରେ ହ୍ରାସ ଘଟିଥିବା ବେଳେ ଆନୁଷଙ୍ଗିକ ଅନ୍ୟ ସ୍ଲାବ୍‌ରେ ବଢ଼ିଛି। ଅର୍ଥାତ୍ ଦରଦାମ ବୃଦ୍ଧିରୁ ଲୋକଙ୍କୁ ନିସ୍ତାର ନାହିଁ। ଏଭଳି ପରିସ୍ଥିତିରେ ଦେଶର ଅର୍ଥବ୍ୟବସ୍ଥା ଉପରୁ ଆସ୍ଥା ତୁଟିବା ଏବଂ ଜମା ହାର କମିବା ସ୍ୱାଭାବିକ।

## ଭାଷା, ଅଭାଷା ଓ ଓଡ଼ିଆ ଅସ୍ମିତା

**ପ୍ରକାଶ ଚନ୍ଦ୍ର ମିଶ୍ର**

ଭାଷା କେବଳ ଭାବ ବିନିମୟର ମାଧ୍ୟମ ନୁହେଁ; ଗୋଟିଏ ଜାତିର ପରିଚୟ, ଇତିହାସ, ସଂସ୍କୃତି, ପରମ୍ପରା, ଚିନ୍ତାଧାରା ଓ ସାମୂହିକ ସ୍ମୃତିର ବାହକ ଏବଂ ସଭ୍ୟତାର ଆଧାର। ଯେଉଁ ଜାତି ନିଜ ଭାଷାକୁ ଭଲପାଏ, ସେ ଜାତି ନିଜ ସଂସ୍କୃତିକୁ ବଞ୍ଚାଇ ରଖିପାରେ। ଯେଉଁ ଜାତି ନିଜ ମାତୃଭାଷାକୁ ଅବହେଳା କରେ, ସେ ଧୀରେ ଧୀରେ ନିଜର ଅସ୍ମିତାକୁ ହରାଇବାକୁ ଲାଗେ। ଓଡ଼ିଆ ଭାଷା ଏକ ଶାସ୍ତ୍ରୀୟ ସମୃଦ୍ଧ ଭାଷା। ଭାରତର ୧୨୧ଟି ପ୍ରମୁଖ ଭାଷା ମଧ୍ୟରୁ ମାତ୍ର ୨୨ଟି ଭାଷା ସମ୍ବିଧାନର ସ୍ୱୀକୃତି ପାଇଛି ଏବଂ ଓଡ଼ିଆ ସେଥିରେ ଗୋଟିଏ। ନିଜସ୍ୱ ଲିପି, ହଜାର ବର୍ଷର ଐତିହ୍ୟ, ସମୃଦ୍ଧ ସାହିତ୍ୟ ଓ ସାଂସ୍କୃତିକ ପରମ୍ପରା ଓଡ଼ିଆ ଭାଷାକୁ ଅନ୍ୟ ଭାଷାଠାରୁ ସ୍ୱତନ୍ତ୍ର ପରିଚୟ ଦେଇଛି। କିନ୍ତୁ ଏତେ ସମୃଦ୍ଧ ଐତିହ୍ୟର ଉତ୍ତରାଧିକାରୀ ହୋଇ ମଧ୍ୟ ଆଜି ଆମେ କେଉଁଠି ଛିଡ଼ା ହୋଇଛୁ? ପ୍ରଶ୍ନଟି ଅସ୍ୱସ୍ତିକର ହୋଇଥିଲେ ମଧ୍ୟ ଏହାର ଉତ୍ତର ଖୋଜିବା ଆବଶ୍ୟକ।

ପୃଥିବୀର ଅନେକ ଦେଶର ଲୋକ ବିଦେଶରେ ରହିଲେ ମଧ୍ୟ ନିଜ ଭାଷାରେ କଥା କହିବାକୁ ଗର୍ବ ବୋଲି ମନେ କରନ୍ତି। ଦୁଃଖର ବିଷୟ, ଆଜି ଅନେକ ଶିକ୍ଷିତ ଓଡ଼ିଆ, ବିଶେଷକରି ଓଡ଼ିଶା ବାହାରେ ବସବାସ କରୁଥିବା ଓଡ଼ିଆମାନେ, ସାର୍ବଜନୀନ ସ୍ଥାନରେ ଓଡ଼ିଆରେ କଥା କହିବାକୁ ସଙ୍କୋଚବୋଧ କରନ୍ତି। ଅନେକଙ୍କ ପାଇଁ ଇଂରାଜୀ କିମ୍ବା ହିନ୍ଦୀରେ କଥା କହିବା ସାମାଜିକ ମର୍ଯ୍ୟାଦାର ପ୍ରତୀକ, ଓଡ଼ିଆରେ କଥା କହିବା ଯେପରି ପଛୁଆପଣର ଚିହ୍ନ। ଏହି ମାନସିକତା କେବଳ ଭାଷା ପ୍ରତି ନୁହେଁ, ନିଜ ମୂଳ ପରିଚୟ ପ୍ରତି ମଧ୍ୟ ଏକପ୍ରକାର ଅବହେଳା। ଏହି ମାନସିକତାର ପ୍ରଭାବ ଆମ ସାହିତ୍ୟ ଓ ସଂସ୍କୃତି ଉପରେ ପଡୁଛି। ପୂର୍ବରୁ ଘରେ ଘରେ ଖବରକାଗଜ ଓ ସାହିତ୍ୟ ପତ୍ରିକା ଆସୁଥିଲା; ନୂଆ ପୁସ୍ତକ ପ୍ରକାଶ ପାଇଲେ ପାଠକମାନେ ଅପେକ୍ଷା କରୁଥିଲେ। ଆଜି ସେହି ସଂସ୍କୃତି କ୍ରମେ କ୍ଷୀଣ ହେଉଛି। ଅନେକ ଯୁବପିଢ଼ି ଓଡ଼ିଆରେ ଗୋଟିଏ ସମ୍ପୂର୍ଣ୍ଣ ପୁସ୍ତକ ପଢ଼ିବାକୁ ମଧ୍ୟ ଆଗ୍ରହ ଦେଖାଉନାହାନ୍ତି। ସାହିତ୍ୟ ପ୍ରତି ଆଗ୍ରହ କମିଲେ ତାହାର ପ୍ରଭାବ ଅନ୍ୟ କ୍ଷେତ୍ରରେ ମଧ୍ୟ ପଡ଼େ। ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ଦୀର୍ଘ ଦିନ ଧରି ସଂଘର୍ଷ କରୁଛି। ଏହାର ପଛରେ ଅର୍ଥନୈତିକ କାରଣ ଥିଲେ ମଧ୍ୟ ନିଜ ଭାଷା ପ୍ରତି କମୁଥିବା ଆଗ୍ରହ ଆଉ ଏକ ପ୍ରମୁଖ କାରଣ। ଯେତେବେଳେ ଆମେ ନିଜ ଭାଷାର ସାହିତ୍ୟ ପଢ଼ିବା ବନ୍ଦ କରିଦେଉ, ନିଜ ଭାଷାର ସିନେମା ଦେଖିବାକୁ ଅନାଗ୍ରହ ପ୍ରକାଶ କରୁ, ସେତେବେଳେ ସେହି ଭାଷାର ସୃଜନଶୀଳ ଜଗତ ମଧ୍ୟ ଦୁର୍ବଳ ହୋଇପଡ଼େ। ଭାଷା କେବଳ ବଞ୍ଚି ରହିଲେ ହେବ ନାହିଁ; ତାହାକୁ ବ୍ୟବହାର କରିବାକୁ ପଡ଼ିବ, ପଢ଼ିବାକୁ ପଡ଼ିବ, ଲେଖିବାକୁ ପଡ଼ିବ, ଗବେଷଣା କରିବାକୁ ପଡ଼ିବ ଏବଂ ନୂଆ ପିଢ଼ି ମଧ୍ୟରେ ଗର୍ବର ସହିତ ପହଞ୍ଚାଇବାକୁ ପଡ଼ିବ। ନଚେତ୍ ଭାଷା ସମ୍ବିଧାନର ପୃଷ୍ଠାରେ ରହିଯିବ, କିନ୍ତୁ ଲୋକଙ୍କ ହୃଦୟରୁ ଧୀରେ ଧୀରେ ଲୋପ ପାଇବ।

ଗତ କିଛିବର୍ଷ ମଧ୍ୟରେ ଓଡ଼ିଶାରେ ସହରଠାରୁ ଗାଁ ପର୍ଯ୍ୟନ୍ତ ପ୍ରାୟ ସବୁଠି ନୂଆ ନୂଆ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଗଢ଼ିଉଠୁଛି। ଆକର୍ଷଣୀୟ ନାମ, ଚକଚକିଆ ବିଜ୍ଞାପନ, ସୁନ୍ଦର ୟୁନିଫର୍ମ ଓ ଆଧୁନିକ ଭବନ ଦେଖି ଅଭିଭାବକମାନେ ବିଶ୍ୱାସ କରୁଛନ୍ତି ଯେ ଇଂରାଜୀ ମାଧ୍ୟମରେ ପଢ଼ିଲେ ସେମାନଙ୍କ ପିଲା ନିଶ୍ଚିତ ଭାବରେ ସ୍ମାର୍ଟ ହେବ, ଭବିଷ୍ୟତରେ ଭଲ ଚାକିରି ପାଇବ ଏବଂ ଜୀବନରେ ସଫଳ ହେବ। ଇଂରାଜୀ ଶିଖିବା ନିଶ୍ଚିତ ଭାବରେ ସମୟର ଆବଶ୍ୟକତା। ବିଶ୍ୱ ସହିତ ତାଳ ମିଳାଇବା ପାଇଁ ଇଂରାଜୀର ଜ୍ଞାନ ଜରୁରୀ। କିନ୍ତୁ ଇଂରାଜୀ ଶିଖିବା ଓ ଇଂରାଜୀ ମାଧ୍ୟମରେ ପଢ଼ିବା ଏହି ଦୁଇଟି ଏକ କଥା ନୁହେଁ। ଏହି ଦୁଇଟିକୁ ସମାର୍ଥକ ଭାବିବା ହିଁ ଆମର ସବୁଠାରୁ ବଡ଼ ଭୁଲ। ବାସ୍ତବତା ହେଉଛି, ଓଡ଼ିଶାର ଅଧିକାଂଶ କଥିତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପ୍ରକୃତ ଇଂରାଜୀ ମାଧ୍ୟମରେ ପାଠପଢ଼ା ହୁଏ ନାହିଁ। ଶ୍ରେଣୀଗୃହରେ ଅନେକ ସମୟରେ ପାଠ ପଢ଼ାଯାଏ ଓଡ଼ିଆ ଓ ଇଂରାଜୀ ମିଶ୍ରିତ ଭାଷାରେ, କିମ୍ବା କଥିତ 'ହିଙ୍ଗ୍ଲିଶ'ରେ। ଏହାକୁ ବ୍ୟଙ୍ଗ କରି ଅନେକେ 'ଅଙ୍ଗ୍ଲିଶ' ମଧ୍ୟ କହନ୍ତି। ଫଳରେ ଛାତ୍ରଛାତ୍ରୀମାନେ ନା ଶୁଦ୍ଧ ଇଂରାଜୀ ଶିଖୁଛନ୍ତି, ନା ନିଜ ମାତୃଭାଷାରେ ଦୃଢ଼ ଦଖଲ ସୃଷ୍ଟି କରିପାରୁଛନ୍ତି।

ଇଂରାଜୀ ମାଧ୍ୟମରେ ପାଠଦାନ କରିବା ପାଇଁ କେବଳ ଇଂରାଜୀ କହିପାରିଲେ ହେବ ନାହିଁ; ବିଷୟବସ୍ତୁକୁ ଇଂରାଜୀରେ ସହଜ ଭାବେ ବୁଝାଇବାର କୌଶଳ ଓ ଯଥୋଚିତ ପ୍ରଶିକ୍ଷଣ ମଧ୍ୟ ଆବଶ୍ୟକ। ଦୁର୍ଭାଗ୍ୟର ବିଷୟ, ଅନେକ ବିଦ୍ୟାଳୟରେ ଏହି ଦକ୍ଷତାସମ୍ପନ୍ନ ଶିକ୍ଷକଙ୍କ ଘୋର ଅଭାବ ରହିଛି। ଅନେକ ବିଦ୍ୟାଳୟରେ ଖେଳ ପଡ଼ିଆ, ଖେଳ ଶିକ୍ଷକ, ପାଠାଗାର, ପରୀକ୍ଷାଗାର ଆଦି ମୌଳିକ ଭିତ୍ତିଭୂମି ନାହିଁ। ଶିକ୍ଷା କେବଳ ପୁସ୍ତକ ଓ ପରୀକ୍ଷାରେ ସୀମିତ ହୋଇଯାଉଛି। ସାର୍ବଜନୀନ ବିକାଶ ପାଇଁ ଯେଉଁ ପରିବେଶ ଦରକାର, ତାହା ଅନେକ ସ୍ଥାନରେ ଦୃଷ୍ଟିଗୋଚର ହେଉନାହିଁ। ନିଶ୍ଚୟ ଓଡ଼ିଶାରେ କେତେକ ପୁରାତନ ଓ ସୁପ୍ରତିଷ୍ଠିତ ବିଦ୍ୟାଳୟ ରହିଛି, ଯେଉଁଠାରେ ଉଚ୍ଚମାନର ଶିକ୍ଷା ଦିଆଯାଉଛି। କିନ୍ତୁ ସେହି କିଛି ବିଦ୍ୟାଳୟକୁ ଆଧାର କରି ସମଗ୍ର ବ୍ୟବସ୍ଥାକୁ ବିଚାର କରିହେବ ନାହିଁ।

ଅଭିଭାବକମାନଙ୍କ ମନରେ ଆଉ ଏକ ଭୁଲ ଧାରଣା ଗଢ଼ିଉଠିଛି 'ଯେତେ ଅଧିକ ଫି, ସେତେ ଭଲ ଶିକ୍ଷା।' ପ୍ରକୃତରେ ଶିକ୍ଷାର ଗୁଣବତ୍ତା କେବେ ମଧ୍ୟ କେବଳ ଅର୍ଥ ଉପରେ ନିର୍ଭର କରେ ନାହିଁ। ଭଲ ଶିକ୍ଷା ନିର୍ଭର କରେ ଭଲ ଶିକ୍ଷକ, ସୁସ୍ଥ ଶିକ୍ଷା ପରିବେଶ, ମୂଲ୍ୟବୋଧ, ଶୃଙ୍ଖଳା ଓ ଛାତ୍ରର ଚିନ୍ତନଶକ୍ତିର ବିକାଶ ଉପରେ। ଏହାଠାରୁ ମଧ୍ୟ ବଡ଼ ଚିନ୍ତାର ବିଷୟ ହେଉଛି, ଶୁଦ୍ଧ ଇଂରାଜୀରେ କଥା କହିବା, ଲେଖିବା କିମ୍ବା ଚିନ୍ତା କରିବାର ଦକ୍ଷତା ଗଢ଼ିଉଠିବା ପରିବର୍ତ୍ତେ ଅନେକ ପିଲା ଇଂରାଜୀର କେତେକ ଅଶ୍ଳୀଳ ଶବ୍ଦ ଓ ଗାଳିକୁ ଦୈନନ୍ଦିନ କଥାବାର୍ତ୍ତାର ଅଂଶ କରିଦେଉଛନ୍ତି। ଘରେ, ବାହାରେ, ବନ୍ଧୁମାନଙ୍କ ମଧ୍ୟରେ ଏପରି ଶବ୍ଦ ବ୍ୟବହାର କରିବାକୁ ସେମାନେ ଆଧୁନିକତା ଓ ସ୍ମାର୍ଟନେସର ପ୍ରତୀକ ବୋଲି ଭାବୁଛନ୍ତି। ଏହାର ପରିଣାମ ଆହୁରି ଗମ୍ଭୀର। ଆହୁରି ମଧ୍ୟ ଯେଉଁ ପିଲାମାନେ ଦୁର୍ବଳ ଭିତ୍ତିଭୂମି ଓ ଅପ୍ରଶିକ୍ଷିତ ଶିକ୍ଷକ ଥିବା ବିଦ୍ୟାଳୟରେ ପଢୁଛନ୍ତି, ସେମାନେ ଓଡ଼ିଆ ଏକ ବିଷୟ ଭାବେ ପଢୁଥିଲେ ମଧ୍ୟ ଅନେକଙ୍କ ପାଇଁ ଶୁଦ୍ଧ ଓଡ଼ିଆ ପଢ଼ିବା କିମ୍ବା ଲେଖିବା କଷ୍ଟକର ହୋଇପଡୁଛି। ଏହି ପ୍ରବୃତ୍ତି କେବଳ ଶିକ୍ଷାର ସମସ୍ୟା ନୁହେଁ; ଏହା ଆମର ଭାଷାଗତ ଓ ସାଂସ୍କୃତିକ ଭବିଷ୍ୟତ ସହ ଜଡ଼ିତ ଏକ ଗଭୀର ପ୍ରଶ୍ନ।

ଭାଷା କେବଳ ଶବ୍ଦର ସମଷ୍ଟି ନୁହେଁ; ଏହା ମଣିଷର ଚରିତ୍ର ଓ ସଂସ୍କାରର ଦର୍ପଣ। ଆମର କଥାବାର୍ତ୍ତାରେ ଯେଉଁ ଶବ୍ଦର ବ୍ୟବହାର ହୁଏ, ତାହା ଆମର ଶିକ୍ଷା, ରୁଚି ଓ ମୂଲ୍ୟବୋଧର ପରିଚୟ ଦିଏ। ତେଣୁ ଅଭାଷାକୁ ସ୍ୱାଭାବିକ ବୋଲି ଗ୍ରହଣ କରିବା ନୁହେଁ, ବରଂ ତାହାକୁ ସାମାଜିକ ଭାବରେ ନିରୁତ୍ସାହିତ କରିବା ଆବଶ୍ୟକ। ଆଜି ଆମକୁ ନିଜକୁ କିଛି କଠିନ ପ୍ରଶ୍ନ ପଚାରିବାକୁ ପଡ଼ିବ। ଆମେ ସତରେ ଆମ ପିଲାମାନଙ୍କୁ ଭାଷା ଶିଖାଉଛୁ, ନା କେବଳ ଭାଷାର ନାମରେ ଏକ ମୋହ ବିକ୍ରି କରୁଛୁ? ଆମେ ସେମାନଙ୍କୁ ପୁସ୍ତକ ସହ ଯୋଡୁଛୁ, ନା କେବଳ ପରୀକ୍ଷା ଓ ନମ୍ବରରେ ସୀମିତ କରିଦେଉଛୁ? ଆମେ ସେମାନଙ୍କୁ ନିଜ ମାତୃଭାଷାକୁ ଭଲ ପାଇବା ଶିଖାଉଛୁ, ନା ତା'କୁ ହୀନ ବୋଲି ଭାବିବାକୁ ବାଧ୍ୟ କରୁଛୁ? ଇଂରାଜୀ ଶିଖନ୍ତୁ, ହିନ୍ଦୀ ଶିଖନ୍ତୁ, ଦରକାର ପଡ଼ିଲେ ଆହୁରି ଅନେକ ଭାଷା ଶିଖନ୍ତୁ। ଯେତେ ଅଧିକ ଭାଷା ଜାଣିବେ, ସେତେ ଅଧିକ ଜ୍ଞାନର ଦ୍ୱାର ଖୋଲିବ। କିନ୍ତୁ ସେଥିପାଇଁ ନିଜ ମାତୃଭାଷାକୁ ଭୁଲିଯିବା, ତାହାକୁ ହୀନ ମନେ କରିବା କିମ୍ବା ତାହାର ବ୍ୟବହାରକୁ ଲଜ୍ଜାର ବିଷୟ ବୋଲି ଭାବିବା କେବେ ମଧ୍ୟ ଉଚିତ ନୁହେଁ। ବହୁଭାଷୀ ହେବା ଏକ ଶକ୍ତି, କିନ୍ତୁ ମାତୃଭାଷାବିମୁଖ ହେବା ଏକ ଦୁର୍ବଳତା।

ଓଡ଼ିଆ ଅସ୍ମିତା କେବଳ ସ୍ଲୋଗାନରେ ସୀମିତ ରହିଲେ ଚାଲିବ ନାହିଁ। ଘରେ ଓଡ଼ିଆ କହିବାକୁ ପଡ଼ିବ, ପିଲାମାନଙ୍କୁ ଓଡ଼ିଆ ପୁସ୍ତକ ପଢ଼ିବାକୁ ଉତ୍ସାହିତ କରିବାକୁ ପଡ଼ିବ, ଓଡ଼ିଆ ସିନେମା, ନାଟକ ଓ ସାହିତ୍ୟକୁ ପ୍ରୋତ୍ସାହନ ଦେବାକୁ ପଡ଼ିବ। ବିଦ୍ୟାଳୟରେ ଭଲ ଓଡ଼ିଆ ଶିକ୍ଷାର ବ୍ୟବସ୍ଥା କରିବାକୁ ପଡ଼ିବ। ସରକାର, ଶିକ୍ଷକ, ଅଭିଭାବକ, ସାହିତ୍ୟିକ, ଗଣମାଧ୍ୟମ ଓ ସମାଜ ସମସ୍ତଙ୍କର ସମାନ ଦାୟିତ୍ୱ ରହିଛି। ମନେ ରଖିବା ଦରକାର, ଭାଷାର ମୃତ୍ୟୁ ହଠାତ୍ ହୁଏ ନାହିଁ। ପ୍ରଥମେ ଲୋକମାନଙ୍କ ମନରୁ ଗର୍ବ ହଜିଯାଏ, ତା'ପରେ ବ୍ୟବହାର କମିଯାଏ, ତା'ପରେ ସାହିତ୍ୟ ଦୁର୍ବଳ ହୁଏ, ଆଉ ଶେଷରେ ଭାଷା କେବଳ ଇତିହାସର ପୃଷ୍ଠାରେ ରହିଯାଏ। ଓଡ଼ିଆ ଭାଷା ଆମର ଗର୍ବ, ଆମର ପରିଚୟ ଓ ଆମର ଉତ୍ତରାଧିକାର। ତାହାକୁ ବଞ୍ଚାଇ ରଖିବା କେବଳ ସରକାରର କାମ ନୁହେଁ; ପ୍ରତ୍ୟେକ ଓଡ଼ିଆର ନୈତିକ ଦାୟିତ୍ୱ। ଆମେ ଯଦି ନିଜ ଭାଷାକୁ ସମ୍ମାନ ଦେବା, ତେବେ ଭାଷା ଆମକୁ ପରିଚୟ ଦେବ। ଆଉ ଯଦି ଆମେ ତାହାକୁ ଅବହେଳା କରିବା, ଇତିହାସ ମଧ୍ୟ ଆମକୁ କ୍ଷମା କରିବ ନାହିଁ।

ଦାଣ୍ଡମୁକୁନ୍ଦପୁର, ମୋ: ୮୦୭୪୮ ୯୩୭୭୮

## ଉପାଧିର ହାଟ: ସମ୍ମାନର ଦୋକାନ, ବିବେକର ନିଲାମ

**ଶଙ୍ଖସିନ୍ଧୁ ପୁରୋହିତ**

ଏକଦା ଉପାଧି ଥିଲା ସମାଜର କୃତଜ୍ଞତାର ସ୍ୱାକ୍ଷର। ପୁରସ୍କାର ଥିଲା ଜୀବନର ଦୀର୍ଘ ସାଧନାର ନିରବ ସ୍ୱୀକୃତି। ସେତେବେଳେ ଲୋକେ ସମ୍ମାନ ପାଇବାକୁ ଦୌଡୁ ନ ଥିଲେ; ସମ୍ମାନ ନିଜେ ଯୋଗ୍ୟ ବ୍ୟକ୍ତିଙ୍କ ଦ୍ୱାରରେ ପହଞ୍ଚୁଥିଲା। ଆଜି ଦୃଶ୍ୟଟି ଓଲଟିଯାଇଛି। ଉପାଧି ଦ୍ୱାର ଖୋଲି ବସିଛି, ଆଉ ଖରିଦଦାର ହାତରେ ଟଙ୍କା ଧରି ଧାଡ଼ିରେ ଠିଆ ହୋଇଛନ୍ତି।




ଆଜିକାଲି ସମ୍ମାନର ମଧ୍ୟ ବଜାର ଦର ଅଛି। 'ଅନ୍ତର୍ଜାତୀୟ ଗୌରବ', 'ଜାତୀୟ ରତ୍ନ', 'ବିଶ୍ୱ ପ୍ରତିଭା', 'ଗ୍ଲୋବାଲ ଆଇକନ', 'ଏକ୍ସିଲେନ୍ସ ଆୱାର୍ଡ', 'ଡକ୍ଟରେଟ୍ (ସମ୍ମାନସୂଚକ)' ଏମିତି ଶବ୍ଦଗୁଡ଼ିକ ଏବେ ସଫଳତାର ନୁହେଁ, ବିଜ୍ଞାପନର ଅଭିଧାନରେ ଅଧିକ ଦେଖାଯାଉଛି। ସାମାଜିକ ଗଣମାଧ୍ୟମ ଖୋଲିଲେ ଲାଗେ, ଦେଶରେ କାମ କରୁଥିବା ଲୋକ କମ୍, ପୁରସ୍କାର ପାଉଥିବା ଲୋକ ବେଶି। ରମ୍ୟ କଥା ହେଉଛି, ଏବେ ପୁରସ୍କାର ପାଇଁ ପରିଶ୍ରମଠାରୁ ପଞ୍ଜୀକରଣ ଶୁଳ୍କ ଅଧିକ ଜରୁରୀ। ଆୟୋଜକ କହନ୍ତି, 'ଆପଣ ମନୋନୀତ ହୋଇଛନ୍ତି।' ପ୍ରାର୍ଥୀ ଭାବବିହ୍ୱଳ। ପରେ ଏକ ଛୋଟ ଅନୁରୋଧ- 'କେବଳ ପାଞ୍ଚ ହଜାର ଟଙ୍କା ରେଜିଷ୍ଟ୍ରେସନ ଫି, ତିନି ହଜାର ଟଙ୍କା ସ୍ମାରକ ପୁସ୍ତକ, ଦୁଇ ହଜାର ଟଙ୍କା ମଞ୍ଚ ବ୍ୟବସ୍ଥା।' ସମ୍ମାନର ଓଜନ ଯେତେ ବଢ଼େ, ରସିଦର ଲମ୍ବ ମଧ୍ୟ ସେତେ ବଢ଼େ। ଏହି ବ୍ୟବସାୟର ଅର୍ଥନୀତି ବି ବଡ଼ ଚମତ୍କାର। ଯେଉଁ ସଂସ୍ଥାର କାର୍ଯ୍ୟାଳୟର ଠିକଣା ନାହିଁ, ସେମାନଙ୍କ ପାଖରେ 'ବିଶ୍ୱସ୍ତରୀୟ' ପୁରସ୍କାର ଅଛି। ଯେଉଁ ଆୟୋଜନରେ ଦର୍ଶକଠାରୁ ପୁରସ୍କୃତ ବ୍ୟକ୍ତି ଅଧିକ, ସେହି ଅନୁଷ୍ଠାନକୁ କୁହାଯାଉଛି 'ଇତିହାସ ସୃଷ୍ଟି'। ଫଟୋ ଉଠିବା ପରେ ସମ୍ମାନ ସରିଯାଏ; ଫେସବୁକ୍ ପୋଷ୍ଟ ଆରମ୍ଭ ହୋଇଯାଏ।

ଏକଦା ଲୋକେ ନାମ ପଛରେ 'ଏମ୍.ଏ.', 'ପିଏଚ୍.ଡି.' ଲେଖିବା ପୂର୍ବରୁ ବର୍ଷ ବର୍ଷ ଗବେଷଣା କରୁଥିଲେ। ଏବେ କେତେକ ସ୍ଥାନରେ ଟଙ୍କା ଦେଲେ 'ଡକ୍ଟର' ଉପାଧି ମିଳିଯାଉଛି। ଗବେଷଣା ପ୍ରବନ୍ଧ ନୁହେଁ, ବ୍ୟାଙ୍କ ଟ୍ରାଞ୍ଜାକ୍ସନ ହିଁ ଯୋଗ୍ୟତାର ପ୍ରମାଣ ହୋଇଯାଉଛି। ଜ୍ଞାନର ମୂଲ୍ୟ କମିଲେ, ଉପାଧିର ମୂଲ୍ୟ ବଢ଼ିବା ସ୍ୱାଭାବିକ।

ସାମାଜିକ ମନୋବିଜ୍ଞାନ କୁହେ ମଣିଷ ସ୍ୱୀକୃତି ଚାହେଁ। ସେହି ଆକାଂକ୍ଷା ସ୍ୱାଭାବିକ। କିନ୍ତୁ ଯେତେବେଳେ ସ୍ୱୀକୃତିର ଭୋକକୁ ବଜାର ଚିହ୍ନିଯାଏ, ସେତେବେଳେ ସମ୍ମାନ ମଧ୍ୟ ପଣ୍ୟ ହୋଇଯାଏ। ସମ୍ମାନ ବିକ୍ରି କରୁଥିବା ସଂସ୍ଥା ଜାଣେ ମଣିଷର ଅହଂକାର ହିଁ ସବୁଠାରୁ ଲାଭଜନକ ବ୍ୟବସାୟ।

ସମାଜବିଜ୍ଞାନୀମାନେ କହନ୍ତି, ଯେତେବେଳେ ପ୍ରତୀକର ମୂଲ୍ୟ ପରିଶ୍ରମର ମୂଲ୍ୟକୁ ଅତିକ୍ରମ କରେ, ସେତେବେଳେ ସମାଜରେ 'ପ୍ରତୀକାତ୍ମକ ଦୁର୍ନୀତି' ଆରମ୍ଭ ହୁଏ। ଆଜି ସେହି ଅବସ୍ଥା। ଲୋକେ କାମ କମ୍, ସାର୍ଟିଫିକେଟ୍ ଅଧିକ ସଂଗ୍ରହ କରୁଛନ୍ତି। ଜୀବନବୃତ୍ତାନ୍ତରେ ସମ୍ମାନର ସଂଖ୍ୟା ବଢୁଛି, କିନ୍ତୁ ସମାଜ ପାଇଁ ଅବଦାନର ପୃଷ୍ଠା ଖାଲି ରହୁଛି। ଏହାର ସବୁଠାରୁ ବଡ଼ କ୍ଷତି ହେଉଛି ପ୍ରକୃତ ପ୍ରତିଭାର ଅବମୂଲ୍ୟାୟନ। ଜଣେ ନିଷ୍ଠାବାନ ଶିକ୍ଷକ, ଜଣେ ସଚ୍ଚୋଟ ଚାଷୀ, ଜଣେ ନିରବ ବୈଜ୍ଞାନିକ କିମ୍ବା ଜଣେ ନିବେଦିତ ସମାଜସେବୀ ବର୍ଷ ବର୍ଷ ଧରି କାମ କରୁଥା'ନ୍ତି; କିନ୍ତୁ ସେମାନଙ୍କ ପାଖରେ ଫଟୋସୁଟ୍ ନାହିଁ, ପ୍ରଚାର ନାହିଁ। ଅନ୍ୟପଟେ ଜଣେ ବ୍ୟକ୍ତି ଦୁଇ ଦିନରେ ତିନୋଟି 'ଅନ୍ତର୍ଜାତୀୟ' ସମ୍ମାନ ନେଇ ସମାଜ ଆଗରେ 'ବିଶିଷ୍ଟ ବ୍ୟକ୍ତିତ୍ୱ' ହୋଇଯାଆନ୍ତି। ଏହା କେବଳ ଠକେଇ ନୁହେଁ; ସାମାଜିକ ବିଶ୍ୱାସର କ୍ଷୟ। ଯେତେବେଳେ ନକଲି ସମ୍ମାନ ଅସଲ ସମ୍ମାନର ସ୍ଥାନ ନେଉଛି, ସେତେବେଳେ ଯୁବପିଢ଼ି ଭୁଲ ସନ୍ଦେଶ ପାଉଛି - 'ସାଧନା କରନ୍ତୁ ନାହିଁ, ସାର୍ଟିଫିକେଟ୍ କିଣନ୍ତୁ।'

ଅବଶ୍ୟ ସବୁ ସମ୍ମାନକୁ ସନ୍ଦେହଚକ୍ଷୁରେ ଦେଖିବା ଠିକ୍ ନୁହେଁ। ଅନେକ ସଂସ୍ଥା ଅତ୍ୟନ୍ତ ସ୍ୱଚ୍ଛ, ନିରପେକ୍ଷ ଓ କଠୋର ଚୟନ ପ୍ରକ୍ରିୟା ମାଧ୍ୟମରେ ପୁରସ୍କାର ପ୍ରଦାନ କରନ୍ତି। ସେହି ସମ୍ମାନଗୁଡ଼ିକ ସମାଜର ପ୍ରେରଣା। ସମସ୍ୟା ସେଠାରେ, ଯେଉଁଠାରେ ସମ୍ମାନ ମେଧାର ସ୍ୱୀକୃତି ନୁହେଁ, ବରଂ ବ୍ୟବସାୟର ପଣ୍ୟ ହୋଇଯାଏ। ଶେଷରେ ଗୋଟିଏ ପ୍ରଶ୍ନ ରହିଯାଏ - ଯଦି ଉପାଧି କିଣିହେବ, ତେବେ ମର୍ଯ୍ୟାଦା କେଉଁଠି ମିଳିବ? ଯଦି ପୁରସ୍କାର ବିକ୍ରି ହେବ, ତେବେ ପ୍ରେରଣା କିଏ ଦେବ? ସମ୍ମାନର ପ୍ରକୃତ ଠିକଣା କୌଣସି ମଞ୍ଚ ନୁହେଁ, କୌଣସି ଫଳକ ନୁହେଁ, କୌଣସି ସୁନାର ପଦକ ନୁହେଁ। ତାହାର ଠିକଣା ହେଉଛି ଲୋକଙ୍କ ହୃଦୟ। ଟଙ୍କାରେ ଉପାଧି କିଣିହେବ, କିନ୍ତୁ ଇତିହାସରେ ସ୍ଥାନ କେବେ ନୁହେଁ। ଆଉ ଯେଉଁ ସମ୍ମାନର ମୂଲ୍ୟ ରସିଦରେ ଲେଖାଯାଏ, ସେହି ସମ୍ମାନର ମୂଲ୍ୟ ଇତିହାସରେ ଶୂନ୍ୟ ହୋଇଯାଏ।

କୋଟସମଲାଏ(ସୁବର୍ଣ୍ଣପୁର), ମୋ: ୭୯୭୮୨୩୮୬୦୬

## ମହାକାନ୍ତାରରେ ମହାସାମନ୍ତ: ଶ୍ରୀଜଗନ୍ନାଥଙ୍କ ଗୋପନ ଲୀଳା

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



**ଚନ୍ଦନ ସୁବୁଦ୍ଧି**

(ପୂର୍ବପ୍ରକାଶିତ ଉତ୍ତାରୁ...)

**ନରସିଂହ ଦେବ:** ନରସିଂହ ଦେବଙ୍କ ଚତୁର୍ଥ ଅଙ୍କରେ (୧୬୨୨)ଅହମ୍ମଦ ବେଗ ବାଣପୁର ଆକ୍ରମଣ କଲା। ସମୟ ଅଭାବରୁ ବିଗ୍ରହମାନଙ୍କୁ ସ୍ଥାନାନ୍ତର କରି ନ ହେବାରୁ ଦଇତାମାନେ ବ୍ରହ୍ମଙ୍କୁ କାଢ଼ି ଏକ ବସ୍ତ୍ରରେ ଗୁଡ଼େଇ ଗଡ଼ମାଣତ୍ରୀ ନଅରରେ ଲୁଚେଇ ରଖିଲେ। ପରେ ମୋଗଲ ଗୋଳ କମିବାରୁ ଅଦିନରେ ନବକଳେବର କରି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ନୀଳାଦ୍ରି ବିଜେ କରାଯାଇଥିଲା।

**ଦିବ୍ୟସିଂହ ଦେବ:** ଦିବ୍ୟସିଂହ ଦେବଙ୍କ ସପ୍ତମ ଅଙ୍କରେ ଔରଙ୍ଗଜେବର ଦୁଇ ସୁବେଦାର ଏକରମ ଖାଁ ଓ ଅବଦୁଲ ଖାଁ ମୋଗଲ ସେନା ଧରି ଶ୍ରୀକ୍ଷେତ୍ର ଆକ୍ରମଣ କରିଥିଲା। ବାରମ୍ବାର ଆକ୍ରମଣ ଦ୍ୱାରା ପାଇକମାନଙ୍କ ମନୋବଳ ଭାଙ୍ଗି ଯାଇଥିଲା ଏବଂ ରାଜ୍ୟର ଆର୍ଥିକ ଦୁର୍ବଳତା ବଢ଼ିବାରେ ଲାଗିଲା। ତେଣୁ ଗଜପତି ଦିବ୍ୟସିଂହ ଦେବ ପ୍ରତିରୋଧ କରି ନ ଥିଲେ। କିନ୍ତୁ ଆକ୍ରମଣ ପୂର୍ବରୁ କିଛି ସେବକମାନଙ୍କ ଦ୍ୱାରା ବଡ଼ଠାକୁର, ଦେବୀ ସୁଭଦ୍ରା ଏବଂ ଦକ୍ଷିଣୀଘର ଠାକୁରଙ୍କୁ କୋକଳଗଡ଼କୁ ପଠାଇଦେଇଥିଲେ। ମହାପ୍ରଭୁ ଜଗନ୍ନାଥଙ୍କୁ ବିମଳାଙ୍କ ପଛ ପାଖେ ଲୁଚାଇ ରଖିଥିଲେ। ଔରଙ୍ଗଜେବ ସହ ଚୁକ୍ତି ଅନୁସାରେ ଦିଅଁମାନଙ୍କୁ ତାଙ୍କୁ ସମର୍ପି ଦେବାକୁ ଦିବ୍ୟସିଂହ ଦେବ ରାଜି ହୋଇଯାଇଥିଲେ। କିନ୍ତୁ ପ୍ରକୃତରେ ଠାକୁରମାନଙ୍କୁ କୋକଳଗଡ଼ ପଠାଇ କାଠର ପ୍ରତିମା ଯେଉଁଥିରେ ହୀରା ଆଖି ଲାଗିଥିଲା, ତାକୁ ସିଂହାସନରେ ରଖିଥିଲେ। ଏକରମ ଖାଁ ସିଂହାସନ ଉପରକୁ ଉଠି ଉକ୍ତ ପ୍ରତିମାମାନଙ୍କୁ ବାନ୍ଧି ଔରଙ୍ଗଜେବ୍‌କୁ ଉପହାର ଦେଇଥିଲା(ଖୁରୁଧାଇତିହାସ: ଶ୍ରୀ କେଦାରନାଥ ମହାପାତ୍ର)। ଏହାପରେ ଗୋପନରେ ମହାପ୍ରଭୁଙ୍କୁ ମଧ୍ୟ କୋକଳଗଡ଼କୁ ପଠାଯାଇଥିଲା। ସେଠାରେ କିଛିମାସ ରହି ଠାକୁରମାନେ ଚନ୍ଦନ ଯାତ୍ରା ସେହିଠାରେ ବଢ଼ାଇଥିଲେ। କୋକଳଗଡ଼ରେ ଶ୍ରୀଜୀଉମାନଙ୍କୁ ସୁରକ୍ଷିତ ନ ମଣିବାରୁ ସାନ ବିଷ୍ଣୁ ପରିଛା ମହାପ୍ରଭୁମାନଙ୍କୁ ବାଣପୁରର ବଙ୍କାଡ଼କୁ ସ୍ଥାନାନ୍ତର କରିଥିଲେ। ନୀଳାଦ୍ରୀଶଙ୍କୁ ସାହାରା ଦେଇଥିବାରୁ ଏହି ସ୍ଥାନର ନାଁ ନୀଳାଦ୍ରିପ୍ରସାଦ ହୋଇଛି। ଦିବ୍ୟସିଂହ ଦେବଙ୍କ ଚତୁର୍ଦ୍ଦଶ ଅଙ୍କରେ ଠାକୁରମାନେ ପୁଣି ଥରେ ରତ୍ନସିଂହାସନକୁ ଫେରିଥିଲେ। ସାତ ବର୍ଷ ପରେ ମହାପ୍ରଭୁ ନୀଳାଦ୍ରି ବିଜେ କଲେ।

**ରାମଚନ୍ଦ୍ର ଦେବ:** ଗୋପୀନାଥ ଦେବଙ୍କ ପରେ ତାଙ୍କ ସାନ ଭାଇ କେଶବ ରାୟ ରାଜା ହେଲେ, ଯିଏ ପରବର୍ତ୍ତୀ ସମୟରେ ଗଜପତି ରାମଚନ୍ଦ୍ର ଦେବଙ୍କ ନାମରେ ପରିଚିତ ହେଲେ। ରାମଚନ୍ଦ୍ର ଦେବଙ୍କ ଅଷ୍ଟମ ଅଙ୍କରେ ମହମ୍ମଦ ତକି ଖାଁ ଖୋର୍ଦ୍ଧା ଆକ୍ରମଣ କଲା। ରାମଚନ୍ଦ୍ର ଦେବଙ୍କ କୂଟନୀତି ଓ ରଣନୀତି ଫଳରେ ସେ ଶ୍ରୀଜୀଉମାନଙ୍କ କିଛି କ୍ଷତି ନକରି ଫେରିଗଲା। ଗୃହ ଯୁଦ୍ଧ ଆଉ ପୁନଃ ଆକ୍ରମଣର ସୂଚନା ପାଇ ରାମଚନ୍ଦ୍ର ଦେବ ମହାପ୍ରଭୁଙ୍କୁ ସୁରକ୍ଷିତ ରଖିବା ପାଇଁ ବାଣପୁର ନଈ ନିକଟ ହରିଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ଲୁଚେଇ ରଖିଲେ। ପୁନଶ୍ଚ ରାମଚନ୍ଦ୍ର ଦେବଙ୍କ ଦଶମ ଅଙ୍କରେ ତକି ଖାଁ ବୋଲଗଡ଼ ପର୍ଯ୍ୟନ୍ତ ଆକ୍ରମଣ କଲା। ନଈକୁ ସୁରକ୍ଷିତ ନମଣି ରାମଚନ୍ଦ୍ର ଦେବ ଶ୍ରୀଜୀଉମାନଙ୍କୁ ଚଉଦୋଳରେ ଖଲିକୋଟ ସୀମାନ୍ତ ଟିକିରିକୁ ନେଇଯାଇଥିଲେ।

ଓଡ଼ିଶାର ସ୍ୱାଧୀନତା ପାଇଁ ଗଜପତିମାନେ ଯେମିତି ଯାଯାବରତ୍ୱ ସ୍ୱୀକାର କରିଥିଲେ ତତସମ ଓଡ଼ିଶାର ଏକଚ୍ଛାତ୍ରବାଦୀ ସମ୍ରାଟ ଜଗନ୍ନାଥ ମଧ୍ୟ ଯାଯାବରତ୍ୱକୁ ସ୍ୱୀକାର କରିଥିଲେ। ଜଗନ୍ନାଥ ଏ ଓଡ଼ିଆ ଜାତିର ଅମ୍ଳାନ ଜ୍ୟୋତି। ଆଉ ସେଇ ଜ୍ୟୋତିକୁ ନିଷ୍ପ୍ରଭ କରିବା ପାଇଁ କାଳେ କାଳେ ଯେପରି ଶ୍ରୀକ୍ଷେତ୍ର ଉପରେ ଯୋଜନାବଦ୍ଧ ଆକ୍ରମଣ କରାଯାଇଛି, ଜଗନ୍ନାଥ ସେହିପରି କାଳେ କାଳେ ନୀଳଶୈଳର କୋଟି ଐଶ୍ୱର୍ଯ୍ୟକୁ ତୁଚ୍ଛ କରିଦେଇ ଅପରାଜେୟ ଓଡ଼ିଆର ଅଭିମାନ ରକ୍ଷା ପାଇଁ ବହୁ ଦୁର୍ଗମ ଗିରିକାନ୍ତରେ ଆତ୍ମରକ୍ଷା କରିଛନ୍ତି। କିନ୍ତୁ କେବେ ବି ସେ ଅମ୍ଳାନ ଜ୍ୟୋତି ମଳିନ ପଡ଼ି ନାହିଁ।(ସମାପ୍ତ)

ଭୁବନେଶ୍ୱର, ମୋ: ୯୮୫୩୪୫୪୯୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଆମେରିକାରେ ଅଚ୍ୟୁତ ସାମନ୍ତ ସମ୍ମାନିତ



ଭୁବନେଶ୍ୱର, ୫।୭ (ସମିସ): ଆମେରିକାନ ଆସୋସିଏସନ୍ ଅଫ୍ ଫିଜିସିଆନ୍ ଅଫ୍ ଇଣ୍ଡିଆନ୍ ଅରିଜିନ୍ (ଆପି) ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ 'ଆପି ଆୱାର୍ଡ ଫର ଟ୍ରାନ୍ସଫରମେସନାଲ୍ ସୋସିଆଲ୍ ୱାର୍କ ଆଣ୍ଡ ଇଣ୍ଡୋ-ୟୁଏସ୍ ପାର୍ଟନରସିପ୍' ସମ୍ମାନ ପ୍ରଦାନ କରାଯାଇଛି। ଫ୍ଲୋରିଡାର ଟାମ୍ପାରେ ଜୁଲାଇ ୨ରୁ ୫ ତାରିଖ ୪ଦିନ ବ୍ୟାପୀ ଅନୁଷ୍ଠିତ ଆପିର ବାର୍ଷିକ ସମ୍ମିଳନୀ ଆପିକନ୍ ୨୦୨୬ ତଥା ଆପିର ୪୪ତମ କଂଗ୍ରେସ୍ ଅବସରରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଅସାଧାରଣ ଓ କ୍ରାନ୍ତିକାରୀ ସମାଜସେବା, ଦୂରଦୃଷ୍ଟିସଂପନ୍ନ ମାନବବାଦୀ ପ୍ରୟାସ ଏବଂ 'ଗ୍ଲୋବାଲ୍ ହେଲ୍‌ଥ ସମିଟ୍ ୨୦୨୬' ସମୟରେ ଆପିକୁ ସମର୍ଥନ, ବ୍ୟକ୍ତିଗତ ଭାବେ ଭାରତ-ଆମେରିକା ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ସମାଜ ପ୍ରତି ଅଚ୍ୟୁତ ସାମନ୍ତଙ୍କ ସମର୍ପିତ ଜୀବନ, ସାମାଜିକ କାର୍ଯ୍ୟ ଓ ଅନ୍ୟାନ୍ୟ ପ୍ରୟାସ ପାଇଁ ସଂଘ ପକ୍ଷରୁ ପ୍ରଶଂସା କରାଯାଇଛି। ଆପି ସଭାପତି ଡ. ଅମିତ ଚକ୍ରବର୍ତ୍ତୀ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଆପି ହେଉଛି ୧ଲକ୍ଷ ୨୦ ହଜାର ପ୍ରବାସୀ ଭାରତୀୟ ଡାକ୍ତରଙ୍କୁ ନେଇ ଗଠିତ ଆମେରିକାର ବହୁ ପୁରାତନ ସଂଘ। ଏହି ଅବସରରେ ଶ୍ରୀ ସାମନ୍ତଙ୍କ ଅନୁରୋଧକୁ ସମର୍ଥନ ଜଣାଇ ପ୍ରତିମାସ ୭ରୁ ୧୫ ଦିନ ପର୍ଯ୍ୟନ୍ତ ଭାରତରେ ସ୍ୱାସ୍ଥ୍ୟସେବା ପରାମର୍ଶ ଦେବାକୁ ଆପିର ସଦସ୍ୟମାନେ ସ୍ୱୀକୃତି ଦେଇଛନ୍ତି।

## ପାଲବଣି ଦୁର୍ଘଟଣା ଘଟଣା
# ଦୁଇ ଗାଡ଼ିର ପଞ୍ଜୀକରଣ ରଦ୍ଦ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ବାରିପଦା, ୫।୭ (ସମିସ): ଶୁକ୍ରବାର ସନ୍ଧ୍ୟାରେ ବାରିପଦାର ପାଲବଣିଠାରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ପ୍ରାଥମିକ ତଦନ୍ତରୁ ସମ୍ପୃକ୍ତ ଉଭୟ ଡମ୍ପର ଓ ଟାଟା ଏସି ଭ୍ୟାନର ବୈଧ ଫିଟନେସ୍ ପ୍ରମାଣପତ୍ର ନ ଥିବା ଜଣାପଡ଼ିଛି। ଏହାକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରି ଉକ୍ତ

## ମୃତକ ଓ ଆହତଙ୍କୁ କ୍ଷତିପୂରଣ ପ୍ରଦାନ ନେଇ ବିଜେଡିର ଦାବି



ଗାଡ଼ିଗୁଡ଼ିକର ପଞ୍ଜୀକରଣ ରଦ୍ଦ କରିବାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣଙ୍କ ସୁରକ୍ଷା ଓ ଜୀବନ ରକ୍ଷା ଆମ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। ବିନା ଫିଟନେସ୍, ବୀମା ଓ ପରମିଟ୍‌ରେ ଗାଡ଼ି ଚଳାଚଳ ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟର ସମସ୍ତ ଆରଟିଓ ଓ ଏଆରଟିଓଙ୍କୁ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରିବାକୁ ସେ ଆଦେଶ ଦେଇଛନ୍ତି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ମୃତକଙ୍କ ପରିବାର ଓ ଆହତଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ସୂଚନା ମୁତାମକ, ପାଲବଣି ଓବରବ୍ରିଜ ପରେ ୧୮ନଂ ଜାତୀୟ ରାଜପଥରେ ଏକ କାଠ ବୋଝେଇ ଟାଟା ଏସି ଭ୍ୟାନ ଓଲଟି ପଡ଼ିଥିବାବେଳେ ଉଦ୍ଧାର କାର୍ଯ୍ୟ ଚାଲିଥିଲା। ତିନି ପ୍ରମୁଖ ବୈଦ୍ୟୁତିକ ଗଣମାଧ୍ୟମର ଭିଡିଓ ଜର୍ଣ୍ଣାଲିଷ୍ଟ ଖବର ସଂଗ୍ରହ କରୁଥିବା ସମୟରେ ଓଭରବ୍ରିଜ ଉପରପଟୁ ଏକ ଡଷ୍ଟ ବୋଝେଇ ଡମ୍ପର ଆସି ଭ୍ୟାନକୁ ଧକ୍କା ଦେଇ ଓଲଟି ପଡିବା ଫଳରେ ୨ ଜଣଙ୍କ ମୃତ୍ୟୁ ଘଟିବା ସହିତ ୩ ଭିଡିଓ ଜର୍ଣ୍ଣାଲିଷ୍ଟଙ୍କ ସହିତ ୭ ଜଣ ଗୁରୁତର ଆହତ ହୋଇ ଭିନ୍ନ ଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣାରେ ମୃତ ଦୁଇ ଯୁବକ ମିହିର ମାଇତି ଓ ସେକ ଜଲାଲଉଦ୍ଦିନଙ୍କ ପରିବାରକୁ କ୍ଷତିପୂରଣ ଓ ସରକାରୀ ସହାୟତା ରାଶି ପ୍ରଦାନ ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି। ଯୁବନେତା ଦେବାଶିଷ ମହାନ୍ତି ଓ ଜିତେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶବ ବ୍ୟବଚ୍ଛେଦ ଗୃହକୁ ଯାଇ ମୃତକଙ୍କ ପରିବାରବର୍ଗ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ସାକ୍ଷାତ କରିବା ସହ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ସହିତ ଉପଯୁକ୍ତ କ୍ଷତିପୂରଣ ଓ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ୍ ପାଣ୍ଠିରୁ ପ୍ରତ୍ୟେକ ପରିବାରକୁ ତୁରନ୍ତ ୨୫,୦୦୦ ସହାୟତା ପ୍ରଦାନ କରାଯିବା ସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧,୦୦,୦୦୦ ଆର୍ଥିକ ସହାୟତା ପାଇଁ ସୁପାରିଶ କରାଯିବ ବୋଲି ଜଣାଇଛନ୍ତି। ଏଥିସହ ପ୍ରତ୍ୟେକ ପରିବାରର ଜଣେ ଯୋଗ୍ୟ ସଦସ୍ୟଙ୍କୁ ଆଗାମୀ ୧୦ ଦିନ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଚାକିରି ପ୍ରଦାନ କରିବାକୁ ମଧ୍ୟ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଡାକ୍ତରଖାନାରେ ଚିକିତ୍ସାଧୀନ ଆହତମାନଙ୍କୁ ଭେଟି ଉନ୍ନତ ଚିକିତ୍ସା ଓ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି କରି ସମସ୍ତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଫୁଲୁଛି ବୈତରଣୀ

ବାରିକପୁର, ୫।୭ (ସମିସ): ଲଘୁଚାପ ବର୍ଷା ଯୋଗୁଁ ବୈତରଣୀ ନଦୀ ଫୁଲି ଉଠିଛି। ଯଦିଓ ଆଗାମୀ ୨୪ ଘଣ୍ଟା ମଧ୍ୟରେ ବନ୍ୟା ଆଶଙ୍କା ନାହିଁ; ତଥାପି ଲଗାଣ ବର୍ଷା କାରଣରୁ ନଦୀ ଗର୍ଭ ଜଳପୂର୍ଣ୍ଣ ହୋଇଛି। ଆଖୁଆପଦା ଆନିକଟଠାରେ ରବିବାର ଅପରାହ୍ଣ ୩ଟା ସୁଦ୍ଧା ୧୬.୬୬ ମିଟରରେ ଜଳ ପ୍ରବାହିତ ହେଉଛି। ଏଠାରେ ସତର୍କ ସଂକେତ ୧୭.୮୩ ମିଟର ଥିବାବେଳେ ବିପଦ ସଂକେତ ରହିଛି ୧୮.୩୩ ମିଟର। ମିଳିଥିବା ସୂଚନା ମୁତାବକ, ରବିବାର ସକାଳ ୮ଟା ୩୦ ସୁଦ୍ଧା ନଦୀର ଉପର ମୁଣ୍ଡ ସ୍ୱାମପାଟଣାଠାରେ ସର୍ବାଧିକ ୬୨.୮ ମିମି ବର୍ଷା ରେକର୍ଡ କରାଯାଇଛି। ସେହିଭଳି ଆନନ୍ଦପୁରଠାରେ ୨୦.୪, ଚମ୍ପୁଆଠାରେ ୬୨.୮, ଭଦ୍ରକଠାରେ ୪୫.୮ ମିମି ବର୍ଷା ରେକର୍ଡ ହୋଇଛି। ନଦୀ ନିକଟସ୍ଥ ଭଣ୍ଡାରିପୋଖରୀଠାରେ ସର୍ବାଧିକ ୧୧୦ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ଧାମନଗରଠାରେ ୪୬, ତିହିଡ଼ିଠାରେ ୪୫, ବାସୁଦେବପୁରଠାରେ ୨୪, ଚାନ୍ଦବାଲିଠାରେ ୭୬ ଓ ବନ୍ତଠାରେ ସର୍ବନିମ୍ନ ୧୩ ମିମି ବର୍ଷା ହୋଇଛି। ବୈତରଣୀ ଉପର ମୁଣ୍ଡ ଓ ତତ୍‌ସଂଲଗ୍ନ ସ୍ଥାନରେ ବର୍ଷା ଜାରି ରହିଥିବା କାରଣରୁ ସାମାନ୍ୟ ଜଳସ୍ତର ବୃଦ୍ଧି ପାଇବ ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି।

# ଗୋ-ମାଫିଆଙ୍କୁ ସୂଚନା ଦେଉଥିଲେ ପୁଲିସ



## ଏଏସ୍‌ଆଇ ଓ କନଷ୍ଟେବଲ ନିଲମ୍ବିତ
## ହୋମ୍‌ଗାର୍ଡଙ୍କୁ କାରଣ ଦର୍ଶାଅ ନୋଟିସ



ବାରିପଦା, ୫।୭ (ସମିସ): ପୂର୍ବାଞ୍ଚଳ ଡିଆଇଜିଙ୍କ ନିର୍ଦ୍ଦେଶକ୍ରମେ ଗତ ଜୁନ୍ ୧୩ ତାରିଖରେ ଏକସଙ୍ଗେ ୩ଟି ଜିଲ୍ଲାର ଗୋ-ମାଫିଆଙ୍କ ବିରୋଧରେ ସ୍ୱତନ୍ତ୍ର ଚଢ଼ଉ କରାଯାଇଥିଲା। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲାର ଝାରପୋଖରିଆ ଥାନା ଅନ୍ତର୍ଗତ ଦୁଇଟି ସ୍ଥାନରେ ଚଢ଼ଉ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ସେହି ଜୁନ ୧୩ ତାରିଖ ଭୋରରେ ଝାରପୋଖରିଆ ଅଞ୍ଚଳର ଗୋ-ମାଫିଆ ଉତ୍ତମ ଦଣ୍ଡପାଟଙ୍କ ଘରେ ପୁଲିସ ଚଢ଼ଉ କରି ଖାଲି ହାତରେ ଫେରିଥିଲା। ଚଢ଼ଉ ପୂର୍ବରୁ ଖବର ପାଇ ଜରୁରୀ କାଗଜପତ୍ର ନେଇ ନିଜ ଏସୟୁଭି କାର୍‌ରେ ଚମ୍ପଟ ମାରିଥିଲେ ଉତ୍ତମ ଦଣ୍ଡପାଟ। ଘରୁ ଫେରାର ହେବା ସମୟର ସମସ୍ତ ଦୃଶ୍ୟ ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା। ଯେଉଁଥିରେ ଚଢ଼ଉର ୧୫ ମିନିଟ ପୂର୍ବରୁ ସେ ତରବରିଆ ଭାବେ ଗାଡ଼ିରେ ଦସ୍ତାବିଜ୍ ଲୋଡ୍ କରି ପଳାଉଥିବା ସ୍ପଷ୍ଟ ଦେଖାଯାଇଥିଲା। ଏ ନେଇ ଝାରପୋଖରିଆ ଥାନାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପାଖାପାଖି ଏକ ମାସ ସମୟ ଭିତରେ ପ୍ରାଥମିକ ତଦନ୍ତ ଓ ପ୍ରମାଣ ସଂଗ୍ରହ ପରେ ଜଣାପଡ଼ିଥିଲା ଯେ, ନିଜ ବିଭାଗର କିଛି କର୍ମଚାରୀ ଗୋ-ମାଫିଆଙ୍କୁ ଚଢ଼ଉ ସମ୍ପର୍କିତ ଗୁପ୍ତ ସୂଚନା ଲିକ୍ କରିଥିଲେ। ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ଏହି ମାମଲାରେ ସମ୍ପୃକ୍ତ ଥିବା ଝାରପୋଖରିଆ ଥାନାର ଏଏସଆଇ ରଞ୍ଜିତ ନାୟକ ଓ କନଷ୍ଟେବଲ ଆଶିଷ ନାୟକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଏଥିସହିତ ଥାନାର କାର୍ଯ୍ୟକଳାପ ବାବଦରେ ଅବଗତ ଥିବା ହୋମଗାର୍ଡ ସୁବ୍ରତ ପାତ୍ରୀଙ୍କୁ ୩୦ ଦିନ ମଧ୍ୟରେ ପକ୍ଷ ରଖିବା ପାଇଁ ଏକ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

ଏହି ସୂଚନା ପ୍ରଦାନ କରି ଆଡିସନାଲ ଏସ୍‌ପି ଦୀପକ କୁମାର ଗୋଚ୍ଛାୟତ୍ କହିଛନ୍ତି, ଝାରପୋଖରିଆ ଆଇଆଇସି ଶ୍ରୀ ଆଚାର୍ଯ୍ୟ ଓ ବାରିପଦା ଏସଡିପିଓ ପ୍ରଭାତ ମଲ୍ଲିକଙ୍କ ରିପୋର୍ଟ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଗକୁ ବିଭାଗୀୟ ତଦନ୍ତ ପ୍ରକ୍ରିୟା ଜାରି ରହିବ। ଅପରପକ୍ଷରେ ଫେରାର ଥିବା ଗୋ-ମାଫିଆଙ୍କୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ସେମାନଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ପ୍ରକାଶ ଥାଉକି, ମାଫିଆ ଉତ୍ତମ ଦଣ୍ଡପାଟଙ୍କ ଶାସକ ବିଜେପି ଦଳର ନେତା ଓ ମନ୍ତ୍ରୀଙ୍କ ସହିତ ଉତ୍ତମ ସମ୍ପର୍କ ଥିବାରୁ ପୁଲିସ ଜାଣିଶୁଣି ତାଙ୍କୁ ଫେରାର ପାଇଁ ସୁଯୋଗ ଦେବା ଓ ଗିରଫ ନ କରିବା ନେଇ ବିଜେଡି ପକ୍ଷରୁ ଜିଲ୍ଲା ସଭାପତି ଡା ଦେବାଶିଷ ମାରାଣ୍ଡି ଝାରପୋଖରିଆରେ ସାମ୍ବାଦିକ ସମ୍ମିଳନୀ ଜରିଆରେ ବର୍ଷିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଭିଡିଓ; ଯୁବକ ଗିରଫ

ଭୁବନେଶ୍ୱର, ୫।୭ (ସମିସ): ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କରେ ଅପପ୍ରଚାର ଅଭିଯୋଗରେ ସାଇବର ଥାନା ପୁଲିସ କଟକରୁ ଜଣେ ଯୁବକଙ୍କୁ ଗିରଫ କରିଛି। ଯୁବକଙ୍କ ନାମ ବିଶ୍ୱଜିତ୍ ସାହୁ ଓ ତାଙ୍କ ଘର କଟକ ଜିଲ୍ଲା ଜଗତପୁର ଥାନା ଅଞ୍ଚଳରେ। ପୁଲିସ ତାଙ୍କ ଠାରୁ ଗୋଟିଏ ଆଇଫୋନ ଜବତ କରିଛି।

ପୁଲିସ ସୂଚନା ମୁତାବକ ଗତ ୪ତାରିଖରେ ନିୟମିତ ସୋସିଆଲ ମିଡିଆ ପେଟ୍ରୋଲିଂ ସମୟରେ ଏକ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଆପତ୍ତିଜନକ ବିଷୟବସ୍ତୁ ପୋଷ୍ଟ ହୋଇଥିବା ଠାବ କରିଥିଲା। ଏହି ଆକାଉଣ୍ଟରେ ଏଆଇ-ଦ୍ୱାରା ଫଟୋକୁ ମର୍ଫ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ପ୍ରସାର କରାଯାଇଥିଲା। ସୋସିଆଲ ମିଡିଆ ପେଟ୍ରୋଲିଂ ରିପୋର୍ଟର ଆଧାରରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ଡିଜିଟାଲ ଉପାୟରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଫଟୋକୁ ଆପତ୍ତିଜନକ ଭାବରେ ପ୍ରଦର୍ଶନ କରିଥିଲେ। ପୁନଶ୍ଚ ସେ ଏଥିରେ ଅଶ୍ଳୀଳ ଅଙ୍ଗଭଙ୍ଗୀ ଓମାନହାନିକର ଉକ୍ତି ମଧ୍ୟ ବ୍ୟବହାର କରିଥିଲେ। ଏହା ଡିଜିଟାଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇବା ଏବଂ ଯୁବପିଢ଼ିଙ୍କୁ ଭ୍ରମିତ କରିବା ଉଦ୍ଦେଶ୍ୟରେ ଇଚ୍ଛାକୃତ ଭାବେ କରାଯାଇଥିଲା ବୋଲି ପୁଲିସ ସୂଚନା ଦେଇଛି।

**AFFIDAVIT**

By Virtue of an affidavit sworn before Executive Magistrate, Balasore, dtd-30/06/2026 by Affidavit Sl No: - 4903. I, Azharuddin Shaikh,Age 42yrs, S/o- Nasiruddin Shaikh, of Resident At-Pijuruddin lane, Po-Sunhat,Phandi Chhak,Goni Pada,Balubazar, P.S.- Town, Dist-Balasore , Odisha - 756002. Declared that. I have changed my name from Azharuddin Nasiruddin Shaikh to Azharuddin Shaikh. Henceforth, I shall be known as **Azharuddin Shaikh** for all future purposes.
**Azharuddin Shaikh**

**AFFIDAVIT**

By virtue of Affidavit No. 93, Dt.25.05.2026 sworn before the Executive Magistrate, Angul, I, Ipsita Agarwal, D/o- Pradeep Agarwal and Sanju Agarwal, Resident of At- Union Bank Pakha, P.O./P.S./Dist.- Angul, Odisha-759122, do hereby declare that my surname has been recorded as "AGRAWAL", "AGARWALLA" in certain previous documents, including my earlier Passport. The surnames "AGRAWAL" , "AGARWALLA" and "AGARWAL" refer to one and the same person, namely myself. Henceforth, I shall be known as IPSITA AGARWAL for all purposes.

**AFFIDAVIT**

By virtue of an affidavit before the Executive Magistrate, Dhamnagar, I, Sri Dillip Kumar Malik, 41 years, S/o-Kanhu Malik, Vill/PO- Kothar, P.S.- Dhusuri, Dist- Bhadrak, Odisha, on behalf of my minor daughter Sibani Malik. In birth certificate, wrongly it has been mentioned as Shivan Malik in Aadhaar Card bearing No. 7217 4462 7832. Sibani Malik and Shivan Malik is one and same. This affidavit is for Aadhaar correction.

**AFFIDAVIT**

By virtue of Affidavit No. 95, Dt.27.05.2026 sworn before the Executive Magistrate, Angul, I, PRADEEP AGARWAL, S/o- Srinibas Agarwal, R/o- Union Bank Pakha, P.O./P.S./Dist.- Angul, Odisha-759122, do hereby declare that my surname has been recorded as "AGRAWAL" and "AGARWALLA" in certain previous documents. The surnames "AGRAWAL", "AGARWAL" and "AGARWALLA" refer to one and same person, namely myself. Henceforth, I shall be known as "PRADEEP AGARWAL" for all purposes.

**AFFIDAVIT**

By virtue of Affidavit No. 94, Dt. 27.05.2026 sworn before the Executive Magistrate, Angul, I, SANJU AGARWAL, W/o- PRADEEP AGARWAL, R/o- Union Bank Pakha, P.O./P.S./Dist.- Angul, Odisha-759122, do hereby declare that my surname has been recorded as "AGRAWAL" and "AGARWALLA" in certain previous documents. The surnames "AGRAWAL", "AGARWAL" and "AGARWALLA" refer to one and same person, namely myself. Henceforth, I shall be known as "SANJU AGARWAL" for all purposes.

**AFFIDAVIT**

By Virtue of an affidavit sworn before in the Court of Executive Magistrate and Tahasildar, Basta,Balasore, dtd-03/07/2026, by Affidavit Sl No: - 2994. I, Paresh Mukhi C/o- Gopal Mukhi of permanent Resident Vill - Kamardiha, Po-Khunta, Ps-Rasgobindpur, Dist-Mayurbhanj , Odisha - 757016. Declared that. I have changed the name of my Minor Son from KATIA MUKHI to PAPU MUKHI. Henceforth, He shall be known as **PAPU MUKHI** for all future purposes.
**Paresh Mukhi**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜ୍ୟରେ ବାଦ୍...

ଥିବା ସମସ୍ତଙ୍କୁ ପରିଗଣନା ଫର୍ମ ପ୍ରଦାନ କରାଯାଇଥିବା କହୁଥିବାବେଳେ ୮ ଲକ୍ଷରୁ ଊର୍ଦ୍ଧ୍ୱ କଥିତ ମୃତକ ଓ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଅନୁପସ୍ଥିତ ବା ସ୍ଥାନାନ୍ତରିତଙ୍କୁ ପରିଗଣନା ଫର୍ମ କିପରି ବଣ୍ଟନ ହେଲା ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ପୁନଶ୍ଚ କେବଳ କେନ୍ଦ୍ରାପଡ଼ା ଜିଲ୍ଲାରୁ ୬୦ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ ଚିଠା ତାଲିକାରୁ ବାଦ ପଡ଼ିଥିବା କୁହାଯାଉଥିବାବେଳେ ୭୫ରୁ ଊର୍ଦ୍ଧ୍ୱ ବିଧାନସଭା କ୍ଷେତ୍ରରେ ୧୦ ହଜାରରୁ ଊର୍ଦ୍ଧ୍ୱ ଭୋଟରଙ୍କ ନାମ କଟିବାକୁ ନେଇ ବିରୋଧୀ ସନ୍ଦେହ ପ୍ରକଟ କରିଛନ୍ତି।

ଅନ୍ୟପକ୍ଷରେ ଏହି ଚିଠା ତାଲିକା ଚୂଡ଼ାନ୍ତ ନୁହେଁ; ଯଦି କେହି ଯୋଗ୍ୟ ଭୋଟର ବାଦ ପଡ଼ିଥିବେ ସେମାନେ ଆପତ୍ତି କରି ନିଜ ନାମ ଚୂଡ଼ାନ୍ତ ତାଲିକାରେ ସ୍ଥାନିତ କରିପାରିବେ ବୋଲି କହିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ। ବାସସ୍ଥାନ ପରିବର୍ତ୍ତନ, ପ୍ରଚଳିତ ଭୋଟର ତାଲିକାରେ ଥିବା ବିବରଣୀର ସଂଶୋଧନ, ଦୁଇଟି ଇପିଆଇସି ନମ୍ବର କିମ୍ବା ଦିବ୍ୟାଙ୍ଗ ଚିହ୍ନିତକରଣ ପାଇଁ ଭୋଟର ଫର୍ମ-୮ରେ ଆବେଦନ କରିପାରିବେ। ସେହିପରି ନୂତନ ଭୋଟରଙ୍କ ପାଇଁ ଫର୍ମ-୬ରେ ଆବେଦନ କରାଯିବାର ବ୍ୟବସ୍ଥା ରହିଥିବା ବେଳେ ଫର୍ମ-୭ରେ ପ୍ରଚଳିତ ଭୋଟର ତାଲିକାରେ ନାମ ଯୋଗ କିମ୍ବା ନାମ ବାଦ୍ କରାଯାଇ ପାରିବ। ତେବେ ଚିଠା ଭୋଟର ତାଲିକାରେ ଗୋଟିଏ ଘର ନମ୍ବରରେ ଏକାଧିକ ଭୋଟରଙ୍କ ନାମ, ଭୋଟରଙ୍କ ନାମରେ ତ୍ରୁଟି ତଥା ଅନ୍ୟ ବିବରଣୀ ତ୍ରୁଟିକୁ ନେଇ ସାଧାରଣରେ ଆରମ୍ଭରୁ ଅସନ୍ତୋଷ ଦେଖାଦେଇଛି। ଭୋଟର ତାଲିକାରୁ ବାଦ ପଡ଼ିଥିବା ଯୋଗ୍ୟ ଭୋଟରମାନେ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଗଣନାକାରୀଙ୍କ ତ୍ରୁଟି ପାଇଁ ସାଧାରଣ ଲୋକମାନେ କାହିଁକି ସମସ୍ୟାରେ ପଡ଼ିବେ ବୋଲି ପ୍ରଶ୍ନ କରିବା ସହ ପ୍ରତ୍ୟେକ ତ୍ରୁଟି ନିଜଆଡୁ ନିର୍ବାଚନ ଅଧିକାରୀ ସଂଶୋଧନ କରିବା ଆବଶ୍ୟକ ବୋଲି ଲୋକମାନେ କହିଛନ୍ତି।

### ରାମ ମନ୍ଦିରରୁ ଲୁଟିନେଲେ...

କରିଥିଲେ। ପରବର୍ତ୍ତୀ ସମୟରେ ଗ୍ରନ୍ଥଟି ମନ୍ଦିରର ମୁଖ୍ୟ ପରିସରରେ ଦେଖିବାକୁ ନ ମିଳିବାରୁ ସେ ପ୍ରଶ୍ନ ଉଠାଇଛନ୍ତି। ଏସଂପର୍କରେ ସେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କୁ ଜଣାଇଥିଲେ। କିନ୍ତୁ ଚମ୍ପତଙ୍କ ଉତ୍ତର ତାଙ୍କୁ ବିସ୍ମିତ କରିଛି। ଚମ୍ପତ ତାଙ୍କୁ କହିଥିଲେ ଯେ ମନ୍ଦିରକୁ ଆସୁଥିବା ସବୁ ଦାନ ସାମଗ୍ରୀକୁ ପ୍ରଦର୍ଶିତ କରାଯାଇପାରିବ ନାହିଁ। ତେବେ କେବଳ ସୁନା ଛାଉଣି ଗ୍ରନ୍ଥ ନୁହେଁ, ବରଂ ମନ୍ଦିରକୁ ମିଳିଥିବା ବହୁ ପରିମାଣର ରୁପା ଇଟା ଏବଂ ଅଳଙ୍କାର ନିଖୋଜ ଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ବିରୋଧୀ ଦଳ ଏବଂ ଇଣ୍ଡିଆ ବୁଲିଅନ ଆଣ୍ଡ ଜୁଏଲର୍ସ ଆସୋସିଏସନ (ଆବିଜେଏ) ମଧ୍ୟ ମନ୍ଦିରରୁ ରୁପା ହେରଫେର ହୋଇଥିବା ପ୍ରସଙ୍ଗ ଉଠାଇଛି। ଏଥିମଧ୍ୟରେ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେଙ୍କ ଦ୍ୱାରା ପ୍ରଦତ୍ତ ୪ କିଲୋଗ୍ରାମର ରୁପା ଇଟା ମଧ୍ୟ ସାମିଲ ରହିଛି। ଏସଂପର୍କରେ ଟ୍ରଷ୍ଟର କୌଣସି କର୍ମକର୍ତ୍ତା ମୁହଁ ଖୋଲୁ ନାହାନ୍ତି। ସେମାନଙ୍କର ରହସ୍ୟମୟ ନିରବତା କୋଟି କୋଟି ଭକ୍ତଙ୍କୁ ମର୍ମାହତ କରିଛି। ଉତ୍ତରପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ଏସ୍‌ଆଇଟି ଦଳ ବର୍ତ୍ତମାନ ଏହି ଦାନ ହେରଫେର ମାମଲାର ଯାଞ୍ଚ କରୁଛି। ଧରାପଡ଼ିଯିବା ଭୟରେ ଚୋରି ସୁନା ଓ ରୁପା ଅଳଙ୍କାରଗୁଡ଼ିକୁ ତରଳାଇ ସୁନା ବିସ୍କୁଟରେ ପରିଣତ କରାଯାଇଥିବା ତଦନ୍ତକାରୀ ଅଧିକାରୀମାନେ ସନ୍ଦେହ କରିଛନ୍ତି। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ଦାନ ଗଣତି ପ୍ରକ୍ରିୟା ସହ ଜଡିତ ୮ ଜଣଙ୍କୁ ଗିରଫ କରାଯାଇ ସାରିଛି। ଇତିମଧ୍ୟରେ ରାମ ମନ୍ଦିର ଟ୍ରଷ୍ଟର ଆନ୍ତାକାଳି ବୈଠକ ବସିବ। ଏଥିରେ ଟ୍ରଷ୍ଟ ସଂପାଦକ ଚମ୍ପତ ରାୟ, ଅନିଲ ମିଶ୍ର ଓ ଗୋପାଳ ରାଓଙ୍କ ଇସ୍ତଫା ଉପରେ ନିଷ୍ପତ୍ତି ନିଆଯିବ।

### ଦିନକୁ ଚୋରି ହେଉଥଲା...

ମହାକୁମ୍ଭ ସମୟରୁ ଦିନକୁ ୬ରୁ ୮ ଲକ୍ଷ ଟଙ୍କା ଚୋରି ହେଉଥିଲା। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଅଭିନାଶ ଶୁକ୍ଲାଙ୍କ ସମେତ ୮ ଜଣ ଗିରଫ ହୋଇଛନ୍ତି। ଅଭିଯୁକ୍ତମାନେ ମୋଜା ଓ ପକେଟରେ ଟଙ୍କା ଲୁଚାଇବା ସହ ସିସିଟିଭିକୁ ମଧ୍ୟ ଏଡ଼ାଉଥିବା ପ୍ରମାଣ ମିଳିଛି। ଅଭିନାଶ ଠାରୁ ପ୍ରାୟ ୨୦ ଲକ୍ଷ ଟଙ୍କା ଏବଂ ୧୨୦୦ ଡଲାର ଜବତ କରାଯାଇଛି। ଦାନ ଟଙ୍କା ଚୋରି ସଂପର୍କରେ ଟ୍ରଷ୍ଟ କର୍ମକର୍ତ୍ତା ଜାଣିଥିଲେ ମଧ୍ୟ ଚୁପ ରହିଥିଲେ। ସମାଜବାଦୀ ପାର୍ଟି ନେତା ଏବଂ କେତେକ ବ୍ୟାଙ୍କ କର୍ମଚାରୀ ଅଭିଯୋଗ କରିବା ପରେ ଏହି ମାମଲା ସାମନାକୁ ଆସିଥିଲା। ଅଭିଯୁକ୍ତମାନେ ଦାନ ଟଙ୍କା ଚୋରି କରୁଥିବାର ଦୃଶ୍ୟ ମଧ୍ୟ ସିସିଟିଭିରେ କଏଦ ଅଛି।

### ଅବପାତ ଝାଡ଼ଖଣ୍ଡମୁହାଁ..

ସ୍ଥାନରେ ଭାରି ବର୍ଷା (୭ ରୁ ୧୧ ସେମି) ରେକର୍ଡ ହୋଇଛି। କନ୍ଧମାଳ ଖଜୁରୀପଦାରେ ସର୍ବାଧିକ ୨୭୬ମିମି, ବଲାଙ୍ଗିର ତୁରେଇକେଲା ଠାରେ ୨୬୪ମିମି ବର୍ଷା ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରେ ୧୧୯ ଓ କଟକରେ ୧୨୪ ମିମି ବର୍ଷା ରେକର୍ଡ ହୋଇଛି।

ମୌସୁମୀ ଅତ୍ୟଧିକ ସକ୍ରିୟ ହେତୁ ଗତ ୨୪ଘଣ୍ଟାର ୬୨.୮ ମିମି ବର୍ଷା ହୋଇଛି, ଯାହାକି ସ୍ୱାଭାବିକ ବର୍ଷା ୮.୪ମିମି ତୁଳନାରେ ୬୪୯ ପ୍ରତିଶତ ଅଧିକ ରହିଛି। ଜୁଲାଇ ମାସର ସ୍ୱାଭାବିକ ବର୍ଷା ୩୪୧.୪ ମିମି ହୋଇଥିବା ବେଳେ ରାଜ୍ୟରେ ପ୍ରଥମ ୫ ଦିନରେ ୧୫୫.୨ ମିମି ବର୍ଷା ରେକର୍ଡ ହୋଇସାରିଛି, ଯାହାକି ପୁରା ମାସର ସ୍ୱାଭାବିକ ବର୍ଷାର ୪୫ ପ୍ରତିଶତ ଭରଣା ହୋଇଛି। ଏପର୍ଯ୍ୟନ୍ତ ଜୁଲାଇରେ ପ୍ରଥମ ୫ ଦିନରେ ରାଜ୍ୟରେ ସ୍ୱାଭାବିକ ତୁଳନାରେ ୨୩୪ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ରବିବାର ଉପକୂଳବର୍ତ୍ତୀ ଜିଲ୍ଲାରେ ବର୍ଷାର ପ୍ରଭାବ କମିଲେ ମଧ୍ୟ ବରଗଡ଼, ସମ୍ବଲପୁର, ଅନୁଗୋଳ, ସୋନପୁର, ବୌଦ୍ଧ, ନୂଆପଡ଼ା ଓ ବଲାଙ୍ଗିର ଜିଲ୍ଲାରେ ଭଲ ବର୍ଷା ହେବା ନେଇ ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ପାଣିପାଗ କେନ୍ଦ୍ର କହିଛି, ଜୁନ ୧ ରୁ ଏଯାବତ ୨୬୫.୫ ମିମି ହୋଇଥିବା ବେଳେ ସ୍ୱାଭାବିକ ବର୍ଷା ରହିଛି ୨୫୫.୮ ତୁଳନାରେ ଏବେ ୪ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ୧୧ ଜିଲ୍ଲାରେ ସ୍ୱାଭାବିକ ତୁଳନାରେ ଅଧିକ ବର୍ଷା ସହ ୧୧ ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକ ରହିଛି। ଏବେ ବି ୬ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଛି। ୨ଟି ଜିଲ୍ଲା ବୌଦ୍ଧ ଓ କନ୍ଧମାଳରେ ସ୍ୱାଭାବିକ ଠାରୁ ଯଥେଷ୍ଟ ଅଧିକା ବର୍ଷା ରେକର୍ଡ କରାଯାଇଛି। ଅନ୍ୟପଟେ ଅବପାତ ସ୍ଥଳଭାଗ ଅତିକ୍ରମ କରିବା ପରେ ଜୁଲାଇ ୫ ରୁ ୭ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ଓଡ଼ିଶାର ସମସ୍ତ ବନ୍ଦରରେ ୩ ନମ୍ବର ସ୍ଥାନୀୟ ସତର୍କତା ସଙ୍କେତ ଜାରି କରାଯାଇଛି।

### ଜାତୀୟ ରାଜପଥରେ...

ପ୍ରଖରସ୍ରୋତରେ ଏକ ପରିବାର ପାଣିରେ ଭାସିଯାଉଥିବା ବେଳେ ସ୍ଥାନୀୟ ଯୁବକ ତଥା ଯାତ୍ରୀମାନେ ନିଜ ଜୀବନକୁ ବାଜି ଲଗାଇ ଉଦ୍ଧାର କରିଥିଲେ। ସ୍ଥାନୀୟ ଲୋକଙ୍କ ତତ୍ପରତା ଓ ସାହସିକତା ଯୋଗୁଁ ଭାସିଯାଉଥିବା ପରିବାରର ସମସ୍ତ ସଦସ୍ୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଅପରପକ୍ଷରେ, ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଡ୍ରେନେଜ ଗୁଡ଼ିକର ସଠିକ୍ ରକ୍ଷଣବେକ୍ଷଣ ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ସାମାନ୍ୟ ବର୍ଷା ହେଲେ ରାସ୍ତା ବୁଡ଼ିଯାଉଥିବାରୁ ଏହାର ଏକ ସ୍ଥାୟୀ ପ୍ରତିକାର କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ବର୍ତ୍ତମାନ ସୁଦ୍ଧା କୋମନା ବ୍ଲକର କେତେକ ତଳିଆ ଅଞ୍ଚଳରେ ପାଣି ପଶି ରହିଥିବା ବେଳେ ପ୍ରଶାସନ ତରଫରୁ ସ୍ଥିତି ଅନୁଧ୍ୟାନ କରାଯାଉଥିବା ସୂଚନା ମିଳିଛି। ଏହାସହ ସିଙ୍ଗାରି ଡ୍ୟାମ ମଧ୍ୟ ପ୍ରବଳ ପାଣି ପ୍ରଭାବରେ ଭାଙ୍ଗି ଯାଇଥିବା ସୂଚନା ମିଳିଛି।

25001/650/2627 E-Mail: eerw_gm1@yahoo.co.in

**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, GANJAM, BERHAMPUR**
Government of Odisha e-Procurement Notice
Bid Identification No. Online Tender // 11 // SERWDG-I // 2026-27
Letter No.: 4099 /RWDG-I/BAM/ Date: 18.06.2026

| | | |
|---|---|---|
| 1 | Name of the Work | Road Works |
| 2 | Estimated Cost | Rs. 6.72 Lakhs to Rs. 8.40 Lakhs |
| 3 | Period of Completion | As per Annexure Column No. 06 |
| 4 | Date & Time of Availability of Bid Documents in the Portal | From 09.07.2026 at 11.00 AM to 22.07.2026 up to 6.00 PM |
| 5 | Last Date & Time for Receipt of Bids in the Portal | 22.07.2026 up to 6.00 PM |
| 6 | Name and Address of the Officer Inviting Bid | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website: https://www.tendersodisha.gov.in
Executive Engineer
R.W. Division-I, Ganjam, Berhampur
OIPR-25001/25085/1/26-27/0017

**OFFICE OF THE MUNICIPALITY : POLASARA**
At/Po/Ps: Polasara, Dist.-Ganjam, Odisha
E-mail: nacpolasara72@gmail.com, Phone No.: (06810) 291235
Letter No.: 2097, Date: 03.07.2026
13001/1075/2627

**QUOTATION CALL NOTICE**

Sealed quotation in prescribe form are invited from the intending reputed registered Company/Firm suppliers/Contractor having a adequate experience with valid GST Registration Certificate, PAN Card for "Supplying, fitting and installation of different odia and English letter box with logo, swacha sarvekhana logo, back drop items for Polasara Municipality, for the year 2026-27." as per the specification which will be received through Tender Box/Speed Post/Courier Post to the Executive Officer Municipality Polasara on or before 14.07.2026 up to 5.00 P.M and the same will be opened on 15.07.2026 at 11.30 AM in the presence of the quotationers or their authorized agents present on their behalf. The authority will not be held responsible for the postal delay, if any, in the delivery of the documents or non-receipt of the same. The document schedule will be available in the Office of the Polasara Municipality during working hour from 06.07.2026 to 14.07.2026 up to 5.00 P.M on payment of non refundable cash of Rs. 4000.00. The intending bidder are to submit copies of valid Registration certificate from competent authorities of the State Govt./Central Govt./PSU organization and PAN Card along with Experience Certificate in similar nature of works and EMD of Rs 10000.00 (In shape of Bank Draft/BG/TDR /KVP/ NSC) in favour of Executive Officer Polasara Municipality with their bid, failing which their bid shall not be taken in to consideration. The authority reserves the right to reject any or all the tenders without assigning any reason thereof.

Executive Officer
Municipality Polasara
OIPR-13001/13214/1/26-27/0003

25001/646/2627 E.Mail: rw_rourkela@yahoo.co.in

GOVERNMENT OF ODISHA
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
**TENDER CALL NOTICE**
BID IDENTIFICATION NO. ONLINE-EERKL-17 of 2026-27

1. Name of the Work :- Road Works
2. Total No. of Works :- 02 (Two) Nos.
3. Estimated Cost :- Rs. 62.37 to 77.12 Lakhs
4. Class of Contractor :- "B" Class
5. Period of Completion :- 04 (Four) Months
6. Type of Tender :- Double Cover
7. Other details

| Procurement Officer | Bid Identification No. | Availability of Tender Online for bidding | | Last Date & Time of Seeking Tender Clarification | Date & Time of Opening of Tender | Financial Bid |
|---|---|---|---|---|---|---|
| | | From | To | | | |
| Superintending Engineer, Rural Works Division-II, Sundargarh | Online-EERKL-17 of 2026-27 | 07.07.2026 from 11.00 AM | 14.07.2026 upto 05.00 PM | 13.07.2026 upto 5.00 PM | 15.07.2026 at 11.00 AM | Will be intimated separately |

Further details can be seen from the website www.tendersorissa.gov.in and for more information please visit the office.
Executive Engineer
RW Division-II, Sundargarh
OIPR-25001/25193/1/26-27/0032

## ଲଗାଣ ବର୍ଷାରେ ଉପୁଡ଼ିଲା ଗଛ

# ରାୟଗଡ-କେରଡ଼ା ମୁଖ୍ୟ ରାସ୍ତା ଅବରୋଧ

ରାୟଗଡ,୫।୭(ସମିସ): ଲଘୁଚାପ ଜନିତ ବର୍ଷାର ପ୍ରଭାବରେ ରାୟଗଡ ଜିଲ୍ଲାରେ ଗତ ୪୮ ଘଣ୍ଟା ଧରି ଲଗାଣ ବର୍ଷା ଜାରି ରହିଛି। ବର୍ଷା ଯୋଗୁଁ ଜିଲ୍ଲାର ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଥିବା ବେଳେ ଓଡ଼ିଶା ଆନ୍ଧ୍ରକୁ ସଂଯୋଗ କରୁଥିବା ରାୟଗଡ-କେରଡା ଜିଲ୍ଲା ପ୍ରମୁଖ ରାସ୍ତା ମୁଖ୍ୟ ସଡ଼କରେ ଏକ ବିରାଟ ଗଛ ଉପୁଡ଼ି ପଡ଼ିବାରୁ ପ୍ରାୟ ୬ ଘଣ୍ଟା ଧରି ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା।ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ପାର୍ଭାପୁର ଗ୍ରାମ ନିକଟରେ ଏକ ବିରାଟ ଗଛ ଉପୁଡ଼ି ମୁଖ୍ୟ ରାସ୍ତା ଉପରେ ପଡ଼ିଯାଇଥିଲା। ଏହାଫଳରେ ଓଡ଼ିଶାଆନ୍ଧ୍ର ମୁଖ୍ୟ ସଡ଼କରେ ପ୍ରାୟ ୫ରୁ ୬ ଘଣ୍ଟା ଧରି ସମସ୍ତ ପ୍ରକାର ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ଘଟଣାଟି ରାତିରେ ଘଟିଥିବାରୁ ତୁରନ୍ତ ଉଦ୍ଧାର କାର୍ଯ୍ୟ ସମ୍ଭବ ହୋଇନଥିଲା ଏବଂ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହାନ ଅଟକି ରହିଥିଲା।ଆଜି ସକାଳେ ଅଗ୍ନିଶମ ବିଭାଗ, ପୁଲିସ ଓ ସମ୍ପୃକ୍ତ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗଛକୁ କାଟି ରାସ୍ତାରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଅନ୍ୟପକ୍ଷରେ, ବର୍ଷା ଓ ପବନ ଯୋଗୁଁ ଗ୍ରାମାଞ୍ଚଳର ବହୁ ସ୍ଥାନରେ ଗଛର ଡାଳ ଭାଙ୍ଗି ବିଦ୍ୟୁତ୍ ତାର ଉପରେ ପଡ଼ିବାରୁ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି।



ରାୟଗଡ ବ୍ଲକର ବାଇସିଙ୍ଗି, ଦୁର୍ଗାପାଡୁ, ପିପଲଗୁଡା , ସିରିଗୁମ୍ମା, ମାଟିକଣା ଓ କୁଲି ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ଗତ ଦୁଇ ଦିନ ଧରି ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଛି। ଫଳରେ ପାନୀୟ ଜଳ ଯୋଗାଣ, ଯୋଗାଯୋଗ ଏବଂ ଦୈନନ୍ଦିନ ଜୀବନଯାପନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଟାଟା ପାୱାର ପକ୍ଷରୁ କୁହାଯାଇଛି ଯେ, ଭାଙ୍ଗିପଡ଼ିଥିବା ଗଛ ଡାଳ ହଟାଇ ବିଦ୍ୟୁତ୍ ତାରର ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ପରିସ୍ଥିତି ସ୍ୱାଭାବିକ ହେବା ପରେ ପର୍ଯ୍ୟାୟକ୍ରମେ ସମସ୍ତ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ପୁନଃସ୍ଥାପନ କରାଯିବ ବୋଲି ବିଭାଗ ସୂଚନା ଦେଇଛି।

## ବର୍ଷାରେ ଉପୁଡ଼ିପଡ଼ିଲା ବିରାଟ ଗଛ, ରାସ୍ତା ଅବରୋଧ



ମାଲକାନଗିରି, ୫।୭(ସମିସ): ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଥିବା ବେଳେ ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ଟିଟିବିରିପାହାଡ଼ଗୁଡ଼ା ମୁଖ୍ୟ ସଡ଼କ ଉପରେ ଏକ ବିରାଟକାୟ ଗଛ ଉପୁଡ଼ି ପଡ଼ିବାରୁ କିଛି ସମୟ ପାଇଁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଯାତ୍ରୀ ଓ ଯାନବାହନ ଅଟକି ରହିଥିଲେ। ସୂଚନା ଅନୁଯାୟୀ, ଲଗାତାର ବର୍ଷା ଯୋଗୁଁ ମାଟି ଦୁର୍ବଳ ହୋଇପଡ଼ିବାରୁ ଟିଟିବିରି ମୁଖ୍ୟ ସଡ଼କ ଉପରେ ଥିବା ଏକ ବଡ଼ ଗଛ ହଠାତ୍ ଉପୁଡ଼ି ପଡ଼ିଥିଲା। ଏହା ଫଳରେ ଟିଟିବିରିରୁ ପାହାଡ଼ଗୁଡ଼ା ସହିତ ଡଙ୍ଗୁସଖାଲ, ଶିଖପାଲି ଓ ଆଖପାଖ ଅନେକ ଗ୍ରାମକୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଗ୍ରାମବାସୀ ଓ ଯାତ୍ରୀମାନେ ରାସ୍ତା ଖୋଲିବାକୁ ଅପେକ୍ଷା କରି ରହିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ମାଲକାନଗିରି ଦମକଳ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ଦମକଳ କର୍ମଚାରୀମାନେ ଗଛଟିକୁ କାଟି ରାସ୍ତାରୁ ହଟାଇବା ପରେ ଯାତାୟାତ ପୁନର୍ବାର ସ୍ୱାଭାବିକ ହୋଇଥିଲା। ତେବେ ସୌଭାଗ୍ୟବଶତଃ ଗଛ ପଡ଼ିବା ସମୟରେ ସେହି ରାସ୍ତା ଦେଇ କୌଣସି ଯାନବାହନ ଯାଉ ନଥିବାରୁ ବଡ଼ ଧରଣର ଅଘଟଣ ଟଳିଯାଇଥିଲା।

## ରାୟଗଡ ଜିଲ୍ଲାର ଚିଠା ଭୋଟର ତାଲିକା ପ୍ରକାଶ

# ଜିଲ୍ଲାରେ ବୁଥ୍ ସଂଖ୍ୟା ୧,୦୩୨କୁ ବୃଦ୍ଧି

ରାୟଗଡ଼,୫।୭ (ସମିସ):

ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର)-୨୦୨୬ ଅଧୀନରେ ରାୟଗଡ ଜିଲ୍ଲାର ଡ୍ରାଫ୍ଟ ଭୋଟର ତାଲିକା ରବିବାର ପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନେତୃତ୍ୱରେ ଏହି ତାଲିକା ପ୍ରକାଶ କରାଯାଇଥିବାବେଳେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଜିଲ୍ଲାରେ ମୋଟ ୭,୧୪,୭୦୦ ଜଣ ଭୋଟର ଥିବାବେଳେ ସେମାନଙ୍କ ମଧ୍ୟରୁ ୯୩.୬୩ ପ୍ରତିଶତଙ୍କ ତଥ୍ୟ ଡିଜିଟାଲ୍ ଭାବେ ଅନ୍ତର୍ଭୁକ୍ତ କରାଯାଇଛି। ଜିଲ୍ଲାର ୧,୦୩୨ଟି ମତଦାନ କେନ୍ଦ୍ର ମଧ୍ୟରୁ କେବଳ ୬,୯୨୬ ଜଣଙ୍କ ତଥ୍ୟ ସଂଗ୍ରହ କରିବା ବାକି ରହିଛି। ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ଆୟୋଜିତ ସର୍ବଦଳୀୟ ବୈଠକରେ ରାଜନୈତିକ ଦଳଗୁଡ଼ିକୁ ଯୋଗ୍ୟ ଭୋଟରମାନଙ୍କ ନାମ ଡ୍ରାଫ୍ଟ ତାଲିକାରେ ସାମିଲ କରିବାରେ ସହଯୋଗ କରିବାକୁ




ଆହ୍ୱାନ ଦିଆଯାଇଥିଲା। ନିର୍ବାଚନ ବିଭାଗ ପକ୍ଷରୁ ବୁଥ୍ ସ୍ତରୀୟ ଅଧିକାରୀମାନେ ଘରକୁ ଘର ବୁଲି ଫର୍ମ ବଣ୍ଟନ ଓ ସଂଗ୍ରହ କରିଥିଲେ। ଏଥର ୧୩୭ଟି ନୂତନ ମତଦାନ କେନ୍ଦ୍ର ଯୋଡ଼ାଯାଇଥିବାରୁ ଜିଲ୍ଲାରେ ମୋଟ ବୁଥ୍ ସଂଖ୍ୟା ୧,୦୩୨କୁ ବୃଦ୍ଧି ପାଇଛି। ଡ୍ରାଫ୍ଟ ଭୋଟର ତାଲିକା ବିଏଲଓ, ଇଆରଓ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସହିତ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ୱେବସାଇଟରେ ଉପଲବ୍ଧ ରହିଛି। ସ୍ୱଚ୍ଛତା ଓ ନିରପେକ୍ଷତା ବଜାୟ ରଖିବା ପାଇଁ ସମସ୍ତ ରାଜନୈତିକ ଦଳ ସହ ନିୟମିତ ଆଲୋଚନା କରାଯାଇଥିବାବେଳେ ଓଡ଼ିଶା ପାଇଁ ୧୦ ଜଣ ଆଇଏଏସ୍ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ଇଡ୍କୋର ପରିଚାଳନା ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀଙ୍କୁ ରାୟଗଡ, ଗଜପତି ଓ ଗଞ୍ଜାମ ଜିଲ୍ଲା ପାଇଁ ନିର୍ବାଚନ ତାଲିକା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ଜିଲ୍ଲାର ୩ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରେ ୧୩୮-ଗୁଣପୁର (ଏସ୍ଟି)ରେ ୩୩୮ଟି, ୧୩୯-ବିଷମକଟକ (ଏସ୍ଟି)ରେ ୩୪୮ଟି ଏବଂ ୧୪୦-ରାୟଗଡ (ଏସ୍ଟି)ରେ ୩୪୬ଟି ମତଦାନ କେନ୍ଦ୍ର ରହିଛି। ୨୦୦୨ ପରଠାରୁ ଏହା ପ୍ରଥମ ସ୍ୱତନ୍ତ୍ର ସଘନ ସଂଶୋଧନ, ଯେଉଁଥିରେ ବୁଥ୍ ସ୍ତରୀୟ ଅଧିକାରୀମାନେ ଘରକୁ ଘର ବୁଲି ୯୯.୯୭ ପ୍ରତିଶତ ଭୋଟରଙ୍କ ତଥ୍ୟ ସଂଗ୍ରହ କରିବାରେ ସଫଳ ହୋଇଛନ୍ତି। ଜୁଲାଇ ୫ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଭୋଟରମାନେ ଦାବି ଓ ଆପତ୍ତି ଦାଖଲ କରିପାରିବେ। ନୂତନ ଭୋଟର ପଞ୍ଜୀକରଣ ପାଇଁ ଫର୍ମ-୬, ନାମ ବାଦ୍ ପାଇଁ ଫର୍ମ-୭ ଏବଂ ସଂଶୋଧନ ପାଇଁ ଫର୍ମ-୮ ବ୍ୟବହାର କରାଯିବ। ଚୂଡ଼ାନ୍ତ ଭୋଟର ତାଲିକା ସେପ୍ଟେମ୍ବର ୬, ୨୦୨୬ରେ ପ୍ରକାଶ ପାଇବ। ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ରମେଶ କୁମାର ଜେନା, ଡେପୁଟି କଲେକ୍ଟର (ନିର୍ବାଚନ) ମାନୁଏଲା ପ୍ରିୟଦର୍ଶିନୀ, ଆସିଷ୍ଟାଣ୍ଟ କଲେକ୍ଟର (ନିର୍ବାଚନ) ବିଚିତ୍ରା ସେଠୀ, ଅନ୍ୟାନ୍ୟ ଅଧିକାରୀ ଏବଂ ବିଜେପି, ବିଜେଡି, କଂଗ୍ରେସ, ବିଏସପି ସମେତ ଅନ୍ୟ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଓଡ଼ିଶା ରକ୍ତଦାତା ସଂଘର ରକ୍ତଦାନ ଶିବିର




ସେମିଲିଗୁଡ଼ା,୫।୭ (ସମିସ):

ଓଡିଶା ରକ୍ତଦାତା ସଂଘ କୋରାପୁଟ ଶାଖା ତରଫରୁ ଇ ଲାଇବ୍ରେରୀଠାରେ ରବିବାର ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା।ପ୍ରବଳ ବର୍ଷା ସତ୍ତ୍ୱେ ୪୬ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ଶିବିରକୁ ସଂଘର ଉପଦେଷ୍ଟା ଡକ୍ଟର ଚିତ୍ତରଞ୍ଜନ ମିଶ୍ର ଓ ଏଫବିଡିଓର ରାଜ୍ୟ କାର୍ଯ୍ୟକାରୀ ସଭାପତି ଡକ୍ଟର ନରେଶ ଚନ୍ଦ୍ର ସାହୁ ଉଦଘାଟନ କରିଥିଲେ। ନରେଶ ସାହୁଙ୍କୁ ସଂଘ ତରଫରୁ ଉପଢୌକନ ଓ ଫୁଲତୋଡା ଦେଇ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଥିଲା। ଏହି ଅବସରରେ ସଂଘର ସାଧାରଣ ସମ୍ପାଦିକା ସ୍ନିଗ୍ଧାରାଣୀ ମିଶ୍ର,ଉପଦେଷ୍ଟା ଡକ୍ଟର ଚିତ୍ତରଞ୍ଜନ ମିଶ୍ର, ସଭାପତି ବିଜୟ ସାହୁ ଅଭିଭାଷଣ ପ୍ରଦାନ କରି ରକ୍ତଦାନ କ୍ଷେତ୍ରରେ ଡକ୍ଟର ସାହୁଙ୍କ ଭୂମିକା ବର୍ଣ୍ଣନା କରିଥିଲେ। ଏହାପରେ ରକ୍ତଦାନ ଶିବିର ହୋଇ ଥିଲା। ଏଥିରେ ଦୁଇଟି ଦମ୍ପତ୍ତିଙ୍କ ସହ ତିନୋଟି ପରିବାରର ସବୁ ସଦସ୍ୟ ରକ୍ତଦାନ କରିଥିଲେ। ଲଗାଣ ବର୍ଷା ସତ୍ତ୍ୱେ କୋରାପୁଟ, ଦାମନଯୋଡି,ସୁନାବେଡାରୁ ଆସି ଲୋକ ରକ୍ତଦାନ କରିଥିଲେ। ଭାଗ୍ଯ, ଶଙ୍କର, ଦୀପକ,ଅଂଜନ ରକ୍ତଦାନ କରି ଜୀବନଦାତା ସାଜିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର କାର୍ଯ୍ୟକାରୀ ସଭାପତି,ପ୍ରଦୀପ କୁମାର ତ୍ରିପାଠୀ,ଉପଦେଷ୍ଟା ଅଜୟ କୁମାର ସାହୁ, ଉପସଭାପତି ଜୟ ବାଡତ୍ୟା,ସଂଗଠନ ସଂପାଦକ ଆନନ୍ଦ ମୌଳି ପଟ୍ଟନାୟକ, କୋଷାଧ୍ୟକ୍ଷ ଗଣେଶ ସାହୁ, ଯୁଗ୍ମ ସଂପାଦକ ସ୍ୱସ୍ତିକ ମିଶ୍ର,ସଦସ୍ୟ ଜ୍ୟୋତ୍ସ୍ନା ବାଡତ୍ୟା,ଆଶା ଶର୍ମା ଯୋଗଦେଇ ଥିଲେ।ଶିବଶକ୍ତି ବଣିକ ସଂଘର ସଭାପତି ଏମ୍.ଭି.ରମେଶଙ୍କୁ ସଂଘର ନୂତନ ସଦସ୍ୟ ଭାବରେ ଗ୍ରହଣ କରାଯାଇଥିଲା।ଗୋବିନ୍ଦ ବଲ୍ଲଭ ପାଢୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

## ୪୬ ୟୁନିଟ ସଂଗୃହୀତ

ଶିବିରରେ ଦୀକ୍ଷା, ଅମିତ, ବିକି,ଚୈତନ୍ୟ, ଆଶୀଷ, ବିମଲ, ନାରାୟଣ, ସରୋଜ, କେଦାର, ରଣପ୍ରୀତ,ରାଜଶ୍ରୀ, ସୁନୀଲ୍, ସଂଜୟ,ଶିବ,ସୁଜୀତ,ସୁନୀଲ,ଉମାକାନ୍ତ, ବୁଦା,ସୁକାନ୍ତି,ରଘୁନାଥ, ଚନ୍ଦନ, ରୀତାଞ୍ଜଳୀ,ଶାନ୍ତନୁ,ହରେକୃଷ୍ଣ,ସୀମାଞ୍ଚଳ, ଶଶିକାନ୍ତ,ସୁଧାଂଶୁ, ରମେଶ, ମଣ୍ଟୁ, ବିକାଶ ,ଜୀତେନ୍ଦ୍ର, ମଦନ,ଦିବ୍ୟାଂଶୀ,ହୃଦାନନ୍ଦ, ଦିବ୍ୟ, ସୌଦାମିନୀ, ସତ୍ୟ ଶ୍ରୀକାନ୍ତ, ଈଶ୍ୱର, ପ୍ରତିମା, ହୃଷିକେଶ, ଆନନ୍ଦ, ଓ ଅଜୟ ସାହୁଙ୍କୁ ଜନ୍ମ ଦିନ ଶୁଭେଚ୍ଛା ଜ୍ଞାପନ କରାଯାଇ ଥିଲା।କୋରାପୁଟ ଶହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ରକ୍ତ କେନ୍ଦ୍ରର ଡାକ୍ତର ମଧୁସୂଦନ ବଳିୟାରସିଂହ ଓ କର୍ମଚାରୀ ଭି.ଗଂଗାଧର, କୈବଲ୍ୟ ଦାଶ,ଅଜିତ ଗୌଡ, ରବୀନ୍ଦ୍ର ମିଶ୍ର ରକ୍ତ ସଂଗ୍ରହ କରିଥିଲେ।ପ୍ରବଳ ବର୍ଷାରେ ମଧ ସମସ୍ତଙ୍କର ସହଯୋଗ ପାଇଁ ସଂପାଦିକା ଶ୍ରୀମତୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱତନ୍ତ୍ର ସଘନ ସଂଶୋଧନ ତାଲିକା ପ୍ରକାଶ




ନବରଙ୍ଗପୁର,୫।୭(ସମିସ): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟବ୍ୟାପୀ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ଏସଆଇଆର ୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ଆଜି ନବରଙ୍ଗପୁର ଜିଲ୍ଲାର ଖସଡ଼ା ଭୋଟର ତାଲିକା ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁଙ୍କ ଦ୍ୱାରା ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଅଶୋକ ମେହେଟା ସମ୍ମିଳନୀ କକ୍ଷ ଠାରେ ପ୍ରକାଶ କରାଯାଇଛି। ଜିଲ୍ଲାରେ ମୋଟ ସମୁଦାୟ ୧୧୦୫ ଗୋଟି ବୁଥ ଥିବା ସୂଚନା ଦେଇଛନ୍ତି ଜିଲ୍ଲାପାଳ ଶ୍ରୀ ସ୍ୱାଇଁ । ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକ ନିର୍ଭୁଲ, ସ୍ୱଚ୍ଛ ଭୋଟର ତାଲିକା ଅବାଧ ଓ ନିରପେକ୍ଷ ନିର୍ବାଚନର ମୂଳ ଆଧାର। ତେଣୁ ଯୋଗ୍ୟ ପ୍ରତ୍ୟେକ ନାଗରିକଙ୍କ ନାମ ଭୋଟର ତାଲିକାରେ ସାମିଲ ହେବା ସହିତ ଅଯୋଗ୍ୟ ନାମ ବାଦ ଦେବା ଏବଂ ତ୍ରୁଟିପୂର୍ଣ୍ଣ ତଥ୍ୟର ସଂଶୋଧନ ଏହି ସଂଶୋଧନ କାର୍ଯ୍ୟକ୍ରମର ପ୍ରମୁଖ ଲକ୍ଷ୍ୟ ବୋଲି କହିଛନ୍ତି ଜିଲ୍ଲାପାଳ। ଖସଡ଼ା ଭୋଟର ତାଲିକା ପ୍ରକାଶ ପରେ ଜୁଲାଇ ୫ ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଗ୍ରହଣ କରାଯିବ। ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ତାଲିକାରେ ସାମିଲ ହୋଇନାହିଁ, ସେମାନେ ଫର୍ମ୬ ମାଧ୍ୟମରେ ଆବେଦନ କରିପାରିବେ। ଭୋଟର ତାଲିକାରେ ଥିବା ତଥ୍ୟର ସଂଶୋଧନ ପାଇଁ ଫର୍ମ ୮ ଏବଂ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ବାଦ ଦେବା ପାଇଁ ଫର୍ମ ୭ ଦାଖଲ କରାଯାଇପାରିବ। ଖସଡ଼ା ତାଲିକାରୁ ନାମ ବାଦ ପଡ଼ିଥିବା ଭୋଟରମାନଙ୍କ ସମସ୍ତ ଦାବି ଓ ଆପତ୍ତିର ଶୁଣାଣି ସମ୍ପୃକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଇଆରଓ ଓ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏଆଇଆରଓଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପନ୍ନ କରାଯିବ। ସମ୍ପୃକ୍ତ ଭୋଟରମାନଙ୍କୁ ଶୁଣାଣିର ସମୟ ଓ ସ୍ଥାନ ସମ୍ପର୍କରେ ନୋଟିସ୍ ମାଧ୍ୟମରେ ପୂର୍ବରୁ ଅବଗତ କରାଯିବ। ଜିଲ୍ଲାପାଳ ସମସ୍ତ ସ୍ୱୀକୃତ ରାଜନୈତିକ ଦଳର ପ୍ରତିନିଧିମାନେ ଯଥା କଂଗ୍ରେସ ଦଳ ପକ୍ଷରୁ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ ଓ ପ୍ରଦୀପ କୁମାର ସାହୁ, ବିଜେପି ଦଳ ପକ୍ଷରୁ ସରୋଜ କୁମାର ବେହେରା ଏବଂ ବିଜୁ ଜନତା ଦଳ ପକ୍ଷରୁ ନଗର ବିଜେଡ଼ି ସଭାପତି ପ୍ରମୋଦ କୁମାର ରଥ ଉପସ୍ଥିତ ରହିଥିଲେ। ଭୋଟଗ୍ରହଣ କେନ୍ଦ୍ର ପାଇଁ ବୁଥ୍ ଲେଭେଲ ଏଜେଣ୍ଟ ନିଯୁକ୍ତ କରି ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟାରେ ସକ୍ରିୟ ସହଯୋଗ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ସେହିପରି ସାଧାରଣ ଜନସାଧାରଣଙ୍କୁ ସଚେତନ କରିବା ନିମନ୍ତେ ୱାକାଥନ୍, ସଚେତନତା ରଥ, ପୋଷ୍ଟର, ବ୍ୟାନର, ହେଲ୍ପ ଡେସ୍କ ଏବଂ ଅନ୍ୟାନ୍ୟ ସଚେତନତାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାପକ ପ୍ରଚାର ଚାଲିଥିବା ସେ ସୂଚନା ଦେଇଥିଲେ। ଶେଷରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଜିଲ୍ଲାର ସମସ୍ତ ଯୋଗ୍ୟ ଭୋଟରଙ୍କୁ ଖସଡ଼ା ଭୋଟର ତାଲିକାରେ ନିଜର ନାମ ଯାଞ୍ଚ କରିବା ସହ ଆବଶ୍ୟକ ସ୍ଥଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ଓ ଆପତ୍ତି ଦାଖଲ କରି ଏକ ନିର୍ଭୁଲ ଏବଂ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତିରେ ସହଯୋଗ କରିବାକୁ ଆହ୍ୱାନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଡ଼ ପ୍ରମୋଦ କୁମାର ପୃଷ୍ଟି, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଡେପୁଟି କଲେକଟର ନିର୍ବାଚନ ଚିନ୍ମୟ କୁମାର ସାହୁ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାରେ ୧୪୩୭ ପରୀକ୍ଷାର୍ଥୀ ଦେଲେ ଓଟିଇଟି



ମାଲକାନଗିରି,୫।୭(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)-୨୦୨୬ ଆଜି ମାଲକାନଗିରି ଜିଲ୍ଲାର ୪ଟି କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ପେପର-୧ ପରୀକ୍ଷା ସକାଳ ୯ ଘଟିକାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବା ସହ ପେପର-୨ ପରୀକ୍ଷା ଅପରାହ୍ନ ୨ଟାରୁ ୪ଟା ୩୦ ପର୍ଯ୍ୟନ୍ତ ଚାଲିଲା ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ଅନୁସାରେ ପ୍ରଥମ ପେପର ୪୦୦ଜଣ ଓ ଦ୍ୱିତୀୟ ପେପର ୧୦୩୭ ଜଣ, ଏ ପ୍ରକାର ମୋଟ ୧୪୩୭ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୬୫ ଜଣ ଅନୁପସ୍ଥିତ ଥିଲେ। ବର୍ଷାରେ ବିଜୁଳି କାଟ ହେଲେ ଜେନେରେଟର, ପିଇବା ପାଣି, ସୁରକ୍ଷା ପାଇଁ ପୁଲିସ ମୁତୟନ ଆଦି ଜିଲ୍ଲା ପ୍ରଶାସନ ତରଫରୁ କରାଯାଇଥିଲା । ପରୀକ୍ଷାରେ ଅନିୟମିତା ରୋକିବା ପାଇଁ ଆନ୍ତରିକ ଓ ବାହ୍ୟ ନିରୀକ୍ଷକ ସହ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କ ଉପରେ ସିସିଟିଭି ନଜରର ବ୍ୟବସ୍ଥା ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ହେବା ସହ ପରୀକ୍ଷା କେନ୍ଦ୍ର ଭିତରକୁ ମୋବାଇଲ୍ ଆଦି ବର୍ଜିତ ହୋଇଥିଲା। ପରୀକ୍ଷା ସୁପରିଚାଳନା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଆଓମା ଗୁରୁକୁଳ ପ୍ରଶିକ୍ଷଣ ଭବନ ଲୋକାର୍ପିତ

## ଔଷଧୀୟ ଚାରାରୋପଣ, ଆତ୍ମରକ୍ଷା କୌଶଳ ପ୍ରଦର୍ଶନ

ମାଲକାନଗିରି,୫।୭(ସମିସ):ମାଥିଲିବ୍ଲକକୁଟୁନିପାଲ୍ଲୀ ପଞ୍ଚାୟତର ଦୁର୍ଗମ ଆଦିବାସୀ ଗ୍ରାମ କଟିଆଗୁଡ଼ାରେ ଆଓମା ଗୁରୁକୁଳର ନୂତନ ପ୍ରଶିକ୍ଷଣ କେନ୍ଦ୍ର ଓ "କର୍ମେସ ସ୍ମୃତି ଭବନ' ରବିବାର ଲୋକାର୍ପିତ ହୋଇଛି। ଏହା ସହିତ ଭବନ ପରିସରରେ ବିଭିନ୍ନ ପ୍ରକାର ଔଷଧୀୟ ଚାରାରୋପଣ କରାଯାଇଥିଲା। ଆଓମା ଗୁରୁକୁଳ ସଭାପତି ରତ୍ନାକର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମାଥିଲି ବ୍ଲକ ଉପାଧକ୍ଷା ଦେବକୀ ଦଳେଇ ମୁଖ୍ୟ ଅତିଥି, କୁଟୁନିପାଲ୍ଲୀ ସରପଞ୍ଚ କମଳୀ ନାୟକ ମୁଖ୍ୟବକ୍ତା ଏବଂ ପିଇଓ ଇତିଶ୍ରୀ ଜେନା, ୱାର୍ଡ ସଦସ୍ୟା ନୀଳାବତୀ ନାୟକ ଓ ଗ୍ରାମ ମୁଖିଆ କୃତିବାସ ନାୟକ ପ୍ରମୁଖ ଯୋଗଦେଇ ଭବନ ଉଦ୍‌ଘାଟନ କରିଥିଲେ। ଆଓମା ଗୁରୁକୁଳର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ବିନାଶ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅନ୍ତେବାସୀମାନେ ଆତ୍ମରକ୍ଷା କୌଶଳ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ଉପସ୍ଥିତ ଗ୍ରାମବାସୀଙ୍କ ପ୍ରଶଂସା ସାଉଁଟିଥିଲେ। କଟିଆଗୁଡ଼ା ପରି ଦୁର୍ଗମ ଅଞ୍ଚଳରେ ପ୍ରଥମ ଥର ପାଇଁ ଆଓମା ଗୁରୁକୁଳର ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ପରିବେଶ ସୃଷ୍ଟି ହୋଇଛି। ଶେଷରେ ଚନ୍ଦ୍ରଶେଖର ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ, କ୍ରୀଡ଼ା, କଳା-ସଂସ୍କୃତି, ଶିକ୍ଷା, ସମାଜସେବା ଓ ଆତ୍ମରକ୍ଷା କୌଶଳ କ୍ଷେତ୍ରରେ ଆଓମା ଗୁରୁକୁଳ ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି କାର୍ଯ୍ୟ କରିଆସୁଥିବା ବେଳେ ଏହାର ଅନ୍ତେବାସୀମାନେ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଫଳତା ହାସଲ କରିଛନ୍ତି।




# 'ସେବା ଓ ସେବକ' କାର୍ଯ୍ୟକ୍ରମ


ପଦ୍ମପୁର,୫।୭(ସମିସ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ଅବ୍ୟବହିତ ପୂର୍ବରୁ "ସମାଜ' ପକ୍ଷରୁ ଆୟୋଜିତ "ସେବା ଓ ସେବକ' କାର୍ଯ୍ୟକ୍ରମ ରବିବାର ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ପ୍ରବଳ ବର୍ଷା ମଧ୍ୟରେ ଉତ୍ସାହର ସହ ଅନୁଷ୍ଠିତ ହୋଇଛି। "ସମାଜ'ର ପଦ୍ମପୁର ପ୍ରତିନିଧି ସୁଶାନ୍ତ କୁମାର ପଣ୍ଡା ସଭା ପରିଚାଳନା କରିଥିବାବେଳେ ଶିକ୍ଷକ ଚିତ୍ତରଞ୍ଜନ ସେନାପତି ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡାକ୍ତର ଅରୁଣ କୁମାର ମାନସିଂ, ଆଦର୍ଶ ଶିକ୍ଷକ ଦିଲୀପ କୁମାର କର, ଶିଶୁ ମନ୍ଦିରର ସମ୍ପାଦକ ସୁନୀଲ ମିଶ୍ର ଯୋଗଦେଇ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆଦର୍ଶ, ସେବା ଭାବନା ଏବଂ ସମାଜ ଗଠନରେ ତାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏଥିରେ ୧୧୧ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗୀତାରେ ଗଙ୍ଗୋତ୍ରୀ ଶ୍ରୀରାମ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସାଇଶ୍ରୀ ଦାସ ଦ୍ୱିତୀୟ, ଶୌଭ୍ୟଜିତ ଶବର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି କୁଇଜ ପ୍ରତିଯୋଗୀତରେ ଅନିଲ ସାହୁ ପ୍ରଥମ, ଛାତ୍ରୀ ସ୍ୱର୍ଣ୍ଣପ୍ରଭା ସାହୁ ଦ୍ୱିତୀୟ, ଓ ଉମାଶଙ୍କର ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ଉପଢୌକନ, ମାନପତ୍ର ସହ ପ୍ରଥମ ସ୍ଥାନକୁ ୭୫୦, ଦ୍ୱିତୀୟ ସ୍ଥାନକୁ ୫୦୦ ଓ ତୃତୀୟ ସ୍ଥାନକୁ ୨୫୦ ଟଙ୍କା ନଗଦ ରାଶି ମୁଖ୍ୟ ଅତିଥି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସମାଜର ପଦ୍ମପୁର ପ୍ରତିନିଧି ସୁଶାନ୍ତ କୁମାର ପଣ୍ଡା ପରିଚାଳନା କରିଥିବା ବେଳେ ସରସ୍ୱତୀ ଶିଶୁ ମନ୍ଦିରର ଗୁରୁଜି ଗୁରୁମା ମାନେ ସହଯୋଗ କରିଥିଲେ।



## ମନ୍ଦିର ରାସ୍ତା କାଦୁଅ ପଚପଚ, ହନ୍ତସନ୍ତ ଶ୍ରଦ୍ଧାଳୁ

# ପାର୍କିଂ ପାଇଁ ଟ୍ରାଫିକ୍ ସମସ୍ୟା ଗୁରୁତର

ରାୟଗଡ,୫।୭(ସମିସ): ରାୟଗଡର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ଦର୍ଶନ ପାଇଁ ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁ ମନ୍ଦିରକୁ ଆସୁଛନ୍ତି। ତେବେ ମନ୍ଦିର ରୂପାନ୍ତର କାର୍ଯ୍ୟ ଚାଲୁ ଥିବାରୁ ଏବଂ ବର୍ଷା ଯୋଗୁଁ ମନ୍ଦିରକୁ ଯିବା ରାସ୍ତା କାଦୁଅରେ ପରିଣତ ଓ ପାର୍କିଂ ସ୍ଥାନ ଅଭାବ ହେତୁ ଅନେକ ଗାଡ଼ି ରାସ୍ତା ଉପରେ ପାର୍କିଂ ହେଉଛି। ଫଳରେ ମନ୍ଦିର ନିକଟରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଗମ୍ଭୀର ରୂପ ନେଉଛି। ଏଭଳି ପରିସ୍ଥିତି ଦୀର୍ଘ ଦିନ ଧରି ଲାଗି ରହିଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ, ମନ୍ଦିର କମିଟି ଓ ପୋଲିସ ପ୍ରଶାସନ ପକ୍ଷରୁ ଦୃଶ୍ୟମାନ ପଦକ୍ଷେପ ଦେଖିବାକୁ ମିଳୁନାହିଁ। ପରିସ୍ଥିତି ଆହୁରି ଜଟିଳ ହେବା ପୂର୍ବରୁ ସମ୍ପୃକ୍ତ ବିଭାଗ ସଚେତନ ହେବା ଆବଶ୍ୟକ। କୌଣସି ବଡ଼ ଦୁର୍ଘଟଣା କିମ୍ବା ଅଘଟଣ ଘଟିବା ପରେ ପଦକ୍ଷେପ ନେବା ଅପେକ୍ଷା, ଆଗୁଆ ସତର୍କତାମୂଳକ ବ୍ୟବସ୍ଥା ଗ୍ରହଣ କରିବା ହିଁ ପ୍ରଶାସନର ଦାୟିତ୍ୱ ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରୁଛନ୍ତି। ତୁରନ୍ତ ପାର୍କିଂ ବ୍ୟବସ୍ଥାର ସୁଧାର, ଟ୍ରାଫିକ ନିୟନ୍ତ୍ରଣ ଏବଂ ଆବଶ୍ୟକ ସ୍ଥାନରେ ପୁଲିସ ମୁତୟନ କରାଯିବା ଦରକାର ବୋଲି ସାଧାରଣରେ ଦାବି ହେଉଛି।



## ଜଙ୍ଗଲ ଭିତରେ ଅଜଣା ଗାଡ଼ିରେ ନିଆଁ ଲଗାଇଲେ ଦୁର୍ବୃତ୍ତ

କାଲିମେଳା, ୫।୭ (ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ମେଟାଗୁଡ଼ା ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଏକ ରହସ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏକ ଅଜଣା ଚାରି ଚକିଆ ଗାଡ଼ିକୁ ଜଙ୍ଗଲ ଭିତରକୁ ଆଣି ସେଥିରେ ନିଆଁ ଲଗାଇ ଫେରାର ହୋଇଯାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ରବିବାର ଦିନ



ସକାଳେ ସ୍ଥାନୀୟ ଲୋକେ ଜଙ୍ଗଲ ରାସ୍ତା ଦେଇ ଯାଉଥିବା ସମୟରେ ଏକ ଗାଡ଼ି ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିବା ଦେଖିବାକୁ ପାଇଥିଲେ। ଏହାପରେ ସେମାନେ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ଖବର ପାଇ କାଲିମେଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜଳାପୋଡ଼ା ଗାଡ଼ିକୁ ଜବତ କରିବା ସହ ଛାନଭିନ୍ ଆରମ୍ଭ କରିଛି। ଗାଡ଼ିଟି ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଥିବାରୁ ଏହାର ମାଲିକ କିଏ ଏବଂ ଏହା କେଉଁ ସ୍ଥାନରୁ ଆସିଛି, ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। କୌଣସି ଅପରାଧିକ ମାମଲାକୁ ଲୁଚାଇବା ପାଇଁ କିମ୍ବା ଗାଡ଼ିଟି ଚୋରି ହୋଇଥିବାରୁ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଦୁର୍ବୃତ୍ତମାନେ ଏଭଳି କାଣ୍ଡ ଭିଆଇଥାଇ ପାରନ୍ତି ବୋଲି ଅନୁମାନ କରାଯାଉଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଗାଡ଼ିଟି କେଉଁଠାରୁ ଆସିଲା ଏବଂ କେଉଁ ପରିସ୍ଥିତିରେ ଏହାକୁ ଜଙ୍ଗଲ ଭିତରେ ଜଳାଇ ଦିଆଗଲା, ସେ ନେଇ ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି।

## ଜନତା ଓ ବଡ଼ସିଗୁରୁ ଗାଁରେ ପାନୀୟ ଜଳସଙ୍କଟ

ରାୟଗଡ଼, ୫।୭ (ସମିସ): ରାୟଗଡ ଜିଲ୍ଲା ସଦର ବ୍ଲକ କାରୁବାଇ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜନତା ଓ ବଡ଼ସିଗୁରୁ ଗ୍ରାମରେ ଜୁଲାଇ ମାସରେ ମଧ୍ୟ ଉତ୍କଟ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ବର୍ଷା ଋତୁରେ ମଧ୍ୟ ପିଇବା ପାଣି ପାଇଁ ଗ୍ରାମବାସୀଙ୍କୁ ସଂଘର୍ଷ କରିବାକୁ ପଡୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜନତା ଗ୍ରାମରେ ଥିବା ନଳକୂପଗୁଡ଼ିକ ଅଚଳ ହୋଇପଡ଼ିଥିବା ବେଳେ ସୋଲାର ଚାଳିତ ଡୁଆଲ ପମ୍ପଗୁଡ଼ିକ ମଧ୍ୟ ସଠିକ୍ ଭାବେ କାର୍ଯ୍ୟକ୍ଷମ ହେଉନାହିଁ। ଗାଁରେ ପାଣି ଯୋଗାଣ ପାଇଁ ଗୌଡ଼ ସାହିରେ ଦୁଇଟି ଓ ଦଳିତ ସାହିରେ ଗୋଟିଏ, ମୋଟ ତିନୋଟି ସୋଲାର ଚାଳିତ ଡୁଆଲ ପମ୍ପ ରହିଥିଲେ ମଧ୍ୟ ସେଥିମଧ୍ୟରୁ ଦୁଇଟି ଦୀର୍ଘ ଦୁଇ ମାସରୁ ଅଧିକ ସମୟ ଧରି ଅଚଳ ହୋଇପଡ଼ିଛି। ଫଳରେ ଗୋଟିଏ ମାତ୍ର ପାଣି ଟ୍ୟାପ ଉପରେ ସମଗ୍ର ଗ୍ରାମ ନିର୍ଭର କରୁଛି।



ପ୍ରତିଦିନ ଶହ ଶହ ମହିଳା ହାଣ୍ଡି ଓ ବାଲ୍ଟି ଧରି ପାଣି ପାଇଁ ଦୀର୍ଘ ସମୟ ଅପେକ୍ଷା କରୁଥିବାରୁ ସେମାନଙ୍କର ମୂଲ୍ୟବାନ ସମୟ ନଷ୍ଟ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ଜନତା ଗ୍ରାମ ନିକଟସ୍ଥ ରାଜସ୍ୱ ଗ୍ରାମ ବଡ଼ ସିଗୁରୁରେ ମଧ୍ୟ ଦୈନନ୍ଦିନ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ନେଇଛି। ସେଠାରେ ତିନୋଟି ସୋଲାର ଚାଳିତ ଡୁଆଲ ପମ୍ପ ଥିଲେ ମଧ୍ୟ ସବୁକିଛି ଅଚଳ ଅବସ୍ଥାରେ ପଡ଼ିରହିଛି। ଫଳରେ ପ୍ରତିଦିନ ସକାଳୁ ପାଣି ସଂଗ୍ରହ କରିବା ପାଇଁ ଗ୍ରାମବାସୀଙ୍କୁ ନାହିଁ ନଥିବା ହଇରାଣ ହେବାକୁ ପଡୁଛି। ଜନତା ଗ୍ରାମର ପାନୀୟ ଜଳ ସମସ୍ୟାକୁ ନେଇ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଶଙ୍କର ଜିଲାକାରା ଗତ ଶନିବାର ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଯନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ବିଭାଗ ପକ୍ଷରୁ ସେହିଦିନ ସନ୍ଧ୍ୟା ସୁଦ୍ଧା ସମସ୍ୟାର ସମାଧାନ କରାଯିବ ବୋଲି ଆଶ୍ୱାସନ ଦିଆଯାଇଥିଲେ ମଧ୍ୟ ରବିବାର ସୁଦ୍ଧା ମଧ୍ୟ ଅଚଳ ପାଣି ଉତ୍ସଗୁଡ଼ିକର ମରାମତି କରାଯାଇନଥିବା ଶ୍ରୀ ଜିଲାକାରା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ, ଜିଲ୍ଲାରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇସାରିଥିବା ନେଇ ବିଭାଗ ପକ୍ଷରୁ ସରକାରଙ୍କୁ ରିପୋର୍ଟ ଦିଆଯାଉଥିବା ବେଳେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଜନତା ଗ୍ରାମରେ ମେଗା ପାନୀୟ ଜଳ ଯୋଗାଣ ପାଇଁ ପାଇପ୍‌ଲାଇନ୍ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ସପ୍ତାହକୁ କେବଳ ଗୋଟିଏ ଦିନ ପରୀକ୍ଷାମୂଳକ ଭାବେ ପାଣି ଛଡ଼ାଯାଉଛି। ଅନ୍ୟ ଦିନଗୁଡ଼ିକରେ ପାଣି ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହୁଥିବା ଗ୍ରାମବାସୀ କହିଛନ୍ତି। ସେହିପରି ବଡ଼ ସିଗୁରୁ ଗ୍ରାମକୁ ଏପର୍ଯ୍ୟନ୍ତ ମେଗା ପାନୀୟ ଜଳ ପ୍ରକଳ୍ପର ସୁବିଧାରୁ ବଞ୍ଚିତ ରଖାଯାଇଥିବା ଜଣାପଡ଼ିଛି। ତେଣୁ ଉଭୟ ଗ୍ରାମରେ ଅଚଳ ସୋଲାର ଡୁଆଲ ପମ୍ପଗୁଡ଼ିକର ତୁରନ୍ତ ମରାମତି, ନଳକୂପଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ସହ ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ନିୟମିତ ପାଣି ଯୋଗାଣ ସୁନିଶ୍ଚିତ କରିବାକୁ ଗ୍ରାମର ଧନପତି ବେନିଆ, କାମେଶ୍ୱର କଣ୍ଡାଙ୍ଗଶ, ସରସ୍ୱତୀ କଣ୍ଡାଙ୍ଗଶଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି।

> ➤ ନାମକୁ ମାତ୍ର ମେଗା ପାନୀୟ ଜଳ ପ୍ରକଳ୍ପ
> ➤ ପାଣି ପାଇଁ ଡହଳବିକଳ ଗ୍ରାମବାସୀ

## ଜଙ୍ଗଲ ବିବାଦରେ ୨ ବନ କର୍ମଚାରୀ ଆହତ



ରାଇଘର, ୫।୭ (ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ନାକଟିସିମଡ଼ା ଏବଂ କୁସୁମପୁର ସଂରକ୍ଷିତ ଜଙ୍ଗଲର ବିବାଦ ପୁଣିଥରେ ଆରମ୍ଭ ହୋଇଛି । ସମସ୍ତ ସମାଧାନ ପରେ ପୁଣି ବିବାଦୀୟ ଜଙ୍ଗଲ ଜମିରେ କିଛି ଲୋକ ବଳପୂର୍ବକ ଚାଷ ଆରମ୍ଭ କରିବା ଫଳରେ ପୁରୁଣା ବିବାଦ ମୁଣ୍ଡ ଟେକିଛି। ଆଜି ଦିନ ୧୦ଟା ସମୟରେ ଉକ୍ତ ବିବାଦୀୟ ଜଙ୍ଗଲ ଜମିରେ କୌଣସି ବ୍ୟକ୍ତି ପ୍ରବେଶ ନ କରିବାକୁ କୁହେଇ ବନ ବିଭାଗ ବିବାଦୀୟ ସ୍ଥଳରେ ପହଞ୍ଚି ସୂଚନା ଦେବା ସମୟରେ କିଛି ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। କୁସୁମପୁର ଗ୍ରାମର କିଛି ଲୋକଙ୍କ ଆକ୍ରମଣରେ ବନ ବିଭାଗର ଦୁଇଜଣ କର୍ମଚାରୀ ଆହତ ହୋଇ ରାଇଘର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, ଜଙ୍ଗଲ ଜମିରେ ଚାଷ କାର୍ଯ୍ୟ ବନ୍ଦ କରିବା ପାଇଁ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳକୁ ପହଞ୍ଚିଥିବା ବେଳେ ଉତ୍ତେଜିତ ଲୋକଙ୍କ ସହ ସେମାନଙ୍କର ବଚସା ହୋଇଥିଲା। ପରେ ପରିସ୍ଥିତି ଅଧିକ ଉତ୍ତେଜନାପୂର୍ଣ୍ଣ ହୋଇ ବନ କର୍ମଚାରୀଙ୍କ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଦୁଇଜଣ ଗଣେଶ ଗଣ୍ଡ ଓ ଖିଲେସ କସରିଆ ଫରେଷ୍ଟ ପାରା ଗାର୍ଡ ଆହତ ହୋଇଥିବା ସୂଚନା ମିଳିଛି। ଘଟଣାର ଖବର ପାଇ ରାଇଘର ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ଅଞ୍ଚଳରେ କୌଣସି ଅପ୍ରୀତିକର ଘଟଣା ନ ଘଟିବା ପାଇଁ ପୁଲିସ ମୁତୟନ କରାଯାଇଛି। ବନ ବିଭାଗ ପକ୍ଷରୁ ଜଙ୍ଗଲ ଜମିରେ ବେଆଇନ ଚାଷ ଓ ଦଖଲଦାରୀ ବିରୋଧରେ ଆଇନଗତ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି। ଅନ୍ୟପଟେ ସ୍ଥାନୀୟ ଲୋକମାନେ ନିଜ ଦାବିକୁ ନେଇ ଅଡ଼ି ରହିଥିବାରୁ ଅଞ୍ଚଳରେ ଏବେ ମଧ୍ୟ ଉତ୍ତେଜନା ଲାଗି ରହିଛି। ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ଶାନ୍ତି ବଜାୟ ରଖିବା ସହ ଆଇନକୁ ହାତକୁ ନ ନେବାକୁ ଅନୁରୋଧ କରାଯାଇଛି।

## ସାଇପ୍ରିୟା ୱାକର୍ସ କ୍ଲବର ବନ ମହୋତ୍ସବ ଶୁଭାରମ୍ଭ

ରାୟଗଡ, ୫।୭ (ସମିସ): ପରିବେଶ ସୁରକ୍ଷା, ସବୁଜିମାର ସଂରକ୍ଷଣ ଏବଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସୁନ୍ଦର ପୃଥିବୀ ଗଢ଼ି ତୋଳିବାର ଲକ୍ଷ୍ୟ ନେଇ ସାଇପ୍ରିୟା ୱାକର୍ସ କ୍ଲବ ପକ୍ଷରୁ ଆଜିଠାରୁ ବନମହୋତ୍ସବ ସପ୍ତାହର ଶୁଭାରମ୍ଭ କରାଯାଇଛି। କ୍ଲବର ପ୍ରତିଷ୍ଠାତା ସଭାପତି ୱାକର ସୁବାଷ ବେହେରା, ମୁଖ୍ୟ ଉପଦେଷ୍ଟା ୱାକର ବି.ଏମ୍. ରାଓ ପଟ୍ଟନାୟକ, ଆଞ୍ଚଳିକ ସଭାପତି ୱାକର ଡ଼ା. ଏମ୍.ସୁରେଶ କୁମାର ଓ ପରାମର୍ଶଦାତା ମଣ୍ଡଳୀଙ୍କ ସୁପରାମର୍ଶ କ୍ରମେ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁସାରେ ସକାଳ ସାଢେ ୬ଟାରେ ସାଇପ୍ରିୟା କ୍ଲବ ବ୍ୟାଡମିଣ୍ଟନ କୋର୍ଟ ପରିସରରେ କ୍ଲବର ସମସ୍ତ ସଭ୍ୟ ଓ ସଭ୍ୟା ଏକତ୍ରିତ ହୋଇ ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କ୍ଲବର ସଭାପତି ୱାକର ଜୟକୃଷ୍ଣ ପ୍ରଧାନ ଓ ସମ୍ପାଦକ ୱାକର ଜଗନ୍ନାଥ ନାୟକଙ୍କ ନେତୃତ୍ୱରେ ସଦସ୍ୟମାନେ ବିଭିନ୍ନ ପ୍ରଜାତିର




ପ୍ରଥମ ଦିନରେ ୧୫୦ ଚାରାରୋପଣ

୧୫୦ଟି ବୃକ୍ଷଚାରା ରୋପଣ କରିଥିଲେ। ଚାରାଗୁଡ଼ିକୁ ପାଣି ଦେବା ସହ ସେଗୁଡ଼ିକର ସୁରକ୍ଷା ପାଇଁ ବୃକ୍ଷ ରକ୍ଷାକାରୀ ଆବରଣ ମଧ୍ୟ ସ୍ଥାପନ କରାଯାଇଥିଲା। ଏହି ଅବସରରେ ସଦସ୍ୟମାନଙ୍କ ମଧ୍ୟରେ ପରିବେଶ ସୁରକ୍ଷା ପ୍ରତି ଉତ୍ସାହ, ଆଗ୍ରହ ଓ ସଚେତନତା ପରିଲକ୍ଷିତ ହୋଇଥିଲା। ପ୍ରକୃତି, ଜଳବାୟୁ ଓ ସବୁଜ ପରିବେଶର ସୁରକ୍ଷା ପାଇଁ ସମସ୍ତେ ନିଜର ଦୃଢ଼ ଅଙ୍ଗୀକାର ବ୍ୟକ୍ତ କରିଥିଲେ। ବନ ମହୋତ୍ସବର ପ୍ରଥମ ଦିନରେ ୧୫୦ଟି ବୃକ୍ଷଚାରା ରୋପଣ କରାଯାଇଥିବା ବେଳେ ଅବଶିଷ୍ଟ ୨୦୦ଟି ଚାରା ଆଗାମୀ ଛଅ ଦିନ ମଧ୍ୟରେ ରୋପଣ କରାଯିବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ସାଇପ୍ରିୟା ୱାକର୍ସ କ୍ଲବ ପୂର୍ବରୁ ମଧ୍ୟ ସ୍ୱାସ୍ଥ୍ୟ, ଶିକ୍ଷା, ସ୍ୱଚ୍ଛତା, ପରିବେଶ ସୁରକ୍ଷା ଏବଂ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରି ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଆସିଛି। ଏହି ଅବସରରେ କ୍ଲବ ପକ୍ଷରୁ "ଆସନ୍ତୁ ଗଛ ଲଗାଇବା, ପ୍ରକୃତିକୁ ବଞ୍ଚାଇବା; ସବୁଜ ପୃଥିବୀ ଗଢ଼ି ଆଗାମୀ ପିଢ଼ିକୁ ସୁରକ୍ଷିତ ଭବିଷ୍ୟତ ଦେବା" ବାର୍ତ୍ତା ଦିଆଯାଇଥିଲା।

● ଶିକ୍ଷା କ୍ଷେତ୍ରରେ ଲକ୍ଷ୍ମୀପୁର ମାଟିର ସଫଳତା

## ବୀରେନ୍ଦ୍ର, ସୁଧାଂଶୁ ଓ ନିରଞ୍ଜନ ଛାତ୍ରଛାତ୍ରୀଙ୍କ ଆଦର୍ଶ

ଲକ୍ଷ୍ମୀପୁର, ୫।୭ (ସମିସ): ଶିକ୍ଷା ସଦାବେଳେ ମଣିଷକୁ ସ୍ୱତନ୍ତ୍ର ପରିଚୟ ଦେଇ ଥାଏ। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କଲେ ନିଜ ପାଇଁ ଯେତିକି ଗର୍ବ ଓ ଗୌରବର ବିଷୟ, ତାଠାରୁ ଅଧିକ ନିଜ ଗାଁ, ବ୍ଲକ, ଜିଲ୍ଲା ଓ ରାଜ୍ୟ ପାଇଁ ସମ୍ମାନର କଥା। ସଫଳତା ପାଇଥିବା ସନ୍ତାନର ମାତା ପିତା ଏଥିପାଇଁ ଯେତିକି ଓ ଗର୍ବ ଅନୁଭବ କରନ୍ତି, ସ୍ଥାନୀୟ ଅଞ୍ଚଳବାସୀ ମଧ୍ୟ ତାଠାରୁ ଅଧିକ ଖୁସି ହୋଇଥାନ୍ତି। ସେମାନଙ୍କୁ ଜିଲ୍ଲାର ଆଇକନିକ୍ ଭାବେ ମଧ୍ୟ ଗ୍ରହଣ କରିଥାନ୍ତି। ଗତ କିଛି ବର୍ଷ ମଧ୍ୟରେ କୋରାପୁଟ ଜିଲ୍ଲାର ଛାତ୍ରଛାତ୍ରୀମାନେ ବିଭିନ୍ନ ଉଚ୍ଚ ପଦବୀ ପାଇଁ ଅନୁଷ୍ଠିତ ପରୀକ୍ଷାରେ ଯେଉଁଭଳି ଉଲ୍ଲେଖନୀୟ ସଫଳତା ହାସଲ କରି ପ୍ରଭାବଶାଳୀ ପଦପଦବୀରେ ଅଧିଷ୍ଠିତ ହୋଇ ପାରିଛନ୍ତି ତାହା କେବଳ ସ୍ଥାନୀୟ ଅଞ୍ଚଳ ନୁହେଁ, ଜିଲ୍ଲା ଓ ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଏହା ଲକ୍ଷ୍ମୀପୁରକୁ ଶିକ୍ଷା କ୍ଷେତ୍ରରେ ମଧ୍ୟ ନୂଆ ପରିଚୟ ଦେଇଛି। ଲକ୍ଷ୍ମୀପୁରକୁ ଏବେ ଲୋକେ ଜ୍ଞାନର ମାଟି କହିବାକୁ ପଛାଉ ନାହାନ୍ତି। ରାଜ୍ୟ ଓ ଜାତୀୟ ପ୍ରଶାସନିକ ସେବାରେ ନିଯୋଜିତ ହୋଇ ଯେଉଁମାନେ ଲକ୍ଷ୍ମୀପୁରକୁ ଗର୍ବିତ କରିଛନ୍ତି ସେମାନେ ହେଲେ ବୀରେନ୍ଦ୍ର କର୍କରା, ସୁଧାଂଶୁ ଶେଖର ଖରା, ମନୋରଞ୍ଜନ ନାୟକ, ନିରଞ୍ଜନ ସାହୁ, ନଟବର ଗରଡା, ସୁନୀଲ ଖରା, ପ୍ରହ୍ଲାଦ ଖୋସ୍ଲା, , ବଂଶୀଧର ଖୋସଲା, କୁଶ ଗରଡା ଓ ଚିନ୍ମୟ ସାହୁ । ବୀରେନ୍ଦ୍ର କର୍କରା, ନିରଞ୍ଜନ ସାହୁ, ସୁନିଲ ଖରା, ନଟବର ଗରଡ଼ା ପ୍ରମୁଖ ଲକ୍ଷ୍ମୀପୁର ସଦର ମହକୁମାର ହୋଇଥିବା ବେଳେ, ସୁଧାଂଶୁ ଶେଖର ଖରା ଲକ୍ଷ୍ମୀପୁର ବ୍ଲକ ବୁର୍ଜା ଗାଁର ଏବଂ ପ୍ରହ୍ଲାଦ ଖସ୍ଲା, କୁଶ ଗରଡା ହେଉଛନ୍ତି ଡଲିଆମ୍ବ ଗ୍ରାମର। ମୋନାରଞ୍ଜ ନାୟକ ହେଇଛନ୍ତି କୁଟିଙ୍ଗା ଗାଁ। ସେହିପରି ଚିନ୍ମୟ ସାହୁ ହେଇଛନ୍ତି ତୁନପାର ଗ୍ରାମର। ଲକ୍ଷ୍ମୀପୁର ବ୍ଲକ ଶିକ୍ଷା କ୍ଷେତ୍ରରେ ଉଚ୍ଚକୋଟୀର ପରିଚୟ ସୃଷ୍ଟି କରିବାରେ ସଫଳ ହେଉଥିବାରୁ ଛାତ୍ରଛାତ୍ରୀଙ୍କ ମନରେ ଉତ୍ସାହ ସୃଷ୍ଟି କରିଛି। ଅବିଭାବକ ମାନେ କେବେ ମଧ୍ୟ ଅବହେଳା ନ କରି ନିଜ ସନ୍ତାନକୁ ଏ କ୍ଷେତ୍ରରେ ଆଗ୍ରହ ଦେଖାଇବାକୁ ପ୍ରୋତ୍ସାହିତ କରୁଛନ୍ତି। ବୀରେନ୍ଦ୍ର କର୍କରା, ସୁଧାଂଶୁ ଶେଖର ଖରା, ନିରଞ୍ଜନ ସାହୁ, ମୋନାରଞ୍ଜ ନାୟକ ଜାତୀୟ ବିଭାଗରେ କାର୍ଯ୍ୟରତ ରହିଥିବା ବେଳେ ଅନ୍ୟମାନେ ସବୁ ରାଜ୍ୟ ପ୍ରଶାସନିକ ସେବାରେ ନିଯୋଜିତ ହୋଇଛନ୍ତି। ବର୍ତ୍ତମାନ ଏହି ଅଫିସର ସବୁ ଜିଲ୍ଲାର ଯୁବପୀଢିଙ୍କ ଆଦର୍ଶ ପାଲଟିଛନ୍ତି।



ସୁଧାଂଶୁ ଶେଖର ଖରା



କୁଶ ଗରଡ଼ିଆ



ପ୍ରହ୍ଲାଦ ଖୋସଲା


■ ଉଦ୍‌ଯାପିତ ହେଲା ରାୟଗଡ଼ ବ୍ୟାଡମିଣ୍ଟନ ଚାମ୍ପିଅନ୍‌ସିପ୍

## ଜୟରାମ ଶ୍ରେଷ୍ଠ ପ୍ରଶିକ୍ଷକ, ମାଷ୍ଟର ସୁଭମ ଶ୍ରେଷ୍ଠ ଖେଳାଳି

ରାୟଗଡ, ୫।୭ (ସମିସ ): ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ରାୟଗଡ ବ୍ୟାଡମିଣ୍ଟନ ଆସୋସିଏସନ ପକ୍ଷରୁ ଆୟୋଜିତ ୟୋନେକ୍ସ ସନରାଇଜ୍ ରାୟଗଡ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ୨୦୨୬ର ସପ୍ତମ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗତ ୩ ତାରିଖରୁ ତିନିଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୧୬୬ ଜଣ ପୁଅ ଓ ଝିଅ ଖେଳାଳି ବିଭିନ୍ନ ବୟସ ବର୍ଗରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶେଖ ଅଲେନୁର ଯୋଗ ଦେଇ ବିଜେତା ଓ ଉପବିଜେତାଙ୍କୁ ଟ୍ରଫି ଏବଂ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜେକେ କାଗଜ କଳ ଲୋକ ସମ୍ପର୍କ ବିଭାଗ ପ୍ରବନ୍ଧକ ସ୍ମୃତିରେଖା କର, ବିଜେପିର ବରିଷ୍ଠ ଯୁବ ନେତା ଶିବ ଶଙ୍କର ଉଲାକା, ଯୁବ ସମାଜସେବୀ ଅମିତ ଜୈନ, ସାଇପ୍ରିୟା ୱାକର୍ସ କ୍ଲବ ପ୍ରତିଷ୍ଠାତା ସଭାପତି ସୁବାଷ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ପୁରସ୍କାର ବିତରଣ କରିବା ସହ ଉତ୍ସାହିତ କରିଥିଲେ। ଏହି ଅବସରରେ ରାୟଗଡର ବରିଷ୍ଠ ସାମ୍ବାଦିକ 'ସକାଳ' ଖବର କାଗଜ ଜିଲ୍ଲା ପ୍ରତିନିଧି ଶିବ ନାରାୟଣ ଗୌଡ଼ଙ୍କୁ କ୍ରୀଡ଼ା କ୍ଷେତ୍ରର ପ୍ରୋତ୍ସାହନ, ବ୍ୟାଡମିଣ୍ଟନ କାର୍ଯ୍ୟକଳାପରେ ନିରନ୍ତର ସହଯୋଗ ଏବଂ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ସ୍ମାରକୀ ଓ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଆଜି ଉଦ୍‌ଯାପିତ କାର୍ଯ୍ୟକ୍ରମରେ ପ୍ରତିଯୋଗିତାର ବିଭିନ୍ନ ବର୍ଗର ଫଳାଫଳ ପ୍ରକାଶ ପାଇଥିଲା ବାଳକ ଏକକ (ୟୁ୧୧) ବର୍ଗରେ ଆସୁତୋଷ ଦାସ (ବିଜେତା), ଶ୍ରୀୟାଂଶ ପାଢ଼ୀ (ଉପବିଜେତା), ବାଳକ ଏକକ (ୟୁ୧୩) ବର୍ଗରେ ଗୁଲସନ ନାୟକ (ବିଜେତା), ସୁଭମ ଦାସ (ଉପବିଜେତା), ବାଳକ ଏକକ (ୟୁ୧୫) ବର୍ଗରେ ମନ୍ମୟ ଖୁରା (ବିଜେତା), ଫ୍ରଂଶୁ ଦାଶ (ଉପବିଜେତା), ବାଳକ ଏକକ (ୟୁ୧୭)ରେ ଆଦିତ୍ୟ ପଣ୍ଡା (ବିଜେତା), ଶ୍ରୀସାଇ ଶତପଥୀ (ଉପବିଜେତା), ବାଳକ ଯୁଗଳ (ୟୁ୧୫)ରେ ସୁଭମ ଦାଶ ଓ କେ. ତନୁଷ (ବିଜେତା), ମନ୍ମୟ ଖୁରା ଓ ପି. କେ. ଜେନା (ଉପବିଜେତା), ବାଳକ ଯୁଗଳ (ୟୁ୧୭) ବର୍ଗରେ ଏଲ୍. ନିର୍ମଳିତ ଓ ଶ୍ରୀସାଇ ଶତପଥୀ (ବିଜେତା), ଆଦିତ୍ୟ ପଣ୍ଡା ଓ ମନ୍ମୟ ଖୁରା (ଉପବିଜେତା) ହୋଇଥିବା ବେଳେ ପୁରୁଷ ଯୁଗଳ ବର୍ଗରେ ଡି. ମଣି ଓ ସାଇ କିରଣ (ବିଜେତା), ଜୀବିତେଶ ଓ ଲେଖକ (ଉପବିଜେତା) ହୋଇଛନ୍ତି । ସେହିପରି ପ୍ରତିଯୋଗିତାରେ ମହିଳା ଏକକ ବିଭାଗରେ ଗୁଣପୁରର ଦେବଶ୍ରୀ ପାତ୍ର ବିଜେତା ହୋଇଥିବା ବେଳେ ରାୟଗଡର କୃତିକା ଦେଓ ରନର୍ସଅପ୍ ହୋଇଥିଲେ। ପୁରୁଷ ଏକକ ବିଭାଗରେ ଜିବିତେଶ ବିଜେତା ଏବଂ ମଣିକାନ୍ତା ରନର୍ସଅପ୍ ହୋଇଥିଲେ। ୧୯ ବର୍ଷରୁ କମ୍ ବୟସ ବର୍ଗର ଏକକ ପ୍ରତିଯୋଗିତାରେ ରାୟଗଡର ଅଂଶ ସିହ୍ନା ବିଜେତା ଓ ରାୟଗଡର ଦିବିତେଶ ରନର୍ସଅପ୍ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ଶୁଭମ ଦାସଙ୍କୁ ୨୦୨୬ ଚଳିତ ବର୍ଷର "ବର୍ଷର ଶ୍ରେଷ୍ଠ ଖେଳାଳି" ଏବଂ ଜୟରାମ ବର୍ମାଙ୍କୁ "ବର୍ଷର ଶ୍ରେଷ୍ଠ ପ୍ରଶିକ୍ଷକ" ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଚାମ୍ପିଆନସିପରେ ମୁଖ୍ୟ ରେଫରି ଭୈରବ ଜୈନ ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ସମାରୋହରେ ଜିଲ୍ଲା ବେଡମିଂଟନ ଆସୋସିଏସନର ସଭାପତି ହିମାଂଶୁ ଶେଖର ପାଣ୍ଡିଆ ଓ ସଂପାଦକ ସୁରେଶ ଚନ୍ଦ୍ର ପଣ୍ଡା ଉପସ୍ଥିତ ଅଭିଭାବକ ଓ ସମସ୍ତ ଖେଳାଳୀଙ୍କୁ ଧନ୍ୟବାଦ ଦେଇ ପ୍ରୋତ୍ସାହିତ କରିଥିଲେ। ସଂଘ କର୍ମକର୍ତ୍ତା, ପ୍ରଶିକ୍ଷକ, ଖେଳାଳି, ଅଭିଭାବକ ଓ ବହୁ କ୍ରୀଡ଼ାପ୍ରେମୀ ଉପସ୍ଥିତ ରହି ପ୍ରତିଯୋଗିତାକୁ ସଫଳ କରିଥିଲେ।




## ଗାଈଗୋରୁଙ୍କ କବ୍‌ଜାରେ କୋଟପାଡ଼ ମୁଖ୍ୟରାସ୍ତା



କୋଟପାଡ଼, ୫।୭ (ସମିସ): କୋଟପାଡ଼ ସହରରେ ଦିନକୁ ଦିନ ଗାଈଗୋରୁଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। କୋଟପାଡ଼ ଅଞ୍ଚଳର କେତେକ ନାମୀ ଦାମୀ ଗୋରୁ ମାଲିକ ଗୃହପାଳିତ ଗାଈଠାରୁ କ୍ଷୀର ବାହାର କଲା ପରେ ଛାଡି ଦେଉଛନ୍ତି। ଗାଈଗୋରୁ ଆସି ରାଜ ରାସ୍ତା ଅବରୋଧ କରି ଶୋଉଛନ୍ତି। ଫଳରେ ଲୋକେ ଯିବା ଆସିବା କରିବାରେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ମୁଖ୍ୟତଃ ରାତିରେ ଛାଡିବା ଦ୍ୱାରା ଗାଈଗୋରୁ ଦୋକାନ ସାମ୍ନାରେ ଶୋଇ ଗୋବର, ପରିସ୍ରା କରି ଅପରିଷ୍କାର କରୁଛନ୍ତି । ରାଜ ରାସ୍ତାରେ ଶୋଇବା ଦ୍ୱାରା ବିଭିନ୍ନ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ଦିନବେଳେ ରାସ୍ତାରେ ଛାଡ଼ି ଦିଆଯାଉଥିବାରୁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତ। ବର୍ଷା ଋତୁରେ ଏହି ଗାଈ ଗୋରୁ ଦୋକାନ ବଜାର ଓ ରାସ୍ତାକୁ ଅପରିଷ୍କାର କରୁଥିବା ଦେଖିବାକୁ ମିଳୁଛି। ଫଳରେ ମଶା-ମାଛିର ପ୍ରକୋପ ବଢ଼ି ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଉଥିବାରୁ ଏହି ସମସ୍ୟାର ସ୍ଥାୟୀ ସମାଧାନ ଦାବି କରି ସ୍ଥାନୀୟ ବାସିନ୍ଦାମାନେ ତଥା କୋଟପାଡ଼ବାସୀ ନିବେଦନ କରିବା ସହିତ ଗୋରୁ ମାଲିକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଭିନ୍ନ ବୁଦ୍ଧିଜୀବୀ ମହଲରେ ଦାବି କରାଯାଉଥିବାରୁ ଦେଖିବାକୁ ମିଳିଛି।


> ଲୋକେ ହନ୍ତସନ୍ତ

## ତିନି ମହଲାରୁ ଖସିପଡ଼ିଲେ ନାବାଳିକା

କୋରାପୁଟ, ୫।୭ (ସମିସ): କୋରାପୁଟ ସହର ଷ୍ଟାଡିୟମ ନିକଟସ୍ଥ ଏକ କଲୋନୀରେ ଜଣେ ନାବାଳିକା ତିନି ମହଲା ଛାତରୁରୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ତୁରନ୍ତ ଡାକ୍ତରଖାନାକୁ ପଠାଇଛନ୍ତି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସରକାରୀ ଭାବେ ସ୍ପଷ୍ଟ ସୂଚନା ମିଳିନାହିଁ।

## କୋଟପାଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

କୋଟପାଡ, ୫।୭ (ସମିସ): କୋଟପାଡ଼ ବଡଦାଣ୍ଡ ଠାରେ ଅବସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ରତିକାନ୍ତ ମହାନ୍ତି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ସାହୁ, କ୍ରୀଡ଼ା ଶିକ୍ଷୟିତ୍ରୀ ପ୍ରଭାସିନୀ ଲିମାଲ, ପ୍ରିୟଦର୍ଶନୀ ମଣ୍ଡଳ, ସଇତା ଗୋଲାରୀ, ସସ୍ମିତା ରନ୍ଧାରୀଙ୍କ ଉପସ୍ଥିତରେ ଗୋଟିଏ ଗୋଟିଏ ଗଛର ତଦାରଖ ଦାୟିତ୍ୱ ବଡ଼ ହେବା ପର୍ଯ୍ୟନ୍ତ ନେବେ ବୋଲି ଶପଥ ନେଇ ବିଭିନ୍ନ ପ୍ରକାରର ଗଛ ଗୁଡିକ ରୋପଣ କରାଯାଇଥିଲା। ବିଦ୍ୟାଳୟର ଇକୋ କ୍ଲବ, ରେଡକ୍ରସ, ଗାଇଡ୍ ଛାତ୍ରୀମାନଙ୍କ ଅଂଶ ଗ୍ରହଣରେ ଚାରାରୋପଣ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ସୁଧିର ମହାନ୍ତି ଏବଂ କୋଟପାଡ଼ ବନାଞ୍ଚଳ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ନାୟକ, ଉପବନାଞ୍ଚଳ ଅଧିକାରୀ ମାନସ ରଞ୍ଜନ ନାୟକ, କୋଟପାଡ଼ ବନପାଳ ସୁଦାମ ଶତପଥୀ, କୁସୁମି ବନପାଳ ସୂଦୀପ୍ତା ନାୟକ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ସହ ଛାତ୍ରୀମାନଙ୍କୁ ଗଛର ଉପକାରିତା ଓ ବନମହୋତ୍ସବର ଉଦ୍ଦେଶ୍ୟକୁ ବିସ୍ତୃତ ଭାବରେ ପ୍ରକାଶ କରିବା ସହ "ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା' ଓ ବୃକ୍ଷଲତା ଗୁଡିକର ବିସ୍ତୃତ ଆଲୋଚନା ଏବଂ ପରାମର୍ଶ ପ୍ରଦାନ ସହିତ ଆଜିର କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ।



## ରେଳବାଇର ନା' ପରେ ତେଜିଲା ଜନ ଅସନ୍ତୋଷ

ମୁନିଗୁଡ଼ା, ୫।୭ (ସମିସ): ଅମ୍ବାଦଳା ଓ ବିଷମକଟକ ରେଳ ଷ୍ଟେସନରେ ପୁରୀ-କୋରାପୁଟପୁରୀ ଏକ୍ସପ୍ରେସ ଏବଂ ଅମୃତ ଭାରତ ଏକ୍ସପ୍ରେସର ରହଣି ଦାବିକୁ ପୂର୍ବତଟ ରେଳବାଇ ପ୍ରତ୍ୟାଖ୍ୟାନ କରିବା ପରେ ସମଗ୍ର ଅଞ୍ଚଳରେ ଅସନ୍ତୋଷ ଦିନକୁ ଦିନ ବଢୁଛି। ରେଳବାଇ ପକ୍ଷରୁ ଯାତ୍ରୀ ସଂଖ୍ୟା, ରାଜସ୍ୱ ଓ ପରିଚାଳନାଗତ ଖର୍ଚ୍ଚକୁ ଦର୍ଶାଇ ଦାବି ଖାରଜ କରାଯାଇଥିବା ବେଳେ ଏହି ଯୁକ୍ତିକୁ ଅଞ୍ଚଳବାସୀ ଗ୍ରହଣ କରିବାକୁ ନାରାଜ ଥିବାରୁ ଆନ୍ଦୋଳନର ସ୍ୱର ଜୋର ଧରିଛି। ସ୍ଥାନୀୟ ନାଗରିକ ମଞ୍ଚ, ବ୍ୟବସାୟୀ ସଂଘ, ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ରେଳ ଯାତ୍ରୀମାନଙ୍କ ମଧ୍ୟରେ ଏକାଧିକ ବୈଠକ ହୋଇଥିବା ଜଣାପଡ଼ିଛି। ରେଳବାଇ ଯଦି ଶୀଘ୍ର ନିଷ୍ପତ୍ତିର ପୁନଃବିଚାର ନ କରେ, ତେବେ ଗଣ ସ୍ୱାକ୍ଷର ଅଭିଯାନ, ବିକ୍ଷୋଭ, ଧାରଣା ଏବଂ ଶେଷ ପର୍ଯ୍ୟାୟରେ ରେଳ ରୋକ ଭଳି ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମକୁ ଅନୁସରଣ କରାଯିବ ବୋଲି ଚର୍ଚ୍ଚା ଜୋର ଧରିଛି। ଅଞ୍ଚଳବାସୀଙ୍କ କହିବା ଅନୁସାରେ, ଅମ୍ବାଦଳା ରେଳ ଷ୍ଟେସନ କେବଳ ଗୋଟିଏ ପଞ୍ଚାୟତ କିମ୍ବା ବ୍ଲକ୍‌ର ନୁହେଁ, ବରଂ ରାୟଗଡ଼ା, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାର ହଜାର ହଜାର ଲୋକଙ୍କ ପାଇଁ ପ୍ରମୁଖ ରେଳ ଯୋଗାଯୋଗ କେନ୍ଦ୍ର। ଏଠାରୁ ଛାତ୍ରଛାତ୍ରୀ, ରୋଗୀ, ଚାକିରିଆ, ବ୍ୟବସାୟୀ ଓ ଶ୍ରମିକମାନେ ପ୍ରତିଦିନ ରେଳ ଯାତ୍ରା କରୁଛନ୍ତି। ଏଭଳି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନକୁ ଅଣଦେଖା କରି କାକିରୀଗୁମା ଓ ଲକ୍ଷ୍ମୀପୁର ଭଳି ଷ୍ଟେସନରେ ରହଣି ଦେବାକୁ ଅନୁମତି ମିଳିଥିବାରୁ ରେଳବାଇର ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠିଛି। ବିଶେଷ କରି ତପସ୍ୱିନୀ ଇଣ୍ଟରସିଟିର ସ୍ଲିପର କୋଚ୍ ପ୍ରତ୍ୟାହାର ପରେ ପୁରୀ ସହ ସିଧାସଳଖ ରେଳ ସଂଯୋଗ ପ୍ରାୟ ବନ୍ଦ ହୋଇଯାଇଥିବାରୁ ନୂତନ ପୁରୀକୋରାପୁଟ ଏକ୍ସପ୍ରେସ ଉପରେ ଅଞ୍ଚଳବାସୀଙ୍କ ବହୁତ ଆଶା ଥିଲା। ଏହି ଆଶା ଭାଙ୍ଗିଯିବା ପରେ ସାଧାରଣ ଲୋକଙ୍କ ମଧ୍ୟରେ ନିରାଶା ସହ କ୍ଷୋଭ ମଧ୍ୟ ବଢ଼ିଛି। ସାମାଜିକ କର୍ମୀ ଓ ବିଭିନ୍ନ ସଂଗଠନର ସଦସ୍ୟମାନେ କହିଛନ୍ତି, ଯଦି ରେଳବାଇ କେବଳ ବର୍ତ୍ତମାନର ଟିକେଟ୍ ବିକ୍ରିକୁ ଆଧାର କରି ନିଷ୍ପତ୍ତି ନେବ, ତେବେ ପଛୁଆ ଓ ଆଦିବାସୀ ଅଞ୍ଚଳର ବିକାଶ କେବେ ବି ସମ୍ଭବ ହେବ ନାହିଁ। ନୂତନ ଟ୍ରେନ୍‌ର ରହଣି ମିଳିଲେ ଯାତ୍ରୀ ସଂଖ୍ୟା ସ୍ୱାଭାବିକ ଭାବେ ବଢ଼ିବ ଏବଂ ବ୍ୟବସାୟ, ପର୍ଯ୍ୟଟନ ଓ ଶିକ୍ଷା କ୍ଷେତ୍ର ମଧ୍ୟ ଉପକୃତ ହେବ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଏପରି ସ୍ଥିତିରେ ଅମ୍ବାଦଳା ଓ ବିଷମକଟକ ଅଞ୍ଚଳରେ ଏକ ବୃହତ୍ ସର୍ବଦଳୀୟ ବୈଠକ ଡାକି ପରବର୍ତ୍ତୀ ଆନ୍ଦୋଳନର ରୂପରେଖା ପ୍ରସ୍ତୁତ କରାଯିବ ବୋଲି ସୂଚନା ମିଳିଛି। ରେଳବାଇ ଯଦି ଜନଭାବନାକୁ ସମ୍ମାନ ଦେଇ ନିଷ୍ପତ୍ତିର ପୁନଃସମୀକ୍ଷା ନ କରେ, ତେବେ ଆଗାମୀ ଦିନରେ ରେଳ ରୋକ ସମେତ ବ୍ୟାପକ ଗଣଆନ୍ଦୋଳନ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ବୋଲି ସ୍ଥାନୀୟ ମହଲରେ ଚର୍ଚ୍ଚା ଚାଲିଛି।

> ରେଳରୋକ ଚେତାବନୀ ଦେଲେ ଲୋକେ

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୨୩ ● ପାଉଣ୍ଡ ୧୨୪.୪୯
- ୟୁରୋ ୧୦୭.୧୮ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୪,୫୦୦ (ଭୁବନେଶ୍ୱର)
- ରୁପା : ୨,୬୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୭,୭୬୩.୦୦
- ନିଫ୍ଟି ୨୪,୨୭୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



# ଇ-୨୦ ପେଟ୍ରୋଲକୁ ୫୩% ଗାଡ଼ି ମାଲିକଙ୍କ ବିରୋଧ



**ମାଇଲେଜ୍ କମୁଛି, ବଢୁଛି ମରାମତି ଖର୍ଚ୍ଚ**

**ସରକାରଙ୍କ ପରିଚାଳନାଗତ ବ୍ୟବସ୍ଥାରେ ଖୁସିନାହାଁନ୍ତି ଲୋକେ**

**ଦେଶର ୩୧୬ ଜିଲାରେ କରାଯାଇଛି ସର୍ଭେ**

**ଲୋକାଲ୍ ସର୍କଲ୍ସ ରିପୋର୍ଟ**

ନୂଆଦିଲ୍ଲୀ,୫।୭(ଏଜେନ୍ସି): ପେଟ୍ରୋଲ (ଇ-୨୦ ଇନ୍ଧନ) ସହିତ ୨୦% ଇଥାନଲ୍ ମିଶ୍ରଣ ଅର୍ଥାତ୍ ଇ-୨୦ ପେଟ୍ରୋଲକୁ ନେଇ ଦେଶରେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ଇଥାନଲ ମିଶ୍ରିତ ପେଟ୍ରୋଲକୁ ନେଇ ସରକାର ଯେତେ ସଫେଇ ଦେଲେ ବି ଲୋକେ ଏଥିରେ ଖୁସିନାହାନ୍ତି। ଇ-୨୦ ପେଟ୍ରୋଲ ବ୍ୟବହାର ଯୋଗୁ ଲୋକଙ୍କ ଗାଡ଼ି ଖରାପ ହେଉଥିବା ନିୟମିତ ଅଭିଯୋଗମାନ ଆସୁଛି। ବିଶେଷ କରି ସେହିମାନେ ଅଧିକ ଅସନ୍ତୋଷ ପ୍ରକାଶ କରୁଛନ୍ତି, ଯେଉଁମାନଙ୍କ ପାଖରେ ପୁରୁଣା ପେଟ୍ରୋଲ ଚାଳିତ ଗାଡ଼ି ଅଛି। ସେମାନଙ୍କ ଗାଡ଼ି ଇଥାନଲରେ ଚାଲିବା ଭଳି ଡିଜାଇନ କରାଯାଇ ନ ଥିବାରୁ ସେମାନଙ୍କୁ ବର୍ତ୍ତମାନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ସରକାରଙ୍କର ଇ-୨୦ ନୀତି ଉପରେ ସେମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସମ୍ପ୍ରତି କରାଯାଇଥିବା ଏକ ସର୍ଭେରୁ ଜଣାପଡିଛି ଯେ ଦେଶର ଅଧିକାଂଶ ଗାଡ଼ି ମାଲିକ ସରକାରଙ୍କ ଇ-୨୦ ପେଟ୍ରୋଲ କାର୍ଯ୍ୟକାରିତାକୁ ଅତ୍ୟନ୍ତ ଖରାପ ବୋଲି ବର୍ଣ୍ଣନା କରିଛନ୍ତି। ବିଶେଷକରି ଏହାକୁ ପ୍ରଭାବହୀନ ବୋଲି କହିଛନ୍ତି। ଇଥାନଲ୍ ମିଶ୍ରିତ ପେଟ୍ରୋଲ ଯୋଗୁ ଗାଡ଼ିର ମାଇଲେଜରେ ହ୍ରାସ ଏବଂ ଇଞ୍ଜିନ୍‌ରେ ତ୍ରୁଟିକୁ ନେଇ ଯାନବାହନ ମାଲିକ ଏବେ ହତାଶ। ତେବେ ସର୍ଭେ ଅନୁଯାୟୀ, ଇ-୨୦ ପେଟ୍ରୋଲକୁ ନେଇ ଦେଶର ୫୩% ଗାଡି ମାଲିକ ଅସନ୍ତୁଷ୍ଟ।

ସରକାର ଆଣିଥିବା ଇ-୨୦ ପେଟ୍ରୋଲକୁ ନେଇ ଲୋକାଲ୍ସର୍କଲ୍ସ ନାମକ ଏକ ସଂସ୍ଥା ପକ୍ଷରୁ ଦେଶର ୩୧୬ ଜିଲାରେ ୨୨,୫୬୭ ପେଟ୍ରୋଲ ଗାଡ଼ି ମାଲିକଙ୍କୁ ନେଇ ଏକ ସର୍ଭେ କରାଯାଇଛି। ଏଥିରେ ୫୩% ଲୋକେ କେନ୍ଦ୍ର ସଡ଼କ ପରିବହନ ଏବଂ ପେଟ୍ରୋଲିୟମ୍ ମନ୍ତ୍ରଣାଳୟର ଇ-୨୦ ପରିଚାଳନାକୁ ଏକଦମ ଖରାପ ଓ ପ୍ରଭାବହୀନ ବୋଲି କହିଛନ୍ତି। ଏମାନଙ୍କ ମଧ୍ୟରୁ ୪୨% ଲୋକ ବହୁତ ଖରାପ କହିଥିବା ବେଳେ କେବଳ ୧୩% ଲୋକ ଏହାକୁ ଭଲ ରେଟିଂ ଦେଇଛନ୍ତି। ସର୍ଭେରେ ଇନ୍ଧନ ଦକ୍ଷତା ଏବଂ ଯାନବାହାନର ରକ୍ଷଣାବେକ୍ଷଣ(ମେଣ୍ଟେନାନ୍ସ) ଉପରେ ମଧ୍ୟ ଚିନ୍ତା ପ୍ରକଟ କରାଯାଇଛି। ୨୦୨୩ ପୂର୍ବରୁ ନିର୍ମିତ ପେଟ୍ରୋଲ ଗାଡ଼ି ବ୍ୟବହାର କରୁଥିବା ମାଲିକମାନଙ୍କ ମଧ୍ୟରୁ ୬୬% କହିଛନ୍ତି ଯେ ଇ-୨୦ ପେଟ୍ରୋଲ ପ୍ରଚଳନ ପରେ ସେମାନଙ୍କ ଯାନଗୁଡ଼ିକ ଏବେ ୧୦% ରୁ ଅଧିକ କମ୍ ମାଇଲେଜ୍ ଦେଉଛି। ସର୍ଭେରେ ଉଠିଥିବା ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି, ଦେଶରେ ଚାଲୁଥିବା ଲକ୍ଷ ଲକ୍ଷ ପୁରୁଣା ଗାଡ଼ି କମ୍ ଇଥାନଲ ମିଶ୍ରଣକୁ ଧ୍ୟାନରେ ରଖି ନିର୍ମାଣ କରାଯାଇଥିଲା। ୨୦୨୩ ଏପ୍ରିଲ ପୂର୍ବରୁ ନିର୍ମିତ ଅଧିକାଂଶ ପେଟ୍ରୋଲ ଗାଡ଼ି ଇ-୧୦ ପାଇଁ ଉପଯୁକ୍ତ ଥିଲା। ଅନ୍ୟପଟେ ଏପ୍ରିଲ ୨୦୨୫ ପରେ ନିର୍ମିତ ଗାଡ଼ିଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଇ-୨୦ ସୁସଙ୍ଗତ ବୋଲି ଧରାଯାଉଛି। ଏହାର ପରିଣାମ ସ୍ୱରୂପ ଅନେକ ପୁରୁଣା ଗାଡ଼ି ମାଲିକ କମ୍ ମାଇଲେଜ୍ ଓ ଅଧିକ ରକ୍ଷଣାବେକ୍ଷଣ ଖର୍ଚ୍ଚର ସମ୍ମୁଖୀନ ହେଉଛନ୍ତି।

ଅନ୍ୟପଟେ ସରକାର ଏ ସମସ୍ତ ପ୍ରକାର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଖୋଦ୍ ପେଟ୍ରୋଲିୟମ୍ ମନ୍ତ୍ରୀଏବଂ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ମୁଖ୍ୟ ସ୍ୱୀକାର କରୁଛନ୍ତି ଯେ, ଇ-୨୦ ପେଟ୍ରୋଲ ଯୋଗୁ ଗାଡ଼ିର ମାଇଲେଜ୍ କମୁଛି। ଭୁଟାନ୍ ମଧ୍ୟ ଭାରତଠାରୁ ଇ-୨୦ ପେଟ୍ରୋଲ ନେବାକୁ ମନା କରିଦେଇଛି। ହେଲେ ଭାରତଠାରୁ ଭୁଟାନ ଇ-୨୦ ପେଟ୍ରୋଲ ନେବାକୁ ମନା କରିବା ସମ୍ପର୍କିତ ଏହି ରିପୋର୍ଟକୁ ଆଜି କେନ୍ଦ୍ର ସରକାରଙ୍କ ଖଣ୍ଡନ କରିଛନ୍ତି। ଚଳିତମାସ ପହିଲାରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ ଯେ, ଇଥାନଲ ମିଶ୍ରଣର ଦୀର୍ଘମିଆଦି ପ୍ରଭାବ ୨୦୨୭ ସୁଦ୍ଧା ଅଧିକ ସ୍ପଷ୍ଟ ହେବ। ଇ-୨୦ କାର୍ଯ୍ୟକ୍ରମ ବିରୋଧରେ ଦାଖଲ ହୋଇଥିବା ଆଇନଗତ ଆହ୍ୱାନର ଜବାବ ଦେଇ ସରକାର ଏହି ମତ ରଖିଥିଲେ।

■ ମିଳିଲେନି କ୍ରେତା

# ୯ ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ଲକ୍ ନିଲାମ୍ ବାତିଲ

**ଓଡ଼ିଶାର ନାରିଙ୍ଗପାଙ୍ଗା ଗ୍ରାଫାଇଟ୍ ବ୍ଲକ୍ ପାଇଁ ୩ରୁ ବି କମ୍ ବିଡର**

ନୂଆଦିଲ୍ଲୀ,୫।୭(ଏଜେନ୍ସି): ଦେଶର ଶକ୍ତି ସୁରକ୍ଷା ଏବଂ କ୍ଲିନ୍-ଟେକ୍ ଉତ୍ପାଦନକୁ ସୁଦୃଢ଼ କରିବା ଦିଗରେ ଭାରତ ସରକାର ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ସରକାର ନିଲାମର ସପ୍ତମ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ୯ଟି ଗୁରୁତ୍ୱପୂର୍ଣ୍ଣ ଏବଂ ରଣନୈତିକ ଖଣିଜ ବ୍ଲକ ନିଲାମକୁ ବାତିଲ କରିଛନ୍ତି। କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅନୁଯାୟୀ, ନିବେଶକଙ୍କ ଆଡୁ ଦୁର୍ବଳ ପ୍ରତିକ୍ରିୟା ଏବଂ ଯୋଗ୍ୟ ବିଡର୍ ଅଭାବ ଯୋଗୁଁ ସରକାର ଏପରି ପଦକ୍ଷେପ ନେଇଛନ୍ତି। ଅନ୍ୟ ଦେଶରୁ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଦେଶ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଅନୁସନ୍ଧାନ ଏବଂ ଉତ୍ପାଦନକୁ ତ୍ୱରାନ୍ୱିତ କରିବା ପାଇଁ ସରକାରଙ୍କ ପ୍ରୟାସ ପାଇଁ ଏହା ଏକ ବଡ଼ ବିପର୍ଯ୍ୟୟ ବୋଲି ବିବେଚନା କରାଯାଉଛି। ଏହା ବିପଦପୂର୍ଣ୍ଣ ଖଣିଜ ସମ୍ପତ୍ତିରେ ଘରୋଇ ନିବେଶକୁ ଆକର୍ଷିତ କରିବାର ଆହ୍ୱାନକୁ ମଧ୍ୟ ଉଜାଗର କରୁଛି, ଯେଉଁଠାରେ ଯାନ୍ତ୍ରିକ ଅସୁବିଧା, ଉଚ୍ଚ ମୂଲ୍ୟ ଏବଂ ନିୟାମକ ଅନିଶ୍ଚିତତା କମ୍ପାନୀଗୁଡ଼ିକୁ ନିଲାମ କରିବାରୁ ବାଧା ଦେଉଛି। ତେବେ ବାତିଲ୍ ହୋଇଥିବା ୯ ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ଲକ ତାଲିକାରେ ଓଡ଼ିଶାର ଗୋଟିଏ ବ୍ଲକ୍ ରହିଛି। ତାହ ହେଉଛି, ରାୟଗଡା ଜିଲାର ନାରିଙ୍ଗପାଙ୍ଗା ଗ୍ରାଫାଇଟ୍ ବ୍ଲକ୍ ନାରିଙ୍ଗପାଙ୍ଗା (ସାଉଥ୍) ଗ୍ରାଫାଇଟ୍ ବ୍ଲକ୍।

ଖଣି ମନ୍ତ୍ରଣାଳୟ ପକ୍ଷରୁ ଜାରି ନୋଟିସ୍ ଅନୁଯାୟୀ, ଏହି ୯ଟି ବ୍ଲକ ମଧ୍ୟରୁ ଦୁଇଟିକୁ କୌଣସି ନିଲାମ ମିଳିନାହିଁ। ଏଥିରେ ମଧ୍ୟପ୍ରଦେଶର ମଝୌଲି ଟାଇଟାନିୟମ୍, ଭାନାଡିୟମ୍ ଏବଂ ଆଲୁମିନାସ୍ ଲାଟେରାଇଟ୍ ବ୍ଲକ୍ ଏବଂ ରାଜସ୍ଥାନର ରାମ୍ପୁ ଡେଗାନା ଟଙ୍ଗଷ୍ଟେନ୍, ଲିଥିୟମ୍ ଏବଂ ଆସୋସିଏଟେଡ୍ ମିନେରାଲ୍ ବ୍ଲକ୍ ଅନ୍ତର୍ଭୁକ୍ତ। କ୍ରେତାଙ୍କ ଅଭାବ ଯୋଗୁଁ ଏହି ବ୍ଲକ୍‌ଗୁଡ଼ିକର ନିଲାମ ପ୍ରକ୍ରିୟାକୁ ବାତିଲ ଘୋଷଣା କରାଯାଇଥିଲା। ବାକି ୭ଟି ଖଣିଜ ବ୍ଲକ୍‌ର ନିଲାମକୁ ମଧ୍ୟ ସରକାରଙ୍କୁ ବାତିଲ କରିବାକୁ ପଡିଲା, କାରଣ ବୈଷୟିକ ଭାବରେ ଯୋଗ୍ୟ ବିଡରଙ୍କ ସଂଖ୍ୟା ତିନିରୁ କମ୍ ଥିଲା। ନିୟମ ଅନୁଯାୟୀ, ନିଲାମ ଆଗକୁ ବଢ଼ିବା ପାଇଁ ଅତି କମରେ ତିନି ଜଣ ଯୋଗ୍ୟ ବିଡର ଆବଶ୍ୟକ। ବାତିଲ ହୋଇଥିବା ୭ଟି ବ୍ଲକ୍‌ରେ ବିହାର, ଛତିଶଗଡ଼ ଏବଂ ଓଡ଼ିଶାର ନାଭାରା-ନୱାଡିହ ଗ୍ଲାକୋନାଇଟ୍, ଟିପା ଗ୍ଲାକୋନାଇଟ୍, ଶାହପୁର ଗ୍ଲାକୋନାଇଟ୍, ସ୍ୱେନେରି ଭାନାଡିୟମ୍ ବିୟରିଂ ମ୍ୟାଗ୍ନେଟ-ଇଲମେନାଇଟ୍, ଗୁରୁର ଗ୍ଲାକୋନାଇଟ୍, କରାହିଭାଦର ଗ୍ଲାକୋନାଇଟ୍ ଏବଂ ନାରିଙ୍ଗପାଙ୍ଗା (ଦକ୍ଷିଣ) ଗ୍ରାଫାଇଟ୍ ବ୍ଲକ୍ ଅନ୍ତର୍ଭୁକ୍ତ।

## ଶିଶୁ ଯୌନ ନିର୍ଯାତନା ବିଜ୍ଞାପନ; ମେଟାକୁ ନୋଟିସ୍



ନୂଆଦିଲ୍ଲୀ,୫।୭(ଏଜେନ୍ସି): ଏକ ଅନୁସନ୍ଧାନମୂଳକ ଖବର ପରେ ଶିଶୁ ଯୌନ ନିର୍ଯାତନା ସମ୍ବନ୍ଧୀୟ ଅବୈଧ ସାମଗ୍ରୀକୁ ପ୍ରୋତ୍ସାହନ ଦେଉଥିବା ବିଜ୍ଞାପନ ପ୍ରସାରଣ ଅଭିଯୋଗରେ କେନ୍ଦ୍ର ସରକାର ସାମାଜିକ ଗଣମାଧ୍ୟମ ସଂସ୍ଥା 'ମେଟା' ଠାରୁ ୭ ଦିନ ମଧ୍ୟରେ ସ୍ପଷ୍ଟୀକରଣ ମାଗିଛନ୍ତି। ସୂଚନା ଅନୁଯାୟୀ, କେନ୍ଦ୍ର ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅଧିକାରୀମାନଙ୍କୁ ସଂସ୍ଥାର ପ୍ରତିନିଧିଙ୍କୁ ଡାକି ଘଟଣାର ସମ୍ପୂର୍ଣ୍ଣ ବିବରଣୀ ମାଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିପରି ଏଭଳି ବିଜ୍ଞାପନ ପ୍ରକାଶ ପାଇଲା ଏବଂ ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ କେଉଁ ପଦକ୍ଷେପ ନିଆଯିବ, ସେନେଇ ମଧ୍ୟ ଜବାବ ମାଗାଯିବ। ଅନୁସନ୍ଧାନରେ ଦାବି କରାଯାଇଛି ଯେ, ଅବୈଧ ବିଜ୍ଞାପନ ମାଧ୍ୟମରେ ବ୍ୟବହାରକାରୀଙ୍କୁ ଅନ୍ୟ ମାଧ୍ୟମକୁ ପଠାଯାଉଥିଲା, ଯେଉଁଠାରେ ଶିଶୁ ଯୌନ ନିର୍ଯାତନା ସମ୍ବନ୍ଧୀୟ ବେଆଇନ ସାମଗ୍ରୀ ବିକ୍ରି କରାଯାଉଥିବା ଅଭିଯୋଗ ରହିଛି। ମେଟା ପକ୍ଷରୁ କୁହାଯାଇଛି ଯେ, ଅଭିଯୋଗ ପରେ ସମ୍ପୃକ୍ତ ବିଜ୍ଞାପନକୁ ହଟାଯାଇଛି, ସଂପୃକ୍ତ ଖାତାଗୁଡ଼ିକୁ ବନ୍ଦ କରାଯାଇଛି ଏବଂ ନିୟନ୍ତ୍ରଣ ବ୍ୟବସ୍ଥାରେ ତ୍ରୁଟି ରହିପାରେ ବୋଲି ସ୍ୱୀକାର କରାଯାଇଛି। ଭାରତୀୟ ଆଇନ ଅନୁଯାୟୀ ଶିଶୁ ଯୌନ ନିର୍ଯାତନା ସମ୍ବନ୍ଧୀୟ ସାମଗ୍ରୀ ପ୍ରସ୍ତୁତ, ସଂରକ୍ଷଣ, ଦେଖିବା, ପ୍ରସାରଣ କିମ୍ବା ବିକ୍ରି କରିବା ଦଣ୍ଡନୀୟ ଅପରାଧ। ଏଭଳି ସାମଗ୍ରୀ ଦେଖିଲେ ତାହାକୁ ଡାଉନଲୋଡ୍ କିମ୍ବା ପ୍ରସାରଣ ନ କରି ତୁରନ୍ତ ସମ୍ପୃକ୍ତ ମଞ୍ଚ, ସାଇବର ଅପରାଧ ପୋର୍ଟାଲ୍ କିମ୍ବା ପୁଲିସକୁ ସୂଚନା ଦେବାକୁ ସରକାର ପରାମର୍ଶ ଦେଇଛନ୍ତି।

## ଗ୍ଲୋବାଲ ପାସ୍‌ପୋର୍ଟ ସୂଚୀରେ ତଳକୁ ଖସିଲା ଭାରତ

**୨୦୨୬ ତାଲିକାରେ ମିଳିଲା ୧୨୫ତମ ସ୍ଥାନ**



ନୂଆଦିଲ୍ଲୀ, ୫।୭(ଏଜେନ୍ସି): ବିଶ୍ୱର ସବୁଠାରୁ ଶକ୍ତିଶାଳୀ ପାସପୋର୍ଟ ତାଲିକା ବା ଗ୍ଲୋବାଲ ପାସପୋର୍ଟ ସୂଚୀର ପଞ୍ଚମ ବାର୍ଷିକ ସଂସ୍କରଣ ପ୍ରକାଶ ପାଇଛି। ଏହି ସୂଚୀରେ ଭାରତୀୟ ପାସପୋର୍ଟ ଗତ ବର୍ଷ ତୁଳନାରେ ଗୋଟିଏ ସ୍ଥାନ ତଳକୁ ଖସି ୧୨୫ତମ ସ୍ଥାନରେ ରହିଛି। ବିଶ୍ୱର ୧୯୭ଟି ଦେଶକୁ ନେଇ ପ୍ରସ୍ତୁତ ଏହି ତାଲିକାରେ ଭାରତର ପାଖରେ ନାମ୍ବିଆ ୧୨୪ତମ ଏବଂ ଆଜରବାଇଜାନ ୧୨୬ତମ ସ୍ଥାନରେ ରହିଛନ୍ତି। ଅନ୍ୟାନ୍ୟ ସାଧାରଣ ପାସପୋର୍ଟ ମାନ୍ୟତା ଭଳି ଏହି ସୂଚୀ କେବଳ ବିନା ଭିସା ଯାତ୍ରା ଉପରେ ଆଧାରିତ ନୁହେଁ। ଏହା ମୁଖ୍ୟତଃ ତିନୋଟି ଗୁରୁତ୍ୱପୂର୍ଣ୍ଣ ଦିଗ ଯଥା- ବିଶ୍ୱ ଗତିଶୀଳତା (୫୦ ପ୍ରତିଶତ), ନିବେଶ ସମ୍ଭାବନା (୨୫ ପ୍ରତିଶତ) ଏବଂ ଜୀବନଧାରଣର ମାନ (୨୫ ପ୍ରତିଶତ) ଉପରେ ବିଚାର କରି ପାସପୋର୍ଟର ପ୍ରକୃତ ଶକ୍ତି ଆକଳନ କରିଥାଏ। ରିପୋର୍ଟ ଅନୁଯାୟୀ, ଭାରତୀୟ ପାସପୋର୍ଟଧାରୀଙ୍କୁ ବିଶ୍ୱର ୨୬ଟି ଦେଶରେ ବିନା ଭିସା କିମ୍ବା ପହଞ୍ଚିବା ମାତ୍ରେ ଭିସା ସୁବିଧା ମିଳୁଥିବା ବେଳେ ଆମେରିକା, ବ୍ରିଟେନ ଏବଂ ଫ୍ରାନ୍ସ ଭଳି ପ୍ରାୟ ୮୮ଟି ଦେଶ ପାଇଁ ପୂର୍ବରୁ ଭିସା ନେବା ଆବଶ୍ୟକ ହୋଇଥାଏ। ବିଭିନ୍ନ ବର୍ଗ ଅନୁସାରେ, ଗତିଶୀଳତା ସୂଚୀରେ ଭାରତ ୧୩୬ତମ ସ୍ଥାନରେ ରହିଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ନେଇ ପ୍ରସ୍ତୁତ ଜୀବନଧାରଣ ମାନ ସୂଚୀରେ ୧୧ ସ୍ଥାନର ସୁଧାର ସହ ୧୧୮ତମ ସ୍ଥାନ ହାସଲ କରିଛି। ସେହିପରି ବ୍ୟବସାୟ ଓ ଅର୍ଥନୈତିକ ପ୍ରଗତିକୁ ଦର୍ଶାଉଥିବା ନିବେଶ ସୂଚୀରେ ଭାରତ ୩ଟି ସ୍ଥାନ ଉପରକୁ ଉଠି ୯୪ତମ ସ୍ଥାନରେ ପହଞ୍ଚିଛି। ଏହି ସମଗ୍ର ସୂଚୀରେ ସ୍ୱିଡେନ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ପାସପୋର୍ଟ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସ୍ୱିଜରଲ୍ୟାଣ୍ଡ ଦ୍ୱିତୀୟ ଏବଂ ଫିନଲ୍ୟାଣ୍ଡ ତୃତୀୟ ସ୍ଥାନରେ ରହିଛନ୍ତି।

## ଆମାଜନ ଇଣ୍ଡିଆ ପକ୍ଷରୁ ୧୦ମ ପ୍ରାଇମ୍ ଡେ' ଉତ୍ସବ ଆରମ୍ଭ

ଭୁବନେଶ୍ୱର,୫।୭(ସମିସ): ଆମାଜନ ଇଣ୍ଡିଆ ପ୍ରାଇମ୍ ଡେ'ର ୧୦ମ ସଂସ୍କରଣ ପାଇଁ ପ୍ରସ୍ତୁତ ହୋଇଛି, ଯାହା ଜୁଲାଇ ୦୪ ରୁ ଆରମ୍ଭ ହୋଇ ଜୁଲାଇ ୦୬ ରାତି ୧୧:୫୯ ପର୍ଯ୍ୟନ୍ତ ଚାଲିବ। ଗ୍ରାହକମାନେ ଏହି ସମୟରେ ସ୍ମାର୍ଟଫୋନ୍, ଇଲେକ୍ଟ୍ରୋନିକ୍ସ, ଫ୍ୟାଶନ୍ ଓ ବିୟୁଟି, ହୋମ ଆଣ୍ଡ କିଚେନ, ଗ୍ରୋସରୀ ଏବଂ ଅନ୍ୟାନ୍ୟ ବର୍ଗରେ ୭୨ ଘଣ୍ଟାର ସର୍ବୋତ୍ତମ ଡିଲ୍, ବ୍ଲକବଷ୍ଟର ଲଞ୍ଚ୍ ଏବଂ ସବୁଠାରୁ ଦ୍ରୁତତମ ଡେଲିଭରି ସୁବିଧା ପାଇପାରିବେ। ଏହି ମାଇଲଷ୍ଟୋନକୁ ସ୍ମରଣୀୟ କରିବା ପାଇଁ, ଆମାଜନ ନୂତନ ସଦସ୍ୟମାନଙ୍କୁ ବାର୍ଷିକ ପ୍ରାଇମ୍ ସଦସ୍ୟତା ଉପରେ ମାତ୍ର ୯୯୯ ଟଙ୍କାରେ ଫ୍ଲାଟ୍ ୫୦୦ ଟଙ୍କା ରିହାତି ପ୍ରଦାନ କରୁଥିବା ବେଳେ ସଫି ଏଡିସନ ବାର୍ଷିକ ୨୯୯ ଟଙ୍କାରୁ ଓ ପ୍ରାଇମ ଲାଇଟ ଏଡିସନ ବାର୍ଷିକ ୫୯୯ ଟଙ୍କାରୁ ଆରମ୍ଭ ହେଉଛି। ଏହି ସମୟରେ ପ୍ରାଇମ ସଦସ୍ୟମାନେ ଏସବିଆଇ ଡେବିଟ୍ ଏବଂ କ୍ରେଡିଟ୍ କାର୍ଡ,ଆକ୍ସିସ୍ ବ୍ୟାଙ୍କ କ୍ରେଡିଟ୍ କାର୍ଡ, ଇଏମଆଇ ଟ୍ରାଞ୍ଜାକ୍ସନ ଉପରେ ଅତିରିକ୍ତ ୧୦% ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ ଏବଂ ଆମାଜନ୍ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ସହିତ ଅସୀମିତ ୫% କ୍ୟାସବ୍ୟାକ୍ ସହିତ ୧୦ମ ବାର୍ଷିକୀ ଡିଲ୍ ପାଇଁ ଆକ୍ସେସ୍ ପାଇବେ। ଏହାବ୍ୟତୀତ ଆମାଜନ୍ ପେ ଲ୍ୟାଟର୍ର ୩ଟି କିସ୍ତିରେ ପେମେଣ୍ଟ ସହ ଗ୍ରାହକମାନେ ୧୫୦୦ ଟଙ୍କାରୁ ଅଧିକ ମୂଲ୍ୟର କ୍ରୟ ଉପରେ ସୁଧମୁକ୍ତ ଇଏମଆଇ ସୁବିଧା ପାଇବେ।

## ବେଦାନ୍ତ ଆଲୁମିନିୟମ୍ ଝାରସୁଗୁଡାରେ ପ୍ଲାଣ୍ଟ ମକ୍ ଡ୍ରିଲ୍

ଭୁବନେଶ୍ୱର,୫।୭(ସମିସ): ବେଦାନ୍ତ ଆଲୁମିନିୟମ୍ ଏହାର ଦୃଢ଼ ସୁରକ୍ଷା ପରିଚାଳନା ଢାଞ୍ଚାର ଅଂଶ ଭାବରେ ଝାରସୁଗୁଡାରେ ଏହାର ପାୱାର ପ୍ଲାଣ୍ଟ କାର୍ଯ୍ୟ ମଧ୍ୟରେ ଅବସ୍ଥିତ ହାଇଡ୍ରୋଜେନ୍ ପ୍ଲାଣ୍ଟରେ ଏକ ବ୍ୟାପକ ଅନସାଇଟ୍ ଜରୁରୀକାଳୀନ ମକ୍ ଡ୍ରିଲ୍ ଆୟୋଜନ କରିଥିଲା। ନିୟମିତ ରକ୍ଷଣାବେକ୍ଷଣ କାର୍ଯ୍ୟ ସମୟରେ ଘଟୁଥିବା ହାଇଡ୍ରୋଜେନ୍ ଗ୍ୟାସ୍ ଲିକେଜ୍‌ର ପରିସ୍ଥିତିକୁ ସିମୁଲେଟ୍ କରି, ପ୍ଲାଣ୍ଟର ଜରୁରୀକାଳୀନ ପ୍ରତିକ୍ରିୟା ପ୍ରୋଟୋକଲ୍, ଆନ୍ତଃବିଭାଗୀୟ ସମନ୍ୱୟ ଏବଂ ନିୟନ୍ତ୍ରିତ ପରିସ୍ଥିତିରେ କାର୍ଯ୍ୟକ୍ଷମ ପ୍ରସ୍ତୁତିକୁ ପରୀକ୍ଷା କରିଥିଲା। ଜରୁରୀକାଳୀନ ଅଭ୍ୟାସ ଏକ ସିମୁଲେଟ୍ ହାଇଡ୍ରୋଜେନ୍ ଲିକ୍ ଏବଂ ଟେକ୍ନିସିଆନ୍ ଆଘାତ ପରିସ୍ଥିତି ମାଧ୍ୟମରେ ପ୍ରତିକ୍ରିୟା ଦଳଗୁଡ଼ିକର ପ୍ରସ୍ତୁତିକୁ ପରୀକ୍ଷା କରିଥିଲା। ବେଦାନ୍ତ ଆଲୁମିନିୟମ୍ ଏବଂ ସରକାରୀ ଅଧିକାରୀମାନଙ୍କ ଦ୍ୱାରା ଏହି ଅଭ୍ୟାସ ଦେଖାଯାଇଥିଲା, ଯେଉଁଥିରେ ସମ୍ବଲପୁର ଡିଭିଜନର ଫ୍ୟାକ୍ଟ୍ରିଜ୍ ଏବଂ ବଏଲର୍ସର ଉପ ନିର୍ଦ୍ଦେଶକ ସ୍ୱରୂପ ଜେନା; ଝାରସୁଗୁଡା ଜୋନର ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲର୍ସର ସହକାରୀ ନିର୍ଦ୍ଦେଶକ ଅର୍ଚ୍ଚନା ଦାସ, ଜିଲ୍ଲା ପ୍ରୋଜେକ୍ଟ ଅଫିସର୍ ଓଏସଡିଏମଏଣ୍ଡ ସି. ଲାକ୍ରା, ଅଗ୍ନିଶମ ଅଧିକାରୀ, ଝାରସୁଗୁଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପଦକ୍ଷେପ ବିଷୟରେ ମତାମତ ଦେଇ ବେଦାନ୍ତ ଆଲୁମିନିୟମ-ଝାରସୁଗୁଡାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, ଏହିପରି ପଦକ୍ଷେପଗୁଡ଼ିକ କାର୍ଯ୍ୟକ୍ଷମ ଅଖଣ୍ଡତାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖି ଆମର ଲୋକଙ୍କୁ, ଆମର ସମ୍ପତି ଏବଂ ଆମ ଚାରିପାଖରେ ଥିବା ସମ୍ପ୍ରଦାୟକୁ ସୁରକ୍ଷା ଦେବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।



## ମାଷ୍ଟରକାର୍ଡ ପକ୍ଷରୁ 'ସିର୍ଫ କାର୍ଡ ନେହିଁ, ମାଷ୍ଟରକାର୍ଡ' କ୍ୟାମ୍ପେନ୍

ଭୁବନେଶ୍ୱର,୫।୭(ସମିସ): ତତ୍କାଳ ଅନ୍‌ଲାଇନ କ୍ରୟ ଓ ସପ୍ତାହାନ୍ତ ଭ୍ରମଣଠାରୁ ଆରମ୍ଭ କରି ୟୁଟିଲିଟି ବିଲ୍, ଫେଷ୍ଟିଭ ସପିଙ୍ଗ ଓ ଦୈନନ୍ଦିନ ଉପଯୋଗିତା ପର୍ଯ୍ୟନ୍ତ, ଭାରାତୀୟମାନେ କେବଳ ଅଧିକ ଅର୍ଥ ବ୍ୟୟ କରୁନାହାନ୍ତି ବରଂ ଦୈନନ୍ଦିନ ପେମେଣ୍ଟଠାରୁ ଅଧିକ କିଛି ଆଶା କରୁଛନ୍ତି। ଏହି ପରିବର୍ତ୍ତନ ଉପରେ ଆଧାର କରି ମାଷ୍ଟରକାର୍ଡ ପକ୍ଷରୁ ଆଜି ଏହାର ମହତ୍ୱାକାଂକ୍ଷୀ କ୍ୟାମ୍ପେନ 'ସିର୍ଫ କାର୍ଡ ନେହିଁ, ମାଷ୍ଟରକାର୍ଡ'ର ଘୋଷଣା କରାଯାଇଛି, ଯାହାକୁ ଏକ କାର୍ଡ କିଭଳି ଏକ ଟ୍ରାଞ୍ଜାକ୍ସନ ପୂରା କରିବା ବ୍ୟତୀତ ଆହୁରି ଅନେକ କିଛି କାର୍ଯ୍ୟ କରିପାରେ ତାହାକୁ ପ୍ରଦର୍ଶିତ କରିବା ପାଇଁ ପରିକଳ୍ପନା କରାଯାଇଛି। ଏହି କ୍ୟାମ୍ପେନକୁ ୯ଟି କ୍ଷୁଦ୍ର ଚଳଚିତ୍ର ମାଧ୍ୟମରେ ଉନ୍ମୋଚନ କରାଯାଇଛି ଯାହା ବିଲ ପଇଠ କରିବା, ଭ୍ରମଣ ପାଇଁ ବୁକିଂ କରିବା, ଇଏମଆଇରେ ସପିଂ କରିବା, ପେମେଣ୍ଟ ପାଇଁ ଟ୍ୟାପିଙ୍ଗ କରିବା, ମର୍ଚ୍ଚାଣ୍ଟ ଅଫରଗୁଡିକୁ ଅନ୍ୱେଷଣ କରିବା, ସ୍ୱତନ୍ତ୍ର ଅନୁଭୂତିଗୁଡ଼ିକୁ ଉପଭୋଗ କରିବା ଓ ସୁରକ୍ଷିତ ଭାବେ ଅନଲାଇନ ଟ୍ରାଞ୍ଜାକ୍ସନ କରିବା ଭଳି ଆଧୁନିକ ଭାରତୀୟ ଜୀବନର ତତ୍କାଳ ଚିହ୍ନଟ ଯୋଗ୍ୟ ମୁହୂର୍ତ୍ତ ଗୁଡିକ ଉପରେ ନିର୍ମିତ। ମିଳିତ ଭାବେ ଏହି ଫିଲ୍ମ ମାଷ୍ଟରକାର୍ଡକୁ ୱାଲେଟରେ କେବଳ ଏକ କାର୍ଡ ଭାବେ ନୁହେଁ ବରଂ ଏକ ସାଥୀ ଭାବେ ଉପସ୍ଥାପନ କରିଛି ଯାହା ଉପଭୋକ୍ତାଙ୍କୁ ପ୍ରତିଦିନ ସ୍ମାର୍ଟ, ସୁରକ୍ଷିତ ଓ ଉତ୍ତମ ଭାବେ ଅର୍ଥ ବ୍ୟୟ କରିବାରେ ସାହାଯ୍ୟ କରିଥାଏ।

**ମିତ୍ର ରାଷ୍ଟ୍ରଙ୍କ ପାଇଁ ଛାଡ଼**

# ହର୍ମୁଜ୍‌ରେ ସର୍ଭିସ୍ ଫି' ଆଦାୟ କରିବ ଇରାନ



ନୂଆଦିଲ୍ଲୀ, ୫।୭(ଏଜେନ୍ସି): ଇରାନ ଏବେ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ବାଣିଜ୍ୟ ମାର୍ଗ ମଧ୍ୟରୁ ଗୋଟିଏ ହର୍ମୁଜ୍ ପ୍ରଣାଳୀ ସମ୍ପର୍କରେ ଏକ ବଡ଼ ଘୋଷଣା କରିଛି। ଇରାନ କହିଛି ଯେ ଏହା ଭବିଷ୍ୟତରେ ଏହି ମାର୍ଗ ଦେଇ ଯାଉଥିବା ବାଣିଜ୍ୟିକ ଜାହାଜଗୁଡ଼ିକ ଠାରୁ ସର୍ଭିସ୍ ଫି' ବା ସେବା ଶୁଳ୍କ ଆଦାୟ କରିବ। ତଥାପି, ଇରାନ କହିଛି ଯେ ଏହା ଏକ ଟୋଲ୍ ଟିକସ ହେବ ନାହିଁ, ବରଂ ଜାହାଜ ସୁରକ୍ଷା, ନିରୀକ୍ଷଣ ଏବଂ ପରିବେଶ ସୁରକ୍ଷା ଭଳି ସେବା ପାଇଁ ଏକ ଶୁଳ୍କ। ତେବେ କଷ୍ଟକର ସମୟରେ ଇରାନକୁ ସମର୍ଥନ କରିଥିବା ଦେଶଗୁଡ଼ିକୁ ଏଥିରେ ଦେଶ ବିଶେଷ ରିଆତି ଦେବ।

ଚୀନରେ ଅନୁଷ୍ଠିତ ବିଶ୍ୱ ଶାନ୍ତି ମଞ୍ଚ ସମୟରେ ଇରାନୀ ରାଷ୍ଟ୍ରଦୂତ ଅବଦୋଲରେଜା ରହମାନି ଫଜଲି କହିଥିଲେ ଯେ ହର୍ମୁଜ୍ ପ୍ରଣାଳୀ ଇରାନର ଆଞ୍ଚଳିକ ଜଳସୀମାର ଏକ ଅଂଶ। ତେଣୁ, ଏହା ଦେଇ ଯାଉଥିବା ଜାହାଜଗୁଡ଼ିକ ପାଇଁ ଏକ ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ, ଯାହା ଅଧୀନରେ ଏକ ସେବା ଶୁଳ୍କ ଆଦାୟ କରାଯିବ। ସେ ସ୍ପଷ୍ଟ କରିଥିଲେ ଯେ ଏହାକୁ ଟୋଲ୍ ଟିକସ କୁହାଯାଇପାରିବ ନାହିଁ, ବରଂ ସୁରକ୍ଷା ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବା ବିନିମୟରେ ଏହି ଶୁଳ୍କ ନିଆଯିବ। ଇରାନ ଅନୁଯାୟୀ, ଓମାନ ସହିତ ମିଳିତ ଭାବରେ ଏହି ନୂତନ ବ୍ୟବସ୍ଥା ବିକଶିତ କରାଯାଉଛି। ଏହାର ଉଦ୍ଦେଶ୍ୟ ହେଉଛି ହର୍ମୁଜ୍ ଦେଇ ଯାଉଥିବା ଜାହାଜଗୁଡ଼ିକର ସୁରକ୍ଷିତ ପଥ ସୁନିଶ୍ଚିତ କରିବା, ସେମାନଙ୍କର ଗତିବିଧି ଉପରେ ନଜର ରଖିବା ଏବଂ ସାମୁଦ୍ରିକ ପରିବେଶ ଉପରେ ଜାହାଜର ବର୍ଦ୍ଧିତ ପ୍ରଭାବକୁ ନିୟନ୍ତ୍ରଣ କରିବା। ଇରାନ ରାଷ୍ଟ୍ରଦୂତ କହିଛନ୍ତି ଯେ କଷ୍ଟକର ସମୟରେ ଇରାନକୁ ସମର୍ଥନ କରିଥିବା ଏବଂ ତା ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବଜାୟ ରଖିଥିବା ଦେଶଗୁଡ଼ିକୁ ନୂତନ ବ୍ୟବସ୍ଥା ଅନୁଯାୟୀ ବିଶେଷ ସୁବିଧା ଏବଂ ରିହାତି ମିଳିବ। ତଥାପି, ସେ ନିର୍ଦ୍ଦିଷ୍ଟ କରି ନ ଥିଲେ ଯେ କେଉଁ ଦେଶ ଏହି ସୁବିଧା ପାଇବେ ଆଉ ଏହି ସର୍ଭିସ୍ ଫି'ର ଶୁଳ୍କ ହାର କ'ଣ ରହିବ। ଯୁଦ୍ଧ ଶେଷ ପାଇଁ ଇରାନ ଏବଂ ଆମେରିକା ମଧ୍ୟରେ ସମ୍ପ୍ରତି ହୋଇଥିବା ପ୍ରାରମ୍ଭିକ ଚୁକ୍ତିନାମାରେ କୁହାଯାଇଥିଲା ଯେ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ବାଣିଜ୍ୟିକ ଜାହାଜଗୁଡ଼ିକରୁ ୬୦ ଦିନ ପାଇଁ କୌଣସି ଶୁଳ୍କ ଆଦାୟ କରାଯିବନାହିଁ, କିନ୍ତୁ ଏହି ସମୟ ପରେ ବ୍ୟବସ୍ଥା କ'ଣ ହେବ ସେ ବିଷୟରେ ଏ ପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ।

ବିଶ୍ୱ ଶକ୍ତି ଯୋଗାଣ ପାଇଁ ହରମୁଜ୍ ପ୍ରଣାଳୀକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥ ଭାବରେ ବିବେଚନା କରାଯାଏ। ବିଶ୍ୱର ପ୍ରାୟ ୨୦ ପ୍ରତିଶତ ଅଶୋଧିତ ତୈଳ ଏବଂ ତରଳୀକୃତ ପ୍ରାକୃତିକ ଗ୍ୟାସ (ଏଲ୍ଏନ୍‌ଜି) ଏହି ମାର୍ଗ ଦେଇ ପରିବହନ ହୁଏ। ସାମ୍ପ୍ରତିକ ମଧ୍ୟପ୍ରାଚ୍ୟ ବିବାଦ ସମୟରେ ଇରାନ ଏହି ରାସ୍ତାରେ ଯାତାୟାତକୁ ପ୍ରାୟତଃ ଅବରୋଧ କରିଥିଲା, ଯାହା ଫଳରେ ଆନ୍ତର୍ଜାତୀୟ ତୈଳ ମୂଲ୍ୟରେ ତୀବ୍ର ବୃଦ୍ଧି ଘଟିଥିଲା। ଆମେରିକା ସହିତ ଏକ ପ୍ରାରମ୍ଭିକ ଚୁକ୍ତିନାମା ପରେ, ଇରାନ ପରବର୍ତ୍ତୀ ସମୟରେ କଟକଣାଗୁଡ଼ିକୁ ପ୍ରତ୍ୟାହାର କରିଥିଲା ଏବଂ ସ୍ଥାୟୀ ସମାଧାନ ଖୋଜିବା ପାଇଁ ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ଆଲୋଚନା ଚାଲିଛି।

## ଆଜିର ରାଶିଫଳ

**ମେଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ବୃଷ:** ନୂତନ ବ୍ୟବସାୟ ପାଇଁ ବନ୍ଧୁଙ୍କ ସହଯୋଗ ମିଳିପାରେ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ। ଆୟ ଓ ବ୍ୟୟ ସମାନ ରହିବ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିପାରେ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ଅତିଥି ସତ୍କାର କରିପାରନ୍ତି। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିପାରେ। ମନ ପ୍ରସନ୍ନ ରହିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିପାରେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିପାରନ୍ତି।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ମହିଳାମାନେ ଘର ପାଇଁ ନୂଆ ଜିନିଷ କିଣିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ।

**ଧନୁ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

**ମକର:** ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ପୈତୃକ ସମ୍ପତ୍ତିକୁ ନେଇ ଭାଇ-ଭାଇଙ୍କ ମଧ୍ୟରେ ବିବାଦ ଦେଖାଦେବ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**କୁମ୍ଭ:** ପୁରୁଣା ନିବେଶରୁ ଲାଭ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ଦାନ ଧର୍ମ କରିବେ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେଇପାରେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୦୧- ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜନ୍ମ।
- ୧୯୩୫: ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ଜନ୍ମ।
- ୧୯୪୬: ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜର୍ଜ ଡବ୍ଲୁ ବୁଶ୍‌ଙ୍କ ଜନ୍ମ।
- ୧୯୫୯: ଭେଲୋର ହସ୍‌ପିଟାଲରେ ପ୍ରଥମଥର ସଫଳତାପୂର୍ବକ ଓପନ ହାର୍ଟ ସର୍ଜରୀ ହେଲା।
- ୨୦୦୨: ଭାରତର ପ୍ରସିଦ୍ଧ ଉଦ୍ୟୋଗପତି ଧୀରୁଭାଇ ଅମ୍ବାନିଙ୍କ ପରଲୋକ।



## ଆଶୁତୋଷ-ଅମିର୍‌ଙ୍କ ‘ଲଲକାର୍’

ବଲିଉଡ୍‌ର ମିଷ୍ଟର୍ ପରଫେକ୍ଟନିଷ୍ଟ ଅମିର ଖାନ୍ ଏବଂ ନିର୍ଦ୍ଦେଶକ ଆଶୁତୋଷ ଗୋୱାରିକର ଦୀର୍ଘଦିନ ପରେ ପୁଣି ଥରେ ଏକାଠି କାମ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ‘ଲଗାନ’ ଭଳି କଲ୍ଟ କ୍ଲାସିକ୍ ଫିଲ୍ମ ଭେଟି ଦେବାର ୨୫ ବର୍ଷ ପରେ, ଦୁହେଁ ଭାରତୀୟ କ୍ରିକେଟର ଲାଲା ଅମରନାଥଙ୍କ ଜୀବନୀ ଉପରେ ଆଧାରିତ ଏକ ପିରିୟଡ୍ ସ୍ପୋର୍ଟସ୍ ଡ୍ରାମା ଫିଲ୍ମ ନେଇ ଆସୁଛନ୍ତି। ଏଥିରେ ୧୯୪୭ ଭାରତ ପାକିସ୍ତାନ ବିଭାଜନ ସ୍ଥିତିକୁ ମଧ୍ୟ ଦେଖାଯିବ। ଇତିମଧ୍ୟରେ ଫିଲ୍ମର ଟାଇଟଲ୍ ମଧ୍ୟ ସାମ୍ନାକୁ ଆସିଛି। ଫିଲ୍ମର ଟାଇଟଲ ରହିଛି ‘ଲଲକାର’। ଏହାର ସୁଟିଂ ଆସନ୍ତା ଅକ୍ଟୋବର ମାସରୁ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ‘ଲଗାନ’ ଭଳି, ଏହା ମଧ୍ୟ କ୍ରିକେଟ ପୃଷ୍ଠଭୂମି ଉପରେ ଆଧାରିତ ଫିଲ୍ମ ହେବ। ଅମିରଙ୍କ ବ୍ୟତୀତ, ଫିଲ୍ମ ନିର୍ମାତା ସେକେଣ୍ଡ ଲିଡ୍ ପାଇଁ ଅନ୍ୟ ଜଣେ ଅଭିନେତାଙ୍କୁ ସାମିଲ କରିବା ପାଇଁ ଚିନ୍ତା କରୁଛନ୍ତି। ଏହି ଅଭିନେତାଙ୍କ ନାମ ମଧ୍ୟ ଖୁବ୍‌ଶୀଘ୍ର ଘୋଷଣା କରାଯିବ। ରାଜକୁମାର ହିରାନୀ ଏବଂ ଅଭିଜାତ ଯୋଶୀ ଏହାର କାହାଣୀ ଲେଖିଛନ୍ତି। ଏକ୍ସେଲ ଏଣ୍ଟରଟେନମେଣ୍ଟ ଏହାର ପ୍ରଯୋଜନା ଦାୟିତ୍ୱରେ ରହିଛି। ‘ସିତାରେ ଜମିନ୍ ପର୍’ ପରେ ଅମିର୍ କୌଣସି ଫିଲ୍ମର ସୁଟିଂ ଆରମ୍ଭ କରି ନାହାନ୍ତି। ଦାଦାସହେବ ଫାଲ୍‌କେଙ୍କ ବାୟୋପିକ୍ ଓ ‘ଥ୍ରୀ ଇଡିଅଟସ୍ ୨’ରେ ନଜର ଆସିବେ ବୋଲି ପୂର୍ବରୁ ଘୋଷଣା କରିଛନ୍ତି।

## ଯୁବପିଢ଼ିଙ୍କ ମଧ୍ୟରେ ବୃଦ୍ଧି ପାଉଛି ମୁଖଗହ୍ୱର କର୍କଟ

ତମାଖୁ ସେବନ ଯୋଗୁଁ ସାରା ବିଶ୍ୱରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ନିଜର ଜୀବନ ହରାଉଛନ୍ତି। ଏହାସତ୍ତ୍ୱେ ମଧ୍ୟ ବହୁ ସଂଖ୍ୟାରେ ଲୋକେ ତମାଖୁ ଜାତୀୟ ଦ୍ରବ୍ୟର ବ୍ୟବହାର କରୁଛନ୍ତି। ଚିନ୍ତାର ବିଷୟ ଏହା ଯେ, ତମାଖୁ ଜନିତ କ୍ଷତି କେବଳ ଫୁସ୍‌ଫୁସ୍ କିମ୍ବା ହୃଦୟ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ମୁଖ କର୍କଟ ଭଳି ମାରାତ୍ମକ ରୋଗର କାରଣ ମଧ୍ୟ ସାଜିପାରେ। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ପାଟିରେ ଦେଖାଯାଉଥିବା କିଛି ସାଧାରଣ ଲକ୍ଷଣ ଅନେକ ସମୟରେ କର୍କଟ ରୋଗର ପ୍ରାଥମିକ ଚେତାବନୀ ହୋଇପାରେ, କିନ୍ତୁ ଲୋକେ ପ୍ରାୟତଃ ଏହାକୁ ଅଣଦେଖା କରିଦିଅନ୍ତି। ଆଜି ବି ବହୁତ ଲୋକ ପାଟିରେ ଛାଲ ପଡ଼ିଯିବା, ମାଢ଼ିରୁ ରକ୍ତ ଆସିବା ତଥା ପାଟି ଭିତରେ ଦେଖାଯାଉଥିବା ଅନ୍ୟାନ୍ୟ ସମସ୍ୟାକୁ ସାମାନ୍ୟ ଭାବି ଅଣଦେଖା କରିଥାନ୍ତି। ହେଲେ ପାଟି ଭିତରେ ଘା’ ବା ଛାଲ ପଡ଼ିବା ଦୁଇ ସପ୍ତାହରୁ ଅଧିକ ସମୟ ଧରି ଠିକ୍ ନହେଲେ ଏହାକୁ ଅଣଦେଖା କରିବା ଅନୁଚିତ। କାରଣ ଏହି ଲକ୍ଷଣ ମୁଖ ଗହ୍ୱର କର୍କଟ ସହିତ ଜଡ଼ିତ ହୋଇପାରେ। ତେଣୁ ସଠିକ୍ ସମୟରେ ଏହାର ପରୀକ୍ଷା ନ କଲେ ସ୍ଥିତି ଗମ୍ଭୀର ହୋଇପାରେ। ପାଟି ଭିତରେ ଧଳା କିମ୍ବା ଲାଲ୍ ଦାଗ ଦେଖାଯିବା, ଖାଦ୍ୟ ଚୋବାଇବାରେ ଯନ୍ତ୍ରଣା, କଥା କହିବା କିମ୍ବା ଖାଦ୍ୟ ଢୋକିବାରେ ସମସ୍ୟା, ଲଗାତାର ପାଟିରୁ ଦୁର୍ଗନ୍ଧ ଆସିବା, ପାଟିର କୌଣସି ଅଂଶରେ ଝିମ୍‌ଝିମ୍ ଅନୁଭବ କରିବାକୁ ମଧ୍ୟ ଅଣଦେଖା କରିବା ଅନୁଚିତ। ବିଶେଷ କରି ତମାଖୁ ସେବନ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଉପରୋକ୍ତ ଲକ୍ଷଣ ଦେଖିବାକୁ ମିଳିଥାଏ। ଏନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା କଥା, ସବୁ ପାଟି ଘା’ କର୍କଟ ନୁହେଁ, ସାଧାରଣତଃ ଫୋଟକାଗୁଡ଼ିକ ତିନିରୁ ଚାରି ଦିନ ମଧ୍ୟରେ ଠିକ୍ ହୋଇଯାଏ। ହେଲେ ଛାଲ ବା ଘା ଯଦି ଲଗାତାର ବୃଦ୍ଧି ପାଇ ଯନ୍ତ୍ରଣା ହେଉଥାଏ, ଉକ୍ତ ସ୍ଥାନରୁ ରକ୍ତ ବାହାରିବା ସହ ଖାଇବା ପିଇବା, କଥା କହିବାରେ ସମସ୍ୟା ସୃଷ୍ଟି ହେଉଥାଏ ତୁରନ୍ତ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଉଚିତ। ପୂର୍ବରୁ ମୁଖ ଗହ୍ୱର କର୍କଟ ମୁଖ୍ୟ ରୂପେ ୫୦ରୁ ୭୫ ବର୍ଷ ବୟସରେ ହେଉଥିଲା। ହେଲେ ବିଗତ କିଛି ବର୍ଷ ହେବ ୨୫ରୁ ୪୫ ବର୍ଷ ତଥା ଧୂମପାନ କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଏହି ମାମଲା ବଢ଼ି ବଢ଼ି ଚାଲିଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତାନୁସାରେ, ଧୂମପାନ, ତମାଖୁ ସେବନ, ମଦ୍ୟପାନ ମୁଖ ଗହ୍ୱର କର୍କଟ ଆଶଙ୍କାକୁ ବଢ଼ାଇଥାଏ। ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ ମୁଖ ଗହ୍ୱର କର୍କଟ ଚିହ୍ନଟ ହେଲେ ଚିକିତ୍ସା ଫଳାଫଳ ଭଲ ହୁଏ। ଡାକ୍ତର ଅମିତ ଚକ୍ରବର୍ତ୍ତୀଙ୍କ ଅନୁଯାୟୀ, ପ୍ରାରମ୍ଭିକ ପର୍ଯ୍ୟାୟରେ ଚିକିତ୍ସା ହେଉଥିବା ରୋଗୀଙ୍କର ବଞ୍ଚିବାର ସମ୍ଭାବନା ୮୦ରୁ ୯୦ ପ୍ରତିଶତ ଥାଏ।

### ପ୍ରେମ ଦେଖେନି ବୟସ

## ୯୬ ବର୍ଷ ବୟସରେ ଖୋଜୁଛନ୍ତି ସାଥୀ



ପ୍ରେମ କେବଳ ବାହ୍ୟ ରୂପ ନୁହେଁ, ବରଂ ଏହା ମନ ଓ ଆତ୍ମାର ମିଳନ। ତେଣୁ ଏହା ସବୁ ବୟସରେ ସମାନ ଭାବେ ଅନୁଭୂତ ହୋଇଥାଏ। ଜୀବନର ଯେକୌଣସି ମୋଡ଼ରେ ଯୁବାବସ୍ଥା ହେଉ କିମ୍ବା ବୃଦ୍ଧାବସ୍ଥା ମଣିଷ ସାଥୀଟିଏ ଲୋଡ଼ିଥାଏ। ନ୍ୟୁୟର୍କରେ ରହୁଥିବା ୯୬ ବର୍ଷୀୟ ସୋଲେମନ ରୋସେନବାଲ୍‌ଟଙ୍କ କାହାଣୀ ଏକପ୍ରକାର ଏହି କଥାକୁ ପ୍ରମାଣିତ କରୁଛି। ସୋଲେମନ୍ ତାଙ୍କ ଜୀବନର ସାତ ଦଶନ୍ଧି ନିଜ ପତ୍ନୀ ଭିକିଙ୍କ ସହିତ ଅତିବାହିତ କରିଥିଲେ। ୨୦୨୩ ମସିହାରେ ସୋଲେମନଙ୍କୁ ଏକାକରି ତାଙ୍କ ପତ୍ନୀ ଆଖି ବୁଜିଲେ। ଏହାପରେ ତାଙ୍କ ଜୀବନ ସମ୍ପୂର୍ଣ୍ଣ ବଦଳିଗଲା। ଏବେ ସେ ପୁଣି ଥରେ ଜୀବନସାଥୀର ସନ୍ଧାନ କରୁଛନ୍ତି। ସୋଲେମନ କୁହନ୍ତି, ମଣିଷକୁ ପ୍ରତି ବୟସରେ ଜଣେ ନିଜର ଲୋକ ଦରକାର। ସୋଲେମନଙ୍କ ପାଇଁ ତାଙ୍କ ପତ୍ନୀ କେବଳ ଜୀବନସାଥୀ ନ ଥିଲେ, ବରଂ ତାଙ୍କର ସବୁଠୁ ବଡ଼ ସାଙ୍ଗ ଓ ବଳ ଥିଲେ। ଦୁହେଁ ୬୯ ବର୍ଷ ପର୍ଯ୍ୟନ୍ତ ବୈବାହିକ ଜୀବନର ଅନେକ ଉତ୍‌ଥାନପତନକୁ ସାମ୍ନା କରିଥିଲେ। ତେବେ ପତ୍ନୀଙ୍କ ବିୟୋଗ ପରେ ସୋଲେମନ୍ ଘରେ ଏକୁଟିଆ ଅନୁଭବ କଲେ। ଏହାସହ ସେ ଅନୁଭବ କଲେ ଯେ, ଜୀବନରେ କେବଳ ସ୍ମୃତି ଯଥେଷ୍ଟ ନୁହେଁ। ସମୟ ସହିତ ମଣିଷର ସାଥ୍ ଦେବା ଲାଗି କେହି ଜଣେ ନିଜର ବି ଦରକାର। ଯଦିଓ ସେ ତାଙ୍କ ଦିବଂଗତ ପତ୍ନୀଙ୍କ ସ୍ଥାନ ଆଉ କାହାକୁ ଦେବାକୁ ଚାହୁଁନାହାନ୍ତି, ହେଲେ ଜୀବନର ବଳକା ସମୟକୁ ସେ ଏକାକି ଅତିବାହିତ କରିବାକୁ ଚାହାନ୍ତି ନାହିଁ ବୋଲି ସୋଲେମନ କହିଛନ୍ତି। ତାଙ୍କ ପାଇଁ ପ୍ରେମର ଅର୍ଥ ହେଉଛି, କାହା ସହିତ ବସି ଚା’ ପିଇବା, କଥା ହେବା, ଛୋଟ ମୋଟ ଖୁସି ସେୟାର କରିବା, ପରସ୍ପରର ଯତ୍ନ ନେବା। ଏହି ଚିନ୍ତାଧାରାକୁ ନେଇ ସେ ୯୬ ବର୍ଷ ବୟସରେ ପ୍ରେମର ସନ୍ଧାନ କରୁଛନ୍ତି। ଏ ଲାଗି ସେ ଜଣେ ପ୍ରଫେସନାଲ ମ୍ୟାଚ୍‌ମେକରଙ୍କ ସାହାଯ୍ୟ ନେବା ପାଇଁ ସ୍ଥିର କରିଛନ୍ତି। ଅବଶ୍ୟ ତାଙ୍କର ଏହି ନିଷ୍ପତ୍ତିକୁ ଶୁଣି ଅନେକ ଆଶ୍ଚର୍ଯ୍ୟ ବି ହୋଇଛନ୍ତି। ହେଲେ ଅନେକ ଲୋକ ତାଙ୍କର ଏଭଳି ଚିନ୍ତାଧାରାର ପ୍ରଶଂସା କରିଛନ୍ତି। ସୋଲେମନ ଏକଥା ପ୍ରମାଣିତ କରିଛନ୍ତି ଯେ, ଖୁସିରେ ରହିବା ଏବଂ ପ୍ରେମ ପାଇଁ ବୟସ ନ ଥାଏ। ତାଙ୍କର ଏ କାହାଣୀ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ସୋଲେମନଙ୍କ କାହାଣୀ ଜୀବନକୁ ମନଖୋଲା ଭାବେ ଜିଇଁବାକୁ ଦର୍ଶାଇଛି। ନିଜର ଲୋକଙ୍କୁ ହରାଇବା ଦୁଃଖ ବହୁତ ଯନ୍ତ୍ରଣାଦାୟକ ହେଲେ ବି ଏହାର ଅର୍ଥ ନୁହେଁ ଯେ, ଜୀବନର ସମସ୍ତ ଖୁସି ଶେଷ ହୋଇଯାଏ। ୯୬ ବର୍ଷ ବୟସରେ ଏକ ନୂଆ ଆରମ୍ଭ କରିବାର ସାହସ ଦେଖାଇଛନ୍ତି ସୋଲେମନ। ତାଙ୍କର ଏ କାହାଣୀ ପ୍ରତିଫଳିତ କରିଛି ଯେ, ଜୀବନରେ କେବେ ବି ଆଶାର ଅନ୍ତ ନାହିଁ। କାରଣ ପ୍ରେମ, ବନ୍ଧୁ ଏବଂ ସାଥୀଟିଏର ଆବଶ୍ୟକତା ମଣିଷକୁ ପ୍ରତ୍ୟେକ ବୟସରେ ଲୋଡ଼ା ପଡ଼େ।

# ସ୍ୱସ୍ତି



## ଅନବସର

ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ଜଳରେ ସ୍ନାନ ପରେ ଶ୍ରୀଜିଉ ଜ୍ୱରରେ ପୀଡ଼ିତ ହୋଇଥିବା ବେଳେ ଅଣସର ପିଣ୍ଡିରେ ଉପଚାର ଆରମ୍ଭ ହୋଇଛି। ପ୍ରତିବର୍ଷ ଅଣସର ନୀତି ସ୍ନାନ ଯାତ୍ରା ପରେ ଅନୁଷ୍ଠିତ ହୋଇଥାଏ। ସେଥିପାଇଁ ୧୫ ଦିନ ଅଣସର ଘରେ ଅଛନ୍ତି ତିନିଠାକୁର। ଠାକୁରଙ୍କ ଅଙ୍ଗଲାଗି ସେବକ, ଦଇତାପତି ସେବାୟତମାନେ ଠାକୁରଙ୍କ ସୁସ୍ଥତା ପାଇଁ ବିଭିନ୍ନ ଉପଚାର ଆରମ୍ଭ କରିଛନ୍ତି। ଏହି ସମୟରେ ମହାପ୍ରଭୁ ଭକ୍ତମାନଙ୍କୁ ଦର୍ଶନ ଦେଉ ନ ଥିବାରୁ ପଟିଦିଅଁ ପୂଜା ପାଉଛନ୍ତି।

ଦେବସ୍ନାନ ପୂର୍ଣ୍ଣିମା ପରଦିନଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ରତ୍ନସିଂହାସନରେ ତିନିଠାକୁର ଭକ୍ତମାନଙ୍କୁ ଦର୍ଶନ ଦେଇ ନ ଥାନ୍ତି। ଏହି କାଳକୁ ଅଣସର ବା ଅନବସର କୁହାଯାଏ। ଏହି ସମୟରେ ତିନିଠାକୁରଙ୍କର ଦଇତାପତି ସେବକ ୧୫ ଦିନ ପର୍ଯ୍ୟନ୍ତ ଗୁପ୍ତ ସେବା ବା ଉପଚାର କରନ୍ତି। ଠାକୁର ଅସୁସ୍ଥ ଥିବାରୁ ଅଣସର ପଣା ସମର୍ପଣ କରାଯାଇଥାଏ। ଶ୍ରୀ ଜଗନ୍ନାଥଙ୍କ ଅଣସର ଦୁଇ ପ୍ରକାର ପାଳିତ ହୁଏ। ଗୋଟିଏ ସାଧାରଣ ଅଣସର ଏବଂ ଅନ୍ୟଟି ମହା ଅଣସର। ସାଧାରଣ ଅଣସର ୧୫ଦିନ ପାଳିତ ହୁଏ। ମହାଅଣସର ୪୫ ଦିନ ପାଇଁ ନବକଳେବର ସମୟରେ ପାଳନ କରାଯାଏ। ୧୫ ଦିନ ଅଣସରରେ ଶ୍ରୀମନ୍ଦିରରେ ପଟିଦିଅଁ ପୂଜା ପାଆନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଶ୍ରୀନାରାୟଣ, ଦେବୀ ସୁଭଦ୍ରାଙ୍କ ସ୍ଥାନରେ ମା’ ଭୁବନେଶ୍ୱରୀ, ବଡ଼ଠାକୁରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ପଟଦିଅଁ ପୂଜା ପାଇଥାନ୍ତି। ଯେଉଁ ନୀତି ବିଗ୍ରହମାନଙ୍କ ପାଖରେ ନିତିଦିନ କରାଯାଏ, ସେସବୁ ଏହି ସମୟରେ ପଟିଦିଅଁଙ୍କଠାରେ ଅନୁଷ୍ଠିତ ହୋଇଥାଏ। ପଟିଦିଅଁଙ୍କ ସହ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ, ରାମକୃଷ୍ଣ, ନୃସିଂହ ଭଗବାନଙ୍କୁ ପୂଜା କରାଯାଏ। କଥିତ ଅଛି, ମହାପ୍ରଭୁଙ୍କ ଅଣସର ସମୟରେ ଶ୍ରୀମନ୍ଦିର ଭିତରେ କୌଣସି ଘଣ୍ଟ ଅବା ଗୀତ ବୋଲା ଯାଏ ନାହିଁ। ମନ୍ଦିର ଶୂନଶାନ୍ ରହିବା ସହ ୧୫ ଦିନ ପର୍ଯ୍ୟାୟ କ୍ରମେ ଗୁପ୍ତ ନୀତି ପାଳନ କରାଯାଏ। ଅଣସର ପିଣ୍ଡିରେ ମହାପ୍ରଭୁଙ୍କ ବିଜେ ପରେ ଓଦା ଲୁଗା ଉଲାଗି ସହ ପରମ୍ପରା ଅନୁଯାୟୀ ବିଶେଷ ଦିନରେ ଫୁଲୁରି ତେଲ, ଓଷୁଅ ଲାଗି, ଚକାବିଜେ, ଚନ୍ଦନ ଲାଗି ଓ ଘଣା ଲାଗି ନୀତି ହୋଇଥାଏ।

## ପୂଜା ଆସନର ମହତ୍ତ୍ୱ

**ବାସ୍ତୁ ଓ ହିନ୍ଦୁ ଧାର୍ମିକ ମାନ୍ୟତାନୁସାରେ, ପୂଜା ସମୟରେ ଆସନରେ ବସିବା ଉଚିତ। ପୂଜା ହେଉ ଅବା ମନ୍ତ୍ର ଜପ ଆସନରେ ବସି କରିବା ଉଚିତ। ବେଳେବେଳେ ଲୋକେ ତଳେ ବସି ପୂଜା ଓ ମନ୍ତ୍ର ଜପ କରନ୍ତି। ବିନା ଆସନରେ ପୂଜା କରିବା ଭଲ ନୁହେଁ।**



- ଶାସ୍ତ୍ର ଅନୁସାରେ, ପୂଜା ତଥା ମନ୍ତ୍ର ଜପ ଲାଗି କୁଶ ଆସନ ସବୁଠୁ ଶୁଭ ଓ ପବିତ୍ର। ଏହି ଆସନ ସମସ୍ତ ନକାରାତ୍ମକତା ଦୂର କରି ଅନୁଷ୍ଠାନକୁ ପୂରା କରିବାରେ ସାହାଯ୍ୟ କରେ।
- ଆସନରେ ବସି ପୂଜା କରିବା ଅର୍ଥ ଦେବୀଦେବତାଙ୍କ ପ୍ରତି ସମ୍ମାନ ଦେଖାଇବାର ଏକ ଉପାୟ। ଏଭଳି ପୂଜାକୁ ପୂର୍ଣ୍ଣ ଏବଂ ଶୁଭଫଳଦାୟୀ ବୋଲି କୁହାଯାଏ।
- ଆସନରେ ବସି ପୂଜା ତଥା ମନ୍ତ୍ର ଜପ କରିବା ଦ୍ୱାରା ଜ୍ଞାନ, ଶାନ୍ତି, ସୌଭାଗ୍ୟ, ଧନ ପ୍ରାପ୍ତି ହୁଏ।
- ଆସନରେ ବସି ପୂଜା କରିବା ଦ୍ୱାରା ଶରୀର ଆରାମଦାୟକ ସ୍ଥିତିରେ ରହେ। ଏହା ଦ୍ୱାରା ମନ ପୂଜାରେ ଲାଗେ। ଧ୍ୟାନ କେନ୍ଦ୍ରିତ ରହେ।
- ଆସନରେ ବସି ପୂଜା କଲେ ଶାରୀରିକ ଓ ଆଧ୍ୟାତ୍ମିକ ସ୍ୱଚ୍ଛତା ବଜାୟ ରହେ।
- ଶୀତ ଦିନେ ଉଲ୍ ଆସନରେ ବସି ଭଗବାନଙ୍କ ପୂଜାର୍ଚ୍ଚନା କରିବା ଉଚିତ।

## ସବୁଜ ରକ୍ଷାସୂତ୍ର

**ରକ୍ଷାସୂତ୍ର ନାଲି ଓ ହଳଦିଆ ରଙ୍ଗ ଥିବା ସମସ୍ତେ ଜାଣନ୍ତି। ହେଲେ ବିଶେଷ ପରିସ୍ଥିତିରେ ସବୁଜ ରଙ୍ଗ ରକ୍ଷାସୂତ୍ର ହାତରେ ବନ୍ଧା ଯାଏ। ଜ୍ୟୋତିଷ ଶାସ୍ତ୍ରରେ ସବୁଜ ରକ୍ଷାସୂତ୍ର ବୁଧ ଗ୍ରହ ସହ ଜଡ଼ିତ। ଏହାକୁ ହାତରେ ବାନ୍ଧିବାର ଲାଭ କ’ଣ, ସେ ସମ୍ପର୍କରେ ଜାଣିବା।**



- ମାନ୍ୟତାନୁସାରେ, ସବୁଜ ରଙ୍ଗ ରକ୍ଷାସୂତ୍ର ହାତରେ ବାନ୍ଧିଲେ ମସ୍ତିଷ୍କ ସକ୍ରିୟ ରହେ। ଆତ୍ମବିଶ୍ୱାସ ବୃଦ୍ଧି ପାଏ। ଜାତକରେ ବୁଧ ଗ୍ରହ ମଜଭୁତ ହୁଏ। ଏହା ଦ୍ୱାରା ବ୍ୟବସାୟ ଏବଂ କ୍ୟାରିୟରରେ ଉନ୍ନତି ଘଟେ।
- ଅତ୍ୟଧିକ ଚିନ୍ତାଶୀଳ ବ୍ୟକ୍ତିଙ୍କ ଲାଗି ଏହା ଲାଭକାରୀ। ଏହାକୁ ହାତରେ ବାନ୍ଧିଲେ ଧ୍ୟାନ କେନ୍ଦ୍ରିତ ହୋଇଥାଏ ଏବଂ କାମ ପୂରା ହୁଏ। ମନ ଶାନ୍ତ ରହେ, ଅବସାଦ ଦୂର ହୁଏ।
- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ହାତରେ ସବୁଜ ରକ୍ଷାସୂତ୍ର ବାନ୍ଧିଲେ ବ୍ୟବସାୟ ଏବଂ ଚାକିରି ସମ୍ବନ୍ଧିତ କାର୍ଯ୍ୟ କଲେ ଉନ୍ନତି ଶୀଘ୍ର ହୁଏ। ନୂଆ ଅବସର ସୃଷ୍ଟି ହୁଏ। ଜୀବନ ଜିଇଁବା ସହଜ ହୁଏ।
- ଏହାକୁ ପିନ୍ଧିବାର ଭଲଦିନ ହେଉଛି ବୁଧବାର। ଏହିଦିନ ସକାଳୁ ଉଠି ସ୍ନାନ ସାରି ଗଣେଶଙ୍କ ପୂଜା କରି ଏହାକୁ ହାତରେ ବାନ୍ଧିବା ଭଲ।
- ଏହାକୁ ତିନିଟି ଗଣ୍ଠି ପକାଇ ବାନ୍ଧିବା ଉଚିତ। ପୁରୁଷ ଡାହାଣ ଓ ମହିଳା ବାମ ହାତରେ ସବୁଜ ରକ୍ଷାସୂତ୍ର ବାନ୍ଧିବା ଉଚିତ। ସେହିପରି ଏହାକୁ ଠିକ୍ ନିୟମରେ ବାନ୍ଧିଲେ ଜୀବନରେ ସକାରାତ୍ମକତା ଆସେ।

## ସ୍କୁଲ୍ ବ୍ୟାଗ୍‌ରେ କେଉଁ ଜିନିଷ ରଖିବେ ନାହିଁ

**ବାସ୍ତୁଶାସ୍ତ୍ର ନିୟମ ଅନୁସାରେ, ପିଲାଙ୍କ ସ୍କୁଲ ବ୍ୟାଗ୍‌ରେ ରଖାଯାଉଥିବା ଜିନିଷ ସେମାନଙ୍କ ମନ ଉପରେ ଗଭୀର ପ୍ରଭାବ ପକାଏ। ତେବେ ବ୍ୟାଗ୍‌ରେ କେଉଁ ଜିନିଷ ରଖିବା ଭଲ ନୁହେଁ, ସେ ସମ୍ପର୍କରେ ଜାଣିବା।**

- ବ୍ୟାଗ୍‌ରେ ଭଙ୍ଗା ପେନସିଲ, କଲମ ରଖିବା ଭଲ ନୁହେଁ। ବାସ୍ତୁ ଶାସ୍ତ୍ର ଅନୁସାରେ ଏହା ଦ୍ୱାରା ପିଲାଙ୍କ ମନ ବିଚଳିତ ରହେ।
- ପିଲାଙ୍କ ବ୍ୟାଗ୍‌ରେ ପୁରୁଣା ନୋଟ୍, ଚିରା ବହି, ଖାତା ତଥା ଅନାବଶ୍ୟକ କାଗଜ ଥିଲେ ବାହାର କରି ଦିଅନ୍ତୁ। ଏହା ଦ୍ୱାରା ନକାରାତ୍ମକତା ବୃଦ୍ଧି ପାଏ। ପଢ଼ାରେ ମନ ଲାଗେ ନାହିଁ।
- ବ୍ୟାଗ୍‌ରେ ଧାରୁଆ ଜିନିଷ ରଖିବା ଅନୁଚିତ। କଇଁଚି, କମ୍ପାସ, କଟର ଆଦିକୁ ଖୋଲା ଖୋଲି ଭାବେ ବ୍ୟାଗ୍‌ରେ ରଖନ୍ତୁ ନାହିଁ। ଏହାକୁ ପାଉଚ୍ କିମ୍ବା ବାକ୍ସରେ ରଖନ୍ତୁ।
- ସେହିପରି ସ୍କୁଲ ବ୍ୟାଗ୍‌ରେ ଚକଲେଟ୍ ଜରି କିମ୍ବା ଗିଫ୍ଟ ର୍‌ୟାପ୍‌ର ରଖିବା ଭଲ ନୁହେଁ। ଏହାଦ୍ୱାରା ବ୍ୟାଗ୍ ଅପରିଷ୍କାର ହୁଏ ଏବଂ ନକାରାତ୍ମକତା ବୃଦ୍ଧି ପାଏ।
- ଏହାବାଦ୍ ଭୟଭୀତ କରୁଥିବା ଜିନିଷ ତଥା ଷ୍ଟିକରକୁ ବ୍ୟାଗ୍ କିମ୍ବା ପେନ୍‌ସିଲ ବକ୍ସରେ ରଖନ୍ତୁ ନାହିଁ।
- ବାସ୍ତୁ ଶାସ୍ତ୍ର ଅନୁସାରେ ପିଲାଙ୍କ ବ୍ୟାଗ୍‌ରେ ମୟୂର ପୁଚ୍ଛ ରଖିବା ଭଲ। ନଚେତ ଚନ୍ଦନ କାଠ ଛୋଟ ଖଣ୍ଡେ ରଖିପାରିବେ। ଏହାଦ୍ୱାରା ସକାରାତ୍ମକତା ବଜାୟ ରହେ।






# କ୍ୱାର୍ଟରରେ ଫ୍ରାନ୍ସ-ମରୋକ୍କୋ ଲଢ଼େଇ



## ଗୋଲ୍ଡେନ ବୁଟ୍ ଦୌଡ଼ରେ ଏମ୍‌ବାପେ

ଫିଲାଡେଲ୍‌ଫିଆ,୫।୭(ଏଜେନ୍ସି): ଫ୍ରାନ୍ସ ଫରୱାର୍ଡ କିଲିୟାନ୍ ଏମ୍‌ବାପେ ଚଳିତ ଫିଫା ବିଶ୍ୱକପ୍‌ର ଗୋଲ୍ଡେନ ବୁଟ୍ ଦୌଡ଼ରେ ସମସ୍ତଙ୍କ ଆଗରେ ରହିଛି। ଚଳିତ ବିଶ୍ୱକପ୍‌ରେ ଏମ୍‌ବାପେଙ୍କ ଏହା ୭ମ ଗୋଲସ୍କୋର ଥିଲା। ଫଳରେ ସେ ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ ମେସିଙ୍କ ସହ ସମାନ ୭ଟି ଗୋଲ ଦେବାରେ ସମକକ୍ଷ ହୋଇଛନ୍ତି। କିନ୍ତୁ ଏମ୍‌ବାପେ ୨ଟି ଗୋଲ ଦେବାରେ ସହାୟତା କରିଥିବାରୁ ସେ ପ୍ରଥମ ଓ ମେସି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏବେ ସୁଦ୍ଧା ମେସି ୨୦ଟି ଗୋଲ ଦେଇ ବିଶ୍ୱକପ୍ ଇତିହାସରେ ସର୍ବାଧିକ ସ୍କୋରର ହୋଇଛନ୍ତି। ଅନ୍ୟ ପକ୍ଷରେ ଏମ୍‌ବାପେ ୧୯ଟି ଗୋଲ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଜର୍ମାନୀର ମିରୋସ୍ଲାଭ୍ କ୍ଲୋଜ୍ ୧୬ଟି ଗୋଲ ଦେଇ ତୃତୀୟ ସ୍ଥାନକୁ ଖସିଆସିଛନ୍ତି। ଏମ୍‌ବାପେ ଓ ମେସିଙ୍କ ପଛକୁ ଦୁଇ ଫରୱାର୍ଡ ଖେଳାଳି ନରୱେର ଏର୍ଲିଙ୍ଗ ହଲାଣ୍ଡ ଓ ଇଂଲଣ୍ଡର ହ୍ୟାରୀ କେନ୍ ୫ଟି ଲେଖାଏଁ ଗୋଲ ସ୍କୋର କରି ମିଳିତ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି।

## ୯.୫୨ କୋଟି ଟଙ୍କାର ଘଣ୍ଟା ଫେରାଇଲେ ମେକ୍ସିକୋ ଖେଳାଳି

ମେକ୍ସିକୋ ସିଟି, ୫।୭ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପର ସହ-ଆୟୋଜକ ମେକ୍ସିକୋ ପ୍ରି-କ୍ୱାର୍ଟର ଫାଇନାଲରେ ଇଂଲଣ୍ଡକୁ ଭେଟିଛି। ତେବେ ଏଥିପୂର୍ବରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ମେକ୍ସିକୋ ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କୁ ଜଣାଶୁଣା ୟୁଟ୍ୟୁବର ଷ୍ଟିଫେନ୍ ଡେଲିଓନାର୍ଡିସ୍‌ଙ୍କ ଦ୍ୱାରା ବିଳାସପୂର୍ଣ୍ଣ ରୋଲେକ୍ସ ଘଣ୍ଟା ଉପହାର ଆକାରରେ ପ୍ରଦାନ କରାଯାଇଥିଲା। ନିଜ ଉଦ୍ୟମରେ ଷ୍ଟିଫେନ ପ୍ରଦାନ କରିଥିବା ଏହି ଏହି ସମସ୍ତ ଘଣ୍ଟାର ମୋଟ୍ ମୂଲ୍ୟ ଏକ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୯ କୋଟି ୫୨ ଲକ୍ଷ) ହେବ। ତେବେ ଫିଫାର ଆଚାର ସଂହିତା ଅନୁଯାୟୀ, ଉପହାର ପ୍ରଦାନ ଓ ଗ୍ରହଣ କରିବା ଉପରେ ପ୍ରତିବନ୍ଧକ ରହିଛି। ଖେଳାଳିମାନେ କେବଳ 'ପ୍ରତୀକାତ୍ମକ' ଉପହାର ଗ୍ରହଣ କରିପାରିବେ। ତେଣୁ ମେକ୍ସିକୋ ଖେଳାଳି ଶେଷରେ ବାଧ୍ୟ ହୋଇ ଏହି ସମସ୍ତ ମୂଲ୍ୟବାନ ଘଣ୍ଟା ଫେରାଇବାକୁ ନିଷ୍ପତ୍ତି ନେଇଥିଲେ।

ଫିଲାଡେଲଫିଆ/ଡଲାସ,୫।୭(ଏଜେନ୍ସି)

ଦୁଇଥରର ଚାମ୍ପିଅନ ଫ୍ରାନ୍ସ ଓ ମରୋକ୍କୋ ମଧ୍ୟରେ ଫିଫା ବିଶ୍ୱକପ୍‌ର ପ୍ରଥମ କ୍ୱାର୍ଟର ଫାଇନାଲ ମୁକାବିଲା ଖେଳାଯିବ। ଏହି ମ୍ୟାଚ୍‌ଟି ହଷ୍ଟନରେ ଆସନ୍ତା ୯ ତାରିଖ ଗୁରୁବାର ରାତି ୧ଟା ୩୦ ମିନିଟ୍‌ରେ ଖେଳାଯିବ। ଏଠାରେ ଖେଳାଯାଇଥିବା ରାଉଣ୍ଡ ଅଫ୍-୧୬ ମୁକାବିଲାରେ ଟାଇଟଲର ଦୃଢ଼ ଆଶାୟୀ ଫ୍ରାନ୍ସ ସଂଘର୍ଷ କରି ୧-୦ ଗୋଲ୍‌ରେ ପାରାଗୁଏକୁ ହରାଇ ଦ୍ୱିତୀୟ ଦଳ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ବିଜୟୀ ଦଳ ପକ୍ଷରୁ ଷ୍ଟାର ଖେଳାଳି କିଲିୟାନ୍ ଏମ୍‌ବାପେ ପେନାଲ୍ଟିରୁ ଏକମାତ୍ର ଗୋଲ ସ୍କୋର କରିଥିଲେ। ପୂର୍ବରୁ ଡଲାସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ପ୍ରଥମ ରାଉଣ୍ଡ-୧୬ ମୁକାବିଲାରେ କାନାଡାକୁ ୩-୦ ଗୋଲରେ ପରାସ୍ତ କରି ମରୋକ୍କୋ କ୍ରମାଗତ ଦ୍ୱିତୀୟ ବର୍ଷ ଲାଗି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ବିଜୟୀ ଦଳ ପକ୍ଷରୁ ଆଜେଡାଇନ୍ ଓଉନାହି ୨ଟି ଓ ଓ ସୌଫିଆନେ ରହିମି ଗୋଟିଏ ଗୋଲ ସ୍କୋର କରିଥିଲେ।

ଫିଲାଡେଲଫିଆ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ପାରାଗୁଏକୁ



ହରାଇବା ଫ୍ରାନ୍ସ ଲାଗି କଷ୍ଟକର ହୋଇପଡ଼ିଥିଲା। ରାଉଣ୍ଡ ଅଫ୍ ୩୨ରେ ନେଦରଲାଣ୍ଡସକୁ ପେନାଲ୍ଟି ସୁଟ୍‌ଆଉଟରେ ହରାଇଥିବା ପାରାଗୁଏ ଫ୍ରାନ୍ସ ବିପକ୍ଷରେ ଅତ୍ୟନ୍ତ ଶୃଙ୍ଖଳିତ ଖେଳ ପ୍ରଦର୍ଶନ କରିଥିଲା। ଏପରିକି ବିଶ୍ୱର ଦୁଇ ସୁପରଷ୍ଟାର ଖେଳାଳି କିଲିଆନ୍ ଏମ୍‌ବାପେ ଓ ଓଉସମାନେ ଡେମ୍ବେଲେଙ୍କୁ ଗୋଲ ପୋଷ୍ଟ ଉପରେ ଆକ୍ରମଣ କରିବାକୁ ବିଶେଷ ସୁଯୋଗ ଦେଇ ନ ଥିଲେ। ଯଦିବି କିଛି ସୁଯୋଗ ମିଳିଥିଲା ତାହାକୁ ପାରାଗୁଏର ଗୋଲକିପର ଅର୍ଲାଣ୍ଡୋ ଗିଲ୍ ବ୍ୟର୍ଥ କରିଦେଇଥିଲେ।

ଖେଳର ୬୯ତମ ମିନିଟ୍‌ରେ ପାରାଗୁଏର ଡିଫେଣ୍ଡର ପ୍ରତିପକ୍ଷ ଏମ୍‌ବାପେଙ୍କୁ ଫାଉଲ ମାରିଥିବା ଭିଏଆରଙ୍କ ନିଷ୍ପତ୍ତିରୁ ଜଣାଯାଇଥିଲା। ଫଳରେ ଫ୍ରାନ୍ସକୁ ପେନାଲ୍ଟି କିକ୍‌ର ସୁଯୋଗ ମିଳିଥିଲା। ଏମ୍‌ବାପେ ଏହି ପେନାଲ୍ଟିକୁ ଅତି ସହଜରେ ଗୋଲ ପୋଷ୍ଟକୁ ମାରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହି ଗୋଲ ପରେ ଉଭୟ ପାରାଗୁଏ ଅଧିକ ଆକ୍ରମଣ କରିଥିଲାବେଳେ ଫ୍ରାନ୍ସ ରକ୍ଷଣାତ୍ମକ ଖେଳିଥିଲା। ଫଳରେ ମ୍ୟାଚ୍‌ର ରୋମାଞ୍ଚ କମିଯାଇଥିଲା। ପାରାଗୁଏ ଗୋଲ ଶୁଝାଇବାରେ ବିଫଳ ହୋଇଥିଲା।




## ଗିଲ୍‌ଙ୍କ ସହ ହାତ ମିଳାଇଲେନି ଏମ୍‌ବାପେ

ଫିଲାଡେଲଫିଆ,୫।୭(ଏଜେନ୍ସି): ଫୁଟବଲ ଭଳି ଖେଳରେ ବିବାଦ ଲାଗି ରହିବା ଏକ ସାଧାରଣ ଘଟଣା। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଗତକାଲି ଏଠାରେ ଅନୁଷ୍ଠିତ ଫ୍ରାନ୍ସ ପାରାଗୁଏ ମ୍ୟାଚ୍‌ରେ। ଏହି ମ୍ୟାଚ୍‌ରେ ସଂଘର୍ଷ କରି ଫ୍ରାନ୍ସ ୧-୦ ଗୋଲରେ ଜିତିବା ପରେ ପାରାଗୁଏର ଗୋଲରକ୍ଷକ ଅର୍ଲାଣ୍ଡୋ ଗିଲ୍ ପ୍ରତିପକ୍ଷ ଅଧିନାୟକ କିଲିଆନ୍ ଏମ୍‌ବାପେଙ୍କ ସହ ହାତ ମିଳାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ଏମ୍‌ବାପେ ଏହାକୁ ଅଣଦେଖା କରି ଚାଲିଯାଇଥିଲେ। ଏଥିରେ କ୍ଷୁବ୍ଧ ହୋଇ ଗିଲ୍ ଧରିଥିବା ବଲ୍‌କୁ ଏମ୍‌ବାପେଙ୍କ ଉପରକୁ ଫିଙ୍ଗିଥିଲେ। ତାଙ୍କ ଦେହରେ ବଲ ବାଜିଥିଲେ ମଧ୍ୟ କିଛି ପ୍ରତିକ୍ରିୟା ପ୍ରକାଶ ନ କରି ଏମ୍‌ବାପେ ଚାଲିଯାଇଥିଲେ। ଏମ୍‌ବାପେ ତାଙ୍କ ସହ ହାତ ନ ମିଳାଇବାରୁ ରାଗିଯାଇ ବଲ ଫିଙ୍ଗିଥିଲେ ବୋଲି ଗିଲ୍ ପରେ ସ୍ୱୀକାର କରିଥିଲେ। ଏହି ଘଟଣାରେ କୌଣସି ବିବାଦ ସୃଷ୍ଟି ହୋଇ ନ ଥିଲା।



■ କେପ୍ ଭର୍ଡର ସଫଳତା

## ଫିଫାର ଟିମ୍ ବଢ଼ାଇବା ନିଷ୍ପତ୍ତି ଯଥାର୍ଥ

ନ୍ୟୁୟର୍କ,୫।୭(ଏଜେନ୍ସି): ବିଶ୍ୱ ଫୁଟବଲ ର୍‍ୟାଙ୍କିଙ୍ଗରେ ୬୪ତମ ସ୍ଥାନ, ପ୍ରାୟ ୬ ଲକ୍ଷ ଜନ ସଂଖ୍ୟା ବିଶିଷ୍ଟ ଦେଶ କେପ ଭର୍ଡ ଚଳିତ ବିଶ୍ୱକପ୍‌ରେ ଯେପରି ଖେଳ ପ୍ରଦର୍ଶନ କରିଛି, ସେଥିରେ କିଂବଦନ୍ତି ଖେଳାଳି ଲିଓନେଲ ମେସି ଓ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ପାଣି ପିଇଛି। ଏହି ଛୋଟିଆ ଦେଶ ପଦାର୍ପଣରେ ନକ୍‌ଆଉଟକୁ ଉନ୍ନୀତ ହେବା ଓ ଆର୍ଜେଣ୍ଟିନା ପରି ଦେଶ ବିପକ୍ଷରେ ଲଢ଼ୁଆ ଖେଳିବା ନିଶ୍ଚିତ ଭାବେ ଫିଫାର ଟିମ୍ ସଂଖ୍ୟା ବୃଦ୍ଧି ଯେଉଁ ମହତ୍ୱାକାଂକ୍ଷା ନେଇ କରାଯାଇଥିଲା ତାହା ଯଥାର୍ଥ ବିବେଚିତ ହୋଇଛି। ଆର୍ଜେଣ୍ଟିନା ବିପକ୍ଷ ମୁକାବିଲାରେ କେପ୍ ଭର୍ଡ ଯେପରି ଖେଳିଥିବା ସେଥିରୁ ଫଳାଫଳ ଯେ କୌଣସି ଦେଶ ସପକ୍ଷରେ ଯାଇପାରିଥାନ୍ତା। କିନ୍ତୁ ନିଜର ରଣନୀତି ଲାଗି ପ୍ରସିଦ୍ଧି ଲାଭ କରିଥିବା ଚାମ୍ପିଅନ ଆର୍ଜେଣ୍ଟିନା ଶେଷରେ ବିଜୟୀ ହୋଇ ଏକ ବଡ଼ ବିପର୍ଯ୍ୟୟ ଟଳିଯାଇଥିଲା। ଫିଫା ଯେତେବେଳେ ବିଶ୍ୱକପ୍‌ରେ ଅଂଶଗ୍ରହଣକାରୀ ଦେଶ ସଂଖ୍ୟା ୩୨ରୁ ୪୮କୁ ବୃଦ୍ଧି କରିଥିଲା, ତାହାକୁ ତୀବ୍ର ସମାଲୋଚନା କରାଯାଇଥିଲା। ଟିମ୍ ସଂଖ୍ୟା ବୃଦ୍ଧି ପ୍ରତିଯୋଗିତାମୂଳକ ଫୁଟବଲ ଉପରେ କୌଣସି ପ୍ରଭାବ ପକାଇବନି। ବରଂ ମ୍ୟାଚ୍ ସଂଖ୍ୟା, ରେଟିଂ ଓ ରାଜସ୍ୱ ବୃଦ୍ଧିରେ ଏହା ସହାୟକ ହେବ। ଫିଫାକୁ ବିପୁଳ ପରିମାଣରେ ରାଜସ୍ୱ ମିଳିବ। ଏହାକୁ ଅନେକ ସମାଲୋଚନା କରିଥିଲେ।

## ମୁକୁନ୍ଦ ବରାଳ-ଅନୁରାଧା ବିଶ୍ୱାଳ କ୍ରୀଡ଼ା ପ୍ରତିଭା ସମ୍ମାନ ପାଇବେ ନିକିତା

ଭୁବନେଶ୍ୱର, ୫।୭ (ସମିସ): ଉଦୀୟମାନ ହକି ଖେଳାଳି ନିକିତା ଟପ୍ପୋ ଚଳିତ ବର୍ଷ ଲାଗି ମୁକୁନ୍ଦ ବରାଳ ସ୍ମାରକୀ-ଅନୁରାଧା ବିଶ୍ୱାଳ କ୍ରୀଡ଼ା ପ୍ରତିଭା ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ଗତବର୍ଷ ଡିସେମ୍ବରରେ ନିକିତା ଜୟପୁରରେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡାରେ ମହିଳା ହକିରେ ସ୍ୱର୍ଣ୍ଣ ପଦକ ଜିତାଇଥିଲେ। ସେହିଭଳି ୪ଜଣ ଖେଳାଳିଙ୍କୁ ମଧ୍ୟ କ୍ରୀଡ଼ା ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ସେମାନେ ହେଲେ ଆନିକା ପଟ୍ଟନାୟକ (ମିନିଗଲ୍ଫ), ଅଜିତ ଭୂୟାଁ (କୁସ୍ତି), ହରିଶଙ୍କର ନାୟକ (ଫୁଟବଲ) ଓ ମଞ୍ଜୁ ମୁଣ୍ଡା (ଉଷୁ)। ପୁରୀର କୁସ୍ତି ଗୁରୁ ନରସିଂହ ଲେଙ୍କାଙ୍କୁ 'ମୁକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ଗୁରୁ' ସମ୍ମାନରେ ସମ୍ମାନିତ କରାଯିବ।

ୱିମ୍ବଲଡନ୍

# କ୍ୱାର୍ଟରରେ ପେଗୁଲା, ଜୋକୋଭିଚ୍

ଲଣ୍ଡନ, ୫।୭ (ଏଜେନ୍ସି): ଆମେରିକା ଟେନିସତାରକା ଜେସିକା ପେଗୁଲା ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱ ମାନ୍ୟତାର ୪ର୍ଥ ସ୍ଥାନରେ ରହିଥିବା ପେଗୁଲା ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬ ମୁକାବିଲାରେ ୪-୬, ୬-୩, ୬-୧ ସେଟରେ ସାଥୀ ଆମେରିକୀୟ ଖେଳାଳି ଇଭା ଜୋଭିକଙ୍କୁ ହରାଇଥିଲେ। କୋକୋ ଗଫ୍ ଓ ବେଲିଣ୍ଡା ବେନସିକ୍‌ଙ୍କ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚର ବିଜେତା ସହ ପେଗୁଲା କ୍ୱାର୍ଟର ଫାଇନାଲ ଖେଳିବେ। ଓପନ୍ ଏରା ଇତିହାସରେ ପେଗୁଲା ଦ୍ୱିତୀୟ ଖେଳାଳି



ଭାବେ ୨୬ ବର୍ଷ ପୂରଣ ହେବାପରେ ୧୦ଥର ଗ୍ରାଣ୍ଡସ୍ଲାମ କ୍ୱାର୍ଟର ଫାଇନାଲ ଖେଳିବେ। ମହିଳା ବିଭାଗର ଅନ୍ୟ ଏକ ମ୍ୟାଚରେ କାରୋଲିନା ମୁଚୋଭା ମଧ୍ୟ ବିଜୟୀ ହୋଇ କ୍ୱାର୍ଟରରେ ପହଞ୍ଚିଛନ୍ତି। ଅପରପକ୍ଷରେ ପୁରୁଷ ବିଭାଗ ରାଉଣ୍ଡ-୧୬ରେ ବିଶ୍ୱର ୭ ନମ୍ବର ଖେଳାଳି ନୋଭାକ ଜୋକୋଭିଚ ୭-୬ (୬), ୬-୩, ୩-୬, ୬-୩ ସେଟରେ ରୁଷିଆର ରୋମାନ ସାଫିଉଲ୍ଲିନଙ୍କୁ ହରାଇ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ୱିମ୍ବଲଡନରେ ଜୋକୋଭିଚଙ୍କ ଏହା କ୍ରମାଗତ ୯ମ କ୍ୱାର୍ଟର।

## ବିଶ୍ୱକପ୍‌ରୁ ଏସିଆ ମହାଦେଶର ବିଦାୟ

ନୂଆଦିଲ୍ଲୀ,୫।୭(ଏଜେନ୍ସି): ଇଜିପ୍ଟଠାରୁ ୪-୨ ପେନାଲ୍ଟି ଗୋଲରେ ଅଷ୍ଟ୍ରେଲିଆର ପରାଜୟ ସହ ଉତ୍ତର ଆମେରିକାରେ ଚାଲିଥିବା ଫିଫା ବିଶ୍ୱକପ୍‌ରୁ ଏସିଆ ମହାଦେଶ ରାଉଣ୍ଡ-୩୨ରୁ ବିଦାୟ ନେଇଛି। ନକ୍‌ଆଉଟର ପ୍ରଥମ ପର୍ଯ୍ୟାୟରୁ ଏସିଆ ମହାଦେଶ ବିଦା ହେବା ଫଳରେ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ମହାଦେଶ ନିରାଶ ହୋଇଛି। ଫୁଟବଲର ମାନ ବଢ଼ାଇବା ସକାରେ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦେଶକୁ ଏସିଆ ମହାଦେଶରେ ସାମିଲ କରାଯାଇଛି। ଏହି ଦେଶକୁ ମିଶାଇ ୪୮ଟି ମଧ୍ୟରୁ ମୋଟ ୯ଟି ଦେଶ ଏଥର ବିଶ୍ୱକପ୍‌ରେ ଭାଗ ନେଇଥିଲେ। ଏହା ମଧ୍ୟରୁ କେବଳ ଦୁଇଟି ଦେଶ ଯଥା ଗ୍ରୁପ୍-ଡି'ରୁ ଅଷ୍ଟ୍ରେଲିଆ ଓ ଗ୍ରୁପ୍-ଏଫ୍'ରେ ଜାପାନ ଦ୍ୱିତୀୟ ସ୍ଥାନ ଅଧିକାର କରି ଦ୍ୱିତୀୟ ପର୍ଯ୍ୟାୟ ବା ରାଉଣ୍ଡ ଅଫ୍ ୩୨'କୁ ଉନ୍ନୀତ ହୋଇଥିଲେ। ଉଭୟ ଦଳ ସେମାନଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ହାରିଯାଇଥିଲେ। ବ୍ରାଜିଲଠାରୁ ଜାପାନ ଓ ଇଜିପ୍ଟଠାରୁ ଅଷ୍ଟ୍ରେଲିଆ ପରାଜିତ ହୋଇଥିଲା। ଅନ୍ୟ ୭ଟି ଦଳ ଗ୍ରୁପ୍ ପର୍ଯ୍ୟାୟରୁ ବିଦା ହୋଇଥିଲେ। ଏହି ୭ଟି ଦଳ ମଧ୍ୟରେ ଇରାନ ଗୋଟିଏ ହେଲେ ମ୍ୟାଚ୍ ହାରି ନ ଥିଲା। ଅନ୍ୟ ୬ଟି ଦଳ ଗୋଟିଏ ହେଲେ ମ୍ୟାଚ୍ ଜିତି ନ ଥିଲେ। ଦକ୍ଷିଣ କୋରିଆ, ଜାପାନ ଓ ଅଷ୍ଟ୍ରେଲିଆ ଗୋଟିଏ ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇଥିଲେ। ଇରାକ, ଜୋର୍ଡାନ ଓ ଉଜବେକିସ୍ତାନ ସେମାନଙ୍କ ଗ୍ରୁପ୍‌ରେ ଗୋଟିଏ ହେଲେ ମ୍ୟାଚ୍ ଜିତିପାରି ନ ଥିଲେ କିମ୍ବା ଡ୍ର କରି ନ ଥିଲେ। ଏହି ବିଶ୍ୱକପ୍‌ରେ ଏସିଆ ମହାଦେଶର ୯ଟି ଦେଶ ଦୁଇଟି ନକ୍‌ଆଉଟ ମ୍ୟାଚ୍‌କୁ ମିଶାଇ ମୋଟ ୨୯ଟି ମ୍ୟାଚ୍ ଖେଳିଥିଲେ। ଏହା ମଧ୍ୟରୁ ମାତ୍ର ୩ଟି ମ୍ୟାଚ୍‌ରୁ ବିଜୟ ହୋଇଥିଲା।

ଦ୍ୱିତୀୟ ଅନ୍‌ଅଫିସିଆଲ୍ ଟେଷ୍ଟ

## ଗୁରନୁର୍‌ଙ୍କ କମାଲ; ଭାରତ-ଏ ୧୦ ୱିକେଟରେ ବିଜୟୀ

ଗଲ୍, ୫।୭ (ଏଜେନ୍ସି): ଏଠାରେ ଚାଲିଥିବା ଅନ୍ତିମ ତଥା ଦ୍ୱିତୀୟ ଅନ୍ ଅଫିସିଆଲ୍ ଟେଷ୍ଟ ମ୍ୟାଚରେ ଭାରତ-ଏ ୧୦ ୱିକେଟରେ ଘରୋଇ ଶ୍ରୀଲଙ୍କା-ଏ'କୁ ପରାସ୍ତ କରିଛି। ଶ୍ରୀଲଙ୍କା-ଏ ମାତ୍ର ୩୩ ରନର ଛୋଟିଆ ଲକ୍ଷ୍ୟ ଭାରତ-ଏ ସାମ୍ନାରେ ରଖିଥିଲା। ଯାହାକୁ ରବିବାର ଅନ୍ତିମ ଦିବସରେ ଭାରତ-ଏ କୌଣସି ୱିକେଟ ନ ହରାଇ ୬.୨ ଓଭରରେ ହାସଲ କରିନେଇଥିଲା। ଏହି ମ୍ୟାଚରେ ଶ୍ରୀଲଙ୍କା-ଏ'ର ପ୍ରଥମ ପାଳି ସ୍କୋର ୩୬୬ ରନ ଜବାବରେ ଭାରତ-ଏ ୯ ୱିକେଟରେ ୫୪୩ ରନ କରି ଘୋଷଣା କରିଥିଲା। ଭ୍ରମଣକାରୀ ଦଳ ପକ୍ଷରୁ



ଓପନର୍ ସାଇ ସୁଦର୍ଶନ ୧୬୮ ରନ କରିଥିଲେ। ଜବାବରେ ୧୭୭ ରନ ପଛରେ ଥାଇ ଘରୋଇ ଶ୍ରୀଲଙ୍କା-ଏ ଦ୍ୱିତୀୟ ପାଳିରେ ମାତ୍ର ୨୦୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତ-ଏ ପକ୍ଷରୁ ଦ୍ରୁତ ବୋଲର ଗୁରନୁର୍ ବ୍ରାର୍ ସର୍ବାଧିକ ୬ଟି ୱିକେଟ୍ ନେଇଥିଲେ। ଫଳରେ ପ୍ରଥମ ପାଳିରେ ୪ଟି ସଫଳତା ପାଇଥିବା ଗୁରନୁର ମ୍ୟାଚରେ ମୋଟ୍ ୧୦ ୱିକେଟ୍ ନେଇ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ପୂର୍ବରୁ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ଡ୍ର ରହିଥିଲା। ଫଳରେ ଭାରତ-ଏ ୧-୦ରେ ସିରିଜ ବିଜୟୀ ହୋଇଛି।

## ବାବର ପୁଣିଥରେ ଅଧିନାୟକ ପଦକୁ ଫେରିଲେ

କରାଚି, ୫।୭ (ଏଜେନ୍ସି): ବରିଷ୍ଠ ବ୍ୟାଟର୍ ବାବର ଆଜମ ପୁଣିଥରେ ପାକିସ୍ତାନ ଟେଷ୍ଟ ଦଳର ଅଧିନାୟକ ପଦକୁ ଫେରିଛନ୍ତି। ଆଗାମୀ ୱେଷ୍ଟଇଣ୍ଡିଜ ବିପକ୍ଷ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ବାବରଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଛି। ସନ୍ ମାସୁଦଙ୍କ ସ୍ଥାନରେ ୩୧ ବର୍ଷୀୟ ବାବରଙ୍କୁ ନେତୃତ୍ୱ ଭାର ମିଳିଛି। ମାସୁଦଙ୍କ ନେତୃତ୍ୱରେ ପାକିସ୍ତାନ ୧୬ଟି ଟେଷ୍ଟରୁ ୧୨ ହାରିଥିଲା। ଯେଉଁଥି ପାଇଁ ତାଙ୍କୁ ଅଧିନାୟକ ପଦ ହରାଇବାକୁ ପଡ଼ିଥିଲା। ଅପରପକ୍ଷରେ ବାବର ଶେଷଥର ଲାଗି ୨୦୨୧ରେ ପାକିସ୍ତାନ ଟେଷ୍ଟ ଦଳର ଅଧିନାୟକ ଭାର ସମ୍ଭାଳିଥିଲେ। ତାଙ୍କ ନେତୃତ୍ୱରେ ପାକିସ୍ତାନ ୨୦ଟି ଟେଷ୍ଟରୁ ୧୦ଟି ବିଜୟୀ ହୋଇଥିଲା।

ଆଇସିସି ମହିଳା ଟି-୨୦ ବିଶ୍ୱକପ୍

# ରେକର୍ଡ ୭ମ ଥର ଲାଗି ଟାଇଟଲ୍ ଜିତିଲା ଅଷ୍ଟ୍ରେଲିଆ

ଲଣ୍ଡନ, ୫।୭ (ଏଜେନ୍ସି)

ଘରୋଇ ଇଂଲଣ୍ଡକୁ ୭ ୱିକେଟ୍‌ରେ ପରାସ୍ତ କରି ଅଷ୍ଟ୍ରେଲିଆ ଦଳ ଏଠାରେ ଚାଲିଥିବା ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ଦଶମ ସଂସ୍କରଣରେ ଚାମ୍ପିଅନ ହୋଇଛି। ରବିବାର ରାତିରେ ଆଇକନିକ ଲର୍ଡ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଗ୍ରାଣ୍ଡଫାଇନାଲରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୪ ୱିକେଟ୍‌ରେ ୧୫୦ ରନର ଛୋଟିଆ ସ୍କୋର କରିଥିଲା। ଜବାବରେ ଅଷ୍ଟ୍ରେଲିଆ ଓପନର ବେଥ ମୁନୀ ଓ ଫୋଏବ ଲିଚଫିଲ୍ଡଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ୧୭ ବଲ୍ ବାକି ଥାଇ ୩ ୱିକେଟରେ ସହଜରେ ବିଜୟୀ ହୋଇଥିଲା। ମୁନୀ ୧୦ଟି ଚୌକା ବଳରେ ୪୯ ବଲରୁ ସର୍ବାଧିକ ୬୪ ରନ କରିଥିଲେ। ସେହିଭଳି ୬ଟି ଚୌକା ଓ ୨ଟି ଛକା ବଳରେ ଲିଚଫିଲ୍ଡ ୩୫ ବଲରୁ ୪୮ ରନ କରି ଆଉଟ ହୋଇଥିଲେ।



ଦ୍ୱିତୀୟ ୱିକେଟ ଭାଗୀଦାରିରେ ଏହି ଦୁଇ ଖେଳାଳି ୬୭ ବଲରୁ ୧୦୦ ରନ ଉଠାଇ ବିଜୟପଥ ପରିଷ୍କାର କରିଦେଇଥିଲେ। ଏଲିସେ ପେରୀ ୧୩ ଓ ଆସଲେ ଗାର୍ଡନର ୩ ରନ କରି ଅପରାଜିତ ରହିଥିଲେ। ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ୪ ୱିକେଟ ହରାଇ ୧୫୦ ରନ ସଂଗ୍ରହ କରିଥିଲା। ଅଧିନାୟିକା ନାଟାଲୀ ସ୍କିଭର ବ୍ରଣ୍ଟ ୫୮ ଓ ଫ୍ରେୟା କେମ୍ପ ୪୪ ରନର ଉପଯୋଗୀ ପାଳି ଖେଳ ଦଳର ସମ୍ମାନ ରଖିଥିଲେ। ଚାମ୍ପିଅନ ହେବା ସହ ଅଷ୍ଟ୍ରେଲିଆ ଏକାଧିକ ରେକର୍ଡ କରିଛି। ଅଷ୍ଟ୍ରେଲିଆ ରେକର୍ଡ ୭ମଥର ଲାଗି ଟି-୨୦ ବିଶ୍ୱକପ୍ ଟ୍ରଫି ଜିତିଛି। ଏଥିପୂର୍ବରୁ ଦଳ ୨୦୧୦, ୨୦୧୨, ୨୦୧୪, ୨୦୧୮, ୨୦୨୦ ଓ ୨୦୨୩ରେ ଚାମ୍ପିଅନ ହୋଇଥିଲା। ଅପରପକ୍ଷରେ ୨୦୦୯ରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ଟାଇଟଲ ଜିତିଥିବା ଇଂଲଣ୍ଡ ଦ୍ୱିତୀୟଥର ଚାମ୍ପିଅନ ହେବାର ସୁଯୋଗ ହାତଛଡ଼ା କରିଛି।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ: ୧୫୦/୪, ୨୦ ଓଭର (ନାଟାଲୀ- ୫୮, କେମ୍ପ- ୪୪*, କାପସୀ- ୨୩, ଡାନି- ୮, କିମ୍ ୧/୨୦)।

ଅଷ୍ଟ୍ରେଲିଆ: ୧୫୩/୩, ୧୭.୧ ଓଭର (ମୁନୀ- ୬୪, ଲିଚଫିଲ୍ଡ- ୪୮, ପେରୀ- ୧୩*, ଗାର୍ଡନର- ୩*, ସୋଫି- ୧/୨୪)।

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 10.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS